ମନେ ଅଛି ତ?

ସମରେନ୍ଦ୍ର ବଳିଆରସିଂହ

Digitized by PPRACHIN, SOA

ସମରେନ୍ଦ୍ର ବଳିଆରସିଂହ # ଙ୍କ ଗଳ୍ପ ସଂକଳନ

ମନେ ଅଛି ତ ?

ସର୍ବସ୍ୱତ୍ୱ ଲେଖକଙ୍କ ଦ୍ୱାରା ସଂରକ୍ଷିତ

ପ୍ରକାଶକ **ବିଶ୍ୱାତ୍ମା ପ୍ରକାଶନୀ**
ବଙ୍କି ଜଗବଂଧୁ ନଗର,
ଏମ୍-୨୩, ଖୋର୍ଦ୍ଧା ବିଡିଏ କଲୋନୀ
ଖୋର୍ଦ୍ଧା-୭୫୨୦୫୫

ପ୍ରଥମ ସଂସ୍କରଣ ୨ ଅକ୍ଟୋବର, ୨୦୧୯
ଗାନ୍ଧୀ ଜୟନ୍ତୀ

ପ୍ରଚ୍ଛଦ ଓ ପରିପାଟୀ **ଯୋଗେନ୍ଦ୍ର ରାଉତ**

ମୁଦ୍ରଣ ଭଗବତୀ ପ୍ରିଣ୍ଟର୍ସ, ଭୁବନେଶ୍ୱର

ମୂଲ୍ୟ : ଟ. ୧୩୦

MANE ACHHI TA ?

a collection of creative stories

by # Samarendra Baliarsingh #
8249679099
samarbsingh@rediffmail.com

Copyrights reserved by author

First Edition 2019

Price ₹ 130

ISBN No:978-81-940594-0-0

Digitized by PPRACHIN, SOA

" ମନେ ଅଛି ତ ?

- କ'ଣ ମନେ ଅଛି ?

ସେଇ ପୁରୁଣା ଦିନର କଥା, ଯାହା କେବଳ ସ୍ମୃତିରେ ସାଇତା ଏବେ ।

- ସବୁକଥା କ'ଣ ମନେ ଅଛି ! କିଛି କିଛି ଝାପ୍‌ସା ହେଇଗଲାଣି ।

ହଉ ବ୍ୟସ୍ତ ହୁଅନି । ସବୁ ମନେପକେଇଦଉଛି । ହେଲେ ମତେ ଭୁଲ ବୁଝିବନି । କେବଳ ତୁମେ ଏକା ନୁହଁ, ତୁମ ସାଂଗରେ ଅଛନ୍ତି ଆହୁରି ଅନେକ ଚରିତ୍ର । ସମସ୍ତଂକ କଥା ସଫା ସଫା କହିବି ।
ରାଜି ତ ?

-ହଁ

ହଉ, ଶୁଣ.. । "

Digitized by PPRACHIN, SOA

ଏତିକି କହିବାର ଥିଲା...

ଗଳ୍ପମନସ୍କ ପ୍ରିୟ ପାଠକବଂଧୁ,

ସାରସ୍ୱତ ଅଭିନନ୍ଦନ ଘେନିବେ ।

ଆପଣମାନଙ୍କ ଯୋଗୁଁ 'ମନେ ଅଛି ତ ?' ଏବେ ଏଇ ରୂପରେ। ପାଠକଙ୍କ ଯୋଗୁଁ ତ ଆମେ ଲେଖକ। ଆପଣମାନଙ୍କର ପ୍ରତିକ୍ରିୟା ଓ ଉତ୍ସାହରୁ ଉତ୍ସାହିତ ହୋଇ ଗପଗୁଡ଼ିକୁ ବହିର ରୂପ ଦେବାପାଇଁ ଏଇ ଛୋଟ ପ୍ରୟାସ।

ପ୍ରଥମତଃ, ମୋ ଗଳ୍ପର ଚରିତ୍ରମାନଙ୍କୁ ସମର୍ପି ଦଉଛି 'ମନେ ଅଛି ତ ?'
ସେମାନେ ମୋ ପାଇଁ ଢେର କଷ୍ଟ କରିଛନ୍ତି। ମୋ ଇଚ୍ଛା ମୁତାବକ ସେମାନଂକୁ ମୁଁ ଗଢିଚି, ହୁଏତ ସେମାନଂକର ଅନିଚ୍ଛା ଥାଇପାରେ। ସତ ହେଉ କି ମିଛ ହେଉ, ସେମାନେ ସରସା ଉତୁରିଯାଇଛନ୍ତି ମୋ ଗପରେ।
ବାସ୍ତବ ଜୀବନର କିଛି ଚରିତ୍ର ଯଦି ଏମାନଂକ ସହ ମିଶିଯାଇଥିବେ, ତା'ହେଲେ କହିରଖୁଚି, ମୋର କିଛି ଭୁଲ ନାହିଁ। ଦୟାକରି ଦେହକୁ ନେବେନାହିଁ।

ଅନେକ ପାଠକ ପଚାରିଛନ୍ତି, 'କିଛି ନିର୍ଦ୍ଦିଷ୍ଟ ଗପର କାହାଣୀର ନାୟକ କ'ଣ ମୁଁ ନିଜେ ? ସେଇଟା କ'ଣ ମୋ ନିଜ କାହାଣୀ ?' ମୁଁ ବିନମ୍ରତାର ସହ କହିଛି, କିଛି ବାସ୍ତବିକତା ଆଉ କିଛି କଳ୍ପନାକୁ ମିଶାଇ ଅଧିକାଂଶ ଗପ ଲେଖନ୍ତି, ତାହା ନିଜର ହୋଇପାରେ, ସାଂପ୍ରତିକ ସମୟର ଘଟଣାକୁ ନେଇ ମଧ୍ୟ ହୋଇପାରେ। ତେଣୁ ମୁଁ ଆଉ ଅଧିକ କ'ଣ ଲେଖିଚି ? ସେମାନେ କୁହନ୍ତି, ନା, ଆପଣଂକ ଗପରେ ଆମେ ଗୋଟେ 'ନିଆରାପଣ' ପାଇଚୁ।

ଆଉ କିଛି ପାଠକଙ୍କ ଜିଜ୍ଞାସା ହେଲା, କିଛି ଗପର କାହାଣୀ ସେମାନଂକ ନିଜ ଜୀବନର ବାସ୍ତବିକତା ସହ ଅବିକଳ ମେଳ ଖାଇଯାଉଚି। ସେମାନେ ତ ମତେ କେବେ ଭେଟିନାହାନ୍ତି, ମୁଁ ବି ଭେଟିନି, ତା'ହେଲେ କେମିତି ଜାଣିଲି ଅବିକଳ ସେମାନଂକ କଥା ! ମୋର ଜବାବ ଥାଏ, ସବୁ ଏଇ ବାୟୁମଣ୍ଡଳରେ ଘୁରିବୁଲୁଛି। ଆପଣଂକ ଜୀବନର

Digitized by PPRACHIN, SOA

ଘଟଣା ଇଥରକୁ ଚାଲିଯାଉଚି, ଆଉ ତା'ପରେ ତାହା ଲେଖକୀୟ ମନ, ମସ୍ତିଷ୍କକୁ ଫେରୁଚି, ଯାହା ଗପର ରୂପ ନେଇଯାଉଛି। ବାସ୍ତବ ଜୀବନର ଭାବାବେଗ ବା ସତକଥା ଲେଖିହେଇଯାଉଚି ଜୀବନ୍ତ ଭାବରେ।

ଶେଷରେ 'ମନେ ଅଛି ତ ?' ଗଳ୍ପସଂକଳନ ପାଇଁ କୃତଜ୍ଞ ରହିବି ଭିନ୍ନ ଶୈଳୀର ଗାଳ୍ପିକ ତଥା 'ଓଡ଼ିଶା ଏକ୍ସପ୍ରେସ୍'ର ଫିଚର ସଂପାଦକ ସୁନୀଲ ଘୋଷଙ୍କ ନିକଟରେ, ଯିଏ ମୋ ଗଳ୍ପଲିଖନକୁ ସମୃଦ୍ଧ କରିଛନ୍ତି ତାଂକ ଅନାବିଳ ସ୍ନେହ, ସଦିଚ୍ଛାରେ। ତାଂକ ଗପଗୁଡ଼ିକ ମତେ ଉଦ୍‌ବୁଦ୍ଧ କରିଛି ଏବଂ ତାଂକ ବରାଦ ମତେ ଅଧିକରୁ ଅଧିକ ଗପ ଲେଖିବାକୁ ପ୍ରେରିତ କରିଛି। ବହିରେ ସନ୍ନିବେଶିତ ଅଧିକାଂଶ ଗଳ୍ପ 'ଓଡ଼ିଶା ଏକ୍ସପ୍ରେସ୍' ଖବରକାଗଜରେ ପ୍ରକାଶିତ ହୋଇଥିଲାବେଳେ ଆଉ କିଛି ଗପ ପକ୍ଷୀଘର, ସାହିତ୍ୟ ଦର୍ପଣ, ଭିଜାମାଟି, ମଧୁଲିତା, ଅର୍ପିତା, ରଫ୍‌ଖାତା, ଆଶା, ଅନୁଭବ, ଅତଏବ ଅ, ଅନଙ୍ଗାୟନ, ପଲ୍ଲୀବାଣୀ, ଜଟଣୀ ପୁସ୍ତକମେଳା ସ୍ମରଣିକା ଏବଂ ସମ୍ବାଦ, ନିର୍ଭୟ, ସୂର୍ଯ୍ୟପ୍ରଭା ଆଦି ଖବରକାଗଜରେ ପ୍ରକାଶ ପାଇଥିଲା। ଏତଦ୍‌ବ୍ୟତୀତ ଅନେକ ଗପ 'ଫେସବୁକ୍' ବା 'ମୁଖପୁସ୍ତିକା'ରେ ସ୍ଥାନପାଇ ବହୁ ବିମୁଗ୍ଧ ପାଠକଙ୍କ ସମର୍ଥନ ଓ ସ୍ୱୀକୃତି ପାଇପାରିଛି। ସମସ୍ତଙ୍କ ନିକଟରେ ମୁଁ କୃତଜ୍ଞ।

କହିରଖେ, ଏହି ବହିରେ ସନ୍ନିବେଶିତ କେତେକ ଲେଖାର ଅବିକଳ ମୁଦ୍ରିତ ପ୍ରତିକୃତି ଏକ ଆଲବମ୍ ରୂପେ ଗତବର୍ଷ 'ଖୋର୍ଦ୍ଧା ବିଷୁବ ମିଳନ ଉତ୍ସବ'ରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ପ୍ରଥିତଯଶା ସାହିତ୍ୟିକ ହରିହର ମିଶ୍ରଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ସଂପ୍ରତି ଏହା ବହି ରୂପେ ମୁକ୍ତିଲାଭ କଲା। ମୋ ଲେଖକୀୟ ଜୀବନର ପ୍ରଜ୍ଞାପୁରୁଷ ମୋ ବାପା ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କୁ ମୁଁ ବିନମ୍ର ପ୍ରଣାମ କରୁଛି, କାରଣ ପୁସ୍ତକ ଆକାରରେ ପ୍ରକାଶନ ପାଇଁ ତାଂକର ଉତ୍ସାହ ଯୋଗୁଁ ଏହା ଆପଣଂକ ନିକଟରେ ପହଞ୍ଚିପାରିଛି ।

ସମରେନ୍ଦ୍ର ବଳିଆରସିଂହ

Digitized by PPRACHIN, SOA

ଭିତରେ ଅଛି

ଭାବ ଗର୍ଭ !	୦୯
ସଂପର୍କର ଦୁଇଟି ଧାର	୧୪
ରେନ୍‌କୋଟ୍	୧୮
ମର୍ଣ୍ଣିଂ ୱାକ୍	୨୫
ଝାଳ	୨୮
ବିଉଟି ସେନ୍ସ	୩୪
ସଂପର୍କର ସେଫ୍ଟିପିନ୍	୩୬
ଆଉ ଭଲ ଲାଗୁନି ଫୁଲ	୩୮
ଜହ୍ନର ବୟସ	୪୪
କ୍ରସ୍-କନେକ୍ସନ	୪୪
ଅପାରଗ	୪୯
ପାପ ବି ପୁଣ୍ୟ	୫୧
ତମ ଆଡ଼େ ଶୀତ କେମିତି ?	୫୭
ସ୍ମୃତି, ସ୍ୱପ୍ନ ଓ ସଲୋନୀ	୫୯
ଭୁଲ କାହାର ?	୬୧
ନିର୍ଜନ ଦ୍ୱୀପ	୬୩
କଥା ରହିଲା ଆଉ ଜନ୍ମକୁ..	୬୬
ଚାପୁଡ଼ା ଆଉ ଚୁମ୍ବା	୬୮
ବର୍ଷା ନିଖୋଜ୍	୭୦
ସେଦିନ ସଂକ୍ରାନ୍ତି ଥିଲା	୭୪
ଗପର କନକ୍ଲୁଜନ୍	୭୮
ମୁଁ ଅପେକ୍ଷା କରିଛି	୮୦
ଗପ ହେଲେ ବି ସତ	୮୫
ହ୍ୱାଟ୍ସ ଆପ୍ ଗପ	୮୯
ଫେସବୁକ୍ ଚାଟ୍ ଗପ	୯୩
ଶେଷ ଇ-ମେଲ୍	୯୬
ଡିପି	୯୯
ଟଚ୍ ସ୍କ୍ରିନ୍	୧୦୧
ସ୍ୱରବର୍ଣ୍ଣ	୧୦୫
ଲକ୍ଷ୍ମଣରେଖା	୧୧୪
ଶେଷରାତି	୧୧୭
ମନେ ଅଛି ତ ?	୧୧୯

●●●

Digitized by PPRACHIN, SOA

ମନେ ଅଛି ତ ?

Digitized by PPRACHIN, SOA

□□

ମୋବାଇଲ୍ ମୋହରୁ
ଓହରିଆସି ଯେଉଁମାନେ
ଏବେ ବି ବୁଡ଼ିଯାଇପାରନ୍ତି ବହି ଭିତରେ,
ସେଇମାନଙ୍କ ହାତରେ
ସମର୍ପି ଦେଉଛି ଏ ବହି...

□□

Digitized by PPRACHIN, SOA

ଭାବ ଗର୍ଭ !

ସେଦିନ ସେ ଫୋନ୍ କରିଥିଲା, ମୁଁ ଡ୍ରାଇଭ୍ କରୁଥିଲି। କହିଲା ଗାଡ଼ି ଟିକେ ସାଇଡ୍ କରିଦେଇକି କଥା ହୁଅ। ମୁଁ କହିଲି, ଏବେବି ଆମ ପ୍ରତି ଏତେ କନ୍‌ସର୍ଣ୍ଣ, ସେମିତି ଆଗଭଳି ତାଗିଦା ! ସିଏ କହିଲା, ତମେ ସିନା ବଦଳିଗଲଣି, ମୁଁ କିଂତୁ ସେମିତି ଅଛି ଆଗଭଳି। ଗାଡ଼ି ରଖ, ତା'ପରେ କଥା ହୁଅ। ମୁଁ କହିଲି, ନାଇଁ କିଛି ଅସୁବିଧା ନାହିଁ, ଗାଡ଼ି ସାଇଡ୍ କରିବା ଆବଶ୍ୟକ ନାହିଁ..ମୁଁ ଫୋର୍ ହୁଇଲର ଡ୍ରାଇଭ୍ କରୁଚି, କାନରେ ହେଡ୍‌ଫୋନ୍ ଲଗେଇଚି। ...ସିଏ କହିଲା, ଆଚ୍ଛା ଆଚ୍ଛା, ଯା' ଭିତରେ ତା'ହେଲେ ଏତେ ଡେଭଲପ୍‌ମେଂଟ୍ ହେଇଗଲାଣି ! ...ମୁଁ କହିଲି, ଡେଭଲପ୍‌ମେଂଟ୍ କ'ଣ, ଗାଡ଼ିଟା ଯୌତୁକରେ ମିଳିଚି ମ ! ସିଏ କହିଲା, ହଉ ଭଲହେଲା, ମାଡାମ୍ ତମ ପାଇଁ ଲକି। ଅଲ୍ ଦି ବେଷ୍ଟ।

ମୁଁ : ଆଉ ତମ ଖବର କ'ଣ.. ?

ସିଏ : ମୋ ଖବର ପରକଥା, ତମ ଖବର ଆଗ କୁହ। ...ତମ ସ୍ତ୍ରୀ ତମ ଜାତିର ତ ?...ଧେତ୍, ମୁଁ ଗୋଟେ ଷ୍ଟୁପିଡ୍..ଏ ଫାଲତୁ କଥା ପଚାରୁଚି। ତମ ପାଇଁ, ତମ ପରିବାର ପାଇଁ ଜାତି, ଗୋତ୍ର ଆଗ, ଆଉ ସବୁ ପଛ... ସାତକାଂଡ ରାମାୟଣ ସରିବା ପରେ ମୁଁ ପଚାରୁଚି ! ଛାଡ଼ ସେକଥା, ସରି। ...ଆରେ ଶୁଣତ, ବାହା ହେଲାପରେ ପୁରୀ ତ ନିହାତି ଯାଇଥିବ। ସମୁଦ୍ର ପାଖକୁ ଗଲାବେଳକୁ ମନେପଡ଼ିଥିବ ମୋ କଥା ! ...ମନେପଡ଼ିଚି ନା ନାଇଁ? ...ନା ଭୁଲିଗଲଣି ?

ମୁଁ : ଆରେ ସବୁ ମନେଅଛି, ସେସବୁ କ'ଣ ଭୁଲିବାର କଥା। ସ୍ମୃତି ତ ସେ ନୁହଁ ଫିଙ୍ଗିବାର...। ପାଣି ଟିକେ ତମ ଦେହରେ ପକେଇଦେଇଥିଲି ଯେ, ସାଂଘାତିକ ରାଗିଯାଇଥିଲ। କହିଥିଲ, ବାହାଘର ପୂର୍ବରୁ ଏ ଛୋପରାମୀ କ'ଣ ? ସତ କହିବି, ମୋର କିଂତୁ ଇଚ୍ଛା ହଉଥିଲା, ତମକୁ ସମୁଦ୍ରରେ ବୁଡ଼େଇବାକୁ।

Digitized by PPRACHIN, SOA

ସିଏ : ବୁଡ଼େଇକି ମତେ ମାରିଥାନ୍ତ ନା କ'ଣ ?

ମୁଁ : ବୁଡ଼େଇଥାନ୍ତି ମାନେ ମୁଁ ବି ତମ ସାଂଗରେ ବୁଡ଼ିଥାନ୍ତି, ଭିଜିଥାନ୍ତି... ସେ ଲୁଣିପାଣିରେ ତମକୁ ଜଡ଼େଇଥାନ୍ତି। ମୋର ଭାରି ଇଚ୍ଛା ହଉଥିଲା, ପାଣିରେ ତମେ ଭଲକି ଜଡ଼ସଡ଼ ହେଇଯିବାପରେ ତମର ଫଟୋ ସେସନ୍ କରିଥାନ୍ତି। ମୁଁ ରାଜ କପୁର ଡାଇରେକ୍ଟର ଆଉ ତମେ ଜିନ୍ନତ ଅମନ୍ ହିରୋଇନ୍।

ସିଏ : ଭାରି ଏକ୍‌ସାଇଟେଡ୍ ତ...ତମ ଭିତରେ ପୁଣି ଏତେ କଥା ଥିଲା ?..କହିନଥିଲ ତ ?

ମୁଁ : କହିଥିଲେ, ତମେ କ'ଣ ରାଜିହେଇଯାଇଥାନ୍ତ ? ମୋର ତ ସେଦିନ ତମକୁ ନେଇ ପୁରୀରେ ରହିବାକୁ ଇଚ୍ଛା ହଉଥିଲା ଲଜ୍‌ରେ।

ସିଏ : ତମର ଏତେସବୁ ଗୋପନୀୟ ଇଚ୍ଛା ଥିଲା, ହେଲେ ମୁଁ ଟିକେବି ସୋରଶବ୍ଦ ପାଇଲିନି।

ମୁଁ : ତମ ଉପରେ ପାଣି ପକେଇଦବାରୁ ତମେ ଯୋଉ ରାଗିଲ, ମତେ ଭାରି ଡର ମାଡ଼ିଲା ଆଉ କିଛି କହିବାକୁ...। ତମେ କାଳେ ମତେ ଖରାପ ଭାବିବ, କାଳେ ରାଗିକି ଏକା ଏକା ପଳେଇଆସିବ ! ମୋର ତେଣୁ ସାହସ ହେଇନଥିଲା।

ସିଏ : ତମେ ବଡ଼ ଲାଜକୁଳା ଥିଲ..।

ମୁଁ : ହଁ, ମୁଁ ଲାଜକୁଳା ଥିଲି। ପିଲାଦିନେ ତ ମୁଁ କୋଉ ଝିଅଙ୍କୁ ଆଖି ଉଠେଇ ଚାହିଁପାରେନି।

ସିଏ : ସେତେବେଳେ ବି ତମେ ସେମିତି ଥିଲ, ଆଖି ଉଠେଇ ଅନ୍ୟ ଝିଅଙ୍କୁ ଚାହିଁପାରୁନଥିଲ। ପୁରୀରେ ରାଧୁମଉସାଙ୍କ ଘରକୁ ଆମେ ଯେତେବେଳେ ଯାଇଥିଲେ, ମୁଁ ତମର ପରିଚୟ କରିଦେଇଥିଲି ମୋର ପିଇସା ଭାବରେ..ସେଠି ରାଧୁମଉସାଙ୍କ ଝିଅ ସୁମିନାନୀ ଥିଲା। ସିଏ ତମ ପର୍ସୋନାଲିଟିକୁ ଭାରି ଲାଇକ୍ କରୁଥିଲା। ତମେ ତା' ସାଂଗରେ କଥା ହେଉଥିଲ, କିନ୍ତୁ ତା'ଆଡ଼େ ଅନଉନଥିଲ। ମୁଁ ଭାବୁଥିଲି, ମୁଁ ଅଛି ବୋଲି ତମେ ଅନଉନଥିଲ। ଏବେ ଜାଣିଲି, ତମ ଲାଜକୁଳା ଭାବଟା ଥିଲା କାରଣ।

ମୁଁ : ହଁ, ତମେ ଠିକ୍ ଧରିଚ। ଆଉ କ'ଣ ଖବର କୁହ।

ସିଏ : ତମର ମନେଅଛି, ସେଦିନ ପୁରୀରୁ ଫେରିଲାବେଳେ ସାକ୍ଷୀଗୋପାଳ ପାଖରେ ଆମେ ପଇଡ଼ ପିଇଥିଲେ। ସେଇଠି ମୁଁ ଦେଖିଥିଲି ତମ ସାର୍ଟର ଗୋଟେ ବଟମ୍ ଛିଣ୍ଡିଯାଇଚି। ତମେ କହିଲ, ଆରେ ହେ, ମୁଁ ଏବେ କ'ଣ କରିବି, ସାର୍ଟ

Digitized by PPRACHIN, SOA

ଭିତରୁ ଗଂଜି ଦିଶୁଚି। ମୁଁ କହିଲି, କିଛି ବ୍ୟସ୍ତ ହବାର ନାହିଁ, ମୁଁ ସିଲେଇ କରିଦଉଚି। ସାଂଗେସାଂଗେ ମୋ ଭ୍ୟାନିଟିରୁ ଛୁଂଚିସୂତା ବାହାର କରି ମୁଁ ବଟମ୍ ସିଲେଇ କରିଦେଲି, ରାସ୍ତାରେ ଯାଉଥିବା କିଛି ଲୋକ ଆମକୁ ଅନେଇ ଅନେଇ ଯାଉଥିଲେ, ହେଲେ ମୋର ସେଥିପ୍ରତି ଖାତିର ନଥିଲା। ପୂରା ଫିଲ୍ମ ସିନ୍ ଥିଲା...ହିରୋଇନ୍ ହିରୋର ସାର୍ଟ ବଟମ୍ ସିଲେଇକଲା ଭଳି...ସିଲେଇ ସରିବାପରେ ହିରୋଇନ୍ ସୂତା ଛିଣ୍ଡେଇଲାବେଳକୁ ଯେମିତି ହିରୋ ଉପରକୁ ଉହୁଙ୍କିଆସେ, ସେଇଭଳି ହେଇଥିଲା ସେଦିନ। ତମେ ଟିକେ ଡେଙ୍ଗା ଆଉ ମୁଁ ଟିକେ ଗେଡ଼ୀ...ମୋ ଅଜାଣତରେ ସେଇଭଳି ଫିଲ୍ମ ସିନ୍ ହେଇଯାଇଥିଲା ସେଦିନ।

ମୁଁ : ହଁ ହଁ, ସେକଥା ମନେପଡ଼ିଗଲେ ଦେହ ମନ ରୋମାଂଚିତ ହେଇଯାଉଚି। ମତେ ସେତେବେଳେ ଲାଗୁଥିଲା, ମୋ ସାର୍ଟର ବଟମ୍ 'ମୋ ଜୀବନର ହିରୋଇନ୍' ସିଲେଇ କରିଦଉଚି।

ସିଏ : ମତେ ତମ ଜୀବନର ହିରୋଇନ୍ ବୋଲି ଭାବୁଥିଲ ଯଦି, ଦିନେ ତ କାଇଁ କହିନ ! ସବୁ ସେମିତି ଉପରେ ଉପରେ ଗଲା। ତମ ଭଲପାଇବାକୁ ମୁଁ ଅନୁଭବ କରିପାରିଲିନି, ସେଇଟା ମୋର ଭୁଲ୍...ମୁଁ ବି ତମକୁ କିଛି କହିପାରିଲିନି, ତମେ ବି ମତେ କିଛି କହିପାରିଲନି...ସବୁ ସେମିତି ଭାବରେ ଭାବରେ ରହିଗଲା। ତମ ବାହାଘର ପରେ ତମେ ଏବେ ଯେତିକି ଖୋଲିକି କହିପାରୁଚ, ପୂର୍ବରୁ ଟିକେ କହିଥିଲେ ହେଇନଥାନ୍ତା !

ମୁଁ : ଆରେ ମୁଁ କହିବାକୁ ଚେଷ୍ଟା କରିଥିଲି, ହେଲେ ପାରିଲିନି। ମତେ ଭାରି ଭୟ ଲାଗୁଥିଲା, କାଳେ ସମସ୍ତଙ୍କ ଆଗରେ ତମେ ମତେ ବେଇଜ୍ଜତ କରିଦବ। ମନେଅଛି, ସେବର୍ଷ..ତମେ ଗାଁକୁ ଯିବାକୁ ବସ୍ ପାଇନଥିଲ..ମତେ କହିଲ ଛାଡ଼ିଦବାକୁ..। ମୁଁ ଯାଇଥିଲି ତମକୁ ଛାଡ଼ିବାକୁ। ଠିକ୍ ଗାଁମୁଣ୍ଡ ଆମ୍ବତୋଟା ପାଖରେ ମୁଁ ଅଟକିଲି। ତମେ କହିଲ କ'ଣ ହେଲା ?..ମୁଁ କହିଲି, ଗୋଟେ କଥା କହିବାର ଅଛି। ତମେ କହିଲ, କ'ଣ ?...ମୁଁ କହିଲି, ମତେ ଗୋଟେ କିସ୍ ଦବ ?...ତମେ ରାଗିକି କହିଲ, କ'ଣ କହିଲ, ତମେ ସୀମା ବାହାରକୁ ଯାଉଚ !..ସେଇଠୁ ମୁଁ କଥା ବଦଳେଇ ଦେଇ କହିଲି, ତମେ ଖରାପ ଭାବିଲ କି, ମୁଁ ମଜା କରୁଥିଲି..ପରୀକ୍ଷା କରୁଥିଲି ତମେ କେମିତି ଝିଅ। ଯା'ହଉ, ମୁଁ ଖୁସି...ତମେ ଜଣେ ଭଲ ଝିଅ...ତମ ଭଳି ଜଣେ ସାଂଗ ପାଇ ମୁଁ ଗର୍ବିତ।

ସିଏ : ହଁ ମୋର ସବୁ ମନେଅଛି। ହେଲେ ସେତେବେଳେ ତମେ ମତେ ଯଦି କିସ୍ କରିଦେଇଥାନ୍ତନା, ମୁଁ କିଛି କହିନଥାନ୍ତି। ହେଲେ ତମେ ଓଲା, ପଚାରୁଚ...କିସ୍ କରିବି କି ?..

Digitized by PPRACHIN, SOA

ମୁଁ : ଧେତ୍, ତମ ଭିତରେ ଯଦି ଏତେକଥା ଥିଲା, ମତେ ଟିକେ କହିଲନି, ଜଣେଇଲନି, ଇସାରା ବି ଦେଇପାରିଥାନ୍ତ ! ସବୁ ଓଲଟପାଲଟ ହେଇଗଲା ।

ସିଏ : ହଉ ଛାଡ଼ ସେକଥା, ଆମେ ଦୁହେଁ ଏକାଠି ହବା ଆମ ଭାଗ୍ୟରେ ନଥିଲା, ଆର ଜନ୍ମକୁ ଅପେକ୍ଷା !

ମୁଁ : ହଁ ସେୟା । ଭାଗ୍ୟ ଭାରି ବଳବାନ୍, କୁଆଡ଼େ ନବ କିଛି ଠିକଣା ନାହିଁ । ହଉ ସେ ଅତୀତ କଥା ଛାଡ଼, ଏବର କଥା କିଛି କୁହ ।

ସିଏ : ମୁଁ ଏବେ ପ୍ରେଗ୍‌ନାଂଟ୍ ଅଛି ।

ମୁଁ : ଆରେ ଆରେ ଗୁଡ୍ ନିଉଜ୍, କଂଗ୍ରାଟ୍‌ସ । କେତେ ମାସ ହେଲା ?

ସିଏ : ଛ' ମାସ ହେଲା ।

ମୁଁ : ବଢ଼ିଆ ।

ସିଏ : ଆଉ ତମର ପିଲାପିଲି ?

ମୁଁ : ହେଇନି ।

ସିଏ : କାହିଁକି ?..ତମ ବାହାଘର ତ ୪-୫ବର୍ଷ ହେଇଯିବଣି ?

ମୁଁ : ମାଡାମ୍ ମଂଗୁନାହାନ୍ତି । ତାଂକୁ ଫୁରସତ୍ ନାହିଁ ।

ସିଏ : କାଇଁ ସିଏ କ'ଣ କରୁଛନ୍ତି କି ?

ମୁଁ : ଚାକିରି କରୁଛନ୍ତି । ବାହାଘର ପୂର୍ବରୁ କରିଥିଲେ । ବାହାହେଲା ବେଳକୁ ବସ୍ ସର୍ତ୍ତ ରଖିଲେ, ପିଲାଛୁଆ କଲେ ପ୍ରମୋସନ୍ ମିଳିବନି । ଏମିତିକି ଚାକିରି ପଳେଇଯିବାର ଭୟ ବି ଦେଖେଇଥିଲେ । ସେଇଲାଗି ଆମ ମାଡାମ୍ ପିଲାଛୁଆର ନାଁ ଗଂଧ ଧରୁନାହାନ୍ତି । ଆଜିକାଲିର ମଡର୍ଣ୍ଣ ମହିଳାଙ୍କୁ କିଏ ବୁଝେଇବ ।...ବୁଝେଇ ବୁଝେଇ ଥକିପଡ଼ିଲିଣି ।

ସିଏ : କାଇଁ ମୁଁ କ'ଣ ମଡର୍ଣ୍ଣ ନୁହଁ..ମୁଁ ତ ବାହାଘରର ବର୍ଷକ ପରେ ପ୍ରେଗନାଂଟ୍ ହେଲି ।

ମୁଁ : ତମ କଥା ଦୁସୁରା । କାହିଁ ରାଣୀ, କାହିଁ ଚନ୍ଦରକାଣୀ !

ସିଏ : ମୋ ବୋଉଲୋ, ତୁଳନା ସେତିକି ଥାଉ ।...ହଉ ମୁଁ ରଖୁଚି, ଶାଶୂ ଡାକିଲେଣି ।

ମୁଁ : ହଉ ଠିକ୍ ଅଛି, ବାଏ ।

Digitized by PPRACHIN, SOA

୩ ମାସ ପରେ..

ସିଏ : ହାଲୋ, ଗୋଟେ ଖୁସି ଖବର ?

ମୁଁ : ପୁଅଟେ ହେଇଚି ।

ସିଏ : କେମିତି ଜାଣିଲ ?

ମୁଁ : ଭାବରେ ଜାଣିଲି । କୋଉ ଦିନ ହେଲା ?

ସିଏ ଏଇ ଘଂଟାକ ତଳେ ।

ମୁଁ : ନର୍ମାଲ ?

ସିଏ : ହଁ ।

ମୁଁ : କାହାଭଳି ହେଇଚି ? ବାପା ଭଳି ନା ମା' ଭଳି ?

ସିଏ : ତମ ଭଳି ।

ମୁଁ : କ'ଣ କହୁଚ ?

ସିଏ : ଠିକ୍ କହୁଚି ।

ମୁଁ : ମୁଁ ବିଶ୍ୱାସ କରିପାରୁନି..ତମେ ମଜା କରୁଚ ବୋଧେ !

ସିଏ : ନା'ମ ସତ କହୁଚି । ମତେ ବି ଆଶ୍ଚର୍ଯ୍ୟ ଲାଗୁଚି...ହାଓ ଇଜ୍ ଇଟ୍ ପସିବଲ୍ ?

ମୁଁ : କ'ଣ କହୁଚ ?

ସିଏ : ତମର ମନେଅଛି, ତମ ପିଲାଦିନର ଫଟୋ ଦେଖଉଥିଲ ଥରେ, ଠିକ୍ ସେଇଭଳି ଦେଖାଯାଉଚି 'ମୋ ପୁଅ' ।

ମୁଁ : ଓଃ ନୋ । ସେ କେବଳ 'ତମ ପୁଅ' ନୁହଁ, 'ଆମ ପୁଅ' । ମତେ ଯାହା ଲାଗୁଚି, ସେ ବୋଧେ 'ଭାବ ଗର୍ଭର ସନ୍ତାନ' ।...ଭାବରେ ଭାବରେ ସଂଚରିଯାଇଥିଲା ତମ ଗର୍ଭକୁ । ଦୁଇଟି ଶରୀରର ମିଳନ ସିନା ହେଇପାରିନଥିଲା, ମନର ଆଉ ଭାବର ତ ମିଳନ ହେଇଥିଲା ।

ସିଏ : ହଁ ତମେ ଠିକ୍ କହୁଚ ।

ମୁଁ : ତମେ ବୋଧେ କାନ୍ଦୁଚ ?

ସିଏ : ହଁ, ଇଏ ଖୁସିର କାନ୍ଦ, ଭାବର କାନ୍ଦ । ମୁଁ ଫୋନ୍ ରଖୁଚି । ଏକୋଇଶିଆକୁ ନିଶ୍ଚେ ଆସିବ ।

ମୁଁ : ହଉ..ବାଏ..ଟେକ୍ କେୟାର୍ ।

●●●

Digitized by PPRACHIN, SOA

ସଂପର୍କର ଦୁଇଟି ଧାର

ଢେର ସମୟ କଟିଥିଲା ସେଦିନ ସାଧନା ପାଖରେ। ତା' ଜୀବନର ସବୁ ଦୁଃଖ ଆଉ ଯଂତ୍ରଣାକୁ ସେ ଯେମିତି ମୋ ପାଖରେ ଅଜାଡ଼ି ଦେଉଥିଲା। ମୋ ଖୁସି ପାଇଁ ସେ ତା' ସର୍ବସ୍ୱ ମଧ୍ୟ ଅଜାଡ଼ି ଦେଉଥିଲା। ମୋ ପାଖରେ ତା' ସର୍ବସ୍ୱର ଯାହା ମୂଲ, ସେଇଥିରୁ ସିଏ ପଠେଇବ ତା' ମା' ପାଖକୁ, ଗାଁକୁ। ଗାଁରେ କେବଳ ତା' ବୁଢ଼ୀ ମା' ଆଉ ସାନ ଭଉଣୀ। ବାପା କଥା ପଚାରୁଛନ୍ତି ?..ଗଲା ୯ ୯ ମହାବାତ୍ୟାରେ ସିଏ ତା' ବାପାକୁ ହରେଇଥିଲା। ଭାଇ ଗୋଟେ ଥିଲା, ତାକୁ ବାତ୍ୟା କୁଆଡ଼େ ଉଡ଼େଇନେଲା ଯେ କିଛି ଜଣାପଡ଼ିଲାନି। ସେଇଠୁ ସିଏ ଏଇଠି..ଏଇ ବସ୍ତିରେ। ସହରରେ କ'ଣ କିଛି କାମ ଧନ୍ଦା କରିବ କି ଛୋଟମୋଟ ଚାକିରି ଖଣ୍ଡେ କାଳେ ମିଳିଯିବ, ସେଇ ଆଶାରେ ସିଏ ସହରମୁହାଁ ହୋଇଥିଲା। ହେଲେ ପରିସ୍ଥିତିର ଚକ୍ରରେ ସହର ତାକୁ ମୁହାଁଇଦେଲା ଏଇଭଳି ଏକ ପେସାରେ।

ମୋ ଭଳି ସହରର ଯେତେ 'କାମ ଲୋଲୁପ ମଣିଷ' ତାକୁ ହରଦମ୍ ଗିଳୁଥିଲେ, ଜାଳୁଥିଲେ। ପହିଲେ ପହିଲେ ତାକୁ ଢେର କାମ ମିଳୁଥିଲା। ସେତେବେଳେ ତା' ଯୌବନଟା ଭାରି ତତଲା ଥିଲା, ପୂରା ଜାଳିଦଉଥିଲା।..ତା' ଜାଳରେ ଆମ ଭଳି ଲୋଲୁପ ମଣିଷଗୁଡ଼ାକ ପୂରା ଥଂଡ଼ାପଡ଼ିଯାଉଥିଲେ। ତା' 'କାମକଳା'ରେ ଭାରି ଆନ୍ତରିକତା ଥିଲା। ତା' ହିସାବରେ କେବଳ ଦେହ ସାଂଗରେ ଦେହର ମିଳନରେ ସୁଖ ମିଳେନା, ତୃପ୍ତି ମିଳେନା; ସେଥିପାଇଁ ଲୋଡ଼ା ମନର ମିଳନ। ସେଇଲାଗି ସିଏ ଅନ୍ୟମାନଙ୍କଠୁ ଭିନ୍ନ ଥିଲା। ଆମ ଭଳି 'ମନୁଆ ମଣିଷ, ଆବେଗର ମଣିଷ'ମାନଙ୍କ ପାଇଁ ସିଏ ଭାରି ଖାପ୍ ଖାଉଥିଲା। ହୋଇପାରେ ସେଇ ସଂପର୍କ କିଛି ସମୟର, କିନ୍ତୁ ସେଇ ସଂପର୍କ ଭାରି ଗାଢ଼ା ଥିଲା।

ପହିଲେ ପହିଲେ ତାକୁ ଢେର ଗରାଖ ମିଳୁଥିଲେ। ଏବେ କିଂତୁ ଜୋର୍ କଂପିଟିସନ୍। ତା'ଭଳି ଆହୁରି ବହୁତ ଝିଅ ଏବେ ଏଇ ଲାଇନ୍‌ରେ। ଅବଶ୍ୟ ସିଏ ଆଉ ଝିଅ ହେଇକି ନାହିଁ, ବୟସ ତିରିଶ ଉତୁରିଗଲେ ତାକୁ କ'ଣ ଝିଅ କୁହାଯିବ କି ?..ଏବେ ଯୋଉ ଝିଅମାନେ ଆସୁଛନ୍ତି ସେମାନେ ତା' ଭଳି ମହାବାତ୍ୟାରେ ସର୍ବସ୍ୱାନ୍ତ ହୋଇନାହାନ୍ତି !

Digitized by PPRACHIN, SOA

ସେମାନଙ୍କ ଭିତରୁ ଅନେକ ତ କଲେଜ ପଢୁଆ ଝିଅ। ସେମାନେ ପାର୍ଟ ଟାଇମ୍ କରୁଛନ୍ତି କଲେଜ ସରିଲା ପରେ।..କେହି କେହି କଲେଜ୍ ନଯାଇ ଫୁଲ୍‌ଟାଇମ୍ ବି କରୁଛନ୍ତି।

ହଁ, ସେଦିନ ତା' ପାଖରୁ ଫେରିଲାବେଳକୁ ମତେ ତା' ହାତ ତିଆରି ଚା' ପିଆଇଲା। ଆଉ କିଛି ସମୟ ଅଟକିବା ପାଇଁ କହୁଥିଲା। ଟୁର୍‌ରେ ଯାଇ ବାହାରେ ଖାଇ ଖାଇ ଭଲ ଲାଗୁନଥିବ, ରୋଷେଇ କରିଦଉଚି, ଖାଇଦେଇକି ଯିବେ। ମୁଁ କହିଲି, ନାଇଁ ଥାଉ...ଅନ୍ୟ ଗରାଖ ପୁଣି ଆସିବେ, ତମର ଲସ୍ ହବନି ?...କହିଲା, ସବୁକଥାରେ ଲାଭ-କ୍ଷତି ଦେଖିଲେ ହବନି...ଭାବର ଗୋଟେ ଅଲଗା ମୂଲ..ଆପଣ ଜଣେ ଭଲ ମଣିଷ, ଭାବର ମଣିଷ। ଆପଣଂକ ସହ କିଛି ସମୟ ବିତେଇଲେ ଭଲ ଲାଗେ। ଶେଷକୁ ପଚାରିଲା, ଆପଣ ଆଉ କେବେ ଆସିବେ ?...ମୁଁ ଫୋନ୍ କରିବିକି ?...ମୁଁ କହିଲି ନାଇଁ, ମତେ ଫୋନ୍ କରିବା ଦରକାର ନାହିଁ, ମୁଁ ମୋ ଫ୍ରିଟାଇମ୍‌ରେ ଫୋନ୍ କରିବି।...ସବୁବେଳେ ମିଟିଙ୍ଗ୍ ରହୁଚି, ପୁଣି ଟୁର୍ ପଡୁଚି, ତେଣୁ ସୁବିଧା ଦେଖିକି ଫୋନ୍ କରିବି।...ସେଠୁ ସିଏ କହିଲା, ହଉ ଫୋନ୍ ସିଓର କରିବେ, ମୁଁ ଅପେକ୍ଷାରେ.. ।

ସେଦିନ ଟୁର୍‌ରୁ ଫେରି ବେଶ୍ କିଛି ସମୟ କଟିଥିଲା ତା' ପାଖରେ। ଘରକୁ ନଆସି ସିଧା ତା' କତିକି ପଳେଇଥିଲି। ତା' ପାଖରେ ଭାରି ଆରାମ ଲାଗେ। କ୍ଷୁଧା ମେଂଟିଯାଏ...ଉଭୟ ଦେହ ଆଉ ମନର। ସେଇଠି ବସି ବସି କବିତାଟେ ଲେଖିଲି। କବିତାର ଶିରୋନାମା ଥିଲା 'ନିଃଶବ୍ଦ'। ଏମିତି ଥିଲା କବିତା: "କୃତଜ୍ଞତାର ଶବ୍ଦଟିଏ ଉଚ୍ଚାରିବାକୁ ମୁଁ ନିଃଶବ୍ଦ..କୁହତ କେମିତି ବର୍ଣ୍ଣିବି ସେଇ ସ୍ୱର୍ଗସୁଖର ବିଭୋରପଣ॥ମୁଁ ହେଉଥିଲି ଛଟପଟ, ଥିଲା ଅନ୍ତହୀନ ଅପେକ୍ଷା, ତୁମେ ସାଜିଥିଲ ମିଳନର ମଧୁଗନ୍ଧା"। କବିତା ଶୁଣି ଭାରି ଖୁସି ହେଇଯାଇଥିଲା ସାଧନା। କହିଥିଲା, ମୋ ଭଳି ଚରିତ୍ରଟେ ପାଇଁ ପୁଣି କବିତା ଲେଖାଯାଇପାରେ। ସେଇ ଖୁସିରେ ପୁଣି ଥରେ ମୋ ବାହୁବନ୍ଧନୀରେ ନିଜକୁ ସମର୍ପି ଦେଇଥିଲା। ତା'ପରେ ସାଧନା ବି ଲେଖିଥିଲା ଗୋଟେ କବିତା। ମତେ ଦେଖାଇଲା। ଟିକେ ପଢନ୍ତୁ: "ନିଗାଡ଼ିଦିଅ ଆଖିରେ ଥିବା ସବୁ ଲୁହ, ନିକାଲିଦିଅ ଛାତିରେ ଥିବା ସବୁ କୋହ, ଲିଭେଇଦିଅ କାମନାର ସବୁ ନିଆଁ..ଦେଖିବ କି ଶାନ୍ତି।॥ତଉଲିଦିଅ ସବୁ ନିନ୍ଦା ଆଉ ପ୍ରଶଂସା, ବାଛିଦିଅ ସବୁ ଭଲ ଆଉ ମନ୍ଦ, ହିସାବ କରିଦିଅ ସବୁ ପାପ ଆଉ ପୁଣ୍ୟ..ଦେଖିବ କି ଶାନ୍ତି।" ଓଃ, ଚମତ୍କାର କବିତା ଲେଖିଥିଲା ସାଧନା। ମୁଁ କହିଥିଲି, ତୁମେ ଯଦି କବିତା ଲେଖିବ ନା, ଆମ ଭଳି କବିମାନଙ୍କ ଠାରୁ ବଳିଯିବ। ସେ ଲାଜମିଶା ସ୍ୱରରେ କହିଥିଲା, ମୁଁ କୋଉଠି, ଆପଣ କୋଉଠି ? ମତେ ଆପଣଂକ ସହ ତୁଳନା କରନ୍ତୁ ନାହିଁ। ଆପଣ ମୋର ଗୁରୁ। ଏସବୁ ଆପଣଙ୍କ ପ୍ରଭାବ।

ମେଟ୍ରିକ୍ ଯାଏଁ ପାଠ ପଢ଼ିଚି ସିଏ, କିନ୍ତୁ ବେଶ୍ ଜ୍ଞାନ ଅଛି। କଥାଭାଷା, ଚାଲିଚଳଣ ଭାରି ମାର୍ଜିତ। ଅନ୍ୟ ଦେହଜୀବୀଙ୍କ ଭଳି ତା'ର ଛଳନା ଥିଲାଭଳି କାଇଁ ଲାଗେନି।

Digitized by PPRACHIN, SOA

ବହୁଦିନ ପରେ ତା' ପାଖକୁ ଯାଇଥିଲି, ଦେଢ଼ ହଜାର ଟଂକା ତା' ହାତକୁ ବଢ଼େଇଲି। ମନାକଲା, କହିଲା...ଏତେ ଟଂକା କାହିଁକି ଦଉଛନ୍ତି ? ମୁଁ କହିଲି, ରଖ, ମନା କରନି। ଆଗରୁ ସିଏ ହଜାରେ ଟଂକା ନଉଥିଲା, ଏବେ ତା' ଦର କମିଯାଇଚି...ସିଏ ଏବେ ୫ଶହ ଟଂକା ନଉଚି। ମୁଁ କିନ୍ତୁ ତା' ଦର କମେଇନି, ବହୁତ ଦିନ ପରେ ଯାଇଥିଲି ତ, ତେଣୁ ଅଧିକା ଦେଲି। ତା' ଗରାଖ ବି କମିଗଲେଣି ନା, ରୋଜଗାର କମିଯିବଣି ! ହଁ, ତା' ପାଇଁ ଶାଢ଼ିଟେ ନେଇକି ଯାଇଥିଲି, ଭାରି ଖୁସି ହେଇଗଲା। ମୁଁ ଭାବିଥିଲି, ମୋରି ଆଗରେ ବୋଧେ ନୂଆ ଶାଢିଟାକୁ ପାଲଟିଦବ ! ସିଏ କିଂତୁ କହିଲା, 'ଏଇଟା ପିନ୍ଧିକି ସାବିତ୍ରୀ କରିବି। ଆପଣଂକୁ ବହୁତ ଧନ୍ୟବାଦ। ଆପଣଂକ ଚଏସ୍ ଭାରି ବଢ଼ିଆ'। ତା' କଥା ଶୁଣି ଆଶ୍ଚର୍ଯ୍ୟ ହେଇଗଲି। ଇଏ ପୁଣି ସାବିତ୍ରୀ ବ୍ରତ କରୁଛି ? ହେଲେ କାହାପାଇଁ ? ଏମିତି ତ ଦେଖିବାକୁ ଗଲେ ହଜାର, ହଜାର, ଲକ୍ଷ ଲକ୍ଷ ସତ୍ୟବାନ ତା' ଜୀବନରେ ଆସିଥିବେ ! ସାଧନାର ସତ୍ୟବାନ କ'ଣ ଏକ ନା ଏକାଧିକ ? ମୋ ମନକୁ ଆନ୍ଦୋଳିତ କଲା ଅନେକ ପ୍ରଶ୍ନ। ସାଧନା ତ ତା' ଜୀବନର ସବୁକଥା ମତେ କହିଛି, ଏକଥା ବି କହିଥାନ୍ତା ! ଯା ଭିତରେ ସେ କାହାକୁ ବାହା ହେଇପଡ଼ିଲା କି ? ହେଲେ ଜଣେ ଦେହଜୀବୀକୁ କିଏ ବାହା ହବ ? କିଏ ସେଇ ମହାତ୍ମା ! ପଚାରିବସିଲି, ଆଲୋ କିଏ ତୋ ସତ୍ୟବାନ ? କାହା ପାଇଁ କରିଚୁ ସାବିତ୍ରୀ ଓଷା ? ସେଠୁ ଟିକେ ଚୁପ୍ ହେଇ ସେ କହିଲା, କିଏ ମୋ ସତ୍ୟବାନ ? ଏକଥା ଆପଣ ପଚାରୁଛନ୍ତି ? ସେ ଭାବପ୍ରବଣ ହେଇଯାଇଥିଲା, କିଛି କହିଲାନି, ଆଖି ତା'ର ଜକେଇଆସିଥିଲା। ମୁଁ ବୁଝିଗଲି ଯେ, ସେ ମତେ ହିଁ ସତ୍ୟବାନ ଭାବେ ବରଣ କରିଆସିଛି।

ପାଖାପାଖି ତିନି-ଚାରି ଘଂଟା କଟେଇଲି ସେଦିନ ତା'ପାଖେ, ଆଉ କେତେ ସମୟ ବା ରହିଥାନ୍ତି ! ଅବଶ୍ୟ ଘରୁ ସ୍ତ୍ରୀଙ୍କର ଫୋନ୍ ଆସିନଥିଲା ସେଯାଏ, ଯଦିଓ ସେ ଜାଣିଥିଲେ ମୁଁ ଫେରୁଚି ବୋଲି। ହଁ, ଯା ପର କାମଟା ଥିଲା ଘରକୁ ଫେରିବା। ଘରକୁ ଫେରିଲି। ଟୁର୍‌ରୁ ଗୁଡ଼ାଏ ଜିନିଷ କିଣିକି ଆଣିଥିଲି। ସ୍ତ୍ରୀଙ୍କ ପାଇଁ ଦାମୀ ଡ୍ରେସ୍‌ଟେ ଆଣିଥିଲି। ଦେଖିକି ଭାରି ଖୁସି ହେଲେ। କହିଲେ, ପଡ଼ିଶାଘର ଭାଉଜଙ୍କ ସାଂଗରେ ବଜାର ଯାଇଥଲି, ଭଲ ଶାଢ଼ିଟେ ଦେଖିଥିଲି, ହେଲେ ପାଖରେ ଟଂକା ନଥିବାରୁ କିଣିପାରିଲିନି..ତେଣୁ କାଲି ଯାଇ ସେଇଟା କିଣିଆସିବା। ଏଥର ସାବିତ୍ରୀରେ ଆମେ କଲୋନୀ ସ୍ତ୍ରୀ ଲୋକମାନେ ଗୋଟେ କିଟି ପାର୍ଟି କରୁଛୁ, ସେଇ ପାର୍ଟିରେ ଶାଢୀଟା ପିନ୍ଧିବି। ମୁଁ ମୁଣ୍ଡ ହଲେଇ ହଁ କଲି। ...ସେଠୁ କହିଲେ, କୋଉ ଗୋଟେ ଜୁଏଲର୍ସ ଭଲ ସ୍କିମ୍‌ଟେ କରିଚି। ମାସକୁ ହଜାରେ ଟଂକା ଲେଖା ଦବ, ଦି' ବର୍ଷ ଦବ...ଦି' ବର୍ଷ ସରିଆସିଲାବେଳକୁ ଶେଷମାସରେ ହଜାରେ ଟଂକା ଜୁଏଲର୍ସ ସେଇ ଟଂକାରେ ମିଶେଇ ସେତିକି ଟଂକାର ଗହଣା ଦବ। ଇଚ୍ଛା ଥାଉ କି ନଥାଉ, କହିଲି ଭଲ ସ୍କିମ୍। ସେଠୁ କହିଲେ, ପଡ଼ିଶାଘର ଭାଉଜଙ୍କଠୁ

Digitized by PPRACHIN, SOA

ହଜାରେ ଟଂକା ଧାରନେଇକି ସ୍କିମ୍‌ଟା ଆରଂଭ କରିଦେଇଚି, ସେଇଟା ତାଂକୁ ଫେରେଇବାକୁ ପଡ଼ିବ...ଆସନ୍ତା ମାସଠୁ ସେଥିପାଇଁ ହଜାରେ ଟଂକା ଲେଖା ଦବାକୁ ପଡ଼ିବ। ଇଚ୍ଛା ଥାଉ କି ନଥାଉ, ମୁଁ କହିଲି ହଉ। ଶାଢ଼ି, ଗହଣା, ବିଉଟି ପାର୍ଲର..ଏସବୁ ବାବଦରେ ଗପିଚାଲିଥିଲେ ଧର୍ମପତ୍ନୀ। ମତେ ଭାରି ହାଲିଆ ଲାଗୁଥିଲା, କିନ୍ତୁ ତା' କପ୍‌ଟେ ବି ମିଳିନଥିଲା ସେ ପର୍ଯ୍ୟନ୍ତ। ତାଂକୁ ବି ଫୁରୁସତ୍ କୋଉଠି ଥିଲା ତା' କରିବାକୁ! ସେଠୁ ଧର୍ମପତ୍ନୀଙ୍କ ଫରମାଇସ୍ ଥିଲା, ରାତିରେ ରେଷ୍ଟୁରାଂଟକୁ ଖାଇବାକୁ ଯିବା...ବହୁତ ଦିନ ହେଲା, ଘରେ ଖାଇ ଖାଇ ଚିଡ଼ା ଲାଗିଲାଣି।...ମୁଁ କହିବାକୁ ଯାଉଥିଲି ଓଲଟା କଥାଟା...ବହୁତ ଦିନ ହେଲା ବାହାରେ ଖାଇ ଖାଇ ଚିଡ଼ା ଲାଗିଲାଣି, ଆଜି ଟିକେ ଘରେ ଖାଇବା।...ନାଇଁ କହିପାରିଲିନି। ସବୁକଥା କହିହୁଏନା। ସ୍ତ୍ରୀଙ୍କ କଥା ସରିନଥିଲା, ଦାବିର ତାଲିକାରେ ପୂର୍ଣ୍ଣଚ୍ଛେଦ ପଡ଼ିନଥିଲା। କହିଲେ, ଗୋଟେ ଗୁଡ୍ ନିଉଜ୍ ଶୁଣିବ ?...ମୁଁ ବିରକ୍ତିଆ ହେଇକି କହିଲି, କୁହ..ଗୁଡ୍ ନିଉଜ୍, ବ୍ୟାଡ୍ ନିଉଜ୍ ସବୁ ଶୁଣିବି। କହିଲେ, ସରିତାର ବାହାଘର ଆର ମାସରେ..ତା' ପାଇଁ ମାର୍କେଟିଙ୍ଗ୍ କରିବାକୁ ପଡ଼ିବ। ସରିତା ମୋ ଶାଳୀ। ମୁଁ କହିଲି, ହଉ, କରିବା। ସେଠୁ କହିଲେ, ଖାଲି ସେତିକି ନୁହଁ, ତା' ବାହାଘର ପାଇଁ ତମକୁ ୫ଲକ୍ଷ ଟଂକା ଦବାକୁ ପଡ଼ିବ। ପୁଅଘର ଟିକେ ଅଧିକା ଡିମାଣ୍ଡ କରୁଛନ୍ତି, ବାପାଙ୍କ ପାଖରେ ଏତେ ଟଂକା ନାହିଁ।...ମତେ ରାଗ ଲାଗୁଥିଲା, ହେଲେ ରାଗରେ ପାଣି ଟିକେ ପକେଇ କହିଲି, ମୋ ପାଖରେ ଏତେ ଟଂକା ନାହିଁ, ହାର୍ଡଲି ପଚାଶ ହଜାର ଟଂକା ଦେଇପାରିବି। ମୋ କଥା ଶୁଣି ସ୍ତ୍ରୀ ମୁହଁ ଛିଂଚାଡ଼ି ପକେଇଲେ। ରାଗିକି ଯାଇ ସିରିଏଲ ଦେଖିଥିଲେ। ସେଦିନ ରୋଷେଇ ବନ୍ଦ।

ମତେ ବି ସେମିତି ଭୋକ ଲାଗୁନଥିଲା, ତା' ଟିକେ ପିଇବାକୁ ଇଚ୍ଛା ହଉଥିଲା, ପାଣିରେ କାମ ଚଳେଇଦେଲି। ଭାରି ହାଲିଆ ଲାଗୁଥିଲା, ଶୋଇପଡ଼ିଲି। ପାହାନ୍ତାରୁ ନିଦ ଭାଂଗିଗଲା, ମର୍ଣ୍ଣିଙ୍ଗ୍ ୱାକ୍‌ରେ ବାହାରିଲି। ଗୋଟେ ପଟେ ସୂର୍ଯ୍ୟ ଉଉଁଥିଲେ ଆଉ ଗୋଟେପଟେ ଚନ୍ଦ୍ର ଅସ୍ତ ହେଉଥିଲେ। ଉଭୟ ସୂର୍ଯ୍ୟ ଆଉ ଚନ୍ଦ୍ର ଆକାଶରେ ଥିଲେ ସେଦିନ। ଭାବୁଥିଲି, ଏ ସୂର୍ଯ୍ୟ ଆଉ କିଛି ଘଂଟା ପରେ ମୁଣ୍ଡ ଉପରକୁ ଆସିଯିବ, ତା' ତାପରେ ଜାଳିବ। ପୁଣି ରାତିକି ଚନ୍ଦ୍ର ଆସିବ, ତା' ଶୀତଳତାରେ ଆମକୁ ମୁଗ୍ଧ କରିବ, ଆହ୍ଲାଦିତ କରିବ। କିନ୍ତୁ କାହାକୁ ତ ଛାଡ଼ିହବନି। ଆମ ସ୍ଥିତି ପାଇଁ ସୂର୍ଯ୍ୟ, ଚନ୍ଦ୍ର ଉଭୟ ଲୋଡ଼ା। କିଛି ଦିନ ପାଇଁ ଚନ୍ଦ୍ରର ଅନୁପସ୍ଥିତି ଚଳିଯାଇପାରେ, କିନ୍ତୁ ସୂର୍ଯ୍ୟର ଅନୁପସ୍ଥିତିରେ ତ ସବୁ ଅଚଳ ହେଇଯିବ! ମୁଁ ସୂର୍ଯ୍ୟ ଆଉ ଚନ୍ଦ୍ରଙ୍କ ସହ ତୁଳନା କରୁଥିଲି ସ୍ତ୍ରୀ ଆଉ ସାଧନାକୁ। ସଂପର୍କର ଦୁଇଟି ଧାରରେ ଚାଲୁଥିଲି ମୁଁ...ଭାବୁଥିଲି, କିଛି ଭୁଲ୍ କରୁନିତ, କିଛି ପାପ କରୁନିତ!

●●●

Digitized by PPRACHIN, SOA

ରେନ୍‌କୋଟ୍

ସେଦିନ ମନଭରି ବର୍ଷିଥିଲା ବର୍ଷା। ଲଘୁଚାପ ବର୍ଷା। ତିନି ଚାରି ଦିନ ପୂର୍ବରୁ ଟିଭି କହୁଥିଲା, ପେପର ବି ଲେଖୁଥିଲା ଲଘୁଚାପ ଆସୁଚି ଆସୁଚି ବୋଲି। ଲଘୁଚାପ ଆସିଥିଲା, ହେଲେ ବର୍ଷା ଲଘୁ ହେଉନଥିଲା, ଏକଦମ୍ ଗୁରୁ। ଏ ରାଜଧାନୀରେ କ'ଣ କମ୍ ବର୍ଷିଥିଲା।..ଆଚାର୍ଯ୍ୟ ବିହାର ତ ପୂରା ବେହାଲ୍ ହେଇଯାଇଥିଲା। ହଁ, ସେଦିନ ସିଏ ମୋ ସାଂଗରେ ଘରକୁ ଯିବ ବୋଲି ଆଗତୁରା କହିଥିଲା। ବର୍ଷା ସେତେବେଳକୁ ହେଉନଥିଲା। ଯଦିଓ ମୁଁ ଜାଣିଥିଲି ବର୍ଷା ହବ ବୋଲି, ତେବେ ଭାବିଲି ସେତିକିବେଳକୁ ଦେଖିବା କ'ଣ ହଉଚି ! ଠିକଣା ବେଳକୁ ସିଏ ଫୋନ୍ କଲା, ମୁଁ କହିଲି, ଆରେ ଏତେ ଜୋରରେ ବର୍ଷା ହଉଚି, କେମିତି ଯିବା ?..ତମ ପାଖରେ ରେନ୍‌କୋଟ୍ ଅଛି ତ ?..ମୋ ପାଖରେ ଅଛି, ହେଲେ ସେଇଟା ଜଣକୁ ପାଇବ, ଦି'ଜଣ କେମିତି ଯିବା ?..ସେଠୁ ସିଏ କହିଲା, ବର୍ଷା କମିଯିବ ମ !..ମୋର ଆଉ ଅଧ ଘଣ୍ଟାକର କାମ ଅଛି, ତମେ ଅଫିସ୍‌ରୁ ବାହାରିକି ଆସ, ଦେଖିବା।..ମୁଁ କ'ଣ କରିବି ନ କରିବି କିଛି ଭାବିପାରୁନଥିଲି। ପର ମୁହୂର୍ତ୍ତରେ ପୁଣି ଭାବୁଥିଲି, ଭଲା ପୁରୁଷଟେ ହେଇକି ବର୍ଷାକୁ ଏମିତି ଡରୁଚି କ'ଣ ମୁଁ.. ! ପିଲାବେଳେ, ସ୍କୁଲରେ ପଢ଼ିବା ବେଳେ ଗାଁ ଦାଣ୍ଡରେ ବର୍ଷାରେ କେତେ ଖେଳିଚି, ଓଦା ହେଇଚି, ସ୍କୁଲ ବ୍ୟାଗ୍‌କୁ ସ୍କୁଲରେ ରଖିଦେଇ ଘରକୁ ଓଦା ହେଇ ହେଇ ଆସିଚି। ବର୍ଷାରେ କ'ଣ କମ୍ ଦଉଡ଼ାଦଉଡ଼ି ଖେଳିଚୁ, ବିଷ ଅମୃତ ବି ଖେଳିଚୁ। ସେତେବେଳେ ବର୍ଷାକୁ ଆଦୌ ପରବାଏ ନଥିଲା। ଏବେ ମୁଁ ଏମିତି ବର୍ଷାକୁ କାହିଁକି ଡରୁଚି, ସେଇକଥା ମୁଁ ଭାବୁଥିଲି। ହଁ, କଲେଜ ବେଳ କଥା ଆହୁରି ଦମ୍‌ଦାର, ଜମାରୁ ଡର ନଥିଲା। ବର୍ଷାକୁ ଡରିବି କ'ଣ ବର୍ଷା ଆମକୁ ଦେଖିକି ଡରିଯାଉଥିଲା। ସେତେବେଳେ କଲେଜ୍‌ରେ ଯୋଉ କାଟ୍‌ତି, ବର୍ଷା ବି ବାଟଭାଂଗି ଚାଲିଯାଉଥିଲା। ଅବଶ୍ୟ ଆମ ତଳ ବ୍ୟାଚ୍‌ରେ ପଢୁଥିବା 'ବର୍ଷା'କୁ ଦେଖିଲେ ମୁଁ ବାଟ ଭାଂଗିକି ଚାଲିଯାଉଥିଲି। ତାକୁ ସାମ୍ନା କରିବାକୁ ଭାରି ଭୟ ଲାଗୁଥିଲା। ଆଖିରେ ଆଖି ମିଶାଇବାକୁ ଲାଜ ଲାଗୁଥିଲା। କଲେଜର ସବୁ ଝିଅଙ୍କଠୁ

Digitized by PPRACHIN, SOA

ସିଏ ନିଆରା ଲାଗୁଥିଲା। ସିଏ ଡେଙ୍ଗୀ ଥିଲା, ପାତଳୀ ଥିଲା, ଧଳା ତାକୁ ଭାରି ମାନୁଥିଲା। ଭାରି ମାର୍ଜିତ ତା' ବେଶ ପୋଷାକ। କହିପାରନ୍ତି ପୂରା ପଢ଼ାପିଲା। ସେଦିନ କଥା ମନେପଡୁଚି, ଆମେ କଲେଜ ଗାଡ଼ି ଷ୍ଟାଣ୍ଡ ପାଖରେ ଖଟି କରୁଥାଉ, ସେତିକିବେଳକୁ 'ବର୍ଷା' ଆସୁଥିଲା। ହଁ, ଆକାଶରେ ବର୍ଷା ଘୋଟିଆସୁଥିଲା ଆଉ ଆମ ତଳ ବ୍ୟାଚ୍‌ର ଝିଅ 'ବର୍ଷା' ବି ଆସୁଥିଲା। ବର୍ଷା ପାଇଁ 'ବର୍ଷା' ଟିକେ ତରବରରେ ଥିଲା। ଟୋପେ ଟୋପେ ପାଣି ପଡୁଥିଲା, କାଳେ ଜୋରରେ ବର୍ଷିଯିବ, ସେଥିପାଇଁ ସେ ତରବର ଥିଲା। ସେଇ ଭିତରେ ରୁମାଲଟା ଖସିଯାଇଥିଲା। ମୁଁ ତରବରରେ ଧାଇଁଯାଇ ତାକୁ ରୁମାଲଟା ବଢ଼େଇଦେଇଥିଲି। ସିଏ ହସିନଥିଲା କି ଧନ୍ୟବାଦ ବି ଦେଇନଥିଲା। କିନ୍ତୁ ତା' ଆଖିର ଭାଷା ଅନେକ କିଛି କହୁଥିଲା, ସେଥିରେ ହସ ଥିଲା, ଧନ୍ୟବାଦ ବି ଥିଲା, ଆହୁରି ଅନେକ କିଛି ଥିଲା।...ନାଇଁ ଚାପ୍ଟର ବେଶୀ ଆଗେଇପାରିନଥିଲା। କାରଣ ବର୍ଷାର ଭାଇ ଥିଲା ଗୋଟେ ଡନ୍। କଲେଜ ପାଖ ଇଣ୍ଡଷ୍ଟ୍ରିଆଲ୍ ଏରିଆରେ ତା'ର ଦାଦାଗିରି ଚାଲୁଥିଲା, କଲେଜ ଆଫାୟର୍ସରେ ବି ତା'ର ଦଖଲ ଥିଲା। ଆମେ ତ ଫିଲ୍ମ ହିରୋ ନୁହଁ, ତେଣୁ ଚାପ୍ଟର କ୍ଲୋଜ୍।

ଆରେ ହେ, ପାଞ୍ଚଟା ବାଜିଗଲାଣି। ଅଧଘଣ୍ଟା ହୋଇଗଲାଣି। ଏଇଲେ ଫୋନ୍ ଆସିଯିବ। ମୁଁ ପୁରୁଣା ସ୍ମୃତି କଥା ମନେପକେଇ ସବୁ ଭୁଲିଯାଉଛି। ଅଫିସ୍‌ରୁ ବାହାରକୁ ଆସିଲା ବେଳକୁ ବର୍ଷା ତଥାପି ହଉଚି, କିନ୍ତୁ ଆଗ ଅପେକ୍ଷା ପ୍ରକୋପ କମିଚି। ଗାଡ଼ିଟା ଷ୍ଟାର୍ଟ କରି ବାହାରୁ ବାହାରୁ ଫୋନ୍ ଆସିଗଲା, କୋଉଠି ପହଂଚିଲଣି ?...ମୁଁ କହିଲି, ଏଇ ବାହାରୁଚି। ହଉ ତା'ହେଲେ ଆସ, ମୁଁ ମେଟ୍ରୋ ଟାୱାର ପାଖରେ ଠିଆହେଇଚି। ତରବର ହେଇ ମୁଁ ଗାଡ଼ିର ସ୍ପିଡ୍ ବଢ଼େଇଲି। ତା' ପାଖରେ ପହଂଚିଲା ବେଳକୁ କାହା ସାଂଗରେ କଥା ହଉଥିଲା, ମୁଁ ପହଂଚିବା ମାତ୍ରେ ବାଏ କରି ଚାଲିଗଲା। କିଛି କହିବା ପୂର୍ବରୁ କହିଲା, ଆମ କଲିଗ୍, ବର୍ଷା ହଉଥିଲା ତ ମତେ ଛାଡ଼ିବାକୁ ଆସିଥିଲା।...ସେଠୁ ମୁଁ କହିଲି, ବର୍ଷାତ ପୂରାପୂରି ଛାଡ଼ିନି, କେମିତି ଯିବା ?...ସିଏ ଉପରକୁ ଅନେଇକି କହିଲା, ଟିକିଏ ଅଟକିଯିବା, ବର୍ଷା ଛାଡ଼ିଯିବ ମ।...ମୁଁ କହିଲି, ମେଘକୁ ଦେଖି ବର୍ଷାର ହାଲ୍‌ଚାଲ୍ ବୁଝିବା ମୋ ସାଧ୍ୟ ବାହାରେ, ତମେ ଜାଣିଥିବ। ହଉ, ତା' ହେଲେ କୋଉଠି ଅପେକ୍ଷା କରିବା ?...ସିଏ କହିଲା, ଏଇ ପାଖରେ ଗୋଟେ ରେଷ୍ଟୁରାଣ୍ଟ ଅଛି, ସେଇଠିକି ଚାଲ ଯିବା। ରେଷ୍ଟୁରାଣ୍ଟରେ ପଶିଲାବେଳକୁ କାହାର କିଛି ସୋରଶବ୍ଦ ନଥିଲା। ମାତ୍ର ସାଢ଼େ ୬ଟା ହେଇଚି, କେହି ନାହାନ୍ତି। ନାଇଁ ଆମେ ଭିତରେ ପଶୁ ପଶୁ କା'ର ପାଟି ଶୁଭିଲା..ହୋଟେଲ୍ ବଏ।...ହିନ୍ଦୀରେ କହିଲା, ବୈଠିଏ ବୈଠିଏ...କ୍ୟା ଖାଏଂଗେ ?...ଯାକୁ ଦେଖିଲା ମାତ୍ରେ କହିଲା, ଆରେ ଆପ୍...ବହତ୍ ଦିନୌଁକେ ବାଦ୍ ଆଏ ହୋ।..ଇଏ ବି ସେଇ ହିନ୍ଦୀରେ କହିଲା, ହାଁ କୁଛ୍ କାମ୍ ଥା, ଇସଲିଏ ଆ ନେହିଁ

Digitized by PPRACHIN, SOA

ପାଇ।..ସେଠୁ ବଏ୍ ମେନୁଟାକୁ ବଢ଼େଇ ଦେଇ କହିଲା, କ୍ୟା ଲେଙ୍ଗେ ବୋଲିଏ ?...ହେଲେ ମେନୁରେ ମୋର ମନଲାଗୁନଥିଲା।...ମୁଁ ଭାବୁଥିଲି, ଏତେ ସୁନ୍ଦରିଆ ରେଷ୍ଟୁରାଣ୍ଟଟାରେ ଲୋକ କାହିଁକି ନାହାନ୍ତି ! ସେଠୁ ପଚାରିଲି ବଏ୍‌କୁ ଓଡ଼ିଆରେ। ସିଏବି ଓଡ଼ିଆରେ ଉତ୍ତର ଦେଲା, କହିଲା, ଆଜି ସଂକ୍ରାନ୍ତି ତ, ସେଥିପାଇଁ ଆସିନାହାନ୍ତି, ଆମର ପିଓରଲି ନନ୍-ଭେଜ୍। ଆରେ ହେ ଆଜି ସଂକ୍ରାନ୍ତି, ଜାଣିନଥିଲି। ସକାଳୁ ସକାଳୁ ଅଫିସ୍ ପଳେଇଆସିଚି, ଘରେ ବି କହିନାହାନ୍ତି, ଆଜି ମନ୍ଦିର ଯାଇଥା'ନ୍ତି ହେଲେ ! ସେତିକିବେଳକୁ ଏ ମାଡାମଙ୍କ ପାଖକୁ ଫୋନ୍ ଆସିଲା, ନାରୀ କଣ୍ଠ ଭଳି ଶୁଭୁଥିଲା। ମାଡାମ୍ ଉତ୍ତର ଦେଲେ, ମୁଁ ଭାଇଙ୍କ ସାଂଗରେ ଯାଉଚି, ଏବେ ଗୋଟେ ରେଷ୍ଟୁରାଣ୍ଟରେ ଖାଉଚୁ।...ବର୍ଷା ହଉଚି ତ, ଅପେକ୍ଷା କରିଚୁ।...ବର୍ଷା ଟିକେ ଛାଡ଼ିଲେ ବାହାରିବୁ। ମୁଁ ବୁଝିଗଲି, ଆମ ଘରୁ ଫୋନ୍ ଆସିଥିଲା, ସ୍ତ୍ରୀ କରିଥିଲେ। ଭଉଣୀ ପାଖକୁ କରିଥିଲେ, ହେଲେ ମୋ ପାଖକୁ କଲେନାହିଁ। ରାଗିଯାଇଛନ୍ତି ନା କ'ଣ ?...ନା ଅଭିମାନ ? ନା ଆଉ କିଛି ଭାବୁଛନ୍ତି ଆମ ଉଭୟଂକୁ ନେଇକି ?...ଭାବିଲି, ସେକଥା ଘରକୁ ଗଲେ ବୁଝିବା। ବର୍ତ୍ତମାନକୁ କିଆଁ। ହାତଛଡ଼ା କରିବା ?...ମୋର ଆଉ କିଛି ଖାଇବାକୁ ଇଚ୍ଛାନଥିଲା, ସଂକ୍ରାନ୍ତିଟାରେ କ'ଣ ବା ଖାଇହବ !..ନା ପିଇହବ ! ଶାଳୀ ମହାଶୟା ଭେଜ୍ ସୁପ୍ ପାଇଁ ଅର୍ଡର କଲେ। ହେଲେ ପିଓରିଲି ନନ୍-ଭେଜ୍ ରେଷ୍ଟୁରାଣ୍ଟରେ ଭେଜ୍ ସୁପ୍‌ର ଶୁଦ୍ଧତା କୁଆଡୁ ଆସିବ, ମୁଁ ଖାଲି ସେୟା ଭାବୁଥିଲି। ମାତ୍ର ଶାଳୀ ମହାଶୟାଙ୍କ ବାଧ୍ୟବାଧକତାରେ ପିଇବାକୁ ବାଧ୍ୟ ହେଲି। ସୁପ୍ ପିଇବା ଭିତରେ ସିଏ କହୁଥିଲା ଅନେକ ସମୟରେ ସେ ଏଠିକି ଆସେ, ଏଠି ଭଲ ଚିକେନ୍ ମୁଗଲାଇ ହୁଏ। ମଟନ୍, ପ୍ରନ୍ ଡିସ୍ ବି ଭଲ ହୁଏ। ମୁଁ କହିଲି, ହଉ ଠିକ୍ ଅଛି, ଆଉ କୋଉ ଆଇଁଷ ବାରରେ ଖୁଆଇଦବ ? ତୋଳାନଚେଇ କହିଲା, ହଉ ମୁଁ କଲ୍ କରିଦେବି।

ସମୟ ଗଡୁଛି, ଅଥଚ ବର୍ଷା ଛାଡୁନି। ମୁଁ ସେଠୁ ପ୍ରସ୍ତାବ ଦେଲି, ଏ ବର୍ଷା ଛାଡ଼ିବନି, ଚାଲ ଗୋଟେ ରେନ୍‌କୋଟ୍ କିଣିଦବା। ମୋର ଏ ରେନ୍‌କୋଟ୍‌ଟା ପୁରୁଣା ହେଇଗଲାଣି, ପାଣି ଗଳୁଚି, ମୁଁ ଆଉ ଗୋଟେ କିଣିଆନ୍ତି। ତମ ଖାତିରରେ କିଣି ହେଇଯିବ। ହେଲେ ରେନ୍‌କୋଟ୍ କିଣିବା ପାଇଁ ଯେତିକି ବାଟ ଯିବାକୁ ପଡ଼ିବ..ସେତିକି ବାଟ ଗଲାବେଳକୁ ତ ଓଦା ସରସର ହେଇଯିବା କଥା। ତେଣୁ ଏବେ ମୋ ରେନ୍‌କୋଟ୍‌ଟା ତମେ ପିନ୍ଧିଦିଅ। ସିଏ କିନ୍ତୁ ମନା କଲା, କହିଲା, ମୁଁ ଟିକେ ଟିକେ ଓଦା ହେଇଚି, ଆଉ ଟିକେ ହେଇଯିବି, ମୋର କିଛି ଅସୁବିଧା ନାହିଁ। ମତେ ଓଦା ହବାକୁ ଭଲଲାଗେ।...ହଉ ତମେ ଟିକେ ବସିଥାଅ, ମୁଁ ଟିକେ ବାଥ୍‌ରୁମରୁ ଆସେ।

...ମୋର ମନେପଡୁଥିଲା, ଠିକ୍ ଏଇକଥା ତା' ଭଉଣୀ ବି କହୁଥିଲା, ଯେତେବେଳେ ସିଏ ଆର୍‌ଡିରେ ପଢୁଥିଲା। ମୁଁ ତାକୁ ଦେଖା କରିବାକୁ ଏଇ ପାଖାପାଖି ଆସିଥିଲି, ସେତେବେଳେ ଏଇ ରେଷ୍ଟୁରାଣ୍ଟଟା ନଥିଲା। ସେଦିନ ଆମେ ଲସି ପିଉଥିଲୁ

Digitized by PPRACHIN, SOA

ଆଉ ବର୍ଷା କୁଢ଼େଇଥିଲା । ମୋ ପାଖରେ ରେନ୍‌କୋଟ୍ ଥିଲା, ହେଲେ ତା' ପାଖରେ ନଥିଲା । ମୁଁ ତାକୁ ରେନ୍‌କୋଟ୍ ଦେଲି, ହେଲେ ସିଏ ମନା କଲା, ଓଦା ହେଇ ଯିବାକୁ ତାକୁ ଭଲ ଲାଗେ ବୋଲି କହିଲା । ମତେ କିନ୍ତୁ ସଂକୋଚ ଲାଗୁଥିଲା, ଲୋକମାନେ ଅନେଇଥିଲେ । କ'ଣ ଭାବୁଥିବେ, ଝିଅଟାକୁ ଓଦା କରି କରି ନଉଚି, ନିଜେ ରେନ୍‌କୋଟ୍ ପିନ୍ଧିକି ଯାଉଚି !...ବାହାଘର ପରେ ବି ସ୍ଥିତି ସେୟା ଥିଲା । ଏବେ ଦିନେ ଆମେ ଦି'ଜଣ ବଜାର ଆସିଥିଲୁ, ବର୍ଷା କୁଢ଼େଇଲା, ହେଲେ ପାଖରେ ସେଇ ଗୋଟିଏ ରେନ୍‌କୋଟ୍ । ସିଏ ସେଇ ପୁରୁଣା କଥା କହୁଥିଲା, ମତେ ଓଦା ହେଇ ଯିବାକୁ ଭଲ ଲାଗେ । ତାକୁ ଓଦା କରି ମୁଁ ରେନ୍‌କୋଟ୍ ପିନ୍ଧି ଗଲାବେଳେ ମୁଁ କିନ୍ତୁ ଭାବୁଥିଲି, ଲୋକେ କ'ଣ ଭାବୁଥିବେ ! ନିହାତି ଭାବୁଥିବେ, ସ୍ୱାର୍ଥପର ଲୋକଟାଏ, ନିଜେ ରେନ୍‌କୋଟ୍ ପିନ୍ଧିକି ପଳଉଚି, ସ୍ତ୍ରୀଟାକୁ ଓଦା କରିକି ।...ସେଇକଥା ମୁଁ ତାକୁ କହିଲା ବେଳକୁ ସିଏ କହିଲା, ଲୋକେ ଅନେକ କଥା ଭାବୁଥିବେ, କହୁଥିବେ, ସେକଥା ଭାବିଲେ ତମେ କିଛି କରିପାରିବନି । ମୁଁ ରେନ୍‌କୋଟ୍ ନପିନ୍ଧିଲେ ଲୋକେ ସମାଲୋଚନା କରିବେ; ପିନ୍ଧିଲେ ବି ସମାଲୋଚନା କରିବେ, ତମକୁ ସ୍ତ୍ରୀବୋଲିଆ ବୋଲି କହିବେ । ମୁଁ ପଚାରିଲି, ଯଦି ଦି'ଜଣ ଯାକ ପିନ୍ଧିବାନି, ଓଦା ହେଇକି ଯିବା, ତେବେ କ'ଣ କହିବେ ?...ସିଏ କହିଲା...କହିବେ, ଦେଖହୋ, ବାହା ହେଲା ପରେ ବି କେମିତି ରୋମାନ୍ସ ଚାଲିଚି ଦେଖ, ରେନ୍‌କୋଟ୍ ଥାଉ ଥାଉ ଓଦା ହେଇକି ଯାଉଛନ୍ତି ।...ମୁଁ କହିଲି, ଠିକ୍ କଥା କହୁଚ ।

ଶାଳୀ ବାଥ୍‌ରୁମ୍‌ରୁ ଫେରି ହାତକୁ ହଲେଇଦେଇ ପଚାରିଲା, ଭାଇ କ'ଣ ଭାବୁଚ...ଯିବା ଏବେ ?...ମୁଁ କହିଲି, ହଉ ଚାଲ ।...ରେନ୍‌କୋଟ୍ ?...ସିଏ କହିଲା, ତମେ ପିନ୍ଧ ।..ଝିପିଝିପି ବର୍ଷା ହଉଥାଏ, ସୋରୁମ୍‌ରେ ପହଂଚିଲାବେଳକୁ ସିଏ ଟିକେ ଓଦା ହେଇଯାଇଥାଏ । କୋଉ ରେନ୍‌କୋଟ୍ କିଣିବା ?...ଭାବିଲି ଦାମୀଟେ ନକିଣିଲେ ଇମେଜ୍ ରହିବନି ।...ବେଶୀ ଦାମୀ କିଣିଲେ ଯଦି ପାଣି ଗଳିବ, ତେବେ କିଛି ଲାଭନାହିଁ, ତେଣୁ ମଧ୍ୟମ ଧରଣର ରେନ୍‌କୋଟ୍‌ଟେ ବାଛିଲି । ନାଇଁ ମୁଁ ବାଛିନି, ସିଏ ବାଛିଲା । ନ'ଶହ ଟଂକା ପଡ଼ିଲା । କିଣିସାରିବା ପରେ କହିଲି, ଏଇଟା ତମ ଦ୍ୱାରା ଇନାଗୁରେସନ୍ ହଉ, ଜଲଦି ପିନ୍ଧିପକା, ତମ ଦିଦି ବ୍ୟସ୍ତ ହଉଥିବ ।...ସିଏ କହିଲା, ନାଇଁ, ତମେ ପିନ୍ଧ, ନୂଆଟା ।...ମୁଁ କହିଲି, ଆରେ ତମେ ପିନ୍ଧ, କେତେ ଫର୍ମାଲିଟି ଦେଖଉଚ । ମୁଁ ତ ସବୁବେଳେ ପିନ୍ଧିବି, ତମେ ଥରୁଟେ ପିନ୍ଧିଦିଅ । ସେଠୁ ସିଏ ପିନ୍ଧିଲା । କିଛି ବାଟ ଆସିବା ପରେ କହିଲା, ଭାଇ ଟିକେ ଗାଡ଼ି ରଖ, ମୁଁ ଦି' ପଟେ ଗୋଡ଼ଦେଇ ବସିବି । ମୁଁ ଗାଡ଼ି ରଖିଲି ଗୋଟେ ଚା' ଦୋକାନରେ ।...ଚା' ଟିକେ ପିଇବା ପରେ ସିଏ ଦି' ପାଖେ ଗୋଡ଼ ରଖିକି ବସିଲା । ମଝିରେ ମଝିରେ ବିଜୁଳି ମାରିବା ବେଳେ ସେ ମତେ କୁଣ୍ଢେଇପକୁଥିଲା । ବାଟରେ ପଚାରୁଥିଲା, ଆଉ କୋଉଦିନ ମୁଁ ଫ୍ରି ହେଲେ ତମକୁ କଲ୍

Digitized by PPRACHIN, SOA

କରିବି, ଫିଲ୍ମ ଯିବା, ସେଇ ରେଷ୍ଟୁରାଣ୍ଟରେ ଚିକେନ୍ ମୁଗ୍‌ଲାଇ ଖାଇବା। ମୁଁ ପଚାରିଲି, କ'ଣ ଭଲ ଫିଲମ୍ ପଡ଼ିଚି କି ?...କୋଉ ଟକିଜ୍‌ରେ ?...ସିଏ କହିଲା, ଯୋଉ ଫିଲ୍ମ ପଡ଼ିଥାଉ, ମଲ୍‌ଟିପ୍ଲେକ୍ସରେ ଦେଖିବା।...ତମେ ମଲଟିପ୍ଲେକ୍ସରେ କେବେ ଦେଖିଚ ?..ମୁଁ କହିଲି ନାଇଁ, ଦେଖିନି। ତେବେ ସେତଟା ଆଗ୍ରହ ହଉନି। ଏବେ ଆଗ୍ରହ ହଉଚି, ପୁଅକୁ ନେଇ ଦେଖାନ୍ତି...ଚିଲଡ୍ରେନ୍ସ ଫିଲ୍ମ ପଡ଼ିଲେ ଦେଖାନ୍ତି।...ପ୍ଲାନିଟୋରିୟମ୍ ଆଡ଼େ ବୁଲେଇଆଣିଲେ ବି ତା'ର ଆଗ୍ରହ ବଢ଼ନ୍ତା। ମୋ କଥା ଶୁଣି ଶାଳୀ ଆଉ କିଛି କହିଲାନି। ଘରେ ପହଂଚିଲୁ। ସ୍ତ୍ରୀ ଦେଖୁଦେଖୁ ପଚାରିଲେ, କ'ଣ କରୁଥିଲ ଏତେବେଳ ଯାଏଁ ? ମୁଁ ଟିକେ ବିରକ୍ତ ହେଇକି କହିଲି, ତମ ଭଉଣୀକୁ ପରା ଫୋନ୍ କରିଥିଲ..ବର୍ଷା ତ ହଉଚି, ଜଲଦି କେମିତି ଆସିଥାନ୍ତୁ ? ଗୁଡ଼େ ସମୟ ଅପେକ୍ଷା କଲୁ ଆଉ ତା' ପରେ ରେନ୍‌କୋଟ୍ କିଣିଲୁ..ଆସିଲୁ। ହଉ କ'ଣ ଟିକେ ଖାଇବାକୁ ଦିଅ, ଭୋକ ଲାଗିଲାଣି।...ଧଡ଼ାସ୍ କି ଉତ୍ତର ମିଳିଲା, ରେଷ୍ଟୁରାଣ୍ଟ ଯାଇଥିଲ ପରା, ଏତେ ଜଲଦି ଭୋକ ହେଲାଣି ?...ମୁଁ କହିଲି, ରେଷ୍ଟୁରାଣ୍ଟ ଯାଇଥିଲୁ ଯେ, ହେଲେ ଯେତେବେଳେ ଜାଣିଲୁ ସଂକ୍ରାନ୍ତି ବୋଲି କିଛି ଖାଇନୁ, ଖାଲି ସୁପ୍ ପିଇକି ଆସିଲୁ।...ସିଏ ଖାଲି ଓହୋ କହିଦେଇକି ଚାଲିଗଲା।...ସେଇ ଓହୋରେ ଥିଲା ତାଚ୍ଛଲ୍ୟ ଓ ବିରକ୍ତିର ଭାବ। ସେଦିନ ରାତି ଭାରି ନିରସିଆ ଲାଗିଲା। ବର୍ଷା ପାଗରେ ଭାରି ଇଚ୍ଛା ହଉଥିଲା, ହେଲେ ସେଦିନ ସଂକ୍ରାନ୍ତି ଥିଲା..। ସହଜେ ମାଡାମଙ୍କର ମୁଣ୍ଡ ବିଗିଡ଼ିଯାଇଥିଲା।

ତା' ଆରଦିନ ରାଖୀ ପୂର୍ଣ୍ଣିମା ଥିଲା। ରାଖୀ ବାନ୍ଧିସାରି ଶାଳୀ ମହାଶୟା ପୁଣି ମୋ ସାଂଗରେ ଫେରିଲେ, ସିଏ ତାଙ୍କ ଅଫିସକୁ, ମୁଁ ମୋ ଅଫିସ୍‌କୁ। ଗଲାବେଳକୁ ବର୍ଷାହଉନଥିଲା, ତେଣୁ ରେନ୍‌କୋଟ୍ ପିନ୍ଧିବାର ଆବଶ୍ୟକତା ନଥିଲା। ହେଲେ ଆସିଲାବେଳକୁ କାଳେ ବର୍ଷାହେବ ସେଥିପାଇଁ ନୂଆ ରେନ୍‌କୋଟ୍‌ଟା ସାଂଗରେ ନେଇଗଲି। ବାଟରେ ଶାଳୀ କହିଲେ, ଭାଇ ରାକ୍ଷୀ ଟ୍ରିଟ୍ କୋଉଠି ଦବ ?..ମଲଟିପ୍ଲେକ୍ସରେ ତ ?..ମୁଁ କହିଲି, ହଉ ଦେଖିବା, ତମ ନାନୀ ହେରିକା ସାଂଗହେଇକି କୋଉଦିନ ଆସିବା।...ସିଏ କହିଲା, ଓହୋ, ନାନୀ ଆସିଲେ ଖାଲି ଖିଟ୍‌ଖିଟ୍ ହବ।...ମୁଁ କହିଲି ନାଇଁ ସମସ୍ତେ ଆସିବା, ସେଦିନ ଯଦି ହବ ୱାଟର ପାର୍କ ଯିବା, ଭଲକରି ଗାଧେଇବା, ଭାରି ମଜା ହବ। ସିଏ ଆଉ କିଛି କହିଲାନି। ତା' ନାନୀ ଆଉ ପିଲାଙ୍କ ସହଚର୍ଯ୍ୟ ବୋଧେ ସେ ଚାହୁଁନଥିଲା।

ସେଦିନ ଅଫିସ୍‌ରୁ ଫେରିଲାବେଳକୁ ବି ନିର୍ଘାତ୍ ବର୍ଷା। ନୂଆ ରେନ୍‌କୋଟଟା ପିନ୍ଧିକି ଆସିଲି, ହେଲେ ପୂରା ଓଦା ସରସର। ବିରକ୍ତ ଲାଗିଲା, ସେଇ ସୋ'ରୁମ୍ ଉପରେ..ଶ' ବ୍ରାଣ୍ଡେଡ୍ ଜିନିଷ କିଣିକି, ପାଣି ଗଳିଲା।..ବହେ ଗାଳିଦେଲି।...ସ୍ତ୍ରୀ କହିଲା, ଏଠି କାହିଁକି ପାଟି କରୁଚ ?...ଛିଗୁଲେଇକି କହିଲେ, ରେନ୍‌କୋଟଟା ଜମାରୁ ଭଲ

Digitized by PPRACHIN, SOA

ଲାଗୁନଥିବ ତମକୁ ?...ପାଣି ଗଳୁ ପଛେ ସେଇଟାକୁ ତମ ଆଲମିରାରେ ସାଇତିକି ରଖ।..ମୁଁ କହିଲି, ସାଇତିକି କାହିଁକି ରଖିବି, ସେଇଟାକୁ ନେଇ ଫେରେଇଦେବି, କଂପ୍ଲେନ୍ କରିବି। ସାଂଗେ ସାଂଗେ ସିଏ କହିଲା, କାଇଁ ଶ୍ରୀଲା ସେଇଟାକୁ ଇନାଗୁରେସନ୍ କରିଥିଲା, ଫେରେଇଦବ ?...ମୁଁ ବୁଝିଗଲି, ଝଟ୍‌କା ଟିକେ ଲାଗିଚି। କିଛି କହିଲିନି, ଚୁପ୍‌ଚାପ୍ ଗୀତ ଶୁଣିଲି।...ଟେନ୍‌ସନ୍ ଲାଗିଲେ ମୁଁ ଗୀତ ଶୁଣେ।...ସେଦିନ ରାତିରେ ଦେହଟା ଭାରି କସ୍‌ମସିଆ ଲାଗୁଥିଲା। ବହୁତ ଇଚ୍ଛା ହଉଥିଲା, ହେଲେ ସହଯୋଗ ମିଳୁନଥିଲା। ଭାବୁଥିଲି, ସେମିତି ବିଶେଷ କିଛି ତ ଘଟିନାହିଁ। ସାଧାରଣତଃ ଭିଣୋଇ-ଶାଳୀ ସଂପର୍କ ଏଇଭଳି। ଶାଳୀର ଇଚ୍ଛା ଥାଇପାରେ, ହେଲେ ମୁଁ ତ ଲକ୍ଷ୍ମଣରେଖା ଅତିକ୍ରମ କରିନି।..ହେଲେ ସ୍ତ୍ରୀ ଜାତିଙ୍କୁ କିଏ ବୁଝେଇବ, କିଛି ନିଆଁ ନଥାଇ ମଧ୍ୟ ଧୂଆଁ ବାହାର କରିଦେବେ !

ତା' ଆରଦିନ ଅଫିସ୍ ଗଲାବେଳେ ବାଟରେ ନୂଆ ରେନ୍‌କୋଟଟା ଫେରେଇଦେଲି..ବହୁତ ପାଟିତୁଣ୍ଡ ହେଲା। ଶୋ'ରୁମ୍ ମ୍ୟାନେଜର ଆସିଲେ। କହିଲେ, ଅଧିକା ବର୍ଷା ହେଲେ ସବୁ ରେନ୍‌କୋଟ୍‌ରେ ଏମିତି ପାଣିପଶେ। ମୁଁ କହିଲି, ବଢ଼ିଆ ଯୁକ୍ତି ଆପଣ କରୁଛନ୍ତି, ପାଣି ପଶିବ ଆଉ ଲୋକେ ଏତେ ଟଂକା ଦେଇ କିଣିବେ କ'ଣ ଓଦା ହବାକୁ ? ବହୁତ ପାଟିତୁଣ୍ଡ ପରେ ସେଇଟା ଫେରସ୍ତ ହେଲା। ଚାରି ପାଞ୍ଚ ଦିନ ପରେ ଶ୍ରୀଲା ଫୋନ୍ କଲା, ଭାଇ ମୁଁ ଆଜି ଟିକେ ତମ ସାଂଗରେ ଯିବି, ସେଦିନ କିଛି ଜିନିଷ ଛାଡ଼ିଦେଇକି ଆସିଥିଲି। କୋଉ ଜିନିଷ ମୁଁ ପଚାରିଲିନି, ମୁଁ ଜାଣିଥିଲି। ମୋର ମନେପଡ଼ିଲା, ଇଏ କହୁଥିଲା ସେଦିନ..ଶ୍ରୀଲା ତା' ବ୍ରା, ପ୍ୟାଣ୍ଟିଗୁଡ଼ାକ ଛାଡ଼ିଦେଇକି ଯାଇଚି ତାକୁ ନେଇ ଦେଇଦିଅ। ସେଗୁଡ଼ାକୁ ଗୋଟେ ବଡ଼ ପଲିଥିନ୍‌ରେ ଟିଭି ପାଖରେ ଥୋଇଦେଇଥିଲା। ମୁଁ ଭାବୁଥିଲି ଦିନକ ପାଇଁ ଆସିକି ଏତେଗୁଡ଼େ ଅନ୍ତଃବସ୍ତ୍ର କାହିଁକି ଆଣିଥିଲା !...ଭାବିଲି, ଇଏ କାଳେ କିଛି ଖାଇବା ଜିନିଷ ଭଉଣୀ ପାଇଁ ପଲିଥିନ୍‌ରେ ରଖିଥିବ ! ନାଇଁ ଖାଇବା ଜିନିଷ ନୁହଁ, କେବଳ ପିନ୍ଧିବା ଜିନିଷ ଥିଲା..ପାଞ୍ଚ-ସାତ ହଳ ଅନ୍ତଃବସ୍ତ୍ର। ତା' ଅର୍ଥ ଶ୍ରୀଲା କ'ଣ ଚାରି ପାଞ୍ଚଦିନ ରହିବା ଯୋଜନାରେ ଆସିଥିଲା ?...ଆମେ କେହି ରହିବାକୁ କହିଲୁନି ବୋଲି ପଳେଇଗଲା କି ?..ତେବେ ସେଦିନ ଅଫିସ୍ ଆସିଲାବେଳକୁ ପଲିଥିନ୍‌ଟାକୁ ଆଣିବାକୁ ମୋର ମନେ ପଡ଼ିନଥିଲା।

ସଂଧ୍ୟାରେ ମୋ ସାଂଗରେ ଘରକୁ ଯିବ ବୋଲି ଶ୍ରୀଲା ଫୋନ୍ କରିବାରୁ କହିଲି, ଆଜି ବି ବର୍ଷା ହଉଚି, ମୋ ପାଖରେ ଗୋଟେ ରେନ୍‌କୋଟ୍ ଅଛି, ସେଇ ପୁରୁଣାଟା...ନୂଆ ରେନ୍‌କୋଟ୍‌ରୁ ପାଣି ଗଳିଲା, ତେଣୁ ଫେରେଇଦେଲି।..ସିଏ ଚମକିଗଲା ମୋ କଥା ଶୁଣି, କହିଲା ସେଇଟା ଫେରେଇଦେଲ ?... ଯଦି ରଖିବାକୁ ଇଚ୍ଛା ନଥିଲା, ମତେ ଦେଇଦେଇଥାନ୍ତ।...ମୁଁ କହିଲି, ସେଇଟା ତମେ କ'ଣ କରିଥାନ୍ତ, ଜେଂଟସ୍

Digitized by PPRACHIN, SOA

ରେନ୍‌କୋଟ୍‌ଟା !..ସିଏ କହିଲା, ସ୍ମୃତି କରିକି ସାଇତି ରଖିଥାନ୍ତି।...ସେଦିନ ସିଏ ଆଉ ମୋ ସାଂଗରେ ଘରକୁ ଆସିନଥିଲା।ତା'ପରେ ବି' ଭଉଣୀଙ୍କ ଭିତରେ କ'ଣ ଖିଟ୍‌ପିଟ୍ ହେଲା କେଜାଣି, ଏବେ କେହି କାହା ସହ କଥା ହଉନାହାନ୍ତି। କଟି କ'ଣ ଡବଲ କଟି।...ଅନେକ ବର୍ଷ ହେଇଗଲାଣି ଆମ ଘରକୁ ଆସିନି, ରାଖୀ ପୂର୍ଣ୍ଣିମାରେ ବି ଆସିନି, ଅବଶ୍ୟ କୋରିଅରରେ ରାଖୀ ପଠେଇଦିଏ।..ସେଇଦିନଠୁ ମୁଁ ଆଉ ଗୋଟେ ରେନ୍‌କୋଟ୍ କିଣିପାରିନି, ସେଇ ପୁରୁଣାଟାରେ କାମ ଚଳଉଚି..ବର୍ଷା ହେଲେ ଓଦା ହଉଚି ପଛେ ଆଉ କିଣିନି।...ରାତିରେ ଦେହଟା କସମସିଆ ଲାଗିଲେ ଆଉ ଆଗଭଳି ସ୍ତ୍ରୀଙ୍କ ସହଯୋଗ ବି ମିଳୁନି। ଭୋକ ଲାଗୁଚି ବୋଲି କହିଲେ, ଛିଗୁଲେଇକି ଉତ୍ତର ମିଳୁଚି, ରେଷ୍ଟୁରାଂଟ୍ ଯାଇଥିଲ ପରା, ଏତେ ଜଲ୍‌ଦି ଭୋକ ହଉଚି ? ଅବଶ୍ୟ ଏ କଟାକ୍ଷରେ ଆଉ ରାଗ ଲାଗୁନି। ମନେପଡ଼ିଯାଉଛି ସେଇ ପୁରୁଣା କଥା। ପୁଣି ଫେରିଆସନ୍ତାକି ସେଇ 'ଅଫେରା ଅତୀତର ବର୍ଷା' !

●●●

Digitized by PPRACHIN, SOA

ମର୍ଣ୍ଣିଂ ୱାକ୍

"ବୟସ ବଢ଼ିଲାଣି, ମର୍ଣ୍ଣିଂ ୱାକ୍‌ଟା ନିହାତି ଜରୁରୀ। ଆପଣ ମର୍ଣ୍ଣିଂ ୱାକ୍ କରନ୍ତୁ, ବିପି କମିବ, କଲେଷ୍ଟୋରାଲ ବି କମିବ। ମେଡିସିନ୍ ଖାଇବା ଦରକାର ପଡ଼ିବନି।" ଡାକ୍ତରଙ୍କ ଏ କଥାକୁ ଜପାମାଳି କରି ମୁଁ ବାହାରିପଡ଼ିଥିଲି ମର୍ଣ୍ଣିଂ ୱାକ୍‌ରେ।...ସବୁଦିନ ମର୍ଣ୍ଣିଂ ୱାକ୍‌ରେ ଯାଉଥିବା ବଂଧୁମାନଙ୍କୁ ପୂର୍ବଦିନରୁ କହିଥିଲି, ଆରେ, କାଲିଠୁ ମୁଁ ମର୍ଣ୍ଣିଂ ୱାକ୍‌ରେ ଯିବି, ତମେମାନେ ଘଂଟା କଂପାନୀ ଛକ ପାଖରେ ଅପେକ୍ଷା କରିଥିବ। ସେଦିନ ଭୋରୁ ଭୋରୁ ଉଠି ଛକ ପାଖରେ ପହଂଚିଲା ପରେ ଆମେ ଚାଲିଲୁ ଘାଟି ଉପରକୁ। ମୁଁ ଟିକେ ପଛେଇଯାଉଥାଏ। ଚାଲିବାର ଅଭ୍ୟାସ ନାହିଁ, ପୁଣି ଅଦିନିଆ..କୁଆଡୁ ହବ ! ଆମଠୁ ଦଶ-ପନ୍ଦର ବର୍ଷ ଅଧିକ ବୟସର ଲୋକେ ଯେମିତି ହାତ, ଗୋଡ଼ ଛାଟି ବେଗେ ବେଗେ ଚାଲୁଥିଲେ, ଦେଖିକି ଆଶ୍ଚର୍ଯ୍ୟ ଲାଗୁଥିଲା। ଅଭ୍ୟାସ ବଳେ ସର୍ବସିଦ୍ଧି...ପ୍ରାକ୍ଟିସ୍ ମେକ୍ସ ଏ ମ୍ୟାନ୍ ପରଫେକ୍ଟ। ମର୍ଣ୍ଣିଂ ୱାକ୍‌ରେ ଅନେକ ପରିଚିତ ଲୋକ ଦେଖାହଉଥିଲେ...ସେମାନଂକ ସହ ପଦେ ଦି'ପଦ କଥା ହଉ ହଉ ସାଂଗମାନେ କହୁଥିଲେ ଜଲଦି ଜଲଦି ଯିବା..ଘାଟି ଉପରେ ପହଂଚିବା ପୂର୍ବରୁ ଯେମିତି ସୂର୍ଯ୍ୟ ଉଦୟ ହେଇନଥିବେ !..ଅବଶ୍ୟ ସେଦିନ ସୂର୍ଯ୍ୟ ଉଦୟ ହେଇନଥିଲେ, କାରଣ ଆଠଟା ପର୍ଯ୍ୟନ୍ତ କୁହୁଡ଼ି ଥିଲା। ଘାଟି ଉପରେ ପହଂଚିଲା ବେଳକୁ ଭାରି ଗରମ ଲାଗୁଥିଲା, ଦେହ ସାରା ପୂରା ଝାଳ ଗମଗମ। ସେଇଠି ଚା' ଦୋକାନଟେ ଥିଲା, ଚପାକସିଆ ଚା'ଟେ ପିଆହେଲା। ବଂଧୁମାନଙ୍କଠାରୁ ମୁଁ ଯାହା ଶୁଣିଲି, ଚା' ଦୋକାନୀ ଭାରି ସ୍ନେହୀ।...ପାହାନ୍ତାରୁ ଆସିକି ପହଂଚିଯାଆନ୍ତି ଘାଟି ଉପରେ। ଚା'ରୁ ତାଂକର ଭଲ ରୋଜଗାର। ହେଲେ ମର୍ଣ୍ଣିଂ ୱାକ୍‌ରେ ଯାଇଥିବା ବଂଧୁମାନେ ସେଦିନ କେଜାଣି କାହିଁକି ଟାହିଟାପରା କରି କହିଲେ, 'ନନା, ତମେ ଭିଡ଼କୁ ନୁହଁ'।..ଏ କଥା ଶୁଣି ଚା'ଦୋକାନୀଙ୍କର ମନ ଟିକେ ଦୁଃଖ ହେଇଯାଇଥିଲା। ମୁଁ ଯାହା ଖବର ନେଲି, ଚା' ଦୋକାନୀ ଭାରି ଆଡଜଷ୍ଟିଭ୍...ସ୍ୱଭାବଟା ଟିକେ ମାହିଆ ତ...ଚଳେଇ ନିଅନ୍ତି ସବୁକିଛି।

Digitized by PPRACHIN, SOA

ଆମେ ମର୍ଣ୍ଣିଂ ୱାକ୍‌ରୁ ଫେରିଲା ବେଳକୁ କିଛି ଲୋକ ଆମ ସାଂଗରେ ଆଗପଛ ହେଇ ଫେରୁଥିଲେ, ଆଉ କିଛି ଲୋକ ମର୍ଣ୍ଣିଂ ୱାକ୍ ପାଇଁ ଆସୁଥିଲେ।...ଶୀତ ସାଂଗକୁ କୁହୁଡ଼ି, ତେଣୁ ସଅଳ ସଅଳ ଉଠିକି ଆସିବାଟା ଭାରି କଷ୍ଟ। ମର୍ଣ୍ଣିଂ ୱାକ୍‌ରେ ଆପଣ କିଂତୁ ହରେକ୍ ରକମର ଲୋକଙ୍କୁ ପାଇବେ।...କିଏ ସ୍ୱାସ୍ଥ୍ୟ ପାଇଁ ଆସୁଚି ତ କିଏ ଫେସନ ପାଇଁ ଆସୁଚି..ବୁଲିଚାଲି, ସୁଖଦୁଃଖ ହେଇ, ଚା'ପିଇ ଫେରୁଚି। ଉଦ୍ଦେଶ୍ୟ ଯାହାବି ହେଉ, ମନ୍ଦ ନୁହଁ। ନାଇଁ ମନ୍ଦ ଉଦ୍ଦେଶ୍ୟବାଲା ବି ଅଛନ୍ତି।...ଆଜିକାଲିକା ଷଣ୍ଢମାର୍କା ଟୋକା।...ଫେରିଲା ବେଳକୁ ଏମିତି କିଛି ଟୋକାଙ୍କ ଦର୍ଶନ ମିଳିଲା।..ବୁଲେଟ୍ ରେସିଙ୍ଗ୍ କରି ଘାଟି ଉପରକୁ ଯାଉଥିଲେ।...ସେତିକିବେଳେ ଗୋଟେ ଇଂଟରେଷ୍ଟିଙ୍ଗ୍ ଘଟଣା ଘଟିଲା।..ଦୁଇ ଜଣ ଯୁବତୀ ଆଉ ଜଣେ ମହିଳା ମର୍ଣ୍ଣିଂ ୱାକ୍‌ରେ ଆସୁଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଯୁବତୀ ଭାରି ମଡର୍ଣ୍ଣ ଥିଲେ, ଡିପ୍ ନେକ୍ ବ୍ଲାଉଜ୍ ପିନ୍ଧି ଏକଦମ୍ ଖୋଲାମେଲା। ବେକରେ ମେଂଚେ ଗହଣା ପକେଇଥିଲେ। ମତେ ଆଶ୍ଚର୍ଯ୍ୟ ଲାଗୁଥିଲା, ଏତେ ଗହଣା ପକେଇ ଇଏ କେମିତି ମର୍ଣ୍ଣିଂ ୱାକ୍ କରିବାକୁ ଆସିଛନ୍ତି। ତା'ପରେ ଶୁଣନ୍ତୁ, କ'ଣ ହେଲା।...ବୁଲେଟ୍‌ରେ ଯାଉଥିବା ଟୋକାଂକ ଭିତରୁ ଦି' ତିନି ଜଣ ସମସ୍ୱରରେ କମେଂଟ୍ ମାରିବା ଆରଂଭ କରିଦେଲେ, କ'ଣ କଲାସେ !...ତା'ପରେ ଆଉ ଦି' ତିନି ଜଣ କହିଲେ, କ'ଣ ନ କଲାସେ! ତା'ପରେ ଦେଖନ୍ତୁ ଅବସ୍ଥା। ଯୁବତୀଙ୍କ ମଧ୍ୟରୁ ଜଣେ ପାଟିକରି ଅଭଦ୍ର ଭାଷା ଲଗେଇ କହିଲେ, ଶ' ତତେ ଫାଡ଼ିଦେବି। ଆଉ ଯାହା ଯାହା କହିଲେ, ତାହା ଏଠି ଲେଖିବା ସଂଭବ ନୁହେଁ।..ମତେ ଆଶ୍ଚର୍ଯ୍ୟ ଲାଗୁଥିଲା, ସେ ଟୋକାମାନଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ ଲାଗୁଥିଲା। ତୁରନ୍ତ ସେମାନେ ସେଠୁ ପଳେଇଲେ।..ହୁଏତ ଭାବିଥିବେ, ଇଏ କୌଣସି ପାୱାରଫୁଲ ଲୋକର ଝିଅ ହେଇଥିବ...କିମ୍ୱା ପୁଲିସ ହେଇଥାଇପାରେ।...ଯୁବତୀ ଜଣକର ଶୋଧାବକା କିନ୍ତୁ ଜାରି ରହିଥିଲା।

ମର୍ଣ୍ଣିଂ ୱାକ୍‌ରେ ଯାଉଥିବା ବଂଧୁମାନଙ୍କୁ ତା'ପରେ ମୁଁ ପଚାରିଲି, ଇଏ କିଏ ?...ଏମାନେ ବୋଧେ ଦି' ଭଉଣୀ, ଏକା ମୁହଁ ଭଳି ଲାଗୁଚି !..ସାଂଗରେ ତାଂକର ମା' ବୋଧେ !...ବଂଧୁମାନେ କହିଲେ, ନାଇଁ, କଥାଟା ସେୟା ନୁହଁ। ତୁମେ ଯାହାକୁ ଦି' ଭଉଣୀ ବୋଲି ଭାବୁଚ, ସେମାନେ ଦି'ଭଉଣୀ ନୁହନ୍ତି, ମା' ଝିଅ।..ଯିଏ ଭାରି ମଡର୍ଣ୍ଣ ଅଛି, ବେକରେ ମେଂଚେ ଗହଣା ପକେଇଚି, ସିଏ ହଉଚି ମା'; ଆଉ ତା'ଭଳି ଦିଶୁଥିବା ଯୁବତୀ ଜଣକ ହଉଚି ତା' ଝିଅ।...ସାଂଗରେ ଯାଉଥିବା ମହିଳା ଜଣକ ତାଂକର ପଡ଼ୋଶୀ।...ବଂଧୁମାନଙ୍କ କଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହେଇଗଲି।...କ'ଣ..ଏମାନେ ମା' ଝିଅ !...ଦେଖିଲେ ତ ଆଦୌ ଜଣାପଡୁନି।...ସେଠୁ ବଂଧୁମାନେ କହିଲେ, ହଁ, ଏ ମାଡାମ୍ ଭାରି ମଡର୍ଣ୍ଣ, ରୂପଚର୍ଯ୍ୟାରେ ଯାଂକର ବହୁତ ସମୟ ଯାଏ, ଘରେ ବିଉଟି

Digitized by PPRACHIN, SOA

ପାର୍ଲର ଅଛି, ସ୍ପା ଅଛି। ୟାଂକ ମାୟାରେ ଯିଏ ଥରେ ଫସିବ, ବାୟା ହେଇଯିବ ଆଉ ସର୍ବସ୍ୱ ହରେଇବ। ଘାଟି ଉପରେ ଚା' ଦୋକାନ କରିଥିବା ଲୋକ ଜଣକ ୟାଂକର ପ୍ରଥମ ଶିକାର। ଏ ମାଡାମ୍ ୟାଂକୁ କୁଆଡ଼େ ପ୍ରେମ କରିଥିଲେ...ସିଏ କୋଡ଼ିଏ ବର୍ଷ ତଳ କଥା।...ମାଡାମ୍ଙ୍କୁ ଏବେ ୪୫ ବର୍ଷ ଆଉ ଝିଅକୁ ୨୨ ବର୍ଷ ହେଲାଣି।..ଚା' ଦୋକାନୀ ଦିନେ ଭାରି ମନଦୁଃଖ କରି ଏକଥା ଶୁଣଉଥିଲେ।...ଏ ଝିଅ ହଉଚି ତାଂକରି ସୂତ୍ରରୁ।

ମା' ଝିଅ ଘାଟି ଉପରକୁ ଯାଇଥିଲେ ଦିନେ, ସ୍ୱାମୀ ହାତରୁ ଚା' ପିଇଲେ...ହେଲେ ବ୍ୟବହାର ଭାରି ଖରାପ...ତୁ ତା, ବେ ବାରେ କଥାବାର୍ତ୍ତା। ତୁ ତ ବଦଳିଲୁନି, ଚା'ରେ ଏତେ ମିଠା କ'ଣ ପକଉଚୁ, ଗାଉଁଲି କୋଉଠିକାର। ସେମାନଙ୍କ କଥା ଶୁଣି ଆମେ ପ୍ରଥମେ ଭାବିଥିଲୁ, ଏ ଚା' ଦୋକାନୀ ବୋଧେ ଏ ମାଡାମ୍ଙ୍କ ଘରେ ଚାକର ଥିଲା।...ହେଲେ ଖୋଳତାଡ଼ କରୁ କରୁ ଆମେ ଯାହା ଜାଣିଲୁ, ଇଏ ସାଂଘାତିକ କାହାଣୀ, ସାଂଘାତିକ ଘଟଣା। ଘଟଣାଟା ହେଲା, ଚା' ଦୋକାନୀ ବାବୁଙ୍କର ଗୁଡ଼େ ଜମିବାଡ଼ି ଥିଲା, ବାପା, ମା'ଙ୍କର ଗୋଟିଏ ବୋଲି ପୁଅ।...ହେଲେ ଗୋଟେ ଦୁର୍ଘଟଣାରେ ଉଭୟ ଚାଲିଗଲେ।...ସେତେବେଳକୁ ବୟସ ତାଂକର ୨୫ ବର୍ଷ।...ତା'ପରେ ତାଂକ ଜୀବନକୁ ଆସିଲେ ଏ ମହିଳା। ଗୋଟିଏ ଗାଁର..ମିଳାମିଶା ହେଲେ, ତା'ପରେ ବାହାଘର ହେଲା। ଝିଅଟେ ହେଲା। ହେଲେ ତା' ପରେ ପରେ ମାଡାମ୍ଙ୍କ ଖେଳ ଆରଂଭ ହେଇଗଲା।..ଅଧିକାଂଶ ଦିନ ରାତିରେ ତାଂକ ପାଟିତୁଂଡ ଶୁଭେ। ଯାହା ଶୁଣିବାକୁ ମିଳିଲା, ବୈବାହିକ ଜୀବନରେ ଭାରି ଅସନ୍ତୁଷ୍ଟ ଥିଲେ ଏ ମହିଳା।...ସେଇ ଅସନ୍ତୋଷକୁ ପ୍ରଶମିତ କରିବା ପାଇଁ କିଛି ଟୋକା ବି ବାହାରିଲେ। ସେମାନଙ୍କ ପାଇଁ ଦି' ଆଡୁ ଫାଇଦା।..ଦେହସୁଖ ମିଳିବ, ପୁଣି ମୋଟା ଟଂକା ବି ମିଳିବ। ମାଡାମ୍ ସେମାନଙ୍କ ଚକ୍ରାନ୍ତରେ ପଡ଼ି ସ୍ୱାମୀଂକୁ ଘରୁ ତଡ଼ିଦେଲେ।...ଫନ୍ଦିଫିକର କରି ସବୁ ସଂପତ୍ତି ହାତେଇନେଲେ। ତା'ପରେ ଅବସ୍ଥା ଏୟା। ଚା'ଦୋକାନୀ ଘାଟି ଉପରେ ଚା'ଦୋକାନ କରି ପେଟ ପାଇଁ ଦାନା ଗଂଡେ ଯୋଗାଡ଼ କରୁଛନ୍ତି। ସ୍ତ୍ରୀ ଏପଟେ ବାର ପୁରୁଷଙ୍କ ସାଂଗରେ ନଟର ପଟର।

●●●

Digitized by PPRACHIN, SOA

ଝାଳ

(୧)

ହଁ, ସିଏ ଯୋଉଦିନଠୁ ଆମ କଲେଜରେ ଜଏନ୍ କଲା, ସେଇଦିନଠୁ ତ...। କ'ଣ ସେଇଦିନଠୁ ? କିହୋ, କ'ଣ ହେଲା ସେଇଦିନଠୁ ?...ନାଇଁ, ଆଗେ ଆଗେ ସିଏ ଯେତେବେଳେ ଆସିଲା, ସେମିତି କିଛି ଖାସ୍ ଲାଗୁନଥିଲା..ନା ଚେହେରାରେ ନା ବ୍ୟକ୍ତିତ୍ୱରେ। ମତେ ଗୋରୀ ଭଲ ଲାଗନ୍ତି, ସିଏ କିନ୍ତୁ ଶ୍ୟାମଳୀ ଥିଲା...ଦେଖିବାକୁ ଠିକ୍ ନନ୍ଦିତା ଦାସ ଭଳି।..ଆମ ଓଡ଼ିଆ ଆକ୍ଟ୍ରେସ୍ ନନ୍ଦିତା ଦାସ ମ।..ମତେ ତନୁପାତେଳୀ ଭଲ, ହେଲେ ସିଏ ଟିକେ ତନ୍ଦୁରୁସ୍ତ ଥିଲା।...ସବୁ ନେଗେଟିଭ୍ କ୍ୟାରେକ୍ଟରିଷ୍ଟିକ୍ସ। ଭଲା ତମର ଜଣେ ସହାଧ୍ୟାୟୀ ହୋଇଥିବ ଆଉ ସିଏ ତମର ଆଦୌ ପସନ୍ଦ ହଉ ନଥିବ..କହିଲେ ଦେଖି ଏଭଳି ପରିସ୍ଥିତିରେ କାମ କରିହବ କି ? ନାଇଁ, ହବନି।...

ସେଦିନ ପ୍ରାକ୍ଟିକାଲ କ୍ଲାସ୍‌ରେ ସିଏ ଡ୍ରେସ୍ ଉପରେ ଧଳା ଆପ୍ରନ୍ ପିନ୍ଧିଥିଲା...ଲୁକ୍ସ ମନ୍ଦ ନ ଥିଲା। ତା' ମୁହଁକୁ ଟିକେ ଭଲକି ଦେଖିବାକୁ ଇଚ୍ଛା ହେଲା।...ଦେଖିଲି ବି।...ସେଦିନ ଅଳ୍ପ ପିଲା ଥିଲେ ପ୍ରାକ୍ଟିକାଲ କ୍ଲାସ୍‌ରେ, ତେଣୁ ମନଖୋଲି ଦେଖିବାରେ ବିଶେଷ କିଛି ଅସୁବିଧା ହେଲାନି।...ଭାବିଲି ସେମିତି କିଛି ଖରାପ ଚେହେରା ତ ନୁହଁ...ତଥାକଥିତ ସୁନ୍ଦରୀ ନ ହେଲେ ବି ଅପିଲିଙ୍ଗ୍ ଲୁକ୍ସ। ଲାଗୁଥିଲା ଆଖିରେ ଆଖିଏ ସ୍ୱପ୍ନ ଯେମିତି ତା' ଆଖିରେ ମାଖିହେଇଯାଇଚି। ମଝିରେ ତା' ଦୃଷ୍ଟି ପଡ଼ିଯାଇଥିଲା ମୋ ଉପରେ।...ଆଖି ଫେରେଇ ନେଇ ଯାଇଥିଲି। ସିଏ ବି ଟିକେ ଲାଜେଇ ଯାଇଥିଲା। ...ହଁ, ସେଇଦିନଠୁ ଏକରକମ ଗୋଟେ ପ୍ରକାର ଭାବ ଆସିଯାଇଥିଲା ଆମ ଦୁହିଁଙ୍କ ଭିତରେ। ହଁ, ବେଶୀ ଭାବ କେବେଠୁ କହିଲେ ? ...ସେଦିନ ପ୍ରାକ୍ଟିକାଲ କ୍ଲାସ୍‌ରେ ସେ ମୋର ପାଖାପାଖି ଠିଆହେଇଥିଲା।...କରେଣ୍ଟ ଚାଲିଯାଇଥିଲା, ପିଲେ ବାହାରେ ବୁଲାବୁଲି କରୁଥିଲେ। ତା' ଦେହରୁ ଝାଳ ଟିକେ ଟିକେ ବୋହୁଥିଲା।...ବୋହୁଥିଲା ମାନେ କାଖ ଆଡୁ ଟିକେ ଓଦା ହେଇଯାଇଥିଲା। ହେଲେ ବହୁତ ସମୟ ଧରି କରେଣ୍ଟ ନ ଆସିବାରୁ

Digitized by PPRACHIN, SOA

ଝାଳ ତା' କାଖ ପାଖର କିଛି ଅଂଶକୁ ସଂପୂର୍ଣ୍ଣ ଓଦା କରିଦେଇଥିଲା।...ଇତିମଧ୍ୟରେ ଆପ୍ରନ୍‌ଟାକୁ ସେ ଦେହରୁ ଓହ୍ଲେଇଦେଇଥିଲା। ତା' ପାଖରେ ରୁମାଲ ଥିଲା, କିନ୍ତୁ ସେଥିରେ ସିଏ ମୁହଁକୁ ପୋଛିପାରୁନଥିଲା। କାରଣ କିଛି ସମୟ ପୂର୍ବରୁ ରୁମାଲଟା ତଳେ ପଡ଼ିଯାଇଥିଲା।...ତା' ଅସହାୟତା ଯଦିଓ ମତେ ସହାନୁଭୂତିଶୀଳ କରାଉଥିଲା, ତେବେ ଆଉ କିଛି ସମୟ ମୁଁ ସେଇ ଅସହାୟତାକୁ ଟିକେ ଉପଭୋଗ କରିବାକୁ ଚାହୁଁଥିଲି।...କାରଣ ଝାଳ ଯୋଗୁଁ ଯଦିଓ ତା' ମେକ୍‌ଅପ୍ ଟିକେ ଛାଡ଼ିଯାଇଥିଲା, ତେବେ ତା'ର ସେଇ ରଂଗ ଭାରି ଭଲ ଲାଗୁଥିଲା ମତେ।...ଭାବୁଥିଲି ମତେ ତ ଗୋରୀ ଭଲ ଲାଗନ୍ତି, ଏ ଶ୍ୟାମଳୀ କେମିତି ? ?...ଆଉ ବେଶୀ ସମୟ ତା' ଅସହାୟତାର ମଜା ନ ନେଇ ମୋ ପକେଟ୍‌ରେ ଥିବା ରୁମାଲଟାକୁ ବଢ଼ାଇଦେଇଥିଲି। ମୋ ହାତରୁ ଭାରି ସନ୍ତର୍ପଣରେ ସେ ସେଇଟାକୁ ନେଇଯାଇ ମୁହଁ ପୋଛିଥିଲା।...ଖାଲି ମୁହଁ କ'ଣ, ବେକ, ହାତ ସବୁ ପୋଛିଥିଲା। କିଛି ସମୟ ପରେ ରୁମାଲଟାକୁ ଫେରେଇ ଦେଇଥିଲା ଟିକେ ହସିଦେଇ ଆଉ ଚାଲିଯାଇଥିଲା ତା' ଘରକୁ।..ହସିଲା ମାନେ ଫସିଲା: ସେୟା ମୁଁ ଧରିନେଇଥିଲି। ମୁଁ ବି ଫେରିଥିଲି ଘରକୁ। ବାଥ୍‌ରୁମ୍ ଯାଇ ରୁମାଲଟାକୁ ଧୋଇବାକୁ ଯାଉଥିଲି। ରହିଗଲି, ରୁମାଲଟାକୁ ଟିକେ ମୁହଁରେ ଲଗେଇଦେଲି।...ଆଃ କି ବାସ୍ନା।...ସିଏ ଝାଳ ପୋଛୁଥିଲା ନା ପର୍‌ଫ୍ୟୁମ୍!

ହଁ, ପ୍ଲସ୍ ଟୁ ପରେ ସିଏ କୁଆଡ଼େ ଗଲା କେଜାଣି, ମୁଁ କିଛି ପତ୍ତା ଠିକାନା ପାଇଲିନି। ତା' ସାଙ୍ଗମାନଙ୍କୁ ବହୁତ ପଚାରିଲି, ତେବେ କେହି କିଛି କହିପାରିଲେନି। ଖାଲି ଗୋଟେ ଖବର ପାଇଲି, ସିଏ ଏଠି ତା' ମାମୁଘରେ ରହି ପଢୁଥିଲା।..ତେବେ ତା' ମାମୁଘର କୋଉଠି, ମାମୁ କିଏ..ଏସବୁ ଜାଣିବାରେ ତ ମୁଁ ସମର୍ଥ ହୋଇପାରିଲିନାହିଁ, ତା' ନିଜ ଘର ଠିକଣା ଜାଣିବା ଦୂରର କଥା।...ଏବେ ଫେସ୍‌ବୁକ୍ ଖୋଜୁଥିଲି କାଳେ ମିଳିଯିବ କି!...ହଁ, ସିଏ ବାହା ଫାହା ହେଇସାରିଥିବ!...ସ୍ୱାମୀ କି ଚାକିରି କରୁଥିବ ?...ସଫ୍ଟଓୟାରବାଲା ନିହାତି ହେଇଥିବ ?...ଫରେନ୍‌ରେ ଥାଇପାରେ ?...ଛୁଆ ପିଲା ? ନାଇଁ ହେଇନଥିବେ...ଫରେନ୍‌ରେ ଯେତେବେଳେ ଥିବେ, ଏତେ ଶୀଘ୍ର ଛୁଆପିଲା ଝାମେଲାରେ ପଶିନଥିବେ!...ଲାଇଫ୍‌ଟାକୁ ମସ୍ତ ଏନ୍‌ଜଏ କରୁଥିବେ ମ!...ତା' ସ୍ୱାମୀ ତା' ଝାଳର ଗନ୍ଧକୁ ପସନ୍ଦ କରୁଥିବ ତ ମୋ ଭଳି!...ନାଇଁ ସମସ୍ତେ କ'ଣ ମୋ ଭଳି ହେଇଥିବେ ନା କ'ଣ ?...ସିଏ ମେଂଚାଏ ଡିଓ ନ ହେଲେ ପର୍‌ଫ୍ୟୁମ୍ ଲଗଉଥିବ ବୋଧେ!... ଯାହା କୁହ ପଛେ, ମୋ ପ୍ରତି ତା'ର ସେଇ ଭାବଟା ଥିବ, ମୁଁ ସିଓର।...ତା'ର ଝାଳ ବୋହିଲେ, ସିଏ ମୋ କଥା ମନେ ପକଉଥିବ ନା!...ଧେତ୍ ଫରେନ୍‌ରେ କୋଉ ଝାଳ ବୁହେ ?...ଘରେ ଏସି, କାର୍‌ରେ ଏସି, ଅଫିସ୍‌ରେ ଏସି।...ନାଇଁ ଯାହା କୁହ ପଛେ, ସିଏ ଏସିରେ ଥାଉ କି ନନ୍-ଏସି, ମତେ ମନ ପକଉଥିବ...ଭାବକୁ କିଏ ଦୂରେଇ ଦେଇପାରିବ ଭଲା!

Digitized by PPRACHIN, SOA

(୨)

ହଁ, ଭାବ କଥା କହୁଥିଲି ପରା। କଲେଜ ପଢ଼ା ସରିଲା, ୟୁନିଭରସିଟି ବି ସରିଲା। ଏବେ ଚାକିରି ବାକିରି, ଘର ସଂସାର କଥା।...ପ୍ରେମ ଫ୍ରେମ ତ ହେଲାନାହିଁ, ତେଣୁ ବାପା, ମା'ଙ୍କ କଥାରେ ରାଜି ହବା ଛଡ଼ା ଅନ୍ୟ ଗତି କିଛି ନ ଥିଲା। ଅଥଃ ବାହା ହବାକୁ ପଡ଼ିଲା। ନାଇଁ ସବୁ କିଛି ମୋ ପସନ୍ଦରେ ହେଲା। ପନ୍ଦର-କୋଡ଼ିଏ ପାତ୍ରୀଙ୍କୁ ଦେଖିବା ପରେ ଗୋଟିକରେ ଅଟକିଗଲି ହୋ।...ଅତି ସୁନ୍ଦର ଥିଲା?...ଗୋରୀ ଥିଲା??...ବହୁତ ପାଠଶାଠ ପଢ଼ିଥିଲା??...ଭଲ ଦବା ନବା ବି କରିଥିଲା??...ହଁ, ସେ ସବୁ କଥା ଠିକ୍‌ଠାକ୍ ଥିଲା ମୋ ଖୋଜିବା ମତେ, ମୋ ଚାହିଁବା ମତେ..ମୋ ପରିବାର ଚାହିଁବା ମତେ।...ଆପଣ ଭାବୁଛନ୍ତି କି, ଖାଲି ମୁଁ ଏସବୁ ଦେଖିକି ବାହା ହେଇଥିଲି।...ହଁ, ଏଗୁଡ଼ା ଥିଲା ଆଡ଼ିସନାଲ କ୍ୱାଲିଫିକେସନ।...ପ୍ରକୃତ କ୍ୱାଲିଫିକେସନଟା କ'ଣ ଥିଲା କହିଲେ?...ଯୋଉଦିନ ମୁଁ ତାକୁ ଦେଖିବାକୁ ଯାଇଥିଲି, ସେଦିନ ସେ ଶାଢ଼ିଟେ ପିନ୍ଧିଥିଲା।...କୋଲ୍ଡ୍ରିଂକ୍ସ ଆଣି ଆସୁଆସୁ ଗୋଡ଼ରେ ଶାଢ଼ି ଲାଗି ଝୁଣ୍ଟିପଡ଼ିଥିଲା ଆଉ ସିଧା ଆସି ମୋ ଉପରେ।...ଅବସ୍ଥା କ'ଣ ହେଇଥିବ ଭାବନ୍ତୁ ତ! ଅବଶ୍ୟ ସେଠି ମୋ ସାଂଗରେ କେବଳ ମୋର ଜଣେ ସାଂଗ ଥିଲା।...କୋଲ୍ଡ୍ରିଂକ୍ସ ମୋ ଦେହରେ ଢଳିଯାଇଥିଲା।...ତେବେ ଏଇ ଅବସ୍ଥାରୁ ପ୍ରକୃତିସ୍ଥ ହେବା ପାଇଁ କିଛି ସମୟ ଲାଗିଯାଇଥିଲା ଆମକୁ। ବନ୍ଧୁ ଟିକେ ଆଡୁଆଳ ହେଇଯାଇଥିଲେ; ଆମକୁ ସୁଯୋଗ ଦେବା ପାଇଁ ହେଉ କି ଅଧିକ ଲଜ୍ଜିତ ନ କରିବା ପାଇଁ।...ଆମ ଉଭୟଙ୍କ ପାଟିରୁ ଏକାସାଂଗରେ ସରି ବାହାରିପଡ଼ିଥିଲା। ଅସଂଭାଳ ଅବସ୍ଥା।...କି ଆକର୍ଷଣ ଥିଲା ସେ ଦେହର! କି ବାସ୍ନା ଥିଲା ସେ ସ୍ପର୍ଶର! ସତେ ଯେମିତି ପଦ୍ମିନୀ ଜାତୀୟା ନାରୀଟେ ମୋ ଆୟତ୍ତ ଭିତରେ ଅଛି।..ହଁ, ବାସ୍ନାଟା କ'ଣ ଥିଲା କହିଲେ?..ପରଫ୍ୟୁମ୍‌ର?..କେଜାଣି ସିଏ ପରଫ୍ୟୁମ୍ ଲଗେଇଥିଲା କି କ'ଣ ମୁଁ ଜାଣିନଥିଲି, ତେବେ ତା' ଦେହର ଗନ୍ଧ..ତା' ଝାଳର ଗନ୍ଧ ମତେ ତା' ପ୍ରତି ପ୍ରଲୁବ୍ଧ କରିପକେଇଥିଲା।...ଯେମିତି ଅନ୍ୟ ସମସ୍ତେ ସବୁ କିଛି ପଚରାପଚରି କରନ୍ତି ସ୍ତ୍ରୀ ବାଛିଲାବେଳେ, ସେକଥା ହେଇପାରିନଥିଲା ଏଠି।...ହଁ, ସେଇଟା ପରଫ୍ୟୁମର ବାସ୍ନା ହଉ କି ତା' ଝାଳର ଗନ୍ଧ, ମତେ ଭଲ ଲାଗିଥିଲା।...ସେଇ ଭଲ ଲାଗିବା ହିଁ ଆମ ବାହାଘରର ରୂପ ନେଇଥିଲା। ବାହାଘରର ବର୍ଷେ ଦି ବର୍ଷ ମତେ ତା' ଝାଳ ଭଲ ଲାଗିଥିଲା, ତାକୁ ବି ମୋ ଝାଳ ଭଲ ଲାଗିଥିଲା।..ଏମିତି ଭଲ ଲାଗିଥିଲା ଯେ, ସେଇ ନିବିଡ଼ ମୁହୂର୍ତ୍ତମାନଙ୍କରେ ପରସ୍ପରର ଝାଳ ଆସ୍ୱାଦନ କରିବାରେ ଆମର ଥିଲା ସ୍ୱର୍ଗୀୟ ଆନନ୍ଦ।...ଏବର କଥା ପଚାରୁଛନ୍ତି?...କୁଆଡ଼େ ସେଇ ଦିନଗୁଡ଼ାକ ଗଲା?..ସେଇସବୁ ଅନିଦ୍ର ରଜନୀ...ଥାଉ, ସେ କଥା ଆଉ ମନେପକେଇ ଲାଭନାହିଁ।...ନାଇଁ ମନେପକେଇବାକୁ ପଡ଼ିବ, ନ ହେଲେ ଏ ଗପଟା ଅଧୁରା ରହିଯିବ

Digitized by PPRACHIN, SOA

ଯେ !...ହଁ, ଆଜ୍ଞା ଆପଣ କହିପାରନ୍ତି ଆଧା ଅଧୁରା।...ଅଧୁରା ସ୍ୱପ୍ନ ଭଳି ବାସ୍ତବିକତାଟା ବି ବେଳେବେଳେ ଅଧୁରା।...ଅଧୁରା ବାସ୍ତବିକତା।...ନାଇଁ, ଏତେ ଗୌରଚନ୍ଦ୍ରିକା ନାଇଁ, ପ୍ରସଂଗକୁ ଆସିବା।...ହଁ, ବାହାଘରର ଠିକ୍ ଅଢ଼େଇ ବର୍ଷ ପରେ ତାକୁ ମୋ ଝାଳ ଭଲ ଲାଗିନଥିଲା।...ରୀତିମତ ତା'ର ଗୋଟାଏ ଅଭିଯୋଗ ଥିଲା..ତମ ଦେହ ଗନ୍ଧଉଚି।...ତା' କଥା ଶୁଣି ପ୍ରଥମେ ପ୍ରଥମେ ମୁଁ ନଜର ଅନ୍ଦାଜ କରିଦେଇଥିଲି, ହେଲେ ଧୀରେ ଧୀରେ ଟିକେ ସିରିୟସ ହେଲି... ଭାବିଲି ହେଇଥିବ କାଳେ...କାଳେ ଏଇଟା କୋଉ ରୋଗ କି ?...ସେଇ ସନ୍ଦେହରେ ଡାକ୍ତରଙ୍କୁ ଦେହ ଦେଖେଇଲି, ଡାକ୍ତର କହିଲେ ସେମିତି କିଛି ନୁହେଁ।...ସାଂଗସାଥୀଙ୍କୁ ପଚାରିଲି, ମୋ ଦେହ ଗନ୍ଧଉଚି କି ?...ସେମାନେ ମନା କଲେ।...ମୋ ଅନୁସନ୍ଧିତ୍ସା ବଢ଼ିବାରେ ଲାଗିଲା...ମୋ ଦେହ ଗନ୍ଧେଇବାଟା କାଳେ ଗୋଟେ ବାହାନା କି ?...ଆଉ କ'ଣ ଅଛି କି ପର୍ଦ୍ଦା ପଛରେ ?..ହଁ, ମୋ ଅନୁମାନ ସତ ହେଲା ?...ତାକୁ ମାନେ ମୋ ସ୍ତ୍ରୀକୁ ମୋ ଦେହ..ମୋ ଝାଳ ଗନ୍ଧେଇବା ପଛର କାରଣଟା ଥିଲା ଏୟା: ସିଏ କାଳେ କଲେଜ ପଢୁଥିବା ବେଳେ କାହାକୁ ଜଣକୁ ଭଲ ପାଉଥିଲା...ହଁ, ସେ ଟୋକାର ଝାଳକୁ ବି ଇଏ ଭଲ ପାଇଥିଲା।...ସେଇ ଝାଳ ପରା...ସେଇ ଝାଳ ଯୋଗୁଁ ଦି' ଜଣଯାକ ଧରାପଡ଼ିଥିଲେ ହୋଟେଲରୁ।... ଟୋକା ଏରିଆ ଛାଡ଼ି ବାହାରକୁ ପଳେଇଥିଲା...ବାହାରେ ପାଠ ପଢ଼ିଲା ଆଉ ବିଦେଶ ଗଲା..ସେଠି ଚାକିରି କଲା।...ହଁ, ଇଏ ମାନେ ମୋ ସ୍ତ୍ରୀ (...ଆପଣ ତାକୁ ପୂର୍ବତନ ସ୍ତ୍ରୀ କିମ୍ବା ୱାନ୍ସ ଅପନ୍ ଏ ଟାଇମ୍ ସି ୱାଜ୍ ମାଇଁ ୱାଇଫ୍ ବୋଲି ବି କହିପାରନ୍ତି), ସେତିକି ବେଳକୁ ୟାର ମୋ ସାଂଗରେ ବାହା ପ୍ରସ୍ତାବ ପଡ଼ିଲା ଆଉ ବାହାଘର ବି ହେଇଗଲା।...ହଁ, କହୁଥିଲି ପରା, ବାହାଘରର ଠିକ୍ ଅଢ଼େଇ ବର୍ଷ ପରେ ତାକୁ ମୋ ଝାଳ ଭଲ ଲାଗିନଥିଲା।...କାହିଁକି ନା ତା'ର ସେଇ ପୂର୍ବତନ ପ୍ରେମିକ ବିଦେଶରୁ ଫେରିଆସିଥିଲା।..ଝାଳକୁ କ'ଣ ଭୁଲିହବ ନା ଭାବକୁ ?...ତେଣୁ ପତ୍ନୀ ଏବେ ତା' ପୂର୍ବତନ ପ୍ରେମିକ ସଂଗରେ 'ଝାଳ ଝାଳ' ହଉଚି।

(୩)

ଆଉ ଏବେ ମୋ କଥା, ମୋ ସ୍ଥିତି ?...ମୁଁ ଗୋଟେ କ୍ଳାନ୍ତ ପଥିକ, ଅଧୁରା ସ୍ୱପ୍ନର ନାୟକ। ଆଧା ଅଧୁରା ଭାବଟା ଢେର ସମୟ ମତେ ଆକ୍ରାମାକ୍ରା କରୁଚି ମ ! ବାଇଗଣ ଯେମନ୍ତ କଇଁଛିଣିଆ ହେଇଯାଏ, ସେମନ୍ତ ଅବସ୍ଥା ବୋଲି କହିପାରନ୍ତି। ହଁ, ଏଇ କିଛି ଦିନ ହେଲା ମୋ ସ୍ୱପ୍ନରେ ଟିକେ ପର ଲାଗିଚି।...ପରୀଟାଏ ତ !...ଆପଣ ୟାକୁ ଏକ୍ସଟ୍ରା ମ୍ୟାରିଟାଲ୍ ଆଫାୟର୍ସ ବୋଲି କହିପାରନ୍ତି। ସୁପ୍ରିମ୍ କୋର୍ଟ ତ କହିଛନ୍ତି, ପରକୀୟା ଅପରାଧ ନୁହେଁ।...ନାଇଁ ଏକଥାଟା ସେମିତି କିଛି ନୁହେଁ।...ଯାହାକୁ ଆପଣ ଆଫାୟର୍ସ ବୋଲି ଭାବନ୍ତି, ସେଭଳି କିଛି ହେଇନାହିଁ।...ନାଇଁ ମତେ ଯାହା ଭାବନ୍ତୁ ପଛେ, ସେ ଝିଅଟା ବାବଦରେ ସେମିତି କିଛି ଭାବନ୍ତୁନି, ତୁଚ୍ଛାଟାରେ ତାକୁ ବଦ୍‌ନାମ

Digitized by PPRACHIN, SOA

କରନ୍ତୁନାହିଁ।...ଭଲ ଝିଅଟାଏ...ଭାରି ମାର୍ଜିତ, ଭାରି ସଂଯତ।...ମଡର୍ଣ୍ଣ କିନ୍ତୁ ଫାଜିଲ୍ ନୁହଁ ଆଜିକାଲିକା ଝିଅଙ୍କ ଭଳି।...ହଁ, ସିଏ ଆଜିକାଲି ମୋ ସ୍ୱପ୍ନରେ ଆସିଯାଉଚି।...କେତେବେଳେ ପାଖରେ ବସି ମୁଣ୍ଡକୁ ଆଉଁଶି ଦଉଚି ତ, କେତେବେଳେ ମନ ଜାଣି କଫି କପ୍‌ଟେ ଧରେଇଦଉଚି।...ଆଉ କେତେବେଳେ ପ୍ୟାଣ୍ଟ ସାର୍ଟ ଇସ୍ତ୍ରି କରିକି ଅଫିସ୍ ଗଲା ବେଳକୁ ବଢ଼େଇ ଦଉଚି।...ହଁ କିଛି ଦିନ ତଳେ ସବୁଠୁ ସୁଖଦ ସ୍ୱପ୍ନଟେ ଦେଖିଥିଲି ମ, ତାକୁ ନେଇକି।...ଆମେ ପାର୍କ ଯାଇଥିଲୁ ସାଂଗହେଇ...ହଠାତ୍ ସିଏ ମୋ ଗାଲରେ ବସେଇଦେଇଥିଲା।...ଚଟକଣା ନୁହଁ ମ ଚୁମ୍ବା।...କ'ଣ ନା କ'ଣ ମୋର ହେଇଯାଇଥିଲା।...କବି ଫବିମାନେ କୁହନ୍ତିନି କି...ଶିହରଣ ଖେଳିଯାଇଥିଲା।...ତା' ମାନେ ଆପଣ କ'ଣ ଭାବୁଛନ୍ତି ମୁଁ ଆଗରୁ କେବେ ଚୁମ୍ବା ଖାଇନଥିଲି !...ହଁ ଖାଇଥିଲି ଯେ, ତା' ଚୁମ୍ବାଟା ଥିଲା ନିଆରା।...ହଁ, ଆଉଦିନେ ସାଂଘାତିକ ସ୍ୱପ୍ନଟେ ଦେଖିଦେଇଥିଲି ମ...ନାଇଁ ସାଂଘାତିକ ମାନେ ଗୋପନୀୟ...ତାକୁ ନେଇ ଗୋପନୀୟ ନିଷିଦ୍ଧ ସ୍ୱପ୍ନଟେ ଦେଖିଦେଇଥିଲି।...କ'ଣ ଦେଖିଥିଲି ?...ନାଇଁ କହିହବନି, ସବୁ କଥା କହିଦେବିନା କ'ଣ ?...ସେ ଭାବକୁ..ସେ ରଂଗକୁ, ସେ ସଂଗକୁ କ'ଣ ଭାଷା ଦେଇହବ !..ହଁ କିଏ କ'ଣ ଭାଷା ଦେଇଥିବେ...ମୁଁ କବି, ସାହିତ୍ୟିକ ନୁହଁ, ମୁଁ ଭାଷା ଦେଇ ପାରିବିନି।...ଆରେ ହେ, ମୁଁ ସ୍ୱପ୍ନଗୁଡ଼ାକୁ ବଖାଣି ଚାଲିଚି ହୋ।...ସ୍ୱପ୍ନ କ'ଣ ସତ ହୁଏ ?

...ହଁ, ଆଉ ଗୋଟେ କଥା କହିବାକୁ ଭୁଲିଯାଇଥିଲି ମ...ଗୋଟାଏ ଦିନରେ ତା'ର ଆଉ ମୋର ଜନ୍ମ... ଗୋଟେ ଦିନରେ ପରସ୍ପରକୁ ହାପି ବାର୍ଥଡେ କହିହବ।...କହିହବ କ'ଣ, କହିହେଇଥିଲା।...ଭାରି ଖୁସିଲାଗିଥିଲା ସେଦିନ...ସେ ମୋ ଜନ୍ମଦିନ କଥା ଜାଣି ମତେ ଉଇସ୍ କରିଥିଲା ଆଉ ତା'ର ବି ସେଇଦିନ ଜାଣି ମୁଁ ବି ତାକୁ ଉଇସ୍ କରିଥିଲି।...ଭାରି ଭଲ ଲାଗିଥିଲା ସେଦିନ।...ଆମ ଦି ଜଣକର ରାଶି ବି ଏକା ଥିଲା...ଆଉ କ'ଣ ଏକା ?...ବ୍ଲଡ୍ ଗ୍ରୁପ୍ ।...ଆଉ କ'ଣ ଏକା ଥିଲା ?...ଭାବ। ତା' ମୋ ଭାବ ଭାରି ମିଶୁଥିଲା।...କେଜାଣି କେମିତି ସିଏ ଜାଣିପାରୁଥିଲା, ମତେ କେତେବେଳେ ଭୋକ ଲାଗୁଚି। ବିସ୍କୁଟ୍ ପ୍ୟାକେଟ୍‌ଟେ ଆଣି ଧରେଇଦେଉଥିଲା।...କୋଉଦିନ ମୋର କେମିତି ମୁଡ୍, ସିଏ ଜାଣିପାରୁଥିଲା।...ଅନେକ ସମୟରେ ମତେ ଲାଗୁଥିଲା ସିଏ ବୋଧେ ମୋ ମନକଥା ଜାଣିପାରୁଚି।...ହଁ, ତା' ସାଙ୍ଗରେ କେମିତି ଭାବଟା ହେଲା, ଆପଣ ଜାଣିବାକୁ ଅନୁସନ୍ଧିତ୍ସୁ ହେଇପଡ଼ିବେଣି।...ସେଇ ଝାଳରୁ ପା ଭାବ।...ଏ ଝାଳ ବି କି ନାଟ, କି ଭାବ ଲଗଉଚି ! ସେଇ ଭାବରୁ କେତେବେଳେ ପ୍ରାଚୁର୍ଯ୍ୟ ତ କେତେବେଳେ ଅଭାବ। ହଁ, ଝାଳରୁ ଭାବ...ସିଏ ଥିଲା ଅଫିସ୍‌ରେ ମୋର ପର୍‌ସୋନାଲ ଆସିଷ୍ଟାଣ୍ଟ।...ତେଣୁ ପାଖାପାଖି ରହିବାଟା

Digitized by PPRACHIN, SOA

ସ୍ୱାଭାବିକ।...ଆଉ ସେଇ ସ୍ୱାଭାବିକତା ଭିତରେ ଅସ୍ୱାଭାବିକତା ଥିଲା ମୋର ତା' ପ୍ରତି ଆକର୍ଷଣ ମାନେ ଗୋଟେ ବିବାହିତ ଲୋକ ଗୋଟେ ଅବିବାହିତା ଯୁବତୀ ପ୍ରତି ଆକର୍ଷିତ ହୋଇପଡ଼ିବା।...ହଁ, ସିଏ ମୋ'ଠୁ ସାତ ଆଠ ବର୍ଷ ସାନ ଥିଲା।...ବୟସର ସେମିତି ଗୋଟେ ବଡ଼ ବ୍ୟବଧାନ ନ ଥିଲା।...ବାହା ହବାକୁ ହେଇଥିଲେ ଏ ବୟସର ତାରତମ୍ୟଟା ସେମିତି ଗୋଟେ ବାଡ଼ ହେଇନଥାନ୍ତା।...ନାଇଁ ସେ ବାହା ଫାହା କଥା ଛାଡ଼ନ୍ତୁ, ସ୍ୱପ୍ନ କଥା ମନେପଡ଼ିଯିବ!...ହଁ, ଆକର୍ଷଣଟା କେମିତି ହେଲା?...ଝାଳରୁ।...ସିଏ ଯେତେବେଳେ ପାଖେପାଖେ ରହୁଥିଲା, ତା' ଝାଳର ଗନ୍ଧରେ ଭାରି ବାସୁଥିଲା ମ!...ନାଇଁ ଭୁଲ୍ କହିଲି, ଗନ୍ଧ ନୁହଁ ଝାଳର ବାସ୍ନାରେ ବାସୁଥିଲା।...ସେ ଯେମିତି ଜାଣିପାରିବନି, ସେଥିପେଇଁ ମୁଁ ଧୀରେ ଧୀରେ ସେଇ ବାସ୍ନାକୁ ନାକରେ ନେଉଥିଲି।...ଆଃ ଅପୂର୍ବ ସେ ବାସ୍ନାର ଆନନ୍ଦ...ଚିନ୍ମୟ ଆନନ୍ଦ। ନାଇଁ ଆପଣଂକୁ ଭାଷାରେ ବୁଝେଇହବନି।...ଝାଳରେ ତା' କାଖତଳ ଜକେଇଗଲେ ମତେ ଭାରି ଭଲ ଲାଗୁଥିଲା।...ତାକୁ ଭଲ ଲାଗୁଥିଲା କି ନାଇଁ?...ମୁଁ ସେକଥା ଜାଣିନି।...କିନ୍ତୁ ମୁଁ ତା' ଝାଳକୁ ଆଘ୍ରାଣ କରୁଥିବାର ସିଏ ବୋଧେ ଜାଣିଦେଇଥିଲା ଆଉ ସେଇଦିନଠୁ ସିଏ ମେଂଚାଏ ପରଫ୍ୟୁମ୍ ବୋଳିକି ଆସିଲା।...ସେଇଦିନଠୁ ଏ ଅଧୁରା ସ୍ୱପ୍ନର ନାୟକ ବିଫଳତାର ଗ୍ଳାନିରେ ଜର୍ଜରିତ ହେଉଚି।..ସେପଟେ ଯାହା ଝାଳକୁ ଭଲ ପାଇ ବାହାହେଇଥିଲି, ସିଏ ପାଖରେ ନ ଥିଲା ଆଉ ଏଠି ଯାହା ଝାଳକୁ ଭଲ ପାଇଲି, ସିଏ ବି???...ସିଏ ବି କେମିତି ଜାଣିବ, ମୁଁ ତା' ଝାଳକୁ ଏତେ ଭଲ ପାଉଚି ବୋଲି; ମାନେ ତାକୁ ଏତେ ଭଲ ପାଉଚି ବୋଲି।...ଯଦି ବା ଜାଣେ ମୁଁ ତାକୁ ଭଲ ପାଉଚି ବୋଲି, ଝାଳଟା କେମିତି ଗୋଟେ ବଡ଼ କାରଣ ଜଣକୁ ଭଲ ପାଇବାର?...ମୋ ଭାବଟା ବି ଏମିତି ଖୋଲାମେଲା ନ ଥିଲା ଯେ, ତାକୁ କିଛି ଜଣେଇହବ, କିଛି କହିହବ। କାରଣ ସାମାଜିକ ପ୍ରତିବନ୍ଧକଟା ବେଶୀ ବେଶୀ ବାଟ ଅଣ୍ଟାଳୁଥିଲା।...ସିଏ କ'ଣ ମୋ ଅଧୁରା ସ୍ୱପ୍ନର ନାୟିକା ହେଇପାରିବ, ଏ ପ୍ରଶ୍ନ ବେଶୀ ବେଶୀ ଘାରିହଉଥିଲା ମୋ ମନରେ।...ମୋ ଶରୀରଟା ବି ବେଶୀ ବେଶୀ ସନ୍ତୁଳି ହେଉଥିଲା ତା' ଅଭାବରେ।...ଭାବ ଥିଲା ସିନା... ହେଲେ କହିପାରନ୍ତି ଏକପାଖିଆ।...ସେଇ ଆଧା ଅଧୁରା ଭାବ... କଇଁଛିଣିଆ ବାଇଗଣ ଭଳି...।

●●●

Digitized by PPRACHIN, SOA

ବିଉଟି ସେନ୍ସ

ସେଦିନ ଅଫିସ୍ ବାହାରିଲା ବେଳକୁ ଧର୍ମପତ୍ନୀ ଝିଙ୍ଗାସି ପକେଇଲେ..ତମର କିଛି ସେନ୍ସ ନାହିଁ..କଳା ଗେଂଜିଟା ଉପରେ ଧଳା ସାର୍ଟଟାକୁ ପିନ୍ଧିପକେଇଚ..ଧଳା ସାର୍ଟ ଯଦି ପିନ୍ଧିବାର ଥିଲା, ତା'ହେଲେ ଧଳା ଗେଂଜି ସିନା ପିନ୍ଧିଥାନ୍ତ ! ପତ୍ନୀଙ୍କ ବିରକ୍ତିମିଶା ମୁହଁ ଦେଖି ମୁଁ କହିଲି, ସରି ସରି, ତରବରରେ ଜାଣିପାରିଲିନି..ଏବେ ଆଉ ସମୟ ନାହିଁ ଚେଂଜ୍ କରିବାକୁ। ମୁଁ ଆସୁଚି, ବାଏ୍ ଡିଅର।

ତରବର ହେଇ ଅଫିସ୍ ବାହାରିଲି..ବର୍ଷା କାତୁଥିଲା। ରେନ୍‌କୋଟ୍ ପିନ୍ଧିଲି, ସେଇଟା କିନ୍ତୁ କାମକୁ ନୁହଁ..ପାଣି ଗଳିଯାଉଥିଲା ଭିତରକୁ। ଅଫିସରେ ପହଂଚି ରେନ୍‌କୋଟ୍‌ଟା ଉତାରିଲା ବେଳକୁ ପ୍ୟାଂଟ୍ ସାର୍ଟ ସବୁ ସରସର। ଅନ୍ତଃବସ୍ତ୍ରଗୁଡ଼ାକ ବି ନିସ୍ତାର ପାଇନଥିଲା।..ଧଳା ସାର୍ଟ ଭିତରେ କଳାଗେଂଜି ପୂରା ଜଣାପଡୁଥିଲା। ସେତିକିବେଳେ ମୋର ଧର୍ମପତ୍ନୀଙ୍କ କଥା ମନେପଡୁଥିଲା...ତମର କିଛି ସେନ୍ସ ନାହିଁ। ଏଇଲେ ଅଫିସ୍ କଲିଗ୍‌ମାନେ କ'ଣ ଭାବିବେ, ଏ ଲୋକଟାର ଡ୍ରେସ୍ ପିନ୍ଧିବାରେ କିଛି ସେନ୍ସ ନାହିଁ।

ସେଦିନ କେବଳ ମୁଁ ଓଦା ହେଇନଥିଲି, ଅନେକ ଓଦା ହେଇଥିଲେ। କେବଳ କାରରେ ଆସୁଥିବା କିଛି ବଡ଼ବଡ଼ିଆ ବର୍ତ୍ତିଯାଇଥିଲେ ଓଦା ହବାରୁ। ବର୍ଷା ମାଡାମ୍ ବି ସେଦିନ ଓଦା ହେଇଯାଇଥିଲେ। ଗତ କିଛିଦିନ ହବ ସେ ଜଏନ୍ କରିଛନ୍ତି ଆମ ଅଫିସରେ। ସିଏବି ମୋ ଭଳି ତିନ୍ତିଯାଇଥିଲେ, ଭିଜିଯାଇଥିଲେ। ବର୍ଷା ବି ବର୍ଷାକୁ ଏମିତି ଭିଜେଇପାରେ ! ସିଏ ରେନ୍‌କୋଟ୍ ପିନ୍ଧି ଆସିନଥିଲେ, ଛତା ଆଣିକି ଆସିଥିଲେ, ହେଲେ ଛତା ତାଂକ ଆୟତ୍ତ ଭିତରେ ରହିଲାନି, ଉଡ଼େଇନେଲା ବାରମ୍ବାର। ଅଫିସରେ ପହଂଚି ସେଇକଥା ସେ କହୁଥିଲେ। ସମସ୍ତେ ଚାତକ ଭଳି ଶୁଣୁଥିଲେ ମାଡାମ୍ ବର୍ଷାଙ୍କ ବର୍ଷାଭିଜା ଅନୁଭୂତି। ଖାଲି କ'ଣ ଶୁଣୁଥିଲେ, ଦେଖୁଥିଲେ। କ'ଣ ଦେଖୁଥିଲେ ?...ସେନ୍ସକୁ

Digitized by PPRACHIN, SOA

ଦେଖୁଥିଲେ। ଯୋଉ ସେନ୍ସ ବାବଦରେ ମୁଁ ସେଦିନ ପତ୍ନୀଙ୍କ ଠାରୁ ସମାଲୋଚିତ ହୋଇଥିଲି। ହାଃ ହାଃ..ହଁ ପାଠକେ, ବର୍ଷା ମାଡାମ୍ ବି ସେଦିନ ବିନା ସେନ୍ସରେ ଆସିଥିଲେ। ଧଳା ଟି' ସାର୍ଟ ଭିତରେ ସେ ପିନ୍ଧିଥିଲେ ନାଲି ଅନ୍ତଃବସ୍ତ୍ର। ଆପଣ ମାନନ୍ତୁ କି ନ ମାନନ୍ତୁ, ଭାରି ମ୍ୟାଚ୍ କରୁଥିଲା। ହାଃ ହାଃ..ମତେ ଯାହା ଲାଗୁଥିଲା, କଲିଗ୍‌ମାନେ ତାଂକର ଏଇ ମ୍ୟାଚିଙ୍ଗକୁ..ସେନ୍ସକୁ ବେଶ୍ ପସନ୍ଦ କରୁଥିଲେ।..

ମୁଁ ଭାବୁଥିଲି ଧର୍ମପତ୍ନୀଙ୍କ କଥା। ଆମ ପୁରୁଷ ଲୋକମାନଙ୍କର ପିନ୍ଧିବାରେ, ପୋଷାକ ବାଛିବାରେ ସେନ୍ସ ନାହିଁ..କିନ୍ତୁ ମହିଳାମାନଙ୍କର ତ ଅଛି ନା। ମାଡାମ୍ ବର୍ଷା ତ ଆଧୁନିକା, ସବୁଦିନ ଭେରାଇଟି ଭେରାଇଟି ଡ୍ରେସ୍ ପିନ୍ଧି ଆସନ୍ତି, ତାଂକର କ'ଣ ଡ୍ରେସ୍ ସେନ୍ସ ନାହିଁ, ସିଏ ତ ଧଳା ଟି' ସାର୍ଟ ଭିତରେ ଧଳା ଅନ୍ତଃବସ୍ତ୍ର ପିନ୍ଧିପାରିଥାନ୍ତେ! ହେଲେ ଧଳା ଭିତରେ ନାଲି!

●●●

Digitized by PPRACHIN, SOA

ସଂପର୍କର ସେଫ୍ଟିପିନ୍

ସବୁ କିଛି ଠିକ୍‌ଠାକ୍ ଚାଲିଥିଲା, ତେବେ କାହିଁକି କେଜାଣି ଭାଂଗିଗଲା ସେଇ ସଂପର୍କ..ତୁଟିଗଲା ସେଇ ବଂଧୁତା ଆଉ ହଜିଗଲା ସେଇ ପ୍ରୀତି !....ଆମ ସଂପର୍କର ସେଭଳି କିଛି ନାଁ ବି ନ ଥିଲା, ଆମ ଭିତରେ ସେଭଳି କିଛି ଲୁଚାଛପା ବି ନଥିଲା।...ବଂଧୁତାରେ ନ ଥିଲା ସ୍ୱାର୍ଥ କି ପ୍ରୀତିରେ ନ ଥିଲା କଳଂକ; ତଥାପି ଭାଂଗିଗଲା ସେଇ ସଂପର୍କ, ତୁଟିଗଲା ସେଇ ବଂଧୁତା ଆଉ ହଜିଗଲା ସେଇ ପ୍ରୀତି !...ସଂପର୍କ ତୁଟିବାର ବେଶୀ କିଛି ସୋରଶବ୍ଦ ବି ନ ଥିଲା । ହଠାତ୍ ଦିନେ ଆବିଷ୍କାର କଲି ଦେଖି ନଦେଖିଲା ଭଳି ଭାବ.. ତା' ପରେ ତ କଟିଲା ସଂପର୍କ ସେଇଦିନୁ କଥାବାର୍ତ୍ତା ବନ୍ଦ।...ସେଇଠୁ ଠପ୍ ଆମର ଦୀର୍ଘ ଦଶ ବର୍ଷର ସଂପର୍କ।...ଏବେ ମୁହାଁମୁହିଁ ହେଇଗଲେ ଲାଗୁଚି ତା' ପାଖରେ ମୋ ପାଇଁ ଅଛି ଖାଲି ଘୃଣା ଆଉ ତିରସ୍କାର... ।...ମୁଁ ବି ବୁଝିପାରୁନି ମୋର ଭୁଲ କ'ଣ ? ମୋର ଭୁଲ କ'ଣ ? ? ମୋର ଭୁଲ କ'ଣ ? ? ? କୋଉଠି ରହିଲା ମୋର ଦୋଷ ? ? ? ?...ଫାଶୀରେ ଚଢ଼ିବା ପୂର୍ବରୁ ଦୋଷୀକୁ ପଚରାଯାଏ; ତା' ଶେଷ ଇଚ୍ଛା କ'ଣ..ଅଥଚ ସଂପର୍କ ଭାଂଗିବା ପୂର୍ବରୁ କହିଲ ନାହିଁ କାହିଁକି ଭାଂଗିଲ ସଂପର୍କ ? ? ? ? ?

ତମେ ପରା କହୁଥିଲ...ମୋ ଉପରେ ତମର ଢେର ଭରସା, ଯାହାକୁ ତମେ ଭରସିକି ଦି ପଦ ଅତି ଆପଣାର କଥା କହିପାରିବ, ବାଣ୍ଟିପାରିବ ଜୀବନର ସବୁ ସୁଖ ଆଉ ଦୁଃଖ...ହସ ଆଉ କାନ୍ଦ। ମନେ ଅଛି...ତମେ କହୁଥିଲ ତମ ପରିବାର ଲୋକଂକୁ ଛାଡ଼ିଦେଲେ ଆଉ ଦି ଜଣକ ଉପରେ ତମର ଭାରି ଭରସା ଜଣେ ଭରତ ଭାଇ ଆଉ ଜଣେ ମୁଁ...। ମୁଁ ପଚାରିଥିଲି, ସତରେ ଏତେ ଭରସା ତମର ମୋ ଉପରେ ! ତମେ ଟିକେ ଲାଜମିଶା ହସରେ କହିଥିଲ ହଁ। ଆଉ ଭରତ ଭାଇଙ୍କ ଉପରେ ତମ ଭରସା ?

Digitized by PPRACHIN, SOA

ନା, ସେକଥା ମୁଁ ତମକୁ ପଚାରିନଥିଲି..ତମ ଲାଜମିଶା ହସର ହଁ ଆଉ ଭରସାର ସାର୍ଟିଫିକେଟ୍‌କୁ ନେଇ ମୁଁ ଟିକେ ବେଶୀ ଖୁସି ହେଇଯାଇଥିଲି ତ ! ଆଉ କିଏ କାଳେ ମୋ ପ୍ରତିଦ୍ୱନ୍ଦ୍ୱୀ ହେଇଯାଉଚି ସେକଥାକୁ ନିଘା ରଖିନଥିଲି।...ହଁ, ଭରସା କଥା କାହିଁକି ଆସିଲା ? ମନେ ଅଛି...ସେଦିନ ଅଟୋ ଷ୍ଟ୍ରାଇକ୍ ଥିଲା ଆଉ ତମେ ମତେ ହିଁ ଭରସା କରିଥିଲ..ତୁମ ରୁମ୍‌ରେ ନେଇ ଛାଡ଼ିଦବାକୁ... । ଅଟକେଇଥିଲ କିଛି ସମୟ..ଗର୍ମାଗର୍ମ ବାଇଗେଣି, ପକୁଡ଼ି ଆଉ କଫିର ଆତିଥ୍ୟ ଦବାକୁ...ସେତେବେଳେ ବେଶ୍ ଭଲ ଲାଗିଥିଲା ତୁମର ସେଇ ଆତିଥ୍ୟ...ତୁମର ସେଇ ଭରସା । ହଁ, ପୁସ୍ତକମେଳା କଥା ମନେ ଅଛି ନା ନାଇଁ ?..ସେଦିନ ବାପା ବି ଯାଇଥିଲେ ମେଳାକୁ..ବାପାଙ୍କ ସହ ତୁମ ପରିଚୟ କରାଇଦବାକୁ ଚାହିଁଥିଲି...ହେଲେ ତମେ ମନା କରିଥିଲ। ମନେଅଛି, ଗୋଟେ ଦି'ଟା ଏକ୍‌ଜିବିସନ ବି ମୁଁ ତମକୁ ନେଇ ଯାଇଚି। ତମେ ମୋ ପାଇଁ ଦି'ଟା ସାର୍ଟ ବି ପସନ୍ଦ କରିଦେଇଥିଲ। ହଁ, ସେ ସାର୍ଟଗୁଡ଼ାକ ଏବେ ବି ଅଛି। କଲାର ଛିଣ୍ଡିଗଲାଣି, କଫ୍ ବି ଘୋରିହେଇଗଲାଣି; ତଥାପି ପିନ୍ଧୁଚି। ମନେ ପଡୁଚି.. ତମକୁ ଦିନେ ସେଫ୍ଟିପିନ୍‌ଟେ ମାଗିଥିଲି, ତମେ ପଚାରିଥିଲ ତମର ସେ ଜିନିଷଟା କ'ଣ ଦରକାର ? ମୁଁ କହିଥିଲି ତମେ ଦିଅ ଆଗ ସେଇଟା, ଏଇଲେ ମୋର ଭାରି ଦରକାର...ଏକଦମ ଜରୁରି। ତମେ ଜିଦ୍ ଧରି ବସିଥିଲ, କହିଲ କାରଣଟା ନ କହିବା ପର୍ଯ୍ୟନ୍ତ ଦେଇହବନି। ମୁଁ କହିଥିଲି, ପ୍ଲିଜ୍ ଦିଅନା।..କୋଉଥିପାଇଁ ଦରକାର, ପଚାରନା। ହେଲେ ତମେ ଦେଇନଥିଲ, କି ଜିଦି ଥିଲା ତମର.. । ଶେଷରେ କହିଥିଲି ମୋ ପ୍ୟାଂଟ୍‌ର ଚେନ୍ କାମ ଦଉନି।...ଯଦି ସେଫ୍ଟିପିନ୍‌ଟା ଦବନି, ତା'ହେଲେ ମୁଁ ଅପଦସ୍ତ ହେବି। ସେଠୁ ତମେ ଚୁପ୍‌ଚାପ୍ ଲାଜମିଶା ହସରେ କହିଥିଲ, ଆଖି ବନ୍ଦ କର, ତା'ପରେ ଯାଇ ଦେବି। ମୁଁ ଆଖି ବନ୍ଦ କରିଥିଲି, ଆଉ ତା'ପରେ ତୁମେ ବଢେଇଦେଇଥିଲ ସେଫ୍ଟିପିନ୍। କୋଉଠୁ ବାହାର କଲ ସେଇଟା, ମୁଁ ଜାଣିପାରିଲିନି।

ମନେ ଅଛି, ତମେ ମୋ ଅଟୋଗ୍ରାଫ୍ ବୁକ୍‌ରେ ଲେଖିଦେଇଥିଲ ନା; 'ଜୀବନ ତମାମ ମୋର ଭଲ ବଂଧୁଟିଏ ହେଇ ରହିଥାଅ'..ସେଇ ଲେଖା ଆଉ ତା' ତଳେ ତମ ସନ୍ତକ ଏବେ ବି ଦେଖେ ମୁଁ ..ଭାରି ମନେ ପଡ଼ ତମେ, ସେଇ ପୁରୁଣା ସଂପର୍କ...ସେଇ ସ୍ମୃତି...ସେଇ ଭରସା। ଧେତ୍ ଭରସା ? ତା'ନାଁ ନିଅନି, ଏବେ ସେ ଭରସା ଆଉ କ'ଣ ଅଛି ? ଏବେ ତ ତମ ସାଂଗରେ କଥାବାର୍ତ୍ତା ବି ବନ୍ଦ...ହଁ, ବେଳେବେଳେ ତମ ଆଖିରେ ଆଖି ମିଶିଯାଏ, ହେଲେ ତମେ ଆଖି ଫେରେଇନିଅ.. । ଭାବେ ଥରେ ଯଦି ଆଖି ଫେରାନ୍ତନି; ପଚାରିଦିଅନ୍ତି କି...କୁଆଡ଼େ ଗଲା ସେ ଭରସା..ସେ ସଂପର୍କ..ସେ ସ୍ମୃତି..ସେ ପ୍ରୀତି ? କୋଉଠି ରହିଲା ମୋ ଭୁଲ ? ? କ'ଣ ମୋର ଦୋଷ ? ? ?..ଫାଶୀରେ ଚଢ଼ିବା ପୂର୍ବରୁ ଦୋଷୀକୁ ପଚରାଯାଏ; ତା' ଶେଷ ଇଚ୍ଛା କ'ଣ..ଅଥଚ ସଂପର୍କ ଭାଂଗିବା ପୂର୍ବରୁ କହିଲ ନାହିଁ..କାହିଁକି ଭାଂଗିଲ ସଂପର୍କ ? ? ? କାହିଁକି ଭାଂଗିଲ ସଂପର୍କ ? ? ? ●●●

Digitized by PPRACHIN, SOA

ଆଉ ଭଲ ଲାଗୁନି ଫୁଲ

ଫୁଲ...ଭାରି ଭଲ ଲାଗେ ଫୁଲ।...ପ୍ରେମିକ/ପ୍ରେମିକାଟେ ପରି, ଗେଲ କରିବାକୁ ଇଚ୍ଛା ହୁଏ, ଯେତେବେଳ ପର୍ଯ୍ୟନ୍ତ ପାଖରେ ଅଛି ଫୁଲ।...କଲେଜ ବେଳର କଥା ଏବେ ବେଶ୍ ମନେ ପଡୁଚି, ଯୋଉଦିନ ମୁଁ ଫୁଲଟେ ଆଣି...ଗୋଲାପ ଫୁଲ ମ... ତାକୁ ଦେଇଥିଲି, କହିଥିଲି ମତେ ଭଲ ଲାଗେ ଫୁଲ..ତମକୁ ଯଦି ଭଲ ଲାଗୁଥାଏ, ତା' ହେଲେ ରଖ; ନ ହେଲେ ଫିଙ୍ଗିଦିଅ। ସେଦିନ ସିଏ ଖାଲି ସେ ଫୁଲକୁ ରଖିନଥିଲା, ଭାରି ଗେଲ କରିଥିଲା ବି। ମୋ ଆଗରେ ନୁହଁ, ଲୁଚି ଲୁଚି... ଭ୍ୟାନିଟ୍‌ରୁ ବାରମ୍ବାର ଫୁଲଟା କାଢ଼ି ଗେଲ କରୁଥିଲା ସିଏ। ଆପଣ ଭାବୁଥିବେ, ମୁଁ କେମିତି ଜାଣିଲି ? କାରଣ ତା'ର ଗୋଟେ ସାଙ୍ଗକୁ ତା' ପଛରେ ଗୁପ୍ତଚର କରିକି ଲଗେଇଦେଇଥିଲି। ସିଏ ଆସି ମତେ ସେଇକଥାସବୁ କହୁଥିଲା। ସେତେବେଳେ ମତେ ସେଇକଥାଗୁଡ଼ାକ ଭାରି ଭଲ ଲାଗୁଥିଲା ଯେ।

...ହଁ, ସେ ଫୁଲଟାକୁ ସେ ବହୁତ ଦିନ ଧରି ରଖିଥିଲା ତା' ଭ୍ୟାନିଟିରେ।...ମଝିରେ ମଝିରେ ସେଥିରେ ଟିକେ ପରଫ୍ୟୁମ ବି ଢାଳିଦଉଥିଲା। ମୋ ପାଖରେ ଯାହା ଖବର ଥିଲା, ସେ ଫୁଲଟା ପାଖାପାଖି ବର୍ଷେ ତା' ଭ୍ୟାନିଟି ଭିତରେ ଥିଲା।...ଯେହେତୁ ଏ ଫୁଲଟାକୁ ସିଏ ନିଜ ପାଖରେ ରଖିଥିଲା, ମୁଁ ଆଉ ତାକୁ ଫୁଲ ଦବାକୁ ଚେଷ୍ଟା କରିନି। ହଁ, କଲେଜ ଇଲେକ୍ସନରେ ମୁଁ ଯେତେବେଳେ ଛିଡ଼ା ହେଇଥିଲି, ଫୁଲଟେ ଦେଇଥିଲି ପ୍ରୁସିଙ୍ଗ୍ କାର୍ଡ ସହ। ସେଇଟା ବି ସମସ୍ତଙ୍କୁ ଯେମିତି ଦେଇଥିଲି ତାକୁ ବି ସେମିତି ଦେଇଥିଲି।...ଫୁଲଟା ଗୋଲାପ ଥିଲା କିନ୍ତୁ ଏ ଫୁଲଟାକୁ ମୁଁ ତା' ପାଖରେ ଆଉ କେବେ ଦେଖିବାକୁ ପାଇନଥିଲି କେବଳ ସେଇ ଦିନ ବ୍ୟତୀତ।...ମୁଁ ଲାଜକୁଳାକୁ..ସିଏ ଲାଜକୁଳୀ...ସାହସ କୁଳଉ ନ ଥିଲା ମନ ଖୋଲି କହିବାକୁ ମନର କଥା ଆଉ ହୃଦୟର ବ୍ୟଥା। ଇଲେକ୍ସନରେ ମୁଁ ଜିତିଥିଲି, ଭାବିଥିଲି ମୋ ଜିତାପଟର

Digitized by PPRACHIN, SOA

ସନ୍ତକ ଭାବେ ତାକୁ ଦେଇଥିବା ଫୁଲକୁ ମାଗିଆଣିବି। ଖବର ଦେଇଥିଲି ମୋ ଗୁପ୍ତଚରକୁ...ଟିକେ ସାହସ ବି ଆସିଯାଇଥିଲା...ନେତା କ'ଣ ତୁଛାକୁ ହେଇଥିଲି ନା କ'ଣ...ଗୁପ୍ତଚରକୁ କହିଥିଲି, ଟିକେ କହିବ, ସେଇ ଫୁଲଟାକୁ ଟିକେ ଗେଲ କରି ମତେ ଫେରେଇଦବ। ...ମତେ କିନ୍ତୁ ଗୁପ୍ତଚର କହିଥିଲା, ସିଏ ମନା କଲା, ସେ ଫୁଲଟାକୁ ସିଏ ରଖିଲାନି। କାରଣ କଲେଜର ସବୁ ପିଲାଙ୍କୁ ତ ମୁଁ ସେଇଭଳି ଫୁଲ ବାଂଟିଥିଲି।...ହଁ, ତା' କଥା ଠିକ୍ ଥିଲା। ...ସେଇ ଭଳିଆ ଚାରିଶହ ଗୋଲାପ ମୁଁ ଇଲେକ୍ସନ ଦିନ ଆଣିଥିଲି। ମୁଁ କିନ୍ତୁ ଭାବୁଥିଲି ଯୋଉ ଫୁଲ ତା' ଅଙ୍ଗଲାଗି ହେଇଗଲା, ସେଇଟା ତ ଖାସ୍ ହେଇଯିବ ନା ମୋ ପାଇଁ। କିନ୍ତୁ ଆମ ଭାବିବା ନ ଭାବିବାରେ କ'ଣ ଦୁନିଆ ଚାଲୁଥିଲା ନା କ'ଣ!!! ସେୟା ହେଇଥିଲେ ସିଏ କ'ଣ ଏମିତି ନିଷ୍ପତ୍ତି ନେଇଯାଇଥାନ୍ତା ! କପଟ କରିଥାନ୍ତା ମୋ ସାଙ୍ଗେ! ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରି; ଚୁପ୍‌ଚାପ୍ କାହାକୁ ନ ଜଣେଇ ଗୋଟେ ଫୁଲବାଲା ସାଙ୍ଗରେ କ'ଣ ପଳେଇଯାଇଥାନ୍ତା!...ସିଏ ଯୋଉଦିନ ଗଲା, ସେଦିନ କଲେଜରେ ଯୋଉ ହଲାପଟା ମୁଁ ହେଲି, ସେକଥା ମନେପଡ଼ିଗଲେ ଦୁଃଖ ତ ଯାହା ଲାଗୁଚି ଲାଗୁଚି ପ୍ରବଳ ରାଗ ଲାଗୁଚି। ...ସେତେବେଳେ ସମସ୍ତେ ଭାବୁଥିଲେ ତା'ର ମୋର ସଂପର୍କ ଭାରି ଗାଢ଼ା ବୋଲି। ...ମାନେ, ଏମିତିଆ ସଂପର୍କ, ମୁଁ ଭାବୁଥିଲି ମୋ ଭଳି ପିଲାକୁ ସିଏ ଜୀବନସାଥୀ କଲେ ଭାରି ଖୁସିରେ ରହିବ। ସିଏ ସେତେବେଳେ କ'ଣ ଭାବୁଥିଲା କେଜାଣି ? ? ସବୁଠୁ ବେଶୀ ଦୁଃଖ ଲାଗିଲା, ଯେତେବେଳେ ସିଏ ଗୋଟେ ଫୁଲବାଲାକୁ ତା' ଜୀବନସାଥୀ ଭାବେ ବାଛିଥିଲା।...

"ସତରେ ଫୁଲ କ'ଣ ତମର ଏତେ ପ୍ରିୟ ଥିଲା...ମୁଁ କ'ଣ ତମକୁ ଫୁଲ ଯୋଗେଇପାରିନଥାନ୍ତି।...ମୋ ଠୁ ଫୁଲ ନେଇକି ଚୁପି ଚୁପି ଭଲ ପାଇଲ ଫୁଲକୁ ଆଉ ଫୁଲବାଲାକୁ!"

ସତରେ ଫୁଲକୁ ଭଲ ପାଇବାକୁ ହେଲେ ଫୁଲବାଲାକୁ ଭଲ ପାଇବା କ'ଣ ନିହାତି ଜରୁରି ? ?...ମୁଁ କିନ୍ତୁ ବୁଝିପାରୁନଥିଲି ଏ ରହସ୍ୟ ସବୁକୁ।...ସବୁଠୁ ବେଶୀ ଆଶ୍ଚର୍ଯ୍ୟ ମତେ ଲାଗିଲା ସିଏ ଗୋଟେ ଫୁଲବାଲାକୁ କାହିଁକି ଭଲ ପାଇଲା ? ? ମୋ'ଠୁ ସିଏ କୋଉ ଗୁଣରେ ଭଲ ଥିଲା ? ? ମୋ ଭଳିଆ ଶିକ୍ଷିତ ମଧ୍ୟବିତ୍ତ ଆଉ ଭଲ ପରିବାରରେ ପିଲାକୁ ଛାଡ଼ିକି ସିଏ ଫୁଲବାଲାକୁ କାହିଁକି ପସନ୍ଦ କଲା ? ? ସେତେବେଳେ ମୋ ମନର ଅବସ୍ଥା ଯାହା ହେଇଥିବ ଆପଣ ଅନୁମାନ କରନ୍ତୁ। ଅନେକ ସମୟରେ ମୁଁ ଏଇକଥାଟା ବାରମ୍ବାର ଭାବେ। ଯେତେ ଚେଷ୍ଟା କରେ ମୋ ମନରୁ ପୋଛିଦେବି ତା' କଥା...କିନ୍ତୁ ହୁଏନା।...ତା' ମୁହଁଟା ଭାସିଆସେ...ମୋ ସାମ୍ନାରେ ଠିଆହେଇପଡ଼େ ଆଉ କୁହେ ମତେ ଫୁଲ ଭାରି ଭଲ ଲାଗେ।

Digitized by PPRACHIN, SOA

ଫୁଲବାଲା ସାଙ୍ଗେ ସିଏ ଯେତେବେଳେ ପଳେଇଥିଲା ତାଂକ ଘରେ କେହି ଜାଣିନଥିଲେ। ଖୋଜାଖୋଜି ପରେ ଦି'ଦିନ ପରେ କଥାଟା ଜଣାପଡ଼ିଲା।...ଅବଶ୍ୟ ମୋ ଗୁପ୍ତଚର କଥାଟା ଜାଣିଥିଲା, ହେଲେ ମତେ ଜଣେଇନଥିଲା କାଳେ ମୁଁ ଭାଙ୍ଗି ପଡ଼ିବି ବୋଲି। ସିଏ ବି ଜାଣିନଥିଲା ସେମାନଙ୍କ ସଂପର୍କ। ଆଶ୍ଚର୍ଯ୍ୟ ଲାଗୁଥିଲା କଲେଜ ପଢୁଆ ଝିଅଟେ ସେଇ ଫୁଲବାଲାକୁ ଭେଟିଲା ଆଉ ସେମାନଙ୍କ ଭିତରେ ପୁଣି ପ୍ରେମ ହେଇଗଲା ! ନା ସାଙ୍ଗସାଥୀ ଜାଣିଥିଲେ ନା ଘରେ ଜାଣିଥିଲେ। ହେଲେ ଗଲା ବେଳକୁ ମୋ ଗୁପ୍ତଚରକୁ ସିଏ ଜଣେଇଦେଇଥିଲା ସେମାନଙ୍କ ଘର ଛାଡ଼ି ପଳେଇଯିବାର ଯୋଜନା।...ତାଗିଦ ବି କରିଦେଇଥିଲା ସେମାନେ ଓଡ଼ିଶା ଛାଡ଼ିବାର ଦି'ଦିନ ପରେ ଜଣେଇବୁ, ତା' ପୂର୍ବରୁ ନୁହେଁ।...କାଳେ ଘର ଲୋକେ ପୁଲିସ ଲଗେଇ ସେମାନଙ୍କୁ ଧରିପକେଇବେ !...ଉଭୟେ ଗୋଆ ପଳେଇଥିଲେ, ହେଲେ ଏ କଥାଟା ବହୁ ପରେ ଜଣାପଡ଼ିଲା।...ଆମ କଲେଜ ଦରଓ୍ୱାନର ପୁଅ ଗୋଆର କୋଉ ଗୋଟେ କଂପାନୀରେ କାମ କରୁଥିବା ବେଳେ ସେ ଝିଅକୁ ଚିହ୍ନିଦେଲା।...ପ୍ରଥମେ ପ୍ରଥମେ ସିଏ ନ ଚିହ୍ନିଲା ଭଳି ଅଭିନୟ କରିଥିଲା। ଦରଓ୍ୱାନର ପୁଅ କାମ କରୁଥିବା କଂପାନୀ ପାଖରେ ସେମାନେ ରହୁଥିଲେ ଗୋଟେ ଛୋଟିଆ ଘରେ। ଉଭୟେ ଗୋଆର ବିଭିନ୍ନ ବିଚ୍‌କୁ ପ୍ରତିଦିନ ଯାଉଥିଲେ ଫୁଲ ବିକିବାକୁ। ସେଥିରୁ ବେଶ୍ ରୋଜଗାର ବି ହଉଥିଲା ଉଭୟଙ୍କର।...ଦରଓ୍ୱାନର ପୁଅ ଏକଥାଟା ଆସି ଜଣେଇବା ପରେ ସେ ଝିଅର ଘର ଲୋକେ ଜାଣିଲେ। ତା' ପରେ ସେମାନେ ଗୋଆ ବି ଯାଇଥିଲେ। ଏତେ ଦିନ ଧରି ଝିଅ ଯେତେବେଳେ ସେ ଫୁଲବାଲା ସାଙ୍ଗରେ ରହିଲାଣି, ଆଉ କ'ଣ ବା କରିହବ।...ତେଣୁ ଭାଗ୍ୟକୁ ଆଦରି ଘରକୁ ଫେରିଲେ। ଅବଶ୍ୟ କହିଥିଲେ ଗୋଆରେ କାହିଁକି ରହିବ, ଓଡ଼ିଶା ଫେରିଆସ...ଏଠି ଆସି ଫୁଲ ଦୋକାନଟେ କର। ପରେ ଶୁଣିଲି, ସେମାନେ ଭୁବନେଶ୍ୱରରେ ଆସିକି କୋଉଠି ଗୋଟେ ଫୁଲ ଦୋକାନ କରିଛନ୍ତି।...ତେବେ ଧୀରେ ଧୀରେ ଭୁଲିଯାଇଥିଲି ସେକଥା କାମର ଚାପାରେ।

ଏବେ ଦିନେ ଅଫିସ ଯାଉଥିବା ବେଳେ ଦେଖିଲି ଗୋଟେ ଜାଗାରେ ବହୁତ ଗହଳି ହେଇଚି।..ଛକ ଜାଗାଟା...ତେଣୁ ବେଶୀ ଗହଳି ହେଇଚି।...ଗାଡ଼ି ରଖି ଓହ୍ଲେଇକି ଗଲି, ଦେଖିଲି ମେଂଚାଏ ଫୁଲ ଗଛରେ ଓହଳିଚି...ଲୋକମାନେ ଘେରିଯାଇଛନ୍ତି....ଘଟଣାଟା କ'ଣ ସ୍ପଷ୍ଟ କିଛି ବୁଝାପଡୁନଥାଏ।...ମେଡ଼ିଆବାଲାଏ ପହଂଚିଗଲେଣି...ଫଟୋ ନଉଛନ୍ତି ବିଭିନ୍ନ ଆଙ୍ଗଲ୍‌ରୁ।..ପୂରା ପାଖାପାଖି ହେଲାରୁ ଦେଖିଲି ଗଛରେ ଖାଲି ଫୁଲ ଓହଳିନି, ଲୋକଟେ ଓହଳିଚି।...ଲୋକ ମାନେ ଶବଟା ଓହଳିଚି।....ବେକରେ ଆଠ ଦଶଟା ଫୁଲମାଳ ଗୁଡ଼େଇ ହେଇ ସିଏ ଝୁଲିପଡ଼ିଚି ସେଠି।...ବୁଝୁବୁଝୁ ଜଣାପଡ଼ିଲା ସବୁଦିନେ ସିଏ ସେଇଠି ଫୁଲ

Digitized by PPRACHIN, SOA

ବିକୁଥିଲା ।....ମୁନିସିପାଲିଟିବାଲାଏ ତାକୁ ଚାରି ଦିନ ତଳୁ ସେଠୁ ହଟେଇଦେଇଥିଲେ; ଆଜି ସେଠି ପୁଷ୍ପବାଟିକାଟେ ଉଦ୍‌ଘାଟନ ହବାର ଥିଲା ।...ହେଲେ ଉଦ୍‌ଘାଟନର ଦି ଘଣ୍ଟା ପୂର୍ବରୁ ଏ ଲୋକଟା ନିଜ ଜୀବନକୁ ଉଦ୍‌ଯାପନ କରିଦେଇଥିଲା ।...ପରେ ବୁଝିଲି ଏଇ ଲୋକଟା ହଉଚି ସେଇ ଲୋକ, ଯାହାକୁ ସିଏ ବରଣ କରିଥିଲା ।...ସେଇଦିନଠୁ ଫୁଲ ପ୍ରତି ମୋର ଘୃଣାଭାବଟା ଆହୁରି ବଢିଯାଇଥିଲା ।..ଫୁଲ ଦେଖିଲେ ବିଷ ଭଳି ଲାଗୁଥିଲା ।

●●●

Digitized by PPRACHIN, SOA

ଜହ୍ନର ବୟସ

ପିଲା ଜହ୍ନ: ଆ' ଜହ୍ନମାମୁ ସରଗ ଶଶୀ, ମୋ କାହ୍ନୁ ହାତରେ ପଡ଼ରେ ଖସି...ପିଲାଦିନେ ମା' ଏଇ ଗୀତ ଶୁଣେଇକି ମତେ ଖୁଆଇଚି, ପିଆଇଚି, ତୁନି କରିଚି। ଜହ୍ନ ମତେ ଭାରି ଭଲ ଲାଗେ। ଆଉ ଏଇ ଭଲ ପାଇବା ପଛରେ ମା'ର ବଡ଼ ଅବଦାନ। ବାପା, ମା'ଙ୍କ ପରେ ଜହ୍ନ ବୋଧେ ମୋର ସବୁଠୁ ପ୍ରିୟତମ। ଜହ୍ନ ପରା ମାମୁ..ମା' ଗୀତ ଗାଉଥିଲା ଆଉ କହୁଥିଲା। ହେଲେ ମୁଁ ମାନୁନଥିଲି, ଯୁକ୍ତି କରୁଥିଲି, ମୋ ମାମୁ ତ ପ୍ରତିବର୍ଷ ଅଷ୍ଟମୀକି ମୋ ପାଇଁ ନୂଆ ସାର୍ଟ-ପ୍ୟାଂଟ୍ ଆଣିକି ଆସୁଛନ୍ତି; ଜହ୍ନ କେମିତି ମାମୁ ହବ ?..ସିଏ କ'ଣ ମୋ ପାଇଁ ସାର୍ଟ-ପ୍ୟାଂଟ୍ ଆଣିକି ଆସୁଚି, ସିଏ ତ ଯୋଉଠି ସେଇଠି ଅଛି। ଆ' ଜହ୍ନମାମୁ ସରଗ ଶଶୀ, ମୋ କାହ୍ନୁ ହାତରେ ପଡ଼ରେ ଖସି...ହେଲେ ଜହ୍ନ କେବେ ବି ମୋ ହାତକୁ ଆସିନି। ହଁ ପିଲାବେଳେ ମା' କହୁଥିଲା, ଜହ୍ନରେ ଠେକୁଆ ଅଛି। ଠେକୁଆ କଥା ଶୁଣି ମତେ ଭାରି ଭଲ ଲାଗେ। ଏଁ, ଜହ୍ନରେ ପୁଣି ଠେକୁଆ ଅଛି ! ହେଲେ ଜଣା ତ ପଡୁନି। ଜଙ୍ଗଲରେ ଠେକୁଆ ଅଛି, ଶିଶୁଲେଖାରେ ଦେଖିଥିଲି ତା' ଚିତ୍ର। ହେଲେ ଜହ୍ନର ଠେକୁଆକୁ ମୁଁ ଟିକେ ଠିକ୍‌ରେ ଜାଣିପାରୁନି ମ ! ଅବଶ୍ୟ ମା' ଯେତେବେଳେ କହୁଚି, ଜହ୍ନରେ ଠେକୁଆ ଅଛି, ମୁଁ ବିଶ୍ୱାସ କରିଯାଇଥିଲି ଆଉ ସେଇ ଠେକୁଆ ସାଂଗରେ ସାଂଗ ବି ହେଇଯାଇଥିଲି। ସେବର୍ଷ ମୋ ଜନ୍ମଦିନକୁ ଜହ୍ନମାମୁ ଆଉ ଠେକୁଆକୁ ନିମଂତ୍ରଣ କରିଥିଲି, ହେଲେ ସେମାନେ ଆସିନଥିଲେ। ବଡ଼ ହେବା ପର୍ଯ୍ୟନ୍ତ ମାନେ ହେତୁ ପାଇବା ଯାଏଁ ସବୁ ଜନ୍ମଦିନରେ ମୁଁ

ଜହ୍ନମାମୁ ଆଉ ଠେକୁଆକୁ ଅପେକ୍ଷା କରିଥାଏ, ହେଲେ ସେମାନେ ଆସିନଥାନ୍ତି। ସେମାନଙ୍କ ପାଇଁ ରାତି ଅନିଦ୍ରା ହେଇ ଚେଇଁରହେ, ହେଲେ ସେମାନେ କେହି ଆସନ୍ତିନି।

କିଶୋର ଜହ୍ନ: ଏବେ ଜହ୍ନମାମୁ ମତେ ଆଉ ଭଣ୍ଡେଇପାରୁନି। ମୁଁ ଏବେ ପାଠ ପଢ଼ିକି ଜାଣିଗଲିଣି, ଜହ୍ନଟା କ'ଣ। ମା'କୁ ଦିନେ କହିଲି, ମତେ ତୁ କେତେ ଭଣ୍ଡେଇଚୁ

Digitized by PPRACHIN, SOA

ଜହ୍ନକଥା କହିକି...କ'ଣ ନା ଜହ୍ନମାମୁ ! ପୁଣି ତା' ଭିତରେ ଯୋଉ କଳାଚିହ୍ନ ଦେଖାଯାଉଚି ସେଇଟା ଗୋଟେ ଠେକୁଆ !...ହେଃ। ସିଏ ପୁଣି ମୋ ସାଂଗ। ବୁଝିଲୁ ମା', ଜହ୍ନଟା ଗୋଟେ ଉପଗ୍ରହ, ସେଠି ପାଣି, ପବନ କିଛି ନାହିଁ। ଲୋକେ ଏବେ ସେଠି ରହିବାକୁ ଚେଷ୍ଟା କରୁଛନ୍ତି, ସେଇଲାଗି ଗବେଷଣା କରୁଛନ୍ତି। ମା', ଜହ୍ନକୁ ମାମୁ କହି ତୁ ଆଉ ମତେ ଭଣ୍ଡେଇପାରିବୁନି, ବୁଝିଲୁ।

ଟୋକା ଜହ୍ନ: ଜହ୍ନ ଆଉ ଯଉବନ, ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱଭଳି। ଜହ୍ନ ଅନେକ ସମୟରେ ପ୍ରେମିକା ଭଳି ଲାଗେ। ବେଶୀ ଲାଗେ ଯେତେବେଳେ ପ୍ରେମିକା ପାଖରେ ନଥାଏ। ଆଉ ପ୍ରେମିକା ପାଖରେ ଥିଲେ ଜହ୍ନ କେତେବେଳେ ଆଉ ଗୋଟେ ପ୍ରେମିକା ନ ହେଲେ ସଉତୁଣୀ ନହେଲେ ପ୍ରେମରେ ସହାୟତା କରୁଥିବା ପ୍ରେମିକାର ସହଚରୀ ଭଳି ଲାଗେ। ଜହ୍ନ ବେଳେବେଳେ ଭାରି ଜଳାଏ, ତତାଏ, ବେଳେବେଳେ ଭାରି କନ୍ଦାଏ। ଜହ୍ନ ଭାରି ରସାଏ, ରତାଏ। ଯୁବାବେଳର ଜହ୍ନ ଭାରି ଛଳଛଳ। ପୂର୍ଣ୍ଣମୀର ଜହ୍ନ ତ ଆହୁରି ଛଳଛଳ କରିଦିଏ। ଭାରି ଇଚ୍ଛା ହୁଏ। ହେଲେ ସବୁ ଇଚ୍ଛା କ'ଣ ପୂରଣ ହୁଏ ! ଏ ଛଳଛଳ ଯୌବନ ବି ଭାରି ଦଗାଦିଆ। ଏଇ ଥିବ, ଏଇ ନଥିବ, ଧରା ଦଉନଥିବ; ଜହ୍ନ ଭଳି କେତେବେଳେ ମେଘ ଭିତରେ ଛପିଯାଉଥିବ। ଛାଇ ଆଲୁଅର ଲୁଚକାଳି ଖେଳୁଥିବ। ଜହ୍ନକୁ ପ୍ରେମିକା ସାଂଗରେ ତୁଳନା କଲେ ଭାରି ଭଲ ଲାଗେ ଯେ। ଜହ୍ନ ଭଳି ଗୋଲ ପ୍ରେମିକାର ବକ୍ଷୋଜ। ଦି'ଟା ଜହ୍ନ ଥାନ୍ତେ କି ! କିଛି ଅସୁବିଧା ହୁଅନ୍ତାନି ତୁଳନାରେ। ଧେତ୍, ଆଇଁଷିଣିଆ କଥାଗୁଡ଼ାକ, ଏମିତି ସାର୍ବଜନୀନ କଲେ ହବକି ! ଦି'ଟା ଜହ୍ନ ଥିଲେ ଭାରି ଅସୁବିଧା ହେଇଥାନ୍ତା। ମାନେ ଜଟିଳ ସମସ୍ୟା। କାଳେ ଦି'ଟା ଜହ୍ନକୁ ଦି'ଟା ପ୍ରେମିକା ବୋଲି ଭାବିହେଇଯିବ; ପୁଣି ଜଣକୁ ପତ୍ନୀ, ଆଉ ଜଣକୁ ପ୍ରେମିକା ବୋଲି ବି ଭାବିହେଇଯିବ ! ପରକୀୟା ପ୍ରସଙ୍ଗ ଆସିଯିବ। ଛାଡ଼ ସେସବୁ ବାଜେ ଚିନ୍ତା।

ବୁଢ଼ା ଜହ୍ନ: ଜହ୍ନ ଏବେ ବୁଢ଼ା ହେଇଯାଇଚି। ଧେତ୍ ଜହ୍ନ କାହିଁକି ବୁଢ଼ା ହବ, ମୁଁ ବୁଢ଼ାହେଇଯାଇଚି। ମୋରି ବୟସର ଯୋଉ ପିଲାମାନେ, ଯୋଉମାନେ ଜହ୍ନକୁ ମାମୁ ବୋଲି ଭାବୁଥିଲେ; ଯୋଉ ଟୋକାମାନେ ଜହ୍ନ ପଛରେ ଗୋଡ଼େଇଥିଲେ, ଜହ୍ନକୁ ପ୍ରେମିକା ଭଳି ଭାବୁଥିଲେ, ପ୍ରେମିକାର ବକ୍ଷୋଜ ସହ ତୁଳନା କରୁଥିଲେ; ସେମାନେ ସମସ୍ତେ ବୁଢ଼ାହେଇଯାଇଛନ୍ତି। ଓହୋ, ଶରୀର ସିନା ବୁଢ଼ା ହେଇଯାଇଚି, ହେଲେ ମନ କ'ଣ ବୁଢା ହେଇଚି ! ଜମାରୁ ନୁହଁ, ମନ ପିଲା ଅଛି, ଟୋକା ଅଛି। ଅତୀତ କଥା ମନେପକେଇ କୁରୁଳି ହବାର ମୁହୂର୍ତ୍ତ ଏବେ ବି ଆସୁଚି, ରୋମାଂଚ ଏବେବି ଆସୁଚି। ଏ ଜହ୍ନକୁ ନେଇ ଜୀବନରେ କେତେ କ'ଣ ଘଟିଯାଇଚି, ହେଲେ ଜହ୍ନ ସେମିତି ଅଛି, ଅବିକଳ...ମୂକସାକ୍ଷୀ ହେଇ। ଆଗକୁ ବି ଥିବ ଯୁଗ ଯୁଗ କାଳ କାଳ ଧରି।

●●●

Digitized by PPRACHIN, SOA

କ୍ରସ୍-କନେକ୍ସନ

ମୁଖପୁସ୍ତିକା ବା ଫେସବୁକ୍‌ରେ ବାରମ୍ବାର ବଂଧୁତା ପାଇଁ ଅନୁରୋଧ ଆସିଥିଲା ସେଇ ଅଜଣା ଯୁବତୀଙ୍କଠାରୁ। ଯାଂକୁ କାଇଁ ଚିହ୍ନିଲା ଭଳି ତ ଲାଗୁନି। ତା'ହେଲେ ବଂଧୁତା କରିବା ନା ନାଇଁ? ଆଜିକାଲି ବହୁ ଛଦ୍ମବେଶୀ 'ଶୁକୁଟି ସାହୁ' ମୁଖପୁସ୍ତିକାରେ ଛାଇ ହେଇଯାଇଛନ୍ତି। ଇଏ କାଳେ 'ସିଏ' ହେଇଥିବେ କି? ଭଲକରି ଦେଖିଲି ଫଟୋ, ସାଂଗରେ ଛୋଟ ଝିଅଟେ ଅଛି, ମୁଣ୍ଡରେ ସିନ୍ଦୂର ଟିକେ ଟିକେ ଦିଶୁଚି। ଆଛା, ଇଏ ତା'ହେଲେ ବିବାହିତା। କିଛି ଅସବୁିଧା ନାହିଁ, ବଂଧୁତା କଲେ। ତା'ପରେ ତାଂକୁ ବଂଧୁଭାବେ ଯୋଗ କରିଦେଲି। ମୋର ପ୍ରଥମ ସମ୍ବୋଧନ ଥିଲା ଓମ୍। ମାଡାମ୍ ସେଠୁ ହାଏ ପଠେଇଲେ। ମୁଁ କହିଲି, ଧନ୍ୟବାଦ। ସେ କହିଲେ, ମୁଁ ପ୍ରଥମେ ଧନ୍ୟବାଦ ଦବା କଥା, କାହିଁକିନା, ମୁଁ ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠେଇଥିଲି।

ମୁଁ: ଇଟ୍‌ସ ଓକେ, ନୋ ପ୍ରୋବ୍ଲେମ୍। ଆପଣଂକ ପରିଚୟ ଟିକେ ଦିଅନ୍ତୁ।

ମାଡାମ୍: ହାଃ ହାଃ...ମତେ ପରିଚୟ ପଚାରୁଚ, ଚିହ୍ନିପାରୁନ?

ମୁଁ: ଫେସବୁକ୍ ଷ୍ଟାଟସ୍‌ରୁ ଜାଣୁଚି ଆପଣ ପେସାରେ ଜଣେ ଡାକ୍ତର।

ମାଡାମ୍: ହାଃ ହାଃ ହାଃ...ସେ ଡାକ୍ତରୀ ଫାକ୍ତରୀ ପଛକୁ ରଖ। ତମେ ମତେ ଚିହ୍ନିପାରୁନ, ମୁଁ ପରା ସଂଜ୍ଞା, ଆମେ କ୍ଲାସ୍‌ମେଟ୍ ଥିଲେ ପିଏନ୍ କଲେଜରେ। ମୋ ନିକ୍ ନେମ୍‌ରୁ ତମେମାନେ ମତେ ଚିଡ଼ାଅ, ହେଇ 'ବିଶେଷ୍ୟ ମାଡାମ୍' ଆସିଗଲେ।

ମୁଁ: ଯାହା ହଉ, ଏତେ ବର୍ଷ ପରେ ଦେଖାହେଲା ଫେସ୍‌ବୁକ୍‌ରେ। ତେବେ ମୋର ଠିକ୍‌ରେ କିଛି ମନେପଡୁନି। ସଂଜ୍ଞା ତ ମୋର ଜଣେ କଲିଗ୍ ଥିଲେ ଗୋଟେ ଖବରକାଗଜରେ। ଆପଣ ତ ସିଏ ନୁହନ୍ତି।

ମାଡାମ୍: କ'ଣ ଏତେ ଜଲଦି ଭୁଲିଗଲଣି! କେତେ ଆପଣ ଆପଣ କହୁଚ, ତମେ କୁହ, ତୁ କହିଲେ ବି ଚଳିବ।

Digitized by PPRACHIN, SOA

ମୁଁ: ମୁଁ ତଥାପି ଜାଣିପାରୁନି, ମନେ ପକାଇପାରୁନି, ମୋର ମେମୋରି ଫେଲ୍ ହେଇଗଲାଣି ବୋଧେ ! ବହୁବର୍ଷ ତଳର କଥା ନା।

ମାଡାମ୍: ହାଃ ହାଃ, କେତେବର୍ଷ ହେଇଗଲା ଯେ, ଭୁଲିଯାଉଚ। ତମେ ବିକ୍ରମ, ମହେନ୍ଦ୍ର ଆଉ ଶ୍ୱେତା ବ୍ୟାଚ୍‌ଟି ?

ମୁଁ: ବିକ୍ରମ ଯିଏ ବହୁତ ସିଗାରେଟ୍ ଟାଣୁଥିଲା..ମହେନ୍ଦ୍ର ଭଲ ଫୁଟବଲ ଖେଳୁଥିଲା ଆଉ ଶ୍ୱେତା ପଛରେ ସାରା କଲେଜ୍ ଲାଇନ୍ ଲଗେଇଥିଲା ?..ତମେ ସେମାନଂକ କଥା କହୁଚ ତ ?

ମାଡାମ୍: ଆରେ ନା ନା, ବିକ୍ରମ ତ ଭାରି ସୁଧାର ଥିଲା, ସିଏ କେତେବେଳେ ସିଗାରେଟ୍ ପିଉଥିଲା ! ମହେନ୍ଦ୍ର ତ ପୂରା ମାନ୍ଦା, ସିଏ ତ ଜମାରୁ ଖେଳେନି। ଆଉ ଶ୍ୱେତା ତ ଏତେ ସୁନ୍ଦରୀ ନଥିଲା, ଭଲ ପାଠ କିନ୍ତୁ ସିଏ ପଢୁଥିଲା।

ମୁଁ: ଓହୋ, ସବୁ ମିସ୍‌ମ୍ୟାଚ୍ ହଉଚି।

ମାଡାମ୍: ଯାହା କୁହ ପଛେ, ତମେ ଆମ ବ୍ୟାଚ୍‌ର। ବୋଧେ ତୁମେ ମୋ ସାଂଗରେ ମଜା କରୁଚ ! ଜାଣିକି ନ ଜାଣିବାର ଅଭିନୟ କରୁଚ !

ମୁଁ: ନା, ମୁଁ ସତରେ ଜାଣିପାରୁନି।

ମାଡାମ୍: ଆଛା ତମର ମନେପଡୁଚି, ପିଏନ୍ କଲେଜ କୁଂଜବନ ଭିତରେ ତମେ ପୁଅମାନେ ଭାରି ମଜା କରୁଥିଲ। ଆମମାନକୁ ବୁଲେଇ ବାଂକେଇ କମେଂଟ୍ ବି କରୁଥିଲ।

ମୁଁ: ନା'ତ, ମୁଁ ତ ସେମିତି ନ ଥିଲି। ମାଛିକୁ ମ ବୋଲି କହୁନଥିଲି। ଝିଅଂକୁ ଅନେଇଲାବେଳେ ମତେ ଲାଜ ଲାଗୁଥିଲା।

ମାଡାମ୍: ଆଚ୍ଛା, ତମେ 'ଅଜା ବସ୍'ରେ କଲେଜ ଆସୁଥିଲ ଟି ?

ମୁଁ: ହଁ।

ମାଡାମ୍: ବସ୍‌ରେ ତମେ ଆଉ ତମ ସାଂଗମାନେ ଭାରି ଗୁଲିଗପ କରୁଥିଲ, ଆମମାନଙ୍କ ସାଂଗରେ କଥା ହବା ପାଇଁ ଖାଲି ଛକପକ ହଉଥିଲ। ବସରେ ସିଟ୍ ଥିଲେବି ତମେସବୁ ଠିଆହେଇକି ଯାଉଥିଲ, କାଳେ ସୁଯୋଗ ମିଳିଯିବ, ଆମ ଉପରେ ଲଦିହେଇଯିବାକୁ।

ମୁଁ: ଧେତ୍, ମାଡାମ୍ ମତେ ଭୁଲ ବୁଝୁଛନ୍ତି, ମୁଁ ସେମିତିକା ପିଲା ନୁହଁ।

ମାଡାମ୍: ତମେ ପାଢ଼ୀ ସାର୍‌ଙ୍କ ପାଖରେ ଟିଉସନ୍ ହଉଥିଲ ଟି ?

Digitized by PPRACHIN, SOA

ମୁଁ: ନା, ମୁଁ ବିକାଶ ସାର୍‌ଙ୍କ ପାଖରେ ପଢ଼ଉଥିଲି।

ମାଡାମ୍: ଯାହା ବି ହେଉ, ତମେ ଆଉ ରୋଲ୍ କରନି କି ମତେ ଏପ୍ରିଲ ଫୁଲ୍ କରିବାକୁ ଆଉ ଚେଷ୍ଟା କରନି। ଆମେ ବ୍ୟାଚ୍‌ମେଟ୍ ହିଁ ଥିଲେ। ତମ ନାଁ ଆଉ ଚେହେରା କ'ଣ ମୁଁ ଏତେଶୀଘ୍ର ଭୁଲିଯିବି! ତମେ ଏବେ ଟିକେ ଗୋରା ହେଇଯାଇଚ ନା ଫଟୋସପ୍‌ରେ ଏଡିଟ୍ କରିକି ଲଗେଇଚ ?

ମୁଁ: ସତ କହୁଚି ମାମ୍, ମୁଁ ଯେମିତି ସେମିତି। ହେଲେ ମୁଁ ଆପଣଙ୍କୁ ଜାଣିପାରୁନି, ମନେପକେଇପାରୁନି।

ମାଡାମ୍: ଧେତ୍। କ'ଣ କହିବି ତମକୁ, ପାଖରେ ଥିଲେ ତମ କାନ ଦି'ଟା ମୋଡ଼ିକି ବୁଝେଇଦେଇଥାନ୍ତି ମୁଁ କିଏ ? ମତେ ପରା ଲାଇନ୍ ମାରୁଥିଲ ତମେ ? ନିଉ ଇଅର ଗ୍ରିଟିଙ୍ଗ୍‌ସ ପଠେଇଥିଲ ଆଇ ଲଭ୍ ୟୁ ଲେଖିକି। ବିଲେଇ ଲୁଚି ଲୁଚି କ୍ଷୀର ପିଉଥିଲା..।

ମୁଁ: ଯାହା ଲାଗୁଚି, ଆପଣ ଆଉ କାହା ପରିବର୍ତ୍ତେ ମତେ ଭାବୁଛନ୍ତି ! ଯଦିଓ ଆମେ ଏବେ ଫ୍ରେଣ୍ଡସ୍, ତେବେ ଆପଣ ଭାବୁଥିବା ଲୋକଟି ମୁଁ ନୁହେଁ। ଏଇଟା ବୋଧେ ଫେସ୍‌ବୁକ୍‌ରେ ଗୋଟେ କ୍ରସ୍ କନେକ୍‌ସନ।

ମାଡାମ୍: ଆଛା କହିଲ, ତମର ପ୍ଲସ୍ ଟୁ କୋଉ ବ୍ୟାଚ୍ ?

ମୁଁ: ୮୮

ମାଡାମ୍: କ'ଣ? ୮୮ ! ମୋର ତ ୯୮। ମାନେ ତମେ ୧୦ ବର୍ଷ ବଡ଼।

ମୁଁ: ହଁ, ୧୦ ବର୍ଷ ବଡ଼।

ମାଡାମ୍: ସରି ସରି ସରି, ମୁଁ ଭୁଲରେ ଆପଣଙ୍କୁ ଭାବିଦେଲି। ଇଟ୍'ସ ଏ ମିଷ୍ଟେକ୍। ଏଗେନ୍ ସରି। ସରି ସରି। ହେଲେ ମୁଁ ବୁଝିପାରୁନି, ଏତେ ସିମିଲାରିଟି କେମିତି ? ନାଁ ଆଉ ଚେହେରା ଉଭୟ ମିଶିଯାଉଚି। ଜୀବନରେ ମୁଁ ପ୍ରଥମଥର ଧୋକା ଖାଇଲି।

ମୁଁ: ଓକେ, ନୋ ପ୍ରୋବ୍ଲେମ୍। ମୁଁ ଆପଣଙ୍କୁ ଆପଣଙ୍କର ସେଇ ଈପ୍‌ସିତ୍ ଚେହେରାକୁ ଖୋଜିବାକୁ ସାହାଯ୍ୟ କରିବି। କାରଣ ମୋ ନାଁ ଆଉ ଚେହେରା ଥିବା ଲୋକଟାର ପରିଚୟ ମୁଁ ବି ନିହାତି ଜାଣିବାକୁ ଚାହିଁବି।

ପ୍ରିୟ ପାଠକେ, ଏତକ ଥିଲା ସତ। ତା'ପରେ ଏଇ ସତକୁ ଆଧାର କରି ମୁଁ ଲେଖିଲି ଗପ। କ'ଣ ଗପ ହେଇପାରେ ? ମୋ ଭଳି ଚେହେରା ଆଉ ନାଁ କିଏ ସତରେ

Digitized by PPRACHIN, SOA

ଅଛି ? ନାଟକ ବା ଫିଲ୍ମର କାହାଣୀ ଭଳି ମୋ 'ହମ୍‌ସକଲ' କିଏ ? ମୁଁ ଯଦି ସେ ଝିଅକୁ ସତ ନ କହି ଫ୍ଲର୍ଟ୍ କରିଥାନ୍ତି, କହିଥାନ୍ତି ହଁ, ତମେ ଆମ ବ୍ୟାଚର, ତା'ହେଲେ ସେ ଝିଅ ହୁଏତ କହିଥାନ୍ତା, ମୋ ହମସକଲ ସହ କ'ଣ ଥିଲା ତା'ର ସଂପର୍କ। ଏମିତି ବ୍ୟାଚମେଟ୍ ନା ଆଉ କିଛି ଅଧିକା। କିଛି ଅନ୍ତରଂଗ ସଂପର୍କ ଥଲା କି ?..ଦୀର୍ଘବର୍ଷ ପରେ ପୁଣି ସେଇ ସଂପର୍କକୁ ସେ ଫେସବୁକରୁ ଫେରିପାଇଲା। ମୁଁ ସତ କଥା କହି, ପୁଣି ଥରେ ଗଢ଼ିଉଠୁଥିବା ସେଇ ସଂପର୍କକୁ ଚୂରମାର କରିଦେଲି। ମୁଁ ଯଦି ୯୮ ବ୍ୟାଚର ପ୍ଲସ୍ ଟୁ ହୋଇଥାନ୍ତି, ତା'ହେଲେ ଆମ ସଂପର୍କ ତ ଚାଲିଥାନ୍ତା ! ହୁଏତ ଦେଖାଚାହାଁ ହେଇଥିଲେ ଜଣାପଡ଼ିଯାଇଥାନ୍ତା ! ହଉ ଛାଡ଼, ସେକଥା ଭାବି ଲାଭନାହିଁ। ମୋର ବି ସେଭଳି କିଛି ଉଦ୍ଦେଶ୍ୟ ନଥିଲା। ଆଉ ଜଣକ ବିଶ୍ୱାସକୁ ମୁଁ କାହିଁକି ଭାଂଗିବି, ଆଉ କାହାକୁ ପ୍ରତାରଣା କିଆଁ କରିବି ?

ମନେପଡୁଥିଲା ସେଇ ଅତୀତ କଥା। ଠିକ୍ ଦଶ ବର୍ଷର ବ୍ୟବଧାନ ଭାଂଗିଥିଲା ଗୋଟେ ସଂପର୍କ। ବିଶ୍ୱାସ କରନ୍ତୁ, ମିଛ ନୁହଁ ସତ। ବାହାହବାକୁ ମୁଁ ଅମଙ୍ଗ ଥିଲି। ମତେ କାହିଁକି ବ୍ୟାଚେଲର ଲାଇଫ୍ ଭାରି ଭଲ ଲାଗୁଥିଲା। ଜୀବନକୁ ସ୍ୱାଧୀନ ହେଇ ବଂଚିବାର ସ୍ୱପ୍ନ ଥିଲା ମୋର। ପିଲାଦିନୁ ସ୍ଥିର କରିନେଇଥିଲି, ବାହାହେବିନି ବୋଲି। ହେଲେ ଘରେ ବାପା, ବୋଉ ବାଧ୍ୟ କରୁଥିଲେ। ସବୁ ଭାଇ, ଭଉଣୀ ବାହାହେଲେ, ମୋ ସାନଭାଇ ବି ବାହାହେଲା, ମତେ ବାହା ନକଲେ ସେମାନଂକ ଜୀବନରେ ଅବସୋସ ରହିଯିବ। ସେଥିପାଇଁ ବୋଉ କେତେ ପୂଜାପାଠ, ବାପା କେତେ ଗୁଣିଗାରେଡ଼ି କରିଥିଲେ। କିନ୍ତୁ ବାହାଘର ହଉନଥିଲା। ଜ୍ୟୋତିଷମାନେ କହୁଥିଲେ, ଇଏତ ଜଣେ ରୋମାଂଟିକ୍ ଲୋକ, ଇଏ ଯେମିତି ହେଲେ ବାହା ହବ। ଟିକେ ଡେରି ହେଇପାରେ, କିନ୍ତୁ ବାହାଘର ନିଶ୍ଚିତ ହବ। ତେବେ ବାହାଘର ହଉନଥିଲା। କୋଉଠି ଜାତକ ମେଳ ଖାଉନଥିଲା ତ କୋଉଠି ଝିଅ କି ତା' ପରିବାର ପସନ୍ଦ ଆସୁନଥିଲେ। କୋଉଠି ତ ସବୁ ଠିକ୍‌ଠାକ୍ ସରିଥବ, ଝିଅ ପସନ୍ଦ ହେଇଯାଇଥିବ, ତାଂକର ବି ଆମ ଘରକୁ ଆସି ବୁଲାଚାହାଁ କରି ଯାଇଥିବେ, ଖାଲି ବାହାତିଥି ଠିକ୍ ହବା କଥା। ହେଲେ ହଠାତ୍ ବାହାଘର ଭାଂଗିଯିବ, କେତେବେଳେ ଆମ ଘର ପକ୍ଷରୁ ତ କେତେବେଳେ ଝିଅଘର ପକ୍ଷରୁ।

ପାଠକେ, ଏମିତି ଚାଲିଥିଲା ବର୍ଷ ବର୍ଷ ଧରି। ଭଲଝିଅ ମାନେ ଭଲବୋହୂର ସଂଧାନରେ ବାପା, ବୋଉ ଦିନରାତି ଏକ କରିଦେଇଥିଲେ। ଶେଷରେ ମିଳିଥିଲା ଭଲଝିଅଟିଏ। ସେମାନେ ଓଡ଼ିଶା ବାହାରେ ରହୁଥିଲେ। ଆମ କଲୋନୀରେ ଘର କରି ରହିଲେ। ସେ ଝିଅ ବି ମୋରି ଭଳି। ତା' ପାଇଁ ଭଲ ବର ଖୋଜିଖୋଜି ତାଂକ ଘରେ ଥକିପଡ଼ିଯାଇଥିଲେ। ଯୋଗ ପଡ଼ିଗଲା, ଆମ ଘର, ତାଂକ ଘର କଥା ହେଇ ବାହାତିଥି ଠିକ୍ କରିନେଲେ। ତା'ର ଜାତକ ନଥିଲା, ତେଣୁ ନାମରାଶିରୁ ସର୍ବମଂଗଳ ଜଗନ୍ନାଥ।

Digitized by PPRACHIN, SOA

ଜାକଜମକରେ ବାହାଘର ହେଲା । ଆମର କିଛି ଯାନିଯୌତୁକ ଦାବି ନଥିଲା, ସେମାନେ କିନ୍ତୁ ଯାହାକୁ ଯେତେ ଜିନିଷ ଦେଇଥିଲେ । ଶ୍ୱଶୁର ଡିଫେନ୍ସ ଚାକିରିଆ, ଗୋଟିଏ ପୁଅ, ଗୋଟିଏ ଝିଅ । ତେଣୁ ଦବାରେ କିଛି କମ୍ତି କରିନଥିଲେ ।

ଶେଷରେ ଆସିଲା ସେଇ ବହୁ ପ୍ରତୀକ୍ଷାର ମୁହୂର୍ତ୍ତ..ଚଉଠି ରାତି । କବାଟକିଳାର ଚରମ ତୃପ୍ତି । ଓଃ, ମନରେ ଭାରି ଆଶଂକା, କେମିତି ହବ, କ'ଣ ହବ, ଠିକ୍ ଠାକ୍ ସବୁ ହବକି ନାହିଁ । ନିର୍ଦ୍ଧାରିତ ସମୟ ଉପନୀତ ହେଲା । ଓଢଣି ଭିତରେ ପ୍ରାଣପ୍ରିୟା । ପ୍ରଥମେ କିଛି କଥା ହବାକୁ ତ ପଡ଼ିବ । ବିନା ଭାବରେ କ'ଣ କିଛି ହୁଏ । ଜୀବନଯାକ ବାଂଧିହବାକୁ ଭାବ ଭାରି ଲୋଡ଼ା । ଭାରି ସନ୍ତର୍ପଣରେ ସେ କଥାହେଲା । ଡିଫେନ୍ସ ବାପାର ଝିଅ ଯେତେବେଳେ ଭାରି ସାହସୀ । କଥାବାର୍ତ୍ତା ବି ଭାରି ରୋକ୍ଠୋକ୍ । ପଚାରିଲା ତୁମ ଜନ୍ମତାରିଖ କେତେ ? କୋଉ ବ୍ୟାଚ୍ ମ୍ୟାଟ୍ରିକ୍ । ମୁଁ କହିଲି । ସେଠୁ ଫଟାଫଟ ହିସାବ କରିଦେଲା ମୋ ବୟସ । ତା'ପରେ ଚିଲ୍ଲେଇ ଉଠି ପାଟିକଲା, ୟୁ ଚିଟର..ୟୁ ଓଲ୍ଡମ୍ୟାନ୍ । ମୋ'ଠୁ ୧୦ ବର୍ଷ ବଡ଼ ହେଇ ମତେ ବାହାହେଇଚ ? ତମକୁ ଲାଜ ଲାଗୁନି । ମୁଁ କିଛି ବୁଝିପାରୁନଥିଲି । ଘରେ ତ ଆମ ଜାତକ ତାଂକୁ ଦେଇଥିଲେ । ସେମାନେ ତ ଦେଖିଥିବେ । ଏବେ ବାହାଘର ସରିବା ପରେ ଏକଥା କାହିଁକି ଉଠୁଚି ।

ସତ କହୁଚି, ମୁଁ ବି ଜାଣିନଥିଲି ତା' ବୟସ ଏତେ କମ୍ ହବ ବୋଲି । ମତେ ଲାଗୁଥିଲା ସିଏ ମୋ ଠୁ ତିନି-ଚାରି ବର୍ଷ ସାନ ହବ ବୋଲି । ସବୁ ବିଗିଡ଼ିଗଲା । ମୋର ଅପେକ୍ଷାରତ ସେଇ ଈପ୍‌ସିତ ମୁହୂର୍ତ୍ତ ପାଣିଫୋଟକା ଭଳି ମିଳେଇଗଲା । କେହି କିଛି ବୁଝିବା ପୂର୍ବରୁ, କେହି କିଛି ଜାଣିବା ପୂର୍ବରୁ ସିଏ ଗରଗର ହେଇ ସେଇ ରାତିରେ ତାଂକ ଘରକୁ ପଳେଇଗଲା । ଘରେ କିନ୍ତୁ ଭାବୁଥିଲେ ଭିନ୍ନ ଏକ କାରଣ । କାଳେ ମୁଁ ଅସମର୍ଥ ପୁରୁଷ, ନାରୀ ପାଇଁ ଅଲଗା ଧାତୁର ମଣିଷ ।

କୁହାଯାଏ, ଏଜ୍ ଇଜ୍ ଜଷ୍ଟ ଏ ନମ୍ବର । ତେବେ ସେଇ ନମ୍ବର ସବୁ ଗଡ଼ବଡ଼ କରିଦେଲା, ଜୀବନ ଭାଂଗିଦେଲା । ମାତ୍ର ୧୦ ବର୍ଷର ବ୍ୟବଧାନ, ଫରକ ବିଚ୍ଛିନ୍ନ କରିଦେଲା ଗୋଟେ ଜୀବନରୁ ଆଉ ଏକ ଜୀବନକୁ । ମୁଁ ଭାବୁଥିଲି, ଫେସ୍‌ବୁକରେ ନୂଆକରି ବଂଧୁହେଇଥିବା ସେଇ ଝିଅଟିର କଥା । ଏଠି ବି ସେଇ ଦଶ ବର୍ଷର ବ୍ୟବଧାନ । ସେଦିନଠାରୁ ସେ ଆଉ ହାଏ କି ହାଲୋ ମେସେଜ୍ ପଠେଇନି ହ୍ୱାଟ୍‌ସଆପ୍‌ରେ । ଭାଗ୍ୟ ଭଲ, ମତେ ବ୍ଲକ୍ କରିନି ।

●●●

Digitized by PPRACHIN, SOA

ଅପାରଗ

-କେମିତି ଅଛ ? ଭାଲେଂଟାଇନ ଡେ'ରେ ତୁମ ହାତ ଚା' ପିଇବାକୁ ଇଚ୍ଛା।

ଆସ।

-ହଁ ଯିବି, ବଂଚିଥିବା ଭିତରେ ନିହାତି ଥରେ ଦେଖାହେବି।

ଏମିତି କ'ଣ କହୁଚ ?

-ହାଃ ହାଃ, ଏମିତି କହିଲି। ତୁମେ ବାହାହୋଇ ଯିବାପରେ ଆଉ ତୁମକୁ ଦେଖିନି। କେତେ ବର୍ଷ ହେଇଗଲା ତ ?

୨୦ ବର୍ଷ

-ହଁ, ଏତେ ବର୍ଷ ହେଇଗଲାଣି, ଏଇ ଯେମିତି କାଲି ପରି ଲାଗୁଚି।

ତୁମକୁ ଦେଖିବାକୁ ବହୁତ ଇଚ୍ଛା ହଉଚି।

-ମୁଁ ବି ଜାଣିପାରୁନି, ଆଜିକାଲି ତମେ ଏତେ କାହିଁକି ମନେପଡୁଚ !

ଆଉ କିଛି ବର୍ଷ ପରେ ପୁଅ ବାହାଘର କରିବ।

-ହଁ, ବୟସ ତ ବଢୁଚି, ତେବେ ତୁମକୁ ଭୁଲିପାରୁନି।

ଆସ କେବେ ଆମ ଘରକୁ।

-ଘରକୁ ? ?

ହଁ, କିଛି ଅସୁବିଧା ନାହିଁ। ମୁଁ ଏଠି ଏକା।

-ଏକା କାହିଁକି ? ତୁମ ପିଲାପିଲି ?

ପିଲାପିଲି କେହି ନାହାନ୍ତି।

Digitized by PPRACHIN, SOA

-ମାନେ ବାହାହେଇନ ?

ବାହାହେଇଥିଲି, ସ୍ତ୍ରୀ ଛାଡ଼ିଦେଇ ପଳେଇଲା ଆଉ ଜଣକ ସାଂଗରେ ।

-କାହିଁକି ?

ମୁଁ କାଳେ ଅପାରଗ, ମୋର ପୁରୁଷତ୍ୱ ନାହିଁ ।

? ? ? ?

କ'ଣ ହେଲା ?..କିଛି କହୁନ ? ଭାବୁଥିବ, ୨୦ ବର୍ଷ ତଳେ ତୁମେ ଠିକ୍ ନିଷ୍ପତ୍ତି ନେଇଥିଲ ବୋଲି.. !

●●●

Digitized by PPRACHIN, SOA

ପାପ ବି ପୁଣ୍ୟ

ସିଏ କ'ଣ ଚାଲିଚି ?

ମୁଁ କିଛି ନାଇଁମ..ଶୋଇବାକୁ ଯାଉଥିଲି..ଭାବିଲି ଟିକେ ଚାଟିଙ୍ଗ୍ କରିଦବା, ନେଟ୍ ଆଜି ଠିକ୍ ହେଲା ତ..

ସିଏ ହାଃ ହାଃ ହାଃ...ଆଜିକାଲି କ'ଣ ଜଲ୍‌ଦି ଶୋଇପଡୁଛନ୍ତି ?

ମୁଁ ନାଇଁ ଆଜି କାହିଁକି ଟିକେ ଥାଲିଆ ଲାଗୁଚି ।

ସିଏ ଆପଣ ତ ଥାଲିଆ ହୁଅନ୍ତିନି.ସେଦିନ ଆପଣ କହୁନଥିଲେ..ମର୍ଦ୍ଦକୋ ଦର୍ଦ୍ଦ ନହିଁ ହୋତା ହେ ?

ମୁଁ ହାଃ ହାଃ ହାଃ...ତମେ ତ ସବୁକଥା ମନେରଖିଚ...

ସିଏ ହଁ, ଇଣ୍ଟରେଷ୍ଟିଙ୍ଗ୍ କଥାଟେ..

ମୁଁ କ'ଣ ?

ସିଏ ଆଜି ମୁଁ ଆପଣଙ୍କୁ ଡ୍ରିମ୍‌ରେ ଦେଖିଲି ।

ମୁଁ କ'ଣ ଦେଖିଲ ?

ସିଏ ଭାଉଜଙ୍କୁ ଆଉ ଆପଣଙ୍କୁ ଦେଖିଲି..

ମୁଁ କ'ଣ ଦେଖିଲ ? ? ?...

ସିଏ ଆପଣ ଆପଣଙ୍କ ସିଷ୍ଟମଟା ବାଥ୍ ରୁମ୍‌ରେ ରଖିଛନ୍ତି..

ମୁଁ ମାନେ ?...କୋଉ ସିଷ୍ଟମ ?

ସିଏ କଂପ୍ୟୁଟର ମ !...ଆଉ ଆପଣଙ୍କ ବାଥ୍ ରୁମ୍‌ଟା ବି ମସ୍ତ ଥିଲା..ଆଇ ମିନ୍ ବାଥ୍ ରୁମ୍‌ରେ କଂପ୍ୟୁଟରଟା ଭଲ ଦେଖାଯାଉଥିଲା ।

Digitized by PPRACHIN, SOA

ମୁଁ	ଆଚ୍ଛା...ନେକ୍ସଟ ?

ସିଏ	ଆପଣଙ୍କ ମେଡ୍ ମଂଜୁକୁ ଆପଣ ସାଲାରୀ ଦଉନାହାନ୍ତି..।

ମୁଁ	ବୁଝିହେଲାନି...

ସିଏ	ମାନେ ଡ୍ରିମ୍‌ରେ ଦେଖିଲି ଯେ, ଆପଣଙ୍କର ଜଣେ ମେଡ୍ ଅଛି ମଂଜୁ..ତାକୁ ଆପଣ ୨ ବର୍ଷ ହବ ସାଲାରୀ ଦେଇନାହାନ୍ତି।

ମୁଁ	ତା' ହେଲେ ମଂଜୁକୁ ଧନ୍ୟବାଦ ଦବାକୁ ହବ..ସିଏ ୨ ବର୍ଷ ହେଲା ସାଲାରୀ ନ ନେଇକି କାମ ଜାରି ରଖିଚି।

ସିଏ	ଆପଣ ତାକୁ ଆଉ କିଛି ଦଉଥିବେ ?

ମୁଁ	ଜଣକର ଚଳିବା ପାଇଁ ଆଗ ଲୋଡ଼ା ଟଂକା...ତା' ବଦଳେ ଆଉ କ'ଣ ଦେଇହବ ?

ସିଏ	ଆପଣ ଜାଣିଥିବେ...ଆଉ କ'ଣ ଦେଇହବ..ହାଃ ହାଃ

ମୁଁ	ଆଚ୍ଛା, ବାଥ୍ ରୁମ୍‌ରେ କଂପ୍ୟୁଟର ଥିଲା, ତା' ପରେ ମଂଜୁ...ଏ ସ୍ୱପ୍ନଗୁଡ଼ାକ କେହି କା' ସାଂଗରେ କୋ-ରିଲେଟ୍ ତ ହଉନାହାନ୍ତି ?...ମତେ ଯାହା ଲାଗୁଚି, ତମର ପୂରା ଅଲଟ୍ରା ମଡର୍ଣ୍ଣ ସ୍ୱପ୍ନ।...ଆଚ୍ଛା, ମଂଜୁ କ'ଣ ବାଥ୍ ରୁମ୍‌ରେ କଂପ୍ୟୁଟର ଅପରେଟ୍ କରୁଥିଲା ?...

ସିଏ	ନା ନା..ଆପଣ କରୁଥିଲେ, ଦେନ୍ ମୁଁ କଲି...

ମୁଁ	ମାନେ ତମେ ମୋ ବାଥ୍ ରୁମ୍‌ରେ ପହଂଚି ଯାଇଥିଲ ! ଆଚ୍ଛା ମଂଜୁ ସେତେବେଳେ କ'ଣ କରୁଥିଲା ?...ମୁଁ କ'ଣ କରୁଥିଲି ? ଆଉ ଭାଉଜ ?

ସିଏ	ନା ମୁଁ କହିବିନି..ସ୍ୱପ୍ନ କ'ଣ ସତ ହୁଏ ?

ମୁଁ	ପ୍ଲିଜ୍ କୁହ...କୁହନା

ସିଏ	ନା ନା...ମତେ ଲାଜ ଲାଗୁଚି..

ମୁଁ	ହେଲୋ......

ସିଏ	ହାଏ, କ'ଣ ଏତେ ରାତିରେ... ?

ମୁଁ	ଆମର ରାତି କ'ଣ, ଦିନ କ'ଣ ? ?..ଆମେ ରାତ୍ରିଚର।

ସିଏ	ଆଉ କ'ଣ ଖବର କୁହନ୍ତୁ..

ମୁଁ	ତମ କଥା ଆଜି ଦିନରେ ମନେପକଉଥିଲି..

Digitized by PPRACHIN, SOA

ସିଏ	କ'ଣ ପାଇଁ ଦିନରେ ମନେପଡ଼ିଗଲି ?

ମୁଁ	ତମେ କ'ଣ ଭାବୁଚ, ମୁଁ ଖାଲି ତମକୁ ରାତିରେ ମନେପକାଏ, ଦିନରେ ମନେପକାଏନି !

ସିଏ	ହାଃ ହାଃ ହାଃ..ଆମ୍ ଭେରି ମଚ୍ ଗ୍ରେଟ୍‌ଫୁଲ୍...ଆମ୍ ଓବଲାଇଜ୍‌ଡ

ମୁଁ	ତମ ନାମଧାରୀ ଜଣେ ହିରୋଇନ୍ ବଲିଉଡ୍‌ରେ ଏଣ୍ଟ୍ରି କରିଛନ୍ତି, ସେଇକଥା ଆଜି ପେପର୍‌ରୁ ପଢୁଥିଲି ।

ସିଏ	ଆଚ୍ଛା, ହିରୋଇନ୍ ନାଁରୁ ମୁଁ ମନେପଡ଼ିଲି, ନହେଲେ ସେମିତି ମନେପଡ଼େନି ?

ମୁଁ	ନାଇଁ ମନେପଡ଼ ଯେ..କିନ୍ତୁ ସବୁକଥା କ'ଣ ଏମିତି ଖୋଲିଖାଲିକି କହିହବ !

ସିଏ	ନାଇଁ କୁହନ୍ତୁ..ନୋ ପ୍ରୋବ୍ଲେମ୍..

ମୁଁ	ତମ ନାଁଧାରୀ ହିରୋଇନ୍‌ଟା କିନ୍ତୁ ଭାରି ଏକ୍ସପୋଜ୍ କରୁଚି ।..ତମେ କିନ୍ତୁ ତା' ଭଳି ନୁହଁ..। ତମେ କିନ୍ତୁ କରିପାରିବ, ଖାଲି ଟିକେ ଲାଜ କରୁଚ..।

ସିଏ	ହେ.., ଆପଣ ତ ଭାରି ଷ୍ଟଡି କରୁଛନ୍ତି ମୋ ବାବଦରେ...। ଧେତ୍ ମୁଁ କ'ଣ ହିରୋଇନ୍ ହେଇଚି ନା ମଡେଲିଙ୍ଗ୍ କରୁଚି ଯେ ଏକ୍ସପୋଜ୍ କରିବି !..ଆଛା ସେଦିନ ଆପଣ କହିଲେ...ଆଜିକାଲି ମୁଁ ଟିକେ ମୋଟା ହେଇଯାଉଚି...ମୋ ପ୍ରୋଫାଇଲ୍ ଫଟୋ ଦେଖିକି ଆପଣ କମେଣ୍ଟ କଲେ ଯେ, ସମସ୍ତେ ସେୟା କମେଣ୍ଟ କଲେ..ମତେ ଭାରି ଖରାପ ଲାଗିଲା ।

ମୁଁ	ହଉ ଯଦି ଖରାପ ଲାଗିଯାଉଚି, ତେବେ ଟିକେ ସ୍ଲିମ୍ ହବାକୁ ଚେଷ୍ଟା କରୁନ..!

ସିଏ	ମୁଁ ତ କରୁଚି...କିଛି ଦିନ ହେଲା ଡାଏଟିଙ୍ଗ୍ କରୁଚି ।

ମୁଁ	ଖାଲି କ'ଣ ଡାଏଟିଙ୍ଗ୍ କଲେ ହବ, ଏକ୍ସରସାଇଜ୍ ବି କରିବାକୁ ପଡ଼ିବ ନା !

ସିଏ	କୋଉ ଏକ୍ସରସାଇଜ୍ ?...

ମୁଁ	ବହୁତ ପ୍ରକାର ଏକ୍‌ସରସାଇଜ୍ ଅଛି...ତମେ ସୁଇମିଙ୍ଗ୍ ଜାଣ ?

ସିଏ	ହଁ ଜାଣେ, ପିଲାଦିନେ ଶିଖିଥିଲି..ଟଚ୍ ନାହିଁ। କିନ୍ତୁ କୋଉଠି ସୁଇମିଙ୍ଗ୍ କରିବି ? ପିଲାବେଳେ ସିନା ଗାଁ ପୋଖରୀରେ କରୁଥିଲି, ହେଲେ ଏବେ.. ?

ମୁଁ	ଆମ ଛାତ ଉପରେ ଗୋଟେ ଛୋଟିଆ ସୁଇମିଙ୍ଗ୍ ପୁଲ୍...ମାନେ କୁଣ୍ଡ ଅଛି, ତମେ ଯଦି ଚାହିଁବ, ସେଇଠି ପହଁରିପାରିବ ।...ଇଫ୍ ୟୁ ଆର ଏଗ୍ରି, ଦେନ୍ କମ୍ ଟୁ ଆୱାର ହୋମ୍..ୟୁ ଆର୍ ମୋଷ୍ଟ ୱେଲକମ୍ ।

ସିଏ	ଭାଉଜଙ୍କର ଅବଜେକ୍ସନ ରହିବନି ?

Digitized by PPRACHIN, SOA

ମୁଁ	ଆରେ ହେ ମୁଁ ଏକଦମ ଭୁଲିଯାଇଥିଲି ଭାଉଜ କଥା..ହଁ, ସିଏ ଡାଉଟ୍ କରିବ।..କେଜାଣି କାହିଁକି ମୁଁ ଜାଣିପାରୁନି, ତମ ସହ ଚାଟ୍ କଲାବେଳେ ମୁଁ ଭାଉଜ କଥା ପୂରାପୂରି ଭୁଲିଯାଉଚି..ଭାବିପାରୁନି ଆମ ଛଡ଼ା ଆଉ ଜଣେ ଥାର୍ଡ ପରସନ୍ ସିଂଗୁଲାର ନମ୍ବର ଅଛି ବୋଲି।

ସିଏ	ଭାଉଜ ଥାର୍ଡ ପରସନ୍ ?

ମୁଁ	ଆଉ ନୁହଁତ କ'ଣ ?..ସିଏ ତାଙ୍କ ଦୁନିଆରେ ମଗ୍ନ ଆଉ ମୁଁ ତମ ଦୁନିଆରେ ମଗ୍ନ... ।

ସିଏ	ତାଂକ ଦୁନିଆଟା କ'ଣ ?...ଆଉ ଜଣେ ପୁରୁଷ ?

ମୁଁ	ନା ଏକ୍‌ଜାକ୍ଟଲି ଜାଣିନି..ଯେବେଠୁଁ ସିଏ ମୋ ଜୀବନରେ ଆସିଲା, ସେବେଠୁଁ...ସିଏ ତା'ର, ମୁଁ ମୋର..

ସିଏ	ଆଉ ମୁଁ ?

ମୁଁ	ସତ କହିବି ?

ସିଏ	ହଁ..ପ୍ଲିଜ୍ କୁହନ୍ତୁ ନା

ମୁଁ	ତମେ ମୋର...

ସିଏ	ଆଉ ମଂଜୁ ?

ମୁଁ	ଧେତ୍...ମୁଡ୍ ଖରାପ କରିଦେଲ ତା' ନା ନେଇକି...ସିଏ ଗୋଟେ ଚାକରାଣୀ..ତାକୁ ନେଇକି ତମେ ଏତେ ସେତେ କ'ଣ ଭାବିଚ..ମୁଁ ବୁଝିପାରୁନି !

ସିଏ	ହେଲେ ମୁଁ ତ ଦେଖିଥିଲି, ଆପଣ ତା' ସହ ଭାଉଜଙ୍କ ଭଳି ବ୍ୟବହାର କରୁଥିଲେ...

ମୁଁ	କୋଉଦିନ ଦେଖିଥିଲ ?...ଆଇ ମିନ୍ ତମେ ସ୍ୱପ୍ନ ଦେଖିଥିବ...

ସିଏ	ନା ନା ମୁଁ ଦେଖିଥିଲି ସେଦିନ...ଭାଉଜ ନ ଥିଲେ ଘରେ, ମୁଁ ଯାଇଥିଲି।

ମୁଁ	କୋଉଦିନ ?...

ସିଏ	ଦି ମାସ ତଳେ...ଆପଣ ବେଡ୍ ରୁମ୍‌ରେ ଥିଲେ, ହେଲେ ଝର୍କା ଟିକେ ଖୋଲାଥିଲା, ମୁଁ ଦେଖିଦେଲି...ସରି। ମୋର ଦେଖିବାକୁ ଆଗ୍ରହ ହେଲା ତ।..ଆଉ ଥରେ ସରି।..ହଉ ଛାଡ଼ନ୍ତୁ ସେକଥା, ମଂଜୁକୁ କେତେ ଟଂକା ଦେଲେ ମାନେ ଦଉଛନ୍ତି ସେଇ କାମ ପାଇଁ ?

Digitized by PPRACHIN, SOA

ମୁଁ ଆରେ ହେ, ତମେ ଗୋଟେ ଅଜବ ପିଲା, ମୁଁ ମଂଜୁକୁ କାହିଁକି ଟଂକା ଦେବି ? ସେ ସେମିତିକା ନୁହଁ। ମୁଁ ତାକୁ ଟଂକା ଫଙ୍କା କିଛି ଦିଏନି..ଆଇ ମିନ୍ ମୁଁ ଦେଇନି। ତାକୁ ଭୋକ ହଉଥିଲା ଆଉ ମତେ ବି ଭୋକ ହଉଥିଲା...ବାସ୍ ସେତିକି..ସିମ୍ପଲ୍।

ସିଏ ହେଲେ ଆପଣ ଏତେ ରାଗିଯାଉଛନ୍ତି କାହିଁକି ?..ହେଲେ ମୋ କହିବା କଥା, ଭୋକ ହେଲେ ସ୍ଥାନ, କାଳ, ପାତ୍ର, ପରିବେଶ, ପରିସ୍ଥିତି ନ ଦେଖି କ'ଣ ଭୋକ ମାରିହବ।

ମୁଁ ମୁଁ ତ ସେୟା କରୁଚି, ସ୍ଥାନ, କାଳ, ପାତ୍ର ଦେଖିକି କରୁଚି। ଖାଲି ତମେ ଯାହା..। ମୋ ମତରେ ଭୋକ ଲାଗିଲା ମାନେ ତୁରନ୍ତ ଖାଇଦବା କଥା... ନ ହେଲେ ଗ୍ୟାସ୍ ହେଇଯିବ !

ସିଏ ହେଲେ ମୁଁ ଖାଇପାରୁନି। ଆପଣଙ୍କ ପାଖରେ ଲାଇସେନ୍ସ ଅଛି, ହେଲେ ମୋ ପାଖରେ ନାହିଁ। ତେଣୁ ଖିଆଖିଇ କଲେ ଧରାପଡ଼ିଯିବାର ଆଶଂକା ବେଶୀ। ପୁଣି ମୁଁ ଝିଅଟା, ରିସ୍କ ରହୁଚି।

ମୁଁ କୋଉ ଲାଇସେନ୍ସ ?

ସିଏ ମ୍ୟାରେଜ୍ ଲାଇସେନ୍ସ

ମୁଁ ହେ..ହେ..ତମେ ତ ଭାରି ଚାଲାଖ..ପୂରା ଗଭୀର ଜଳର ମାଛ...

ସିଏ ଆପଣ କ'ଣ ମତେ ପିଲା ଭାବୁଛନ୍ତି ନା କ'ଣ ?...ମୁଁ ସବୁ ଜାଣିଚି..।

ମୁଁ କ'ଣ ଜାଣିଚ ?..

ସିଏ ନା କହିବିନି।

ମୁଁ ପ୍ଲିଜ୍ କୁହ...

ସିଏ ନା କହିବିନି..।

ସିଏ ଆଛା, ଗୋଟେ କଥା ପଚାରିବି ?

ମୁଁ ହଁ ପଚାରୁନ...

ସିଏ ପାପ-ପୁଣ୍ୟ ବାବଦରେ ଆପଣଙ୍କର କ'ଣ ଧାରଣା ?...ଆପଣ ଯାହା କରୁଛନ୍ତି, ସେଇଟା କ'ଣ ପାପ ନୁହଁ ?

ମୁଁ ତମେ ଯାହା କରୁଚ ପାପ ନୁହଁ କି ?

ସିଏ ମୁଁ କ'ଣ କଲି ?

Digitized by PPRACHIN, SOA

ମୁଁ ତୁମେ ମୋ ସାଂଗରେ ଏଇ ଯୋଉ ଚାଟିଙ୍ଗ୍ କରୁଚ, ଏଗୁଡ଼ା କ'ଣ ପାପ ନୁହଁ..ବଡ଼ ଧରଣର ନ ହୋଇପାରେ, ଛୋଟ ମୋଟ ତ..। ମାନସିକରୁ ଦୈହିକ..ମେଣ୍ଟାଲ ରିଲେସନସିପ୍‌ରୁ ଫିଜିକାଲ ରିଲେସନ୍‌ସିପ୍..ଅସୁବିଧା କ'ଣ...ଏଥିରେ ପାପ କ'ଣ ?...ମାନେ ମୁଁ ଯଦି ଭୋକିଲା ରହୁଚି, ତେବେ ଭୋକ ମେଣ୍ଟେଇବା ମୋର କର୍ତ୍ତବ୍ୟ। ମୁଁ ତ ଜୋରଜବରଦସ୍ତି କରୁନି...ଜଣକର ମନ ସାଂଗରେ ଆଉ ଜଣକର ମନ, ଜଣକର ଇଚ୍ଛା ସାଂଗରେ ଆଉ ଜଣକର ଇଚ୍ଛା ଯଦି ମିଶିଗଲା, ତା' ହେଲେ କ୍ଷତି କ'ଣ ? ଏଇ ତମ ସହିତ ମୁଁ ଏବେ ଯେତିକି ଫ୍ରି ହେଇପାରୁଚି, ତାହା କେବଳ ମନ ମିଶିବା ଯୋଗୁଁ..।

ସିଏ ମାନିବାକୁ ପଡ଼ିବ ଆପଣଙ୍କୁ, କହି ଜାଣିଲେ କଥା ସୁନ୍ଦର..ସେମିତି ବୁଝେଇ ଜାଣିଲେ ପାପ ବି ପୁଣ୍ୟ.... !

●●●

Digitized by PPRACHIN, SOA

ତମ ଆଡ଼େ ଶୀତ କେମିତି ?

ପ୍ରେମିକା ଫୋନ୍ କରିଥିଲା, ପଚାରୁଥିଲା, ତମ ଆଡ଼େ ଶୀତ କେମିତି ? ମୁଁ କହିଲି, ଆମ ଆଡ଼େ ଏବେ ଜବର ଶୀତ। ହେଲେ ତମେ ଗଲାପରେ ରୁଷିଚି ଶୀତ। ସେଠୁ ପ୍ରେମିକା ଆଶ୍ଚର୍ଯ୍ୟ ହେଇ ପଚାରିଲେ, ମାନେ ?

ମୁଁ କହିଲି, ଏ ବୟସରେ ଆଉ ତମକୁ ମାନେ ବୁଝେଇବି, ତମେ ବୁଝିଯିବା କଥା। ତମେ ଗଲାପରେ ସେଇ ଶୀତ କ'ଣ ଆଉ ଅଛି, ଯୋଉ ଶୀତରେ ଆସେ ଶିହରଣ। ଏବେ ଶୀତ ମୋ ପାଇଁ କେବଳ ଏକ ନିରୋଳା ଔପଚାରିକତା, କେବଳ ଏକ ଋତୁ। ଏବେ ଦିନରେ ଜ୍ୟାକେଟ୍ ଆଉ ରାତିରେ ରେଜେଇ ଶୀତକୁ ଜବରଦସ୍ତ ଚୁପ୍ କରେଇଦଉଛନ୍ତି। ଆଉ କ'ଣ ସେଇ ଶୀତ ଅଛି, ଯୋଉ ଶୀତରେ ଲୋଡ଼ାପଡୁନଥିଲା କମ୍ବଳ କି ରେଜେଇ। ଶୀତଦିନିଆ ପିକନିକରେ ବି ଘଂଟା ଘଂଟା ଧରି ଝରଣାପାଣିରେ ଗାଧେଇହେଉଥିଲା ଫୁଙ୍ଗୁଳା ହେଇ। ମନେ ଅଛି ନ ନାଇଁ ସେଇ ପୁରୁଣା ଦିନଗୁଡ଼ିକର କଥା।

ଖାସ୍ ତମ ପାଇଁ, ଶୀତ ସେତେବେଳେ ଥିଲା ଅମର ପ୍ରେମର ଏକ ଉଷ୍ମ ଗୀତ। ଓଃ, ଭାରି ଅଭୁଲା ସେଇ ଉଷ୍ମତା। ଶୀତ ବି ଝାଳ ବୁହାଇଦେଇଥିଲା।

ସେ: ହଁ, ସେସବୁ ଏବେ ଅତୀତ। ଅଫେରା ଅତୀତ। ହେଲେ ଏବେ ତୁମ ଭାବ ଆଉ ଭାଷା ଏତେ ରୋକଠୋକ୍ କହିପାରୁଛନ୍ତି, ମତେ ଆଶ୍ଚର୍ଯ୍ୟ ଲାଗୁଚି।

ମୁଁ: ହଁ, ମତେ ବି ସେତେବେଳେ ଭାରି ଆଶ୍ଚର୍ଯ୍ୟ ଲାଗିଥିଲା, ଯେତେବେଳେ ତୁମେ କହିଥିଲ ରୋକଠୋକ୍: 'ଘରେ ମନା କରୁଛନ୍ତି, ଆମ ଘରେ କେହି ପ୍ରେମ ଫ୍ରେମ କରି ବାହା ହୁଅନ୍ତିନି।'

ସେ: ଆଉ ସେକଥା ଉଖାରନି। ତାହା ମୋ ପାଇଁ ପାଲଟିଛି ପଶ୍ଚାତାପ, ବର୍ଷ ବର୍ଷ ଧରି ମୁଁ ଜଳିଚି। ସବୁ ଶୀତରେ ତୁମକୁ ମନେପକାଇଛି, ସବୁ ଖରା, ବର୍ଷାରେ

Digitized by PPRACHIN, SOA

ତୁମକୁ ଝୁରିଛି। କ'ଣ କରିବି, ଏଭଳି ରୋକଠୋକ୍ ନିଷ୍ପତି ତ ମୁଁ ନେଇଥଇଲି ଘରଲୋକଙ୍କ ଇଚ୍ଛା ଓ ଖୁସିର ଖାତିରରେ। ଆଜିଭଳି ସେ ସମୟରେ ବିଦ୍ରୋହ କରିବାର ସାହସ ନ ଥିଲା ମୋ ମନରେ। ମତେ ଭୁଲ ବୁଝନି।

ମୁଁ: ଗଲାଣି ତ ଗଲା କଥାରେ ସଂଗାତ, ସେ ଏକ ଅଫେରା ଅତୀତ।

ସେ: ହଉ ସଂଗାତ, ଏଇଠି ଥୁକୁଲ ପକଉଚି, ସିଏ ଆସଲେଣି..ରହୁଛି..ଶୁଭରାତ୍ରି..ଶୁଭଶୀତ।

●●●

Digitized by PPRACHIN, SOA

ସ୍ମୃତି, ସ୍ୱପ୍ନ ଓ ସଲୋନୀ

ସଲୋନୀ ସଲୋନୀ ବୋଲି ୩ ଥର ଡାକିଲି ଆଜି। ଡେରିରେ ଶୁଣିଲ ମୋ ଡାକ।

-ଆଚ୍ଛା! କେତେବେଳେ ଡାକିଲେ..ସତରେ ମୁଁ ଶୁଣିନି।

ହେଲେ ସେତେବେଳକୁ ଅଟୋ ଆସିଯାଇଥିଲା।

-କୋଉ ଅଟୋ ?

ଯୋଉ ଅଟୋରେ ତମେ ଆସିଲ..

-ମୁଁ ବୁଝିପାରୁନି, ଆପଣ କ'ଣ କହୁଛନ୍ତି ?...ମୁଁ ତ ନୋଏଡ଼ାରେ ଅଛି, ଓଡ଼ିଶା ଯାଇନି। ଆପଣଂକ ଅଫିସ୍ ପାଖକୁ ମୁଁ କେତେବେଳେ ଗଲି ?..

କାଳେ କିଏ କ'ଣ ଭାବିବ ମୋ ସାଂଗରେ ଆସିଲନି।

-ତା'ପରେ ?

ଅଟୋରେ ଅଫିସ୍ ଆସିଲ।

-ହାଃ ହାଃ, ହଁ କି.. ?..ଆପଣ ବୋଧେ କଳ୍ପନା ରାଇଜରେ ଅଛନ୍ତି ?

ନାଁ, ସତକଥା..ତୁମ ବଏଫ୍ରେଂଡ୍ କାଳେ ତୁମକୁ ଦେଖିଦବ, ସନ୍ଦେହ କରିବ ! ସେଥିପାଇଁ ତୁମେ ମୋ ସାଂଗରେ ଆସିଲନି। ଅଟୋରେ ଗଲ।

-ଗପଟେ ଲେଖୁଛନ୍ତି କି ?

ହଁ

-ହାଃ ହାଃ, ବୁଝିଗଲି। ସତକଥା ଭଳି ଲାଗୁଚି।

ହଁ, ସତ, ସଲୋନୀ ଠିକ୍ ତମ ପରି..ତୁମରି ନାଁ ଆଉ ତୁମରି ଗଢଣ। ହେଲେ ବୟସରେ ବହୁତ ତାରତମ୍ୟ, ମୋ ବୟସର ଅଧାରୁ ଟିକେ ଅଧିକ ହବ। ତୁମେ ବି ତାରି ବୟସରେ ତାରି ଭଳ ଲାଗୁଥିଲ। ତାକୁ ଦେଖିଲେ ତମ କଥା ଭାରି ମନେପଡ଼େ।

Digitized by PPRACHIN, SOA

-ସେ କିଏ ?

ଆମ ଅଫିସ୍‌ର..

-ତା' ସାଂଗରେ ଆଫାୟାର୍ସ ? ? ?

ନାଇଁ, ଆଫାୟାର୍ସ ବୋଲି କହିଲେ ଠିକ୍ ହବନି। କିନ୍ତୁ ତା'ଭିତରେ ମୁଁ ତମକୁ ଖୋଜୁଚି।..ଭାରି ମନେପଡୁଚ ତୁମେ। ଏ କଂପାନୀରେ ମୁଁ ଜଏନ୍ କରିବାର କିଛି ମାସପରେ ସଲୋନୀ ଜଏନ୍ କଲା। ନାଁଟା ଶୁଣିକି ଚମକି ପଡ଼ିଲି, ମନେପଡ଼ିଗଲା ସେଇ ପୁରୁଣା ଦିନର ସ୍ମୃତି, ହଜିଲା ଦିନର ଖୋଜିଲା କଥା।

-ଆଉ ତା'ପରେ ?..

ପ୍ରଥମ ଥର ପାଇଁ ତାକୁ ଲିଫ୍ଟ ଦଉଥିଲି, ସେ କିନ୍ତୁ ନେଲାନି।

-ଦୁଃଖ ଲାଗିଲା ?

ହଁ, ତେବେ ମୁଁ ଖୁସି, ଗୋଟେ ପାକଳ ବୟସ ଆଡ଼କୁ ଯାଉଥିବା ଲୋକଟେ ସହ ସେ କାହିଁକି ସଂପର୍କ ବାନ୍ଧିବ ! ତା'ପରେ ପ୍ରଥମ ପ୍ରେମ ତ ପ୍ରଥମ ପ୍ରେମ, ସିଏ ସେଥିରେ କାହିଁକି କଂଟା ହବ ! ଦ୍ୱିତୀୟା କାହିଁକି ହେବ ! ସଲୋନୀ ତ କେବଳ ଜଣିଏ, ଯାହାକୁ ଏ ଅଧମ ଚାହିଁଥିଲା।

-ସରି, ସବୁ ଭୁଲ ମୋର, ମୁଁ ବୁଝିପାରିନଥିଲି ଆପଣଂକୁ। ସେତେବେଳେ ଆପଣ ଭାରି ଗଂଭୀର ଲାଗୁଥିଲେ, ମୁଁ ଠିକ୍ ଭାବେ ଆପଣଂକ ପ୍ରେମର ଗଭୀରତାକୁ ଠଉରେଇପାରିନଥିଲି।

ଆଚ୍ଛା ! ମନେଥିବ, ତୁମେ ଟ୍ୟୁସନ ଯାଉଥିବାବେଳେ ତୁମକୁ ଦେଇଥିବା ଚିଠି କଥା। ମୋ ହାତର ରକ୍ତରେ ଲେଖା ଚିଠି।

-ଓଃ, ସେ ଚିଠି ଆପଣ ଦେଇଥିଲେ ?

ଆଉ କିଏ ଦେଇଥାନ୍ତା ! ରକ୍ତରେ ଚିଠି କେତେଜଣ ଲେଖନ୍ତି ?..ଟିକେ ଭାବ ତ, ତୁମକୁ ସେତେବେଳେ କେତେଜଣ ଭଲ ପାଉଥିଲେ ? ମୋ ଜାଣିବାରେ ମୁଁ କେବଳ ଜଣେ ହିଁ ଥିଲି।

-ନାଁ, ଆଉ ଦି' ତିନି ଜଣ ବି ଥିଲେ। ସେମାନଂକ ଭଳି ମୁଁ ଆପଣଂକୁ ଭାବୁଥିଲି।

●●●

Digitized by PPRACHIN, SOA

ଭୁଲ କାହାର ?

ରାତି ୧୨.୩୮ ହେଲାଣି..ଫେସ୍‌ବୁକ୍ ଚାଟ୍‌ରେ ତଥାପି ଅଛନ୍ତି ୪୭ ଜଣ। ଏମାନେ ବି ମୋରିଭଳି ରାତ୍ରିଚର ନା କ'ଣ ? ଏଯାଏଁ ଶୋଇନାହାନ୍ତି ! ନିଦ ହଉନି ନା କାହା ସାଂଗରେ ଚାଟ୍ କରୁଛନ୍ତି ! ହେଲେ ସମସ୍ତେ ! ହୁଏତ ମୋ ଭଳି ଫେସ୍‌ବୁକ୍ ଖୋଲିଦେଇ କବିତା ଲେଖୁଥିବେ !

ରାତି ୧.୪୫ ହେଲାଣି..ଚାଟ୍‌ରେ ତଥାପି ଅଛନ୍ତି ୩୨ ଜଣ। ମୋ କବିତା ଲେଖା ଭିତରେ ପୁଣି ଜଣେ ଦି' ଜଣ ମିଶିଯାଉଛନ୍ତି ତ ପୁଣି କେତେବେଳେ ଫେଡ଼ିହେଇଯାଉଛନ୍ତି। ଏତେ ରାତିରେ ଏମାନେ ପ୍ରେମିକ/ପ୍ରେମିକା ସାଂଗରେ ଚାଟ୍ କରୁଛନ୍ତି ନା ପାଖରେ ରହୁନଥିବା ସ୍ୱାମୀ/ସ୍ତ୍ରୀ ସାଂଗରେ ? ପରକୀୟା ବି ହେଇଥାଇପାରେ ! ହେଲେ କାହାର ବ୍ୟକ୍ତିଗତ କଥା ଆମେ ବି କେମିତି ଜାଣିବା..।

ରାତି ୨.୫୯ ହେଲାଣି..ମାନେ ୩ଟା। ସକାଳ ଆଉ ବେଶୀ ଦୂର ନୁହଁ, ହେଲେ ଏଯାଏଁ ନିଦ ହେଲାନି। ବିପିଟା ବଢ଼ିବଢ଼ି ଚାଲୁଛି..କ'ଣ କରିବା ! ସେପଟେ ସ୍ତ୍ରୀ କଡ଼ ଲେଉଟେଇଲେଣି। ପଚାରୁଛନ୍ତି ତମେ କ'ଣ ଏଯାଏଁ ଶୋଇନ ? ମୁଁ କିଛି କହିଲିନି। କହିପାରିଥାନ୍ତି, ନୂଆ କଥା କ'ଣ କହିଲ..ସବୁଦିନ ତ ଏୟା ହୁଏ..।

ପାହାନ୍ତା ୪ଟା ବାଜିଲା। ଫେସ୍‌ବୁକ୍ ଚାଟ୍‌ରେ ଏବେ ୯ଜଣ। ଭାବିଲି କାହା ସାଂଗରେ ଚାଟ୍ କରିବା। ପୁଅ ନା ଝିଅ ? ଯୁବକ ନା ଯୁବତୀ ? ପୁରୁଷ ନା ମହିଳା ? ନା ତୃତୀୟ ଲିଙ୍ଗ ? ନାଇଁ ସେସବୁ ଛାଡ଼, ଆଉ ଗୋଟେ କବିତା ଲେଖିବା..।

ହଁ, ଏଥର ସକାଳ ହେଇଗଲା। ସମୟ ୫ଟା। ଚାଟ୍‌ରେ ଏବେ ୧୨ ଜଣ। ସମସ୍ତଙ୍କୁ ଜଣେଇଦବା ଶୁଭସକାଳ। ଆରେ ବର୍ଷକ ତଳେ ଠିକ୍ ଏଇ ଦିନ ତ ମୋର ବ୍ରେକ୍ ଅପ୍ ହେଇଥିଲା ତା' ସାଂଗରେ। ମୋ ଟାଇମ ଲାଇନରେ ସେ

Digitized by PPRACHIN, SOA

ଲେଖିଥିଲା କେତେ କ'ଣ..ଯେତେସବୁ ଅଭଦ୍ର ଆଉ ଅଶ୍ରାବ୍ୟ କଥା। ସବୁ ମନେପକେଇଦେଲା ଫେସବୁକ୍। କେହିଜଣେ ତାଂକ ବର୍ଷକ ଦଳର ବିବାହ ଦିନକୁ ମନେପକାଇ ପୋଷ୍ଟ କରିଥିଲେ। ତା'ପରେ ମୁଁ ମନେପକେଇଥିଲି ୱାନ୍ ଇଅର ଏଗୋ, ସି ୟୋର ମେମୋରିଜ୍।

ଓଃ, କି ଖରାପ ସମୟ। ହେଲେ ମୋର କ'ଣ ଭୁଲ ଥିଲା? ସିଏ ମତେ ବାହାହବାକୁ ରାଜିନଥିଲା, କିନ୍ତୁ ଦେହ-ସଂପର୍କ ରଖିବାକୁ ଚାହୁଁଥିଲା। ତା'ର ଅନ୍ୟ ଶିକାରମାନଙ୍କ ଠାରୁ ମୁଁ ବ୍ୟତିକ୍ରମ ଥିଲି। ମନାକରିଦେଲି ସଫାସଫା। ତା'ପରେ ବ୍ରେକ୍‌ଅପ୍। ପରେ ଜାଣିଲି ସେ କେବଳ କାମନାର ପ୍ରେମିକା, ପ୍ରେମର ନୁହେଁ। ତା' କାମନାର ପ୍ରେମିକା ହେବାପାଇଁ ପ୍ରେମିକଙ୍କର ମଧ୍ୟ କିଛି ଅଭାବ ନଥିଲା। ବର୍ଷକ ଭିତରେ ସେ ମୋତେ ଭୁଲିଯାଇଥିବ ନିହାତି, କିନ୍ତୁ ପ୍ରଥମ ପ୍ରେମର ସେଇ ସ୍ମୃତିକୁ ମାନେ ତା'ର ଛଳନାକୁ ମୁଁ ଭୁଲିପାରୁନଥିଲି।

●●●

Digitized by PPRACHIN, SOA

ନିର୍ଜନ ଦ୍ୱୀପ

ହାଲୋ।

- ହାଏ..ହାଏ..ହାଏ....

କେତେ ହାଏ ହାଏ ହଉଚ, କିଛି ନାହିଁ କି କହିବାକୁ ?

-ବହତ୍ କୁଛ୍ କେହେନା ହେ ମେରେ ୟାର..

କ୍ୟା କେହେନା, ବୋଲୋନା

-ଯୋ ଆପକୋ ପସନ୍ଦ ହେ..

ପସନ୍ଦ କୀ ବାତେଁ ପୁଛ୍ ରହେ ହୋ ମୋହତରମା। ଯୋ ହମେଁ ପସନ୍ଦ ହେଁ, ଓ୍ୱ ତୋ ନହିଁ ମିଲତି। କ୍ୟା କେହେନା, ଦିଲ୍‌କୀ ବାତେଁ ଦିଲ୍‌ମେଁ ହିଁ ଛୁପାକର ରଖନା।

-ବାଃ ଜନାବ୍! ଏକଦମ୍ ଶାୟେରାନା ଅନ୍ଦାଜ!

ନିଅ ତମ ପାଇଁ ସକାଳର ଚା' ପଠଉଛି। ଏ କପ୍‌କୁ ଗୋଟେ ଚୁମ୍ମା ତ ଦିଅ, ଲାଗିବ ତମେ ମୋ ଚା' ପିଇଲ..।

-ହାଃ ହାଃ ହାଃ, ହଉ ଦେଲି...ଉମ୍ମା..ଉମ୍ମା...।..ବାଃ, ଭେରି ଟେଷ୍ଟି।

ଇଚ୍ଛା ହଉଚି, ଏଇ ସାଂଗେ ସାଂଗେ ତୁମ ହାତରୁ କପେ ଚା' ପିଅନ୍ତି! ତେବେ ଅସଂଭବ ପଛରେ ଧାଇଁ ଲାଭ କ'ଣ ?

-କାଇଁ ତମ ସ୍ତ୍ରୀ ଚା' କରିକି ଦଉନି କି ?

ସେକଥା ଛାଡ଼, ମୁଡ୍ ଖରାପ କରନି।

-ମତେ ଆଜିକାଲି କ'ଣ ଭାରି ଖୋଜୁଚ! ଆଉ ନମ୍ବରଟାକୁ ଫୋନ୍ କରିଥିଲ! ସେ ନମ୍ବରଟା ସିଏ ଉଠେଇଦେଲେ ସେଦିନ। ମୁଁ କୌଣସି ପ୍ରକାର ମ୍ୟାନେଜ୍ କରିଦେଲି, ନହେଲେ କ'ଣ ହେଇଥାନ୍ତା!

Digitized by PPRACHIN, SOA

ଓଃ, ସରି। ହ୍ୱାଟ୍ସ ଆପ୍ କି ମେସେଂଜରରେ ତମେ କିଛି ରେସପଣ୍ଡ କଲନି, ତମ ଫୋନ୍ ଲାଗିଲାନି। ସେଇ ନମ୍ବରଟାରୁ ତମେ ଦିନେ କରିଥିଲ, ସେଭ୍ ଥିଲା, ତେଣୁ ଲଗେଇଦେଲି।

-ଆଉ ଏମିତି ଲଗେଇବନି, ଅସୁବିଧା ହବ। ଇଏ ଭାରି ଅବାଗିଆ ଲୋକ, ଟିକେ ଟିକେ କଥାରେ ସନ୍ଦେହ।

ତୁମ ସହ ଦିନେ ଚାଟ୍ ନ କଲେ ଭଲ ଲାଗୁନି।

-ମତେ ବି।

ସେତେବେଳେ ସ୍ମାର୍ଟଫୋନ୍ ଥା'ନ୍ତା କି ?

-ହାଃ ହାଃ..ସେତେବେଳେ ଥିଲେ ଏବେ ଆମେ ବୋଧହୁଏ ଏମିତି ରୋମାଂଟିକ୍ ଚାଟ୍ କରୁନଥାନ୍ତେ !

କାହିଁକି ?

-ପତି-ପତ୍ନୀ ହେଇ ହୁଏତ ଝଗଡ଼ା କରୁଥାନ୍ତେ ! ମୁଁ ଦେଖିଚି ଅନେକ ପ୍ରେମର ସୁନ୍ଦର ରୂପ କେମିତି ହେଇଚି ବାନ୍ଦର।

ନା, ଆମ ଭିତରେ ସେମିତି କିଛି ହେଇନଥାନ୍ତା !

-ହଉ ଛାଡ଼, ସେକଥା ଭାବି ଆଉ କ'ଣ ଲାଭ ?

ଦେଖ ଏ ଦ୍ୱୀପକୁ, ଭାରି ସୁନ୍ଦର। ଏମିତି ଗୋଟେ ଜାଗାକୁ ଯିବାର ଅଛି।

-ଫରେନ୍ ଟ୍ରିପ୍ ? ଯାଉନ..।

ଏମିତି ଗୋଟେ ଦ୍ୱୀପରେ ରହିବାକୁ ଭାରି ଇଚ୍ଛା..ଏକା ଏକା। ମେଁ ଔର ମେରୀ ତନହାଇ।

-ନିର୍ଜନ ଦ୍ୱୀପ ! ମତେ ଡାକିବନି ?

ଡାକିଲେ ତମେ କ'ଣ ଯାଇପାରିବ ?

-ଇଚ୍ଛାଗୁଡ଼ାକ ମନପବନ ଘୋଡ଼ା ହେଇଯାଆନ୍ତେନି ?

ଗୋଟେ ଗପ ଲେଖୁଚି, ଶୀର୍ଷକ ହଉଛି 'ନିର୍ଜନ ଦ୍ୱୀପ'। ସେଇ ଗପରେ କେବଳ ଗୋଟିଏ ଚରିତ୍ର, ଜଣିଏ ନାୟକ।

-କିଏ ନାୟକ ? ତମେ ?

Digitized by PPRACHIN, SOA

ହଁ।

-ମତେ ନାୟିକା ସଜେଇ ଦଉନ!

ସ୍ୱାଧୀନତା ଦବ।

-ହଁ। ତୁମ କଳ୍ପନାରେ, ସ୍ୱପ୍ନରେ, ଭାବନାରେ ତମର ଯାହା ଇଚ୍ଛା ସେଇଭଳି କାହାଣୀ ଲେଖ ମତେ ନେଇ। କିଛି ଅସୁବିଧା ନାହିଁ।

ସତ କହୁଚ ?

-ହଁ, ତୁମେ ଲଂଘିପାର ଲକ୍ଷ୍ମଣରେଖା, ଯାହା ତୁମେ ଲଂଘିପାରିନଥଲ କଲେଜବେଳେ। ମେଂଟାଇନିଅ ତୁମର ସବୁ ଭୋକ, ସବୁ ଅବସୋସ, ସବୁ ଶୋଷ। ମତେ ନେଇଯାଅ ସେଇ ନିର୍ଜନ ଦ୍ୱୀପକୁ, ଯୋଉଠି କେହି ନଥିବେ! ଥିବେ କେବଳ ଦୁଇଟି ତନ, ଦୁଇଟି ମନ। ତନ ଓ ମନର ଯୁଗଳବନ୍ଦୀ। ଥିବେ କେବଳ ଆଦାମ୍ ଓ ଇଭ୍।

ମୁଁ ନିଃଶବ୍ଦ। ନା..ଅସଂଭବ, ମୁଁ ଏଭଳି ଗପ ଲେଖିପାରିବିନି।

●●●

Digitized by PPRACHIN, SOA

କଥା ରହିଲା ଆର ଜନ୍ମକୁ..

ସିଏ: ହାଏ ! କାଲି କ'ଣ ଶୋଇପଡ଼ିଲ ?

ମୁଁ: ହଁ, ନିଦ ହେଇଗଲା, ସରି ।

ସିଏ: ଯା' ହଉ, ତମକୁ ନିଦ ହେଇଗଲା, ମୁଁ ଖୁସି..ମୋ ସହ ଚାଟ୍ ନ କର ପଛେ, ମୁଁ ଖୁସି ।

ମୁଁ: ସତରେ ?

ସିଏ: ହଁ, ତୁମ ଖୁସି ହଉଚି ମୋ ଖୁସି ।

ମୁଁ: ଆଚ୍ଛା..

ସିଏ: ଆଗରୁ ତ ନିଦ ହଉନଥିଲା ?

ମୁଁ: ହଁ, ଏବେ ନିଦ ଔଷଧ ଖାଉଚି ।

ସିଏ: ଶେଷରେ ନିଦ ଔଷଧ ? ମାନେ ନିଶା ?

ମୁଁ: ହଁ, ହେଲେ ନିଦରେ ବି ତମେ ଥିଲ..ସ୍ୱପ୍ନରେ ଆସିଥିଲ ।

ସିଏ: କି ସ୍ୱପ୍ନ ଦେଖିଥିଲ ?

ମୁଁ: ଏମିତି ସ୍ୱପ୍ନ, ଯାହା କେବେ ବି ସଂଭବ ନୁହଁ । କଳ୍ପନାର ସ୍ୱପ୍ନ, ଯାହା ବାସ୍ତବ ନୁହେଁ ।

ସିଏ: କ'ଣ ଦେଖିଲ ?..

ମୁଁ: ତମେ ମୋ ପାଖେପାଖେ ଥିଲ.. ।

Digitized by PPRACHIN, SOA

ସିଏ: ହଁ, ମୁଁ ତ ତମ ପାଖେପାଖେ ଥିଲି। ମୁଁ ସ୍ୱପ୍ନ ଦେଖୁନଥିଲି, କିଂତୁ ତୁମେ ମୋର କଳ୍ପନାରେ ସବୁବେଳେ ଅଛ। ମୁଁ: ଆଚ୍ଛା..ତୁମେ ବି ମୋ ଭଳି ? ?

ସିଏ: ହଁ, ଏତେ ବର୍ଷ ପରେ ଆଉ ଲୁଚେଇ ଲାଭ କ'ଣ ? ଅତୀତ ତ ଅତୀତ ହେଇଗଲାଣି। ଏବେ ମନଖୋଲି ସତ କହିବାରେ ଅସୁବିଧା କ'ଣ ?

ମୁଁ: ଓଃ, ଏତେ ବର୍ଷ ପରେ ଅତୀତ ପାଟି ଖୋଲିଚି। ମୁଁ ଭୁଲିପାରୁନି ସେଇ ଅତୀତ।

ସିଏ: ଯାହା ଅତୀତରେ ହେଇପାରିନି, ତାହା ଭବିଷ୍ୟତରେ ଆଉ ହେବାର ସଂଭାବନା ନାହିଁ। ଆଉ ଏକ ଜନ୍ମକୁ ଅପେକ୍ଷା, ତମେ ରାଜି ତ ?

ମୁଁ: ହଁ, ରାଜି।

ସିଏ: ହଉ, କଥା ରହିଲା ଆର ଜନ୍ମକୁ..।

ମୁଁ: ଆଉ ଏକ ଜନ୍ମକୁ ଅପେକ୍ଷା

ଅପେକ୍ଷା ଆଉ ଏକ ସଂଭାବନାକୁ

ପୂରଣ ହେବାକୁ ଯେତେ ସବୁ ସ୍ୱପ୍ନ

ଅପେକ୍ଷା ତୁମକୁ..।

●●●

Digitized by PPRACHIN, SOA

ଚାପୁଡ଼ା ଆଉ ଚୁମ୍ବା

ମାଡାମ୍ କ'ଣ ଖବର ?

-ଭଲ..ଆଉ ତୁମର ! ମାଡାମ୍ ଆଉ ପିଲାମାନେ ?

ଭଲ ସବୁ।

-ତୁମ ସମସ୍ତଂକୁ ହୋଲିର ଆଗୁଆ ଅଭିନନ୍ଦନ।

କ'ଣ କରୁଚ ?

-୨୦ବର୍ଷ ତଳର ହୋଲି କଥା ଭାବୁଚି।

କ'ଣ ଭାବୁଚ ?

-ଗୋଟେ ଝିଅ କଥା ଭାବୁଚି, ଯିଏ ହୋଲିରେ ଦେଇଥିଲା ଗୋଟେ ଚୁମ୍ବା ଆଉକିଛି ଗୋଲାପୀ ରଂଗ। ହେଲେ ପର ମୁହୂର୍ତରେ ସବୁ ଗୋଳମାଳ ହେଇଯାଇଥିଲା।

ତା'ହେଲେ ମନେରଖିଚ ସେଇକଥା ?

-ହଁ, ଭୁଲିବି କେମିତି ? ମତେ ଲାଗୁଥିଲା, ବୋଧେ ତୁମେ ମାଉସୀଂକୁ ଜଣେଇଦବ, ତା'ପରେ ମୋ ଅବସ୍ଥା ବାର ବାଜିଯିବ।

ଓଃ, କି ଶିହରଣ, କି ଅନୁଭବ। ଭାରି ଭଲ ଲାଗିଥିଲା ତୁମ ଚୁମ୍ବା। ତେବେ ତାହା ଅପ୍ରତ୍ୟାଶିତ ଥିଲା। ତୁମେ ବୋଧେ ଭୁଲରେ ମୋତେ ଚୁମ୍ବା ଦେଇଚ ଭାବି ଚାପୁଡ଼ା ମାରିଥିଲି।

-ଚାପୁଡ଼ା ଖାଇକି ବି ମତେ ଭଲ ଲାଗୁଥିଲା। ହାରିଗଲେ ବି ଜିତିବାର ଉଲ୍ଲାସ..ଓଃ ଭାରି ଅଭୁଲା।

ସରି, ସେଇ ଚାପୁଡ଼ା ପାଇଁ। ମୁଁ ପରେ ଭୁଲ ବୁଝିଥିଲି, ମୋର ତୁମକୁ ଚାପୁଡ଼ା ମାରିବାର ନ ଥିଲା।

Digitized by PPRACHIN, SOA

-ଚାପୁଡ଼ା ପାଇଁ ସରି, ଆଉ ଚୁମ୍ମା ପାଇଁ କ'ଣ ଦବ ? ସେଇଟା ବାକିଆ ଅଛି, ସେଇଦିନରୁ। ମୂଳ ସାଂଗରେ ସୁଧ..ଚକ୍ରବୃଦ୍ଧି ସୁଧରେ ହିସାବ ହବ।

ହଉ ଦେବି।

-କ'ଣ ଦବ ?

ତୁମ ଠାରୁ ବହୁ ଦୂରରେ ମୁଁ ଅଛି। କେବେ ଯିବି କିଛି ଠିକଣା ନାହିଁ। ଚାରି ଛ' ବର୍ଷରେ ଥରେ ଇଣ୍ଡିଆ ଯାଉଚି। ତୁମ ସହ କେବେ ଦେଖାହବ, ମୁଁ କିଛି ଭାବିପାରୁନି। ତେଣୁ ଏଇଠୁ ପଠେଇଦଉଚି ତୁମ ଚୁମ୍ମାର ମୂଳ ଆଉ ଚକ୍ରବୃଦ୍ଧି ସୁଧ।

-କ'ଣ ପଠେଇବ ? ଡଲାର ?

ହାଃ ହାଃ, ତୁମ ଚୁମ୍ମାକୁ କ'ଣ ଏତେ ଶସ୍ତା ବୋଲି ଭାବିଦେଲ ? ଡଲାର ସାଂଗରେ ତୁଳନା କରୁଚ ! ତୁମକୁ ମୁଁ ପଠଉଚି, ସେଇ ଭାବର ରଂଗ, ଯାହା ତୁମ ପାଇଁ ମୁଁ ହୃଦୟରେ ସେଇଦିନଠୁ ସାଇତି ରଖିଚ।

-ସତରେ ! ତୁମେ ମତେ ଏତେ ଭଲ ପାଉଥିଲ ?

କହିବାକୁ ତ ଅନେକ କଥା। ହେଲେ ସବୁକଥା କହିହୁଏନି, ଯେମିତି ସବୁ ସଂପର୍କକୁ କିଛି ନାଁ ଦେଇହୁଏନି। ତୁମର ଆଉ ମୋର ଭଲପାଇବା ସେଇ ବେନାମ ସଂପର୍କର ପରିଧି ଭିତରେ ସୁରକ୍ଷିତ ଯୁଗ ଯୁଗ, ଜନ୍ମ ଜନ୍ମାନ୍ତର ପାଇଁ। ତୁମେ ଭଲରେ ଥାଅ। ବାଏ...ଟେକ୍ କେଆର..।..ହାପି ହୋଲି।

●●●

Digitized by PPRACHIN, SOA

ବର୍ଷା ନିଖୋଜ୍

ନିମ୍ନଲିଖିତ ପ୍ରଶ୍ନର ସଠିକ୍ ଉତର ଉପରେ ଟିକ୍ ଚିହ୍ନ ଦିଅନ୍ତୁ।

ପ୍ରଶ୍ନ: ବର୍ଷାକୁ ଛୁଇଁବାକୁ ଇଚ୍ଛା, କିନ୍ତୁ

(କ) ବର୍ଷା ପାଖରେ ନାହିଁ

(ଖ) ପାଖରେ ଥିଲେ ବି ଧରାଦଉନି

(ଗ) ବର୍ଷା ନିଖୋଜ୍: ପଢାସରିବା ପରେ ବର୍ଷା କୁଆଡ଼େ ଯାଉଛି ଯେ, ମୁଁ ତାକୁ ଆଉ ପାଉନି..ଫେସବୁକ୍‌ରେ ବି ନାହିଁ

ଆପଣ ଜାଣନ୍ତି କି କ'ଣ ସଠିକ୍ ଉତର? କ, ଖ ନା ଗ? ଫେସ୍‌ବୁକ୍‌ରେ ପଚାରିଥିଲି ଏ ପ୍ରଶ୍ନ। କବି ଶଂକର ପରିଡ଼ା ତ ଛାଡ଼ିଦେଲେ କବିତାଟିଏ: 'ଆଷାଢର ଅସଜଡ଼ା ବର୍ଷା କାହିଁ..ବର୍ଷା କାହିଁ ଶ୍ରାବଣ ମେଘରେ..ବର୍ଷା କାହିଁ ଆକାଶରେ..ବର୍ଷା କାହିଁ ତମାଳ ବଣରେ.. ।..ବର୍ଷା ତ ଝୁରେ ଆଖିର ଏ କୋରାକିତ ପଦ୍ମ ପାଖୁଡ଼ାରେ'। ବଂଧୁ ସନ୍ତୋଷ ପଣ୍ଡା ମତ ଦେଲେ, 'ବର୍ଷା ବିବାହିତା'। ଏହାକୁ (ଗ) ର ଅପସନ୍ ଦିଆଯାଇପାରେ। ବଂଧୁ ଦେବରଂଜନ ପାତ୍ରଙ୍କର ମତ ଥିଲା, 'ଯଦି ବର୍ଷାର ଫଟୋ ଅଛି, ତା'ହେଲେ ଗୁଗଲରେ ଫଟୋ ସର୍ଚ କରିହେବ।' ଶେଷରେ ମାଡାମ୍ ଝୁନୁବାଳା ପୃଷ୍ଟି ଲେଖିଲେ, 'ଏ ପ୍ରଶ୍ନର ଉତ୍ତର କେବଳ ବର୍ଷା ହିଁ ଦେଇପାରିବ।' ଏବେ ଆପଣ କ'ଣ ଭାବୁଛନ୍ତି ପାଠକବଂଧୁ? ଚାଲନ୍ତୁ ମିଳିମିଶି ଖୋଜିବା ବର୍ଷାକୁ।

ବର୍ଷା ହେଲେ ଭାରି ମଜା। ଓଃ ଭିଜିବାର କି ମଜା। ଅବଶ୍ୟ ସବୁବେଳେ ସେ ମଜା ମିଳିନଥାଏ। ଘରଲୋକଙ୍କ ଆକଟ ଆଉ ଗାଳିକି ବେଖାତିର କରିବାର ସାହସ ନଥାଏ। ହଁ, ଘରଲୋକେ ପାଟିକଲେ ଛତାଟା ନବାକୁ ପଡ଼ିବ। ତେବେ ସେଥିରେ ବି ଅଲଗା ଗୋଟେ ମଜା। ଛତା ଛାଏଁ ଛତା ଥିବ, କିନ୍ତୁ ପୂରା ଦେହଟା ଭିଜିଯାଇଥିବ। ବର୍ଷା ସାଂଗକୁ ଯଦି କୁଆପଥର ପଡ଼େ, ତା' ହେଲେ ଆହୁରି ବଢିଆ। କୁଆପଥରଗୁଡ଼ାକର

Digitized by PPRACHIN, SOA

ସେମିତି କିଛି ସ୍ୱାଦ ନଥାଏ, କିନ୍ତୁ ସେଗୁଡ଼ିକ ଗୋଟେଇକି ଆଣି ଖାଇବାରେ କାହିଁକି କେଜାଣି ଭାରି ଭଲଲାଗେ। ଆଉ ବର୍ଷାରେ ଡଙ୍ଗା ତିଆରି କରି ମଝି ଦାଣ୍ଡରେ ଭସେଇବାର ମଜା ନିଆରା। ହେଲେ ମଜା ବି ବେଳେବେଳେ ସଜା ହେଇଯାଏ। ବଡ଼ଲୋକେ ଆମ ମଜା କାହୁଁ ବୁଝିବେ, ତେଣୁ ସେମାନେ ସଜା ଦେଇଦିଅନ୍ତି। କିହୋ ମୋ ଡଙ୍ଗାଟା ରଘୁ ଘର ଦୁଆରେ ଲାଗିବ ବୋଲି କ'ଣ ମୁଁ ଜାଣିଥିଲି। ତାଂକ ଘର ସାଂଗରେ ଆମ ଘରର ଅହିନକୂଳ ସଂପର୍କ ଅଛି ବୋଲି ଜାଣିଥିଲି, ହେଲେ ଡଙ୍ଗାଟା ଯାଇ ତାଂକ ଦୁଆରେ ଲାଗିଯିବ ବୋଲି ମୋର କ'ଣ ଧାରଣା ଥିଲା ନା ସେଇଟା ମୋ ଆୟତ୍ତ ଭିତରେ ଥିଲା ! କରି କରାଉଥାଏ ମୁହିଁ, ମୋ ବିନୁ ଅନ୍ୟଗତି ନାହିଁ। ତା'ପରେ ତ ଦେଖ, ଲାଗିଗଲା ଦୁଇ ଘର ଭିତରେ କଳି। ଆମ ଘର ଲୋକେ ମତେ, ରଘୁଆ ଘର ଲୋକେ ରଘୁକୁ ସଫା ସଫା ଶୁଣେଇଦେଲେ, ଆମେ ଦି'ଜଣ ଯେମିତି କଥା ନ ହଉ। ପୂରା କଟି। ଖାଲି କଟି ନୁହଁ, ଡବଲ କଟି।

ବୟସ ବଢୁଥିଲା, କିଶୋର ମନଟା ତରୁଣ ଅବସ୍ଥାରେ ପହଂଚିଗଲା। ତରୁଣ ମାନେ ଇଏ ଗୋଟେ ପ୍ରକାର ତରଳ ଅବସ୍ଥା। ଅନେକ କିଛି ନୂଆ ନୂଆ ଘଟେ ଏ ବୟସରେ। ଏ ବୟସରେ ବର୍ଷା ଭାରି ରୋମାଂଚପ୍ରଦ। ପରିବର୍ତ୍ତନର ଏଭଳି ସନ୍ଧିକ୍ଷଣରେ ବର୍ଷା ବି ବାଡ଼ ଅବାଡ଼ ମାନେନି, ଯୁଆଡ଼େ ଇଚ୍ଛା ସିଆଡ଼େ ମାଡ଼ିଯାଏ। ଏଇ ଯେମିତି ସେଦିନ ବର୍ଷା ଯୋଗୁଁ ହାଫ୍ ଛୁଟି ହେଇଯାଇଥିଲା। ଆମେସବୁ ଡିଆଁଡେଇଁ କରି ଘରକୁ ଫେରୁଥିଲୁ। ଡିଆଁଡେଇଁରେ ମଇଳାପାଣି ଏମିତି ଛିଟିକିଲା ଯେ ଅତରୀର ଧଳା ସ୍କୁଲ ୟୁନିଫର୍ମ ପୂରା ରଂଗୀନ ହେଇଗଲା। ରଙ୍ଗ କ'ଣ ଇମିତି ହୁଏ, ଥାନ ଅଥାନ ମାନିବନି। ଡିଆଁଡେଇଁ ବେଳେ ଗୋଡ଼ କ'ଣ ଇମିତି ଭାଗମାପରେ ଡେଇଁବ ଯେ, କାଦୁଅ ଛିଟିକା କେବଳ ପଛଆଡ଼େ ପଡ଼ିଥାନ୍ତା ! ପଛଆଡ଼େ ପଡ଼ିଥିଲେ ଚଳିଥାନ୍ତା ! ହେଲେ ଆଗଆଡ଼େ ! ପୁଣି ସେଂଟର-ସ୍ପେଡ୍। ସେଦିନ ଅତରୀକୁ ତାଂକ ଘରେ ନିର୍ଘାତ ମାଡ଼ ଦେଇଥିଲେ। ମତେ ବି ସ୍କୁଲରେ ହେଡ୍ ସାରେ ଯୋଉ ମାଡ଼ ଦେଲେ, ବୋପା ଚଉଦପୁରୁଷ ମନେପଡ଼ିଗଲା। ମାଡ଼ ତ ଯାହା ଦେଲେ, ସବୁ ପିଲାଙ୍କ ଆଗରେ ବେଜିତ୍ କଲେ। କହିଲେ, ଝିଅ ପିଲାଙ୍କ ସମ୍ବେଦନଶୀଳ ଅଂଗ ଆଡ଼ିକି ଏଡ଼ିକି ବୟସରୁ କ'ଣ ତୋର ନଜର ଗଲାଣି। ଏବେଠୁ ସୁଧୁରିଯା, ନହେଲେ ନାମ ନବୁ। ହେଲେ ମୁଁ ଭାବୁଥିଲି, ମୋର ଭୁଲ୍ କ'ଣ ! ଖାଲି କ'ଣ ସେତିକି, କୁଆପଥର ଯୋଗୁଁ ବି ମୁଁ ଧୁମ୍ ମାଡ଼ ଖାଇଥିଲି। ମୋର ବା କ'ଣ ଭୁଲ...ଲୋରୀ ନାନୀ ମୁଁ ଗୋଟେଇକି ଆଣିଥିବା କୁଆପଥରଗୁଡ଼ାକୁ ଲୁଚେଇପକେଇଥିଲା। ମୁଁ ତା'ଠୁ ସେଗୁଡ଼ାକୁ ଛଡ଼େଇକି ଆଣିଲି। ସେଇଟା ମୋର ଭୁଲ୍...ଅଯଥାରେ ମାଡ଼ ଖାଇଲି। ଲୋରୀ ନାନୀ କହିଲା, ମୁଁ ଏମିତି ଜାଗାରେ ଲୁଚେଇଚି, ତୁ ପାଇବୁନି। ଯଦିବା ପାଇବୁ, ତା'ହେଲେ ଆଣିପାରିବୁନି, ତୋର ସେ ସାହସ ନାହିଁ, ତୁ ମାଇିଆଟା। ତା'ର ସେତିକି କଥାରେ ମୋ ପୁରୁଷତ୍ୱ ଚେଇଁଉଠିଥିଲା। ଲୋରୀ ନାନୀ ତା'

Digitized by PPRACHIN, SOA

ଦେହର ଯୋଉ ସମ୍ବେଦନଶୀଳ ଅଂଗରେ କୁଆପଥରଗୁଡ଼ାକୁ ଲୁଚେଇରଖିଥିଲା, ସେଇଠୁ ମୁଁ ନିକାଳି ଆଣିଥିଲି। ଫଳ ହେଲା, ମୋ ପିଠିରେ ବର୍ଷା।

ଏ ବୟସରେ ବିଜୁଳି ଆଉ ଘଡ଼ଘଡ଼ି ମାରିଲେ ବି ଭାରି ଭଲଲାଗେ, ଭୟଲାଗେନି। ପ୍ରକୃତିର ବିସ୍ମୟ ଦେଖିବାକୁ, ଶୁଣିବାକୁ ଖୁସିଲାଗେ। ବିଜୁଳି ବି ଭାରି ରୋମାଂଟିକ ଯେ! ଇଏତ ଆକାଶର ବିଜୁଳି, ହେଲେ ଆମ କ୍ଲାସ୍‌ରେ ପଢୁଥିବା ବର୍ଷାକୁ ବିଜୁଳି ବୋଲି ସମସ୍ତେ ଡାକୁଥିଲେ । କାହିଁକିନା ତା' ସାଂଗରେ କଥା ହେଲେ ଭୟ ଲାଗୁଥିଲା, କାଳେ କାହାକୁ କଂପ୍ଲେନ୍ କରିଦବ। ତା'ଦେହରେ ହାତ ଟିକେ ବାଜିଗଲେ କରେଂଟ୍ ଲାଗୁଥିଲା। ସିଏ ଏମିତି ରିଆକ୍ଟ କରୁଥିଲା, ରାଗୁଥିଲା ଯେ; ସେକଥା ଭାବିଲେ ଏବେ ବି ବିରକ୍ତ ଲାଗୁଚି। ବିଜୁଳି ସୁନ୍ଦର ଥିଲା, ଆମ କ୍ଲାସର ସବୁ ଝିଅଙ୍କ ଭିତରେ ନମ୍ବର ୱାନ୍ ସୁନ୍ଦରୀ। ସବୁଠୁ ପୂରିଲା ଅଂଗ ବି ତାର ଥିଲା। ହେଲେ ସେ କାହାକୁ ବି ପଚାରୁନଥିଲା। ସିଏ ଥିଲା ମୋର ପ୍ରଥମ ପ୍ରେମ। ଏକତରଫା ପ୍ରେମ। ହେଲେ ଫେଲ୍। ତାକୁ ନେଇ ମୁଁ ଢେର କବିତା ଲେଖିଚି। ଏଇ ଯେମିତି ଲେଖିଥିଲି, "ବର୍ଷାର ତରୁଣୀ": ମେଘମଂଦ୍ର ଏ ମେଘାଗମ ଆନୀତରେ କିଂଚିତ୍ ସଂଯତ୍ ଏ ମେଘବର୍ମା/ମେଘମଲ୍ଲାର ଉଲ୍ଲସିତ-ମେଘାଡମ୍ବର-/ମେଘଡଂବରୁ ଆଚ୍ଛାଦିତ/ ପତିତ ମେଘାସ୍ଥି/ମେଘପୁଷ୍ପର ଶୁଭାଗମନ/ପହିଲି ଆଷାଢର ପରଶରେ ସ୍ନାନାରାତା ତରୁଣୀ !/କବିର କଳ୍ପନା ସୀମାତୀତ, ହୃଦୟକନ୍ଦରେ ମୋ ପ୍ରିୟା ସ୍ଥାନିତ/ସେ ଅପସରୀ, ବର୍ଷାର ତରୁଣୀ।"...ବିଜୁଳିକୁ କବିତା ଶୁଣେଇଥିଲି, ହେଲେ ସିଏ କହିଥିଲା, ଗେଂଠା କବିତା ଲେଖିଚୁ। ମୁଁ ଆଉ ସେଇଦିନଠୁ କବିତା ଲେଖିନି। 'ବର୍ଷାର ତରୁଣୀ' ଥିଲା ମୋର ପ୍ରଥମ ଆଉ ଶେଷ କବିତା।

ବୟସ ବଢୁଥିଲା, ହେଲେ ପ୍ରତିବର୍ଷ ବର୍ଷା ଯେମିତି ହବାକଥା ହଉଥିଲା। ଅବଶ୍ୟ ଆଜିକାଲି ବର୍ଷା ଆଉ ନିୟମିତ ଋତୁଚକ୍ର ଭିତରେ ନାହିଁ। କିଛି ମହିଳାଙ୍କର ଅନିୟମିତ ଋତୁଚକ୍ର ଭଳି ବର୍ଷା ଏବେ ଅନିୟମିତ ହେଇଯାଇଚି। ଏବେ ବର୍ଷାରେ ରୋମାନ୍ସ କରିବାକୁ ପତ୍ନୀଙ୍କୁ ଡାକିଲେ ଶୁଣିବାକୁ ମିଳୁଚି, 'ଓହୋ..ମଣିଷକୁ ଟିକେ ଶାନ୍ତିରେ ଶୁଆଇ ଦବନି.. ! ସବୁବେଳେ ସେୟା..ପୁରୁଣା ଖୋଇ ଗଲାନି..! ନାଁ ମ..ସେମିତି କିଛି ଇଚ୍ଛା ଆଜି ନାହିଁ' ।...ମୁଁ କହେ, 'ଆରେ ଦେଖ, କେମିତି ବର୍ଷା ହଉଚି, ବେଙ୍ଗରଡ଼ି ହଉଚି, ଘଡ଼ଘଡ଼ି ହଉଚି, ବିଜୁଳି ବି ମାରୁଚି, ମୋର ଆଜି ଭାରି ଇଚ୍ଛା ହଉଚି।' ହେଲେ ପତ୍ନୀ କୁହନ୍ତି, 'ନାଇଁ ମୋର ଆଜି ଜମାରୁ ଇଚ୍ଛା ନାହିଁ।'...ସେଠୁ ମୁଁ କହେ, ନା କହିପାରେନି, ଖାଲି ମନେ ମନେ ଭାବେ, 'ତମ ଅନିଚ୍ଛାରେ ମୋ ଇଚ୍ଛାଗୁଡ଼ାକର ବା କି ମୂଲ୍ୟ ଅଛି..ତେଣୁ ଇଚ୍ଛାଗୁଡ଼ାକୁ ଏବେ କବର ଦେଇଦବାକୁ ହବ..କାମନାଗୁଡ଼ାକୁ ଅକାମୀ କରିଦବାକୁ ହବ..ନା କ'ଣ କହୁଚ.. ?

Digitized by PPRACHIN, SOA

ସତରେ ବିଶ୍ୱାସ ହଉନି..ସମୟଗୁଡ଼ାକ ଏତେ ଜଲ୍‌ଦି ହାତପାଆନ୍ତାରୁ ଖସିଯାଆନ୍ତି ବୋଲି..! ବୟସର ଏଇ ମୋଡ଼ରେ ସେ ପୁରୁଣା କଥାଗୁଡ଼ାକ ଆଉ ଭାବି କି' ଲାଭ..ଅବଶ୍ୟ ଲାଭ ନାହିଁ ସିନା କ୍ଷତି ବି ନାହିଁ..! ସେଦିନ ପଚାରିଥିଲି ପତ୍ନୀଙ୍କୁ...ମନେ ଥିବ ତୁମର..ବାହାଘର ପରେ ପରେ ଆମେ ଯୋଉ ହନିମୁନ୍‌ରେ ଯାଇଥିଲେ ଗୋଆ..ବର୍ଷାରେ ଓଦା ହେଇ ନିର୍ଦ୍ଧୁମ ଭିଜିଥିଲେ ବିଚ୍‌ରେ।..ସଂଧ୍ୟା ହେଇଯାଇଥିଲା, ଆମ ପୋଷାକଗୁଡ଼ାକ ଅଲୋଡ଼ା ହେଇଯାଇଥିଲା।..ତୁମେ ବି ବ୍ୟଗ୍ର ଥିଲ..ମନେ ଅଛି ନା?..ହଁ, ସେତେବେଳେ ସେଇ ବୟସ ଥିଲା, ସେଇ ବଳ ଥିଲା..ଇଚ୍ଛା ଆଉ ଉତ୍ସାହ ଥିଲା..ଭୋକ ବି ପ୍ରବଳ ଥିଲା। ଖାଲି ମୋର ନୁହଁ, ଆମ ଦି' ଜଣକର..ଏବେ ସିନା ତମକୁ ଭୋକ ହଉନି..!' ପତ୍ନୀ ଚୁପ୍‌ଚାପ୍ ଶୁଣିଥିଲେ, ଉଁ କି ଚୁଁ କହିନଥିଲେ।

ବୟସ ବଢ଼ିଲା, ଏବେ ତ ଜୀବନର ମଧ୍ୟାହ୍ନ। ଏଇବେଳେ ଭାରି ମନେପଡ଼େ ପୁରୁଣାକଥା। ବିଜୁଳି କଥା ମନେପଡ଼େ, ବର୍ଷା କଥା ମନେପଡ଼େ। ଏବେ ଘରୁ ବାହାରକୁ ବାହାରିଲା ବେଳକୁ ଦେହ ସାଥ୍ ଦିଏନି। ପରେ ପରେ ମନ ବି ସାଥ୍ ଦିଏନି। ସତରେ ମଣିଷ ଜୀବନଟା ସେୟା। ଏମିତି ସମୟ ଆସିଯାଏ, ବଳ, ବୟସ ନଥାଏ, ନିଜେ ଘରୁ ବାହାରିବାକୁ, ବର୍ଷାକୁ ଟିକେ ମନଭରି ଦେଖିବାକୁ। କତରାଲଗା ହେଇପଡ଼ିରହିଥାଏ ଶରୀର ଆଉ ଏକ ବର୍ଷା/ବିଜୁଳିର ଅପେକ୍ଷାରେ, ଆଉ ଏକ ଜୀବନରେ..।

●●●

Digitized by PPRACHIN, SOA

ସେଦିନ ସଂକ୍ରାନ୍ତି ଥିଲା

ସେଦିନ କାହିଁକି ସକାଳୁ ସକାଳୁ ଭାରି ଭୋକ ହଉଥିଲା। ଅନେକ ଦିନ ହବ ମୁଁ ତାଂକ ଘର ଆଡ଼େ ଯାଇନଥିଲି। ସିଏ ବି ସକାଳୁ ସକାଳୁ ଫୋନ୍ କଲା, ଏବେ ଆମ ଘର ଆଡ଼େ ଟିକେ ଆସୁନ...ଡେରି କରିବନି..ସାଂଗେ ସାଂଗେ ଆସ। ମୁଁ ବି ଫୋନ୍ ପାଇ ତୁରନ୍ତ ବାହାରିଗଲି। କୁହୁଡ଼ି ଟିକେ ଟିକେ ପଡ଼ିଥିଲା। ସିଏ କହିଲା, ମର୍ଣ୍ଣିଂ ୱାକ୍ କଲାଭଳି ଡ୍ରେସ୍‌ରେ ଆସିବ, ବାଇକ୍ ନୁହଁ, ଚାଲି ଚାଲି ଆସିବ।

ମୁଁ ବେଶୀ କିଛି ନ ପଚାରି ଅକ୍ଷରେ ଅକ୍ଷରେ ସେୟା କଲି। କଲିଙ୍ଗ୍ ବେଲ୍‌ରେ ହାତ ଛୁଆଁଉ ଛୁଆଁଉ କବାଟ ଖୋଲିଗଲା। ଯୋଗକୁ ସେଦିନ ଥିଲା 'କିସ୍ ଡେ'...ଚୁମା ଦିବସ। ସେଇଲାଗି ବୋଧେ ସେ ଡାକିଥିଲା। ତେବେ ଘଟଣା କେବଳ ଚୁମାରେ ସୀମିତ ନଥିଲା। ଓଃ ମନ ଖୁସ୍ ହେଇଗଲା। ମେଂଟିଗଲା ଭୋକ। ସେ ଭୋକ ବୋଧେ ଯୁଗ ଯୁଗର।

ମୁଁ ପଚାରିଥିଲି, ଅଂକଲ୍ ଆଂଟି କୁଆଡେ ଯାଇଛନ୍ତି? ସିଏ କହିଲେ, ମନ୍ଦିର ଯାଇଛନ୍ତି...ଆଜି ସଂକ୍ରାନ୍ତି ତ..। ତାଙ୍କ କଥା ଶୁଣି ମତେ ଜୋର୍‌କା ଝଟ୍‌କା ଲାଗିଲା...ଆରେ ହେ, ସଂକ୍ରାନ୍ତିଟାରେ ମୁଁ ଏ କ'ଣ ନ କରିପକେଇଲି, ଜାଣିପାରିଲିନି! ଇଏ ଧର୍ମବିରୁଦ୍ଧ କଥା। ବହୁତ ଦିନ ତଳେ ସେଇ ସଂକ୍ରାନ୍ତି ପାଇଁ ଭାଇ ଭାଉଜଙ୍କ ଭିତରେ ଝଗଡ଼ା ହେଇଥେଲା ଯେ, ଭାଉଜ ବର୍ଷେ ଯାଏଁ ଘରକୁ ଆସିନଥିଲେ, ତାଂକ ବାପ ଘରେ ରହିଯାଇଥିଲେ। ସଂକ୍ରାନ୍ତି ରାତିରେ ଭାଇ କୁଆଡେ ଭାଉଜଙ୍କୁ ବାଧ୍ୟ କରିଥିଲା...ଭାଉଜ ଭାରି କଂଜରଭେଟିଭ୍...ରାଗିକି ତାଂକ ଘରକୁ ପଳେଇଥିଲେ। ଆଜି ମୋ କ୍ଷେତ୍ରରେ ସେଇକଥାଟା ହେଇଗଲା। ମୁଁ ଯଦି ଆଗତୁରା ଜାଣିଥାନ୍ତି ସଂକ୍ରାନ୍ତି ବୋଲି, ମୁଁ କ'ଣ ଭୋକ ମେଂଟାଇଥାନ୍ତି ସେଦିନ, ଇଚ୍ଛାଟାକୁ ଚାପିଦେଇଥାନ୍ତି! ନାଁ, ଆଦୌ ନୁହଁ। ସବୁ ଦୋଷ ତା'ର, ଭୋକ ହଉଚି ବୋଲି ସଂକ୍ରାନ୍ତି ଫଂକ୍ରାନ୍ତି ମାନିବନି! ମଡର୍ଣ୍ଣ ଝିଅ..ସମସ୍ତେ କ'ଣ ମୋ ଭାଉଜଙ୍କ ଭଳିଆ ହେଇଛନ୍ତି। ଅବଶ୍ୟ ଭୋକ ଯୋଉ ଭଳିଆ ହଉଥେଲା

Digitized by PPRACHIN, SOA

ନା, ମୁଁ ବି ସେଇ ସିଚୁଏସନ୍ ଆଉ ଚାନ୍ସରେ ଆଗତୁରା ସଂକ୍ରାନ୍ତି ଜାଣିଥିଲେ ବି ନିଜକୁ ଅଟକାଇ ପାରିନଥାନ୍ତି ବୋଧେ ! !..ଏ ଭୋକ ବି ସ୍ଥାନ କାଳ ପାତ୍ର ଦେଖିବନି, ସଂକ୍ରାନ୍ତି, ଅମାବାସ୍ୟା ବି ଦେଖିବନି। ହଉ ଛାଡ଼ ସେକଥା, ଯାହା ହେଇଗଲା ହେଇଗଲା..ଗତସ୍ୟ ଶୋଚନା ନାସ୍ତି। ଶୋଚନା ନାସ୍ତି ତ, ପାପଗୁଡ଼ାକ କିଏ ମୁଣ୍ଡେଇବ ? ମୋ ବିଚାର ଶୁଣି ସିଏ ସିଧା ସିଧା ମତେ ପଚାରିଲା, ଯଦି ସଂକ୍ରାନ୍ତି କଥାକୁ ଏତେ ଧରୁଚ, ତା' ହେଲେ ଆଗରୁ ଯେବେ ଭୋକ ମେଂଟେଇଥିଲ, ସେଗୁଡ଼ା କ'ଣ ସବୁ ପୁଣ୍ୟ ! ଭଲ ପାଉଚ ବୋଲି ବିନା ବାହା ପୁଆଣିରେ..ବିନା ବେଦୀ ମଂତ୍ରରେ..ବିନା ଲଜ୍ଜା ହୋମରେ ଭୋକ ମେଂଟେଇଦବ...ସେଗୁଡ଼ା କ'ଣ ପୁଣ୍ୟ !

ଛାଡ ସେକଥା। ଭାବିଲି, ସେଦିନ ଅଂକଲ୍ ଆଂଟି ମତେ ଯଦି ଦେଖିଦେଇଥାନ୍ତେ ନା, ମୁଁ ଛାଡ଼ ପାଇଥା'ନ୍ତି କି ? ମୋର ତ ଯାହା ହେଇଥାନ୍ତା ହେଇଥାନ୍ତା, ଅଯଥା ମୋ ଡାଡି ବେଜିତ୍ ହେଇଥାନ୍ତେ ! ଅଂକଲ୍ ହଉଛନ୍ତି ଡାଡିଙ୍କ ଅଫିସ୍‌ର ବସ୍.. ।..ଆମ ସଂପର୍କ ବାବଦରେ ଆଉ ଦିନେ ସେ ଡାଉଟ୍ କରିଥିଲେ। ମୁଁ ତାଂକ ଘରକୁ ଆସିଥିଲି...ଅଂକଲ୍‌ଙ୍କୁ ଗୋଟେ ଫାଇଲ୍ ଦବାକୁ ଡାଡି ମତେ ପଠେଇଥିଲେ। ଅଂକଲ୍ ଆଂଟି ଘରେ ନ ଥିଲେ। ମୁଁ ଡ୍ରଇଙ୍ଗ୍ ରୁମ୍‌ରେ ବସିଥିଲି ଆଉ ସିଏ ବି ମୋ ପାଖରେ ବସିଥିଲା ଆଉ ସେତିକି ବେଳେ କରେଂଟ୍ ଚାଲିଯାଇଥିଲା। ଆଉ ସେଇ ଭିତରେ ଅଂକଲ୍ ଘରକୁ ଚାଲିଆସିଥିଲେ। ଆମ ଭୋକଟା 'ଟିଫିନ୍ ଟାଇପ୍‌ର' ହେଇ 'ଲଂଚ୍ ଟାଇପ୍'ର ହବାକୁ ଯାଉଥିଲା ତ କରେଂଟ୍ ଚାଲିଆସିଥିଲା, ଅଂକଲ୍ ବି ଚାଲିଆସିଥିଲେ। ଅଂକଲ୍‌ଙ୍କ ସନ୍ଦେହ ହେଲା ବୋଧେ ! ଭାରି ବିରକ୍ତ ହେଲେ।...ସିଧା ନ କହି ବୁଲେଇ ବଂକେଇ ଡାଡିଙ୍କୁ ଗାଳିମନ୍ଦ କଲେ.. । ଡାଡିଙ୍କ କିରାଣୀତ୍ୱର ବେଜିତ୍ କଲେ। ଫାଇଲ୍‌ଟା ମୋ ହାତରୁ ଛଡେଇନେଇ ତାଗିଦ୍ କରିଦେଲେ, ଆଉ ମୁଁ ଯେମିତି ଆଉ କେବେ ତାଂକ ଘରକୁ ଫାଇଲ୍ ଆଣିକି ନ ଆସେ। ସେଦିନ ଠୁ ମୁଁ ଆଉ କେବେ ତାଂକ ଘର ମାଡ଼ିନଥିଲି। ଯେତେବେଳେ ଭୋକ ଲାଗେ, ସେଇ 'ଟିଫିନ୍ ଟାଇପ୍‌ର' କିଛି କଲେଜ୍ କ୍ୟାଂଟିନ୍ ପଛଆଡ଼ିକି ହେଇଯାଏ। ହଁ, ସେଦିନ କିସ୍ ଡେ' କମ୍ ସଂକ୍ରାନ୍ତି ସକାଳଟା କିନ୍ତୁ ଭାରି ଜମିଯାଇଥିଲା...ବ୍ରେକ୍‌ଫାଷ୍ଟ ଟାଇମ୍‌ରେ ଲଂଚ୍, ଡିନର ସବୁ। ଡିନର ପରେ ଡେଜର୍ଟରେ ଆଉ କିଛି ଖାଇବାକୁ ଇଛା ଥିଲାଯେ, ହେଲେ ଠିକଣା ବେଳକୁ ପ୍ରିୟ ଅଂକଲ ଆଂଟି ଆସିକି ପହଂଚିଯାଇଥିଲେ। ନାଇଁ ମୁଁ ଧରାପଡ଼ିନଥିଲି...ସିଏ ଗାଡ଼ିର ସାଉଣ୍ଡ ଜାଣିପାରିଥିଲା...ଆଗତୁରା ବାରିପଟ ଗ୍ରୀଲ୍ ମେଲା କରି ରଖିଥିଲା। ମତେ କହିଥିଲା, ଡେଇଁକି ପଳାଅ। ଓ ଗଡ୍, ମଣିଷ ଅଳ୍ପକେ ବଂଚିଗଲା। ଏ ଭୋକ ବି ମୁସ୍କିଲ ଜନ୍ତୁ, କେତେବେଳେ କ'ଣ ନ କରେଇ ଦବ ! ସଂକ୍ରାନ୍ତିରେ ବି !

ନାଇଁ ସଂକ୍ରାନ୍ତି ସରିନଥିଲା। ମୁଁ ମୋ କାମରେ ବାହାରିଲି। ହଁ, ଆଗ ମନ୍ଦିର ଗଲି। ଶିବଙ୍କ ପାଖରେ କ୍ଷମା ମାଗିନେଲି ସକାଳର ଭୋକଜନିତ ପାପ ପାଇଁ। ଏ

Digitized by PPRACHIN, SOA

ମାର୍କେଟିଙ୍ଗ୍ ଧନ୍ଦାରେ ସଂକ୍ରାନ୍ତିଟା ଗୋଟେ ବଡ଼ ଅବ୍ଷ୍ଟାକଲ୍। ଖାଇବାକୁ ମିଳିବନି। ନିରାମିଷ ହୋଟେଲ ଖୋଜି ଖୋଜି ଉପାସ ରହିବାକୁ ପଡ଼ିବ। ନା ଆଉଟ୍ଷ୍ଟାଣ୍ଡିଙ୍ଗ୍ କଲେକ୍ସନ ହେଇପାରିବ ନା କିଛି ଡିଲ୍ ହେଇପାରିବ...ସମସ୍ତେ ଫେରାଇବେ। ପୁଣି ଆଉ ଗୋଟେ ଦିନକୁ ଅପେକ୍ଷା। ସେଦିନ ବି ସେୟା ହେଲା...ସେମିତି କିଛି କାମ ହେଲାନି। ହେଲେ ବସ୍ ଯେତେବେଳେ ତାଗିଦ୍ କରୁଛନ୍ତି, ବୁଲିବାକୁ ପଡ଼ିଲା। ବୁଲିବୁଲି ହାଲିଆ, ଭୋକ ଜୋର୍...ସେତେବେଳକୁ ୩ଟା ବାଜିଲାଣି, ଗୋଟେ ହୋଟେଲରେ ପଶିଗଲି। ରାସ୍ତାକଡ଼ ଝୁମ୍ପୁଡ଼ି ହୋଟେଲ...ଆଉ କିଛି ବାଗିଲା ହୋଟେଲ ଆଖପାଖରେ ନ ଥିଲା।...ଭିତରୁ ହୋଟେଲ ପିଲାଟା ଆଖି ମଳି ମଳି ବାହାରିଲା...ଶୋଇପଡ଼ିଥିଲା ନା କ'ଣ ? ମୁଁ ପଚାରିଲି, ଆରେ କ'ଣ ଖାଇବାକୁ ଦେ ଜଲଦି ? ସିଏ କହିଲା, କ'ଣ ଖାଇବେ ? ମୁଁ ବିରକ୍ତ ହେଇକି କହିଲି, ଆରେ କ'ଣ ଅଛି କହିଲେ ସିନା ମୁଁ ଡିସାଇଡ୍ କରିବି କ'ଣ ଖାଇବି ବୋଲି। ପିଲାଟା ନରମି ଯାଇକି କହିଲା, ଖାଲି ଭାତ ଅଛି ଆଉ ଡାଲି ଅଧ ଗିନାଏ। ମୁଁ କହିଲି, ଆରେ ଖାଲି ଭାତ ଡାଲି କ'ଣ ଖାଇବି, ଆଉ ତରକାରି ପତ୍ର କ'ଣ ହେଲା ?..ପିଲାଟା କହିଲା, ଆଜି ପା ସଂକ୍ରାନ୍ତି, ଆମର ତ ନନ୍-ଭେଜ୍...ଅଳ୍ପ କଷ୍ଟମର ଆସିଥିଲେ, ଖାଇକି ଗଲେଣି, ଆଉ ବଳିବ କ'ଣ ? କହିବେ ଯଦି ଅଣ୍ଡା ଆମ୍ଲେଟ୍ କରିଦେବି...ଚଳିବ କି ? ମୁଁ ଟିକେ ଅଟକିଗଲି, ସଂକ୍ରାନ୍ତିଟାରେ ଅଣ୍ଡା ଖାଇବି ? ନାଁ ମ। ନାଇଁ ଖାଇଦେବି, ପେଟ ଜଳିଲାଣି, ଭୋକ ଲିମିଟ୍ କ୍ରସ୍ କଲାଣି। ସେଠୁ ଭାତ, ଅଧ ଗିନାଏ ଡାଲି ଆଉ ଅଣ୍ଡା ଆମ୍ଲେଟ୍ ଉଦରସ୍ଥ କଲି, ଭାରି ଭଲ ଲାଗିଲା। ସେତେବେଳକୁ ଟିକେ ହାଲିଆ ବି ଲାଗୁଥିଲା। ଝୁମ୍ପୁଡ଼ି ହୋଟେଲ ବାହାରେ ଦଉଡ଼ିଆ ଖଟିଆ ଗୋଟେ ପଡ଼ିଥିଲା, ସେଇଠି ଟିକେ ଲୋଟିପଡ଼ିଲି। ଜଷ୍ଟ ନିଦ ଲାଗି ଆସୁଥିଲା, କ'ଣ ଗୋଟେ ଖୁଡ୍‌କିନା ଶୁଭିଲା। କାନେଇଲି..ହୋଟେଲ ପଛ ଆଡୁ କିଛି ଅସ୍ପଷ୍ଟ ଶବ୍ଦ। କୌତୁହଳବଶତଃ ସିଆଡ଼ିକି ଚାଲିଗଲି...ଆରେ ଆରେ, ଇଏ କ'ଣ...ଦିନ ଦ୍ୱିପହରେ..ପୁଣି ସଂକ୍ରାନ୍ତିରେ। ମନେପଡ଼ିଗଲା ସକାଳର କଥା। ନାଇଁ ଡିଷ୍ଟର୍ବ କରିବାନି, ଭୋକ ବେଳେ କାହାକୁ ଡିଷ୍ଟର୍ବ କରିବାଟା ଠିକ୍ ନୁହଁ! ହେଲେ ସେମାନେ ସ୍ୱାମୀ-ସ୍ତ୍ରୀ ଥିଲେ ନା ଆଉ କିଏ ? ସିଏ ହୋଟେଲ ମାଲିକ କି ? ଆଉ ସେ ଝିଅଟା ହୋଟେଲରେ କାମ କରେ କି ? କେଜାଣି ମୁଁ କୋଉ ସେ ହୋଟେଲର ସବୁଦିନଆ ଗରାଖ ଯେ ଜାଣିପାରିବି ହିସାବ କ'ଣ, କାହାର କି ପ୍ରକାର ଭୋକ, କେତେ ଭୋକ! ନାଇଁ ମୋର ଜାଣିବା ଦରକାର ନାଇଁ।

ଏଥର ଘରମୁହାଁ ହେଲି...ସିଗ୍ରେଟ୍ ଖଣ୍ଡେ ଲଗେଇବାକୁ ଇଚ୍ଛା, ହେଲେ ସବୁ ଦୋକାନ ବନ୍ଦ। ନାଇଁ ଗୋଟେ ଦୋକାନ ଖୋଲା ଥିଲା। ଉପରବେଳା ହେଇଯାଇଥିଲା...ଚାରି ଛ' ଜଣ ଲୋକ ସେଠି ଚା' ପିଉଥିଲେ। ସିଗ୍ରେଟ୍ ଖଣ୍ଡେ ଲଗେଇଲି ଆଉ ସେମାନଙ୍କ କଥା ଶୁଣିଲି। ଜଣେ ପଚାରିଲେ, ସଂକ୍ରାନ୍ତିଟାରେ ଏତେ

Digitized by PPRACHIN, SOA

ସବୁ ରେଷ୍ଟ୍ରିକ୍ସନ କାହିଁକି ? ଆଉ ଜଣେ କହିଲେ, ସେଗୁଡ଼ା ସବୁ ପୁରାଣ ଫୁରାଣରେ ଅଛି, ସାଇଂଟିଫିକ୍ ରିଜନ ବି ଅଛି। ସଂକ୍ରାନ୍ତି ସମୟରେ ଆଇଁଷ ବିଷାକ୍ତ ହେଇଯାଏ ବୋଲି କୁହନ୍ତି, ସେଇଲାଗି ଆଇଁଷ ମନା। ଆଉ କ'ଣ ମନା ? ଯେତକ ଶୁକ୍ରଜନିତ କାର୍ଯ୍ୟ, ସେସବୁ ବି ମନା। ଶୁକ୍ରଜନିତ ମାନେ ? ଆଉ ଜଣକ ପଚାରୁ ପଚାରୁ ବୁଝିଗଲେ ଆଉ ସମସ୍ତେ ହସିବାକୁ ଲାଗିଲେ। ମୁଁ କିନ୍ତୁ ହସିପାରୁନଥିଲି, ମନେପଡୁଥିଲା ସକାଳର ପାପ କଥା...ଆଉ କିଛି ସମୟ ପୂର୍ବରୁ ଅଣ୍ଡା ଆମ୍ଲେଟ୍ ଆଉ ହୋଟେଲ ପଛପଟ ସଁ ସଁ ଶବ୍ଦର କଥା। ନାଇଁ ଆଉ ବେଶୀ ସମୟ ଏଠି ରହିହବନି। ଭୋକ ତ ମଲା, ଧୂଆଁ ଛାଡ଼ିବାର ଇଛାଟା ବି ପୂରଣ ହେଲା। ଏ ସଂକ୍ରାନ୍ତିଟା ତ ଖାଲି ପାପରେ ପାପରେ ଗଲା, ଆର ସଂକ୍ରାନ୍ତି ବେଳକୁ ଟିକେ କସସ୍ ହବା, ପୁଣ୍ୟ କରିବା।...ସିଏ ଫୋନ୍ କଲେ ଆଗ ପଚାରିବି, ଆଜି ସଂକ୍ରାନ୍ତି ନୁହଁ ତ ?...

●●●

Digitized by PPRACHIN, SOA

ଗପର କନଫ୍ୟୁଜନ୍

ହାଲୋ ! କେମିତି ଅଛନ୍ତି ?

-ଭଲ..ଆଜି ଭାବୁଥିଲି ଆପଣଙ୍କ କଥା..

କ'ଣ ?..

-ଆଜି ସଂଧ୍ୟାବେଳେ ପାର୍କରେ ଗୋଟେ ଝିଅକୁ ଦେଖିଲି..ଠିକ୍ ଆପଣଙ୍କ ଭଳି ଲାଗୁଥିଲା..ଆପଣଙ୍କ ଗଢ଼ଣ, ଆପଣଙ୍କ ରଙ୍ଗର। ଆପଣ ୫-୭ ବର୍ଷ ତଳେ ବୋଧେ ସେମିତି ଦିଶୁଥିବେ ! ପାର୍କରେ ପଶୁ ପଶୁ ମୁଁ ଦେଖିଲି ତାକୁ, ସିଏ ବି ମୋ ଆଡ଼କୁ ଅନେଇଲା..ମୁଁ ବି ନିରେଖି ଦେଖିଲି। ନାଇଁ ଆପଣ ନୁହନ୍ତି, କନଫର୍ମ ହେଲି।

ଆଚ୍ଛା !..ସେଠୁ କ'ଣ ହେଲା ?

-ଝିଅଟିର ଆଖିରେ ଅନେକ କଥା ଥିଲା..ମାନେ ମତେ ଯାହା ଲାଗୁଥିଲା। ଭାରି ଭାବପୂର୍ଣ୍ଣ ସେ ଆଖି ଥିଲା।

ହେ ଭଗବାନ ! ତା'ପରେ କ'ଣ ହେଲା ?

-ପାର୍କର ଗୋଟେ ବେଂଚରେ ସେ ଏକୁଟିଆ ବସିଥିଲା ଅନେକ ସମୟ ଧରି। ମୁଁ ତାକୁ ଅନେଇଲା ବେଳକୁ ସେ ମଧ୍ୟ ମତେ ଅନଉଥିଲା। କିଛି ସମୟ ପରେ ଜଣେ ଯୁବକ ଆସିଲା..ଝିଅଟା ପାଖରେ ବସିଲା। ଭାଇ ଭଳି ଲାଗୁନଥିଲା...ବିଏଫ୍ ହେଇଥିବ ବୋଧେ ! ତା'ପରେ କ'ଣ ହେଲା ଜାଣିଛନ୍ତି ?

ମତେ ଆପଣ ନ କହି ତୁମେ କହିଲେ କେମିତି ହୁଅନ୍ତା !

-ହଉ, ଏଥର ତମେ ଡାକିବି। ଆଗରୁ ଥରେ ଅଧେ ତମେ କହିଦେଇଥିଲି, ତା'ପରେ ଭାବିଲି, ସେମିତି ତ ବେଶୀ ମିଳାମିଶା ଆମର ହେଇନି, ତମେ କ'ଣ କହିବି। ଠିକ୍ ଅଛି, ଏଥର କହିବି। ତୁମେ ବି ମତେ ତୁମେ କହିପାର।

ନା ନା, ସେମିତି କେମିତି ହବ...ଆପଣ ସିନିଅର। ଆଇ ସୁଡ୍ ରେସ୍‌ପେକ୍ଟ..।

Digitized by PPRACHIN, SOA

-ହାଃ ହାଃ..ସିନିଅର ମାନେ ବୁଢ଼ା !

ନା ନା, ଏତେ ବି ନୁହଁ ।

-ମତେ କେତେ ଏଜ୍ ହେଇଥିବ, ଅନୁମାନ କର..

୩୬ ନ ହେଲେ ୩୭

-୩୭ ଏକଦମ ଠିକ୍

ଦେଖିଲେ ତ ମୁଁ ପୂରା ଠିକ୍, ମୋ ପରସେପ୍‌ସନ୍ ସବୁବେଳେ ଠିକ୍ ହୁଏ । ଆଚ୍ଛା, କ'ଣ ହେଲା ସେଇ ଝିଅ କଥା ପାର୍କରେ.. ?

-ପୁଅଟା କାନ୍ଦୁଥିଲା, ଝିଅ ତା' ହାତଧରି ବୁଝଉଥିଲା ।

ଓହୋ, ଆରେ ଆରେ..କାହିଁକି କାନ୍ଦୁଥିବ ? କିଛି ଅଘଟଣ ?..

-ଜାଣିହେଉନଥିଲା..

କିଛି ଗେସ୍ କରିପାରିଲେନି ?..ଆଜିଭଳି ଦିନଟାରେ ପିଲାଟା କାନ୍ଦୁଥିଲା କାହିଁକି ?

-ହୁଏତ ଝିଅଟା ସେ ପୁଅ ହାତରେ ରାଖୀ ବାନ୍ଧିଥିବ ଘର ଲୋକଙ୍କ ଚାପରେ । ପୁଅ ଚାହୁଁନଥିବ ଭାଇ ହବାକୁ !

କ'ଣ ?..ଏଇଟା ଗୋଟେ ରିଜନ୍ ?..ଆପଣଙ୍କ ଜୀବନରେ ଆଗରୁ ଏମିତି କିଛି ଘଟିଚି କି ?..

-ନା, ସେମିତି କିଛି ହେଇନି ।..

ତା'ହେଲେ, ଆପଣ ଏତେ ଗଭୀର କଥା କେମିତି ଷ୍ଟଡି କରିପାରୁଛନ୍ତି ?...ଏତେ କଥା କେମିତି ଭାବିପାରୁଛନ୍ତି, ଅନୁମାନ କରିପାରୁଛନ୍ତି ?..ଲାଜ ଲାଗୁଚି କି କହିବାକୁ, ଆପଣ କିଛି ଲୁଚଉଛନ୍ତି ବୋଧେ !

-ନା, ସେଭଳି କିଛି ନାହିଁ । ମୁଁ ଯା ଉପରେ ଗୋଟେ ଗପ ଲେଖିବି ବୋଲି ଭାବୁଚି, ସେଥିପାଇଁ ତୁମ ସହ ଏ କଥା ସେୟାର କରୁଛି, କାଳେ ଆଉ କିଛି ଖିଅ ମିଳିଯିବ, ଟିପ୍ସ ମିଳିଯିବ ତୁମ ପାଖରୁ ।

ବଢ଼ିଆ..ବଢ଼ିଆ..ଲେଖନ୍ତୁ..ମତେ ପଢିବାକୁ ଦେବେ ସିଓର..

-ମୁଁ ଭାବୁଚି, ଗପର କନକ୍ଲୁଜନ୍ ଏୟା ହେଇପାରେ: ଝିଅର ବାହାଘର ଠିକ୍ ହେଇଯାଇଚି..ତେଣୁ ସିଏ ଆଜି ପ୍ରେମିକକୁ ଭାଇ କରିଦେଇଚି, ତା' ହାତରେ ରାଖୀ ବାନ୍ଧିଦେଇଚି ଘରଲୋକଙ୍କ ଚାପରେ । ଭବିଷ୍ୟତରେ ବାହାଘର ବେଳକୁ ଯେମିତି କାହାର ସନ୍ଦେହ ନହୁଏ, ସେଇଲାଗି ଏ ରାଖୀ । ରାଖୀ ରହିଲା ସାକ୍ଷୀ ।

ବଢ଼ିଆ କନକ୍ଲୁଜନ୍ । ଲେଖନ୍ତୁ ଆଉ ମତେ ବି ପଢ଼ିବାକୁ ଦିଅନ୍ତୁ । ମୁଁ ଶୋଇବାକୁ ଯାଉଚି..ଶୁଭରାତ୍ରି । ଓକେ, ଓକେ, ଶୁଭରାତ୍ରି..ଶୁଭସକାଳ(ଇନ୍ ଆଡ୍‌ଭାନ୍ସ) । ●●●

Digitized by PPRACHIN, SOA

ମୁଁ ଅପେକ୍ଷା କରିଛି

ହାଲୋ..ଚିହ୍ନିପାରୁଚ !

+କିଏ ?...ଶୀତଲ ତ...ଓଃ, ହ୍ୱାଟ୍ ଏ ସରପ୍ରାଇଜ୍..। ଯା'ହଉ ଏତେ ଦିନ ପରେ !

ତା'ହେଲେ ଚିହ୍ନିପାରିଲ.. ?

+ହାଃ ହାଃ, ଚିହ୍ନିପାରିବିନି..କେମିତି ଚିହ୍ନିପାରିବିନି ?..ବୟସ କେବଳ ତମର ବଢିନି, ମୋର ବି ବଢିଚି। ତମେ ଯଦି ମତେ ଚିହ୍ନିପାରୁଚ, ମୁଁ କେମିତି ଚିହ୍ନିପାରିବିନି !

ଯା' ହଉ, ମୁଁ ଆଜି ତୁମକୁ ପାଇଲି, ତୁମ ନମ୍ବରଟା ଗୁଗୁଲ ସର୍ଚ୍ଚରୁ ପାଇଗଲି। ଗୁଗୁଲକୁ ବହୁତ ଧନ୍ୟବାଦ।

+ଆଉ ମତେ ?

ହାଃ ହାଃ, ତୁମକୁ ବହୁତ ଖୋଜିଚି।

+କେତେ ବର୍ଷ ହବ ମତେ ଖୋଜିଚ ? ଯା ଭିତରେ ତ କୋଡ଼ିଏ ବର୍ଷ ବିତିଗଲାଣି। ଯଦି ଖୋଜିଥିବ, ଏଇ ବର୍ଷେ ଦି' ବର୍ଷ ତଳୁ ଖୋଜୁଥିବ ! ମୁଁ କିନ୍ତୁ ତୁମକୁ ସେବେଠୁଁ ଖୋଜିଆସିଚି, ଯେବେଠୁଁ ତମେ ବାହାହେଇଚାଲିଗଲ। ବାହାଘର ପୂର୍ବରୁ ତୁମକୁ ଖୋଜିଥିଲି, ପାଇଲିନି..ଏବେ ବି ସେଇ ପ୍ରକ୍ରିୟା ଜାରିରହିଚି। ମୁଁ ଜାଣିଚି ଯେ, ତୁମକୁ ମୁଁ ଏ ଜନ୍ମରେ ଆଦୌ ପାଇବିନି, ତଥାପି ଖୋଜୁଚି। ଖୋଜିବାର ଏଇ ପ୍ରକିୟା ମୋର ଅନବରତ ଚାଲିଛି। ଅନେକ ବିନିଦ୍ର ରଜନୀ ମୋର କଟିଚି ତୁମକୁ ଖୋଜିବାରେ। ସେତେବେଳେ ଯାକୁ ତାକୁ ଫୋନ୍ କରି, ତୁମ ସାଂଗମାନଙ୍କୁ ପଚାରି ଖୋଜିବା ଜାରିରଖିଥିଲି। କାରଣ ତୁମେ ଏଠୁ ପଳେଇବାପରେ କିଛି ଖୋଜଖବର ନଥିଲା ତୁମର।

Digitized by PPRACHIN, SOA

ବହୁବର୍ଷ ପରେ ତୁମର ଜଣେ ସାଂଗଠୁ ତୁମ ବାହାଘର କଥା ଜାଣିଲି। ତା' ପରେ ତୁମ ନାମଧାରୀ ଯେତେ ଝିଅ..ଯଦି କୋଉଠି ନଜରକୁ ଆସିଯାନ୍ତି, ତେବେ ମୋ ଖୋଜା ଆରଂଭ ହେଇଯାଏ। ସବୁବେଳେ ମୁଁ ଭାବେ, ତମେ ମିଳିଯାନ୍ତ କି ? ନିଜକୁ ନିଜେ ବାଜି ଲଗାଏ..ଏଇଥର ତୁମ ନାମଧାରୀ ଯୋଉ ଝିଅର ଖୋଳତାଡ଼ କରୁଚି, ସିଏ ତମେ ହେଇଥିବ ନିହାତି ! ମାତ୍ର ମୁଁ ହାରିଯାଏ ବାରମ୍ବାର। ତମେ ମିଳନି। ଜାଣିଚ, ଫେସବୁକରେ ତୁମ ନାମଧାରୀ ଯେତେ ଝିଅ ଅଛନ୍ତି, ସମସ୍ତଙ୍କୁ ମୋ ବଂଧୁ ବନେଇଦେଇଛି। କେଜାଣି କାହିଁକି, ତୁମ ନାମଧାରୀ ସବୁ ଝିଅ ମୋ ଫ୍ରେଣ୍ଡ ରିକୁଏଷ୍ଟକୁ ଆକସେପ୍ଟ କରିନେଇଛନ୍ତି। ସେମାନଂକ ଭିତରେ ତୁମକୁ ମୁଁ ପ୍ରତି ମୁହୂର୍ତ୍ତରେ ଖୋଜିଛି। ତମେ ଭାବିପାରିବନି କେତେ ମୁଁ ଖୋଜିଚି ତୁମକୁ...ଓଃ..।..ଯା' ହଉ, ଆଜି ମିଳିଗଲ। ମୋ ଭାଗ୍ୟ ଭଲ।

ଓ ମାଇଁ ଗଡ୍! ସେତେବେଳେ ମୁଁ କିନ୍ତୁ ଏତେ କଥା ଜାଣିନଥିଲି। ଆଇ ମିନ୍ ୟୋର ହାଭ୍ ସୋ ମଚ୍ ଲଭ୍ ଫର ମି..। ଆଇ ୱାଜ୍ ଅନେବଲ ଟୁ ଅଣ୍ଡରଷ୍ଟାଣ୍ଡ।

+ଓଃ ମାଇଁ ଲଭ୍, ଇଟ୍ସ ଲଭ୍...ଡିପ୍ ଲଭ୍...ସିରିୟସ ଲଭ୍...ଟ୍ରୁ ଲଭ୍। ଯେବେଠୁଁ ମୁଁ ତମକୁ ଭଲ ପାଇଲି, ସେବେଠୁଁ ଆଜି ପର୍ଯ୍ୟନ୍ତ ମୁଁ ତୁମକୁ ଭୁଲିପାରିନି..। ତୁମେ ଟ୍ୟୁସନ ଆଉ ସ୍କୁଲରୁ କେତେବେଳେ ଯାଅ, କେତେବେଳେ ଫେର, କ'ଣ ପିନ୍ଧ, ଘରଲୋକଙ୍କ ସାଂଗରେ କୁଆଡ଼େ ଯାଅ, ସାଂଗ ସାଂଗରେ କୁଆଡ଼େ ଯାଅ..ସବୁ ଖବର, ତୁମର ସବୁ ଗତିବିଧି ଉପରେ ମୁଁ ନଜର ରଖିଥିଲି।

ଆଇ ଆମ୍ ସରି, ତମେ ଏତେ ଲାଇକ୍ କରୁଥିଲ ମତେ, ମୁଁ ଜାଣିନଥିଲି। ତମକୁ ବୁଝିବାରେ ମୋର ଭୁଲ ହେଇଯାଇଥିଲା। ଗୋଟେ ଇମୋଟାଂଟ କଥା ହେଲା, ତମେ ସେତେବେଳେ ଏତେ ମେଟେରିଆଲିଷ୍ଟିକ୍ ନଥିଲ, ହେଲେ ମୁଁ ଭାରି ମେଟେରିଆଲଷ୍ଟିକ୍ ଥିଲି। ବୋଧେ ଏଇ କାରଣରୁ ମୁଁ ତୁମ ଆଡ଼କୁ ଟାଣିହେଇପାରିନଥିଲି। ବିତ୍ ଗୟ ବାତ୍..ଆଇ ଆମ ସରି..ଭେରି ସରି। ମୋ ଆଖିରୁ ଲୁହ ଆସିଯାଉଛି।

+ନୋ ସରି, ନୋ ଟିୟର୍ସ..।..ଆଇ ହେଟ୍ ଟିୟର୍ସ ଶୀତଲ ମିଶ୍ର..ଆଇ ହେଟ୍ ଟିୟର୍ସ।

ମୁଁ ଆଉ ମିଶ୍ର ହେଇନାହିଁ। ପଟ୍ଟନାୟକ ହେଇଯାଇଛି।

+ମାନେ ?

ବାହାଘର ପରେ ମୋ ଟାଇଟଲ୍ ବଦଳିଯାଇଚି...ମିଶ୍ରରୁ ପଟ୍ଟନାୟକ।

+ଓଃ ନୋ..।..ତମର ସଂଜ୍ଞା ବଦଳିଯାଇଛି, ତମର ପରିଚୟ ବଦଳିଯାଇଛି। ସେଇଥିପାଇଁ ମୁଁ ତୁମକୁ ଫେସବୁକରେ ପାଇନି। ଓଃ, ହ୍ୱାଟ୍ ଏ ମିଷ୍ଟେକ୍। ତମର ସଂଜ୍ଞା,

Digitized by PPRACHIN, SOA

ପରିଚୟ ସବୁ ବଦଳିଯାଇଛି। ଶୀତଲ ମିଶ୍ରକୁ ମୁଁ କେତେ ଖୋଜିଛି ଫେସବୁକରେ, ହେଲେ କେମିତି ପାଇବି, ମିଶ୍ର ତ ପଟ୍ଟନାୟକ ହେଇସାରିଲାଣି।

ଆରେ ହଁ, ତମେ ବି ଜାଣିବ କେମିତି ମୋର ଟାଇଟଲ୍ ବଦଳିଯାଇଛି ବୋଲି।

+ତମେ ବିଶ୍ୱାସ କରିପାରିବିନି, ଫେସ୍‌ବୁକ୍‌ରେ ଥିବା ସବୁ ଶୀତଲ ମିଶ୍ରଙ୍କ ଭିତରେ ମୁଁ ତମକୁ ଖୋଜିଛି। କାଳେ ଆଉ କାହାର ଫଟୋ ଦେଇତମେ ନିଜକୁ ଲୁଚାଇବାକୁ ଚାହୁଁଥିବ, ତମେ ନିଜର ପରିଚୟ ଗୋପନ ରଖିବାକୁ ଚାହୁଁଥିବ, କାଳେ କେହି ତୁମକୁ ହଇରାଣ କରୁଥିବ, ସେଇ କାରଣରୁ ମୁଁ ସବୁ ଶୀତଲ ମିଶ୍ରଙ୍କୁ ମୋ ଫେସବୁକ୍ ଫ୍ରେଣ୍ଡ କରିଦେଇଥିଲି। କାଳେ ମିଳିଯିବ କି!

ଓଃ, ତମେ ଏତେ ଝୁରୁଥିଲ ମତେ???

+ହଁ, ବହୁତ ଝୁରୁଥିଲି, ସବୁ କ୍ଷଣରେ ଖୋଜୁଥିଲି। ତେବେ ମତେ ଆଶ୍ଚର୍ଯ୍ୟ ଲାଗୁଚି, ବାହାହେବା ପରେ କେବଳ ତମର ଟାଇଟଲ୍ ବଦଳିଯାଇନି, ତମେ ବି ବଦଳିଯାଇଚ! ସେତେବେଳେ ତମେ କହିଥିଲ ନା, ଆମ ଦି'ଜଣଙ୍କ ଜାତି ଅଲଗା। ତୁମ ଘର ଲୋକେ ଆମ ବାହାଘରକୁ ଆକସେପ୍ଟ କରିବେନି ବୋଲି। ଏବେ କେମିତି କଲେ? ପଟ୍ଟନାୟକ କ'ଣ ତମ ବ୍ରାହ୍ମଣ କି? ତା'ହେଲେ?..କ'ଣ ଭଲ ପାଇକି ବାହାହେଇଗଲ ତାଂକୁ?

ନାଁ, ଘରେ ଯାହା କହିଲେ, ମୁଁ ରାଜି ହେଇଗଲି। ତାଂକର ଧନସଂପତି ବହୁତ। ମୁଁ ମେଟେରିଆଲଷ୍ଟିକ୍ ଥିଲି, ସେଥିପାଇଁ ରାଜିହେଇଗଲି।

+ଆଚ୍ଛା। ହଉ ଭଲରେ ରୁହ।

ହାଲୋ...ହାଲୋ...।

(ପୁରୁଣା ପ୍ରେମିକ ଫୋନ୍ କାଟିଦେଇଛି ରାଗ ଓ ଅଭିମାନରେ। ହେଲେ ତା'ପରେ ଆରଂଭ ହେଇଚି ଆଉ ଏକ କାହାଣୀ)

ପରଦିନ ପାହାନ୍ତା ସାଢେ ୪ଟାରେ ଶୀତଳ ପଠେଇଥିଲା ଗୁଡମର୍ନିଙ୍ଗର ମେସେଜ୍। ମୁଁ ଦେଖିଥିଲି, ତା'ପରେ ମୋବାଇଲ ସୁଇଚ୍ ଅଫ୍ କରିକି ରଖିଦେଇଥିଲି। ସକାଳ ହେଲା, ଜଳଖିଆ ଖାଇଲି, ଫୋନ୍ ଅନ୍ କଲି। ଦେଖିଲି ଶହେରୁ ଅଧିକ ମିସ୍ କଲ୍। ହ୍ୱାଟ୍‌ସଆପ୍‌ରେ ବି ପ୍ରଶ୍ନ ପରେ ପ୍ରଶ୍ନ, କାହିଁକି ସୁଇଚ୍ ଅଫ୍ କରିଥିଲ? ମୋ ଗୁଡମର୍ନିଙ୍ଗ୍ ମେସେଜର ଉତ୍ତର କାହିଁକି ଦେଲନି। ମୁଁ କ'ଣ ଏତେ ଖରାପ ହେଇଗଲି? ପୂର୍ବତନ ପ୍ରେମିକା ବୋଲି ନ ଭାବ ପଛେ, ଜଣେ ପରିଚିତ ବୋଲି ତ ଭାବ।

+ହଉ କ'ଣ ହେଲା କୁହ?

ମତେ ଟିକେ ସମୟ ଦବ..!

Digitized by PPRACHIN, SOA

+ ହଉ କୁହ ।

କେମିତି କହିବି ଭାବିପାରୁନି । ତମେ କ'ଣ ଭାବିବ, କାରଣ ମୁଁ ଏମିତି କଥାଟେ କହିବାକୁ ଚାହୁଁଚି, ଯାହା ଭାରି ଅବାସ୍ତବ । ଶୁଣିଲେ ଭାରି ଅଡୁଆ ଲାଗିବ ।

+ କ'ଣ ଏତେ ଗୋଳେଇ ଘାଂଟିକି କହୁଚ..ସିଧା ସିଧା କୁହ, କ'ଣ କହିବାକୁ ଚାହୁଁଚ ।

ମୋ କଥା ଶୁଣିଲା ପରେ ତମେ ରାଗିବନି ତ ? ମୋ ସହ ସଂପର୍କ କାଟିଦବନି ତ ?

+ଆରେ କହୁନ କାହିଁକି । ଏତେ ନାଟକବାଜି କ'ଣ ? ଅପେରା ପାଇଁ କାହାଣୀ ଲେଖୁଚ ନା କ'ଣ !

ନାଇଁ ଅପେରା ପାଇଁ କାହାଣୀ ନୁହଁ, ନିଜ ପାଇଁ କାହାଣୀ ଲେଖୁଚି । ଲେଖିବାର ସାହସ କରୁଚି । ଯଦି ତମେ ସାଥ୍ ଦବ, ତା'ହେଲେ କାହାଣୀ ପୂରା ହବ । ଯଦି ନ ଦିଅ, ତା'ହେଲେ ଅଧୁରା ।

+ହଉ କୁହ । ଯଦି ମୋ ଦ୍ୱାରା ସଂଭବ, ତା'ହେଲେ ସାହାଯ୍ୟ କରିବି ।

ଧନ୍ୟବାଦ ତୁମକୁ । ବହୁତ ବହୁତ ଧନ୍ୟବାଦ । ମତେ କିନ୍ତୁ ସଂକୋଚ ଲାଗୁଚି କହିବାକୁ । ମୁଁ ଏଭଳି ଗୋଟେ ପ୍ରସ୍ତାବ ଦବାକୁ ଯାଉଚି, ଯାହକି ସାମାଜିକ ଦୃଷ୍ଟିକୋଣରୁ ଅଶାଳୀନ । ଅବାସ୍ତବ ବି କୁହାଯାଇପାରେ । ତେବେ ସଂଭବ, ଯଦି ତୁମେ ରାଜି ହୁଅ ।

+ ପୁଣି ସେଇ ଗୌରଚନ୍ଦ୍ରିକା ଚଲେଇଲେଣି । କ'ଣ କହିବାକୁ ଚାହୁଁଚ, ତୁରନ୍ତ କୁହ, ନ ହେଲେ ମୁଁ ଏବେ ଫୋନ୍ କାଟିବାକୁ ଯାଉଚି ।

ନାଇଁ, ପ୍ଲିଜ୍ କାଟନି । ମୋ କଥା ଟିକେ ଧୈର୍ଯ୍ୟର ସହ ଶୁଣ । କହିପାର, ଏହା ଗୋଟେ ଯଂତ୍ରଣାର କାହାଣୀ । ସବୁ ଥାଇ ବି ନ ପାଇବାର ଯେଉଁ ବେଦନା, ସେଥିରେ ମୁଁ ଜଳୁଚି ନିତିଦିନ । ବାହାଘରର ଏତେ ବର୍ଷ ହେଇଗଲାଣି, ମୁଁ କିନ୍ତୁ ମାତୃତ୍ୱର ସୁଖରୁ ବଂଚିତ ହୋଇଚି ।

+ ଭୁଲ କାହାର ?

ମୋ ଭାଗ୍ୟର । ତାଂକୁ ମୁଁ ଦୋଷ ଦେଇପାରିବିନି । ଯାହାକୁ ଯାହା ଭଗବାନ ଦେଇଛନ୍ତି, ତାକୁ କ'ଣ ବଦଳାଇଦେଇହେବ । କିନ୍ତୁ ଚେଷ୍ଟା ତ କରିହେବ ।

+ତମେ କ'ଣ କହିବାକୁ ଚାହୁଁଚ ?

ସଂକୋଚ ଲାଗୁଚି, ତଥାପି ଅନୁରୋଧ କରୁଚି, ତୁମ ଦୟାରୁ ଯଦି ମତେ ମାତୃତ୍ୱର ସୁଯୋଗ ମିଳନ୍ତା, ତା'ହେଲେ ମୁଁ ଚିର ଋଣୀ ରୁହନ୍ତି । ତୁମକୁ ଜନ୍ମଜନ୍ମାନ୍ତର ଭୁଲିପାରନ୍ତିନାହିଁ ।

Digitized by PPRACHIN, SOA

+ତମେ ଏ କ'ଣ କହୁଚ ? ଏହା କ'ଣ ସଂଭବ ? ଏଇଟା ପାପ। ପରକୀୟା।

ପ୍ଲିଜ୍ ଟିକେ ଭାବ। ସଂଭବ ହୋଇପାରିବ, ଯଦି ତମେ ଚାହିଁବ।

+ ନାଁ, ଏହା ଅସଂଭବ। ତୁମ ସ୍ୱାମୀ କ'ଣ ଭାବିବେ ! ତୁମେ ଲାଂଛନାର ଶିକାର ହେବ। ସେ ତୁମକୁ ପଚାରିବେ ତୁମ ମାତୃତ୍ୱର ଠିକଣା। ତୁମକୁ କହିବେ ବ୍ୟଭିଚାରିଣୀ।

ନାଁ, ସେଥିପାଇଁ ବ୍ୟସ୍ତ ହୁଅନି। ସେ ପଚାରିବେନି, କିଛି କହିବେନି। କାରଣ ତାଂକର ସମ୍ମତିରେ ମୁଁ ଏ ପ୍ରସ୍ତାବକୁ ଆଗକୁ ଆଣିଚି।

+କି ଆଶ୍ଚର୍ଯ୍ୟ ? କେମିତିକା ସ୍ୱାମୀ ତୁମର ?

ସବୁ ସେଇ ଭାଗ୍ୟର ଖେଳ। ଆମ ପାଖରେ ସବୁ ଅଛି, କିନ୍ତୁ ସନ୍ତାନଟିଏ ନାହିଁ। ପୋଷ୍ୟ ସନ୍ତାନ କରିବା ପାଇଁ ବି ଅନେକ ଝମେଲା। ତୁମ ସହ ଏବେ ପୁଣି ସଂଯୋଗ ହେବା ପରେ ମୁଁ ତାଂକୁ ସବୁ ଖୋଲିକି କହିଲି। ତା'ପରେ ସେ ହିଁ ଏଭଳି ପ୍ରସ୍ତାବଟିଏ ଦେଲେ। ତୁମେ ଚାହିଁଲେ ତାଂକ ସହ କଥା ହେଇପାର।

+ଓଃ, ତମେ ମୋତେ ଗୋଟେ ଧର୍ମସଂକଟରେ ପୂରେଇଦେଲଣି। ଏସବୁ କ'ଣ ଠିକ୍ ହବ ?

ତମେ ତୁମ ସ୍ତ୍ରୀ, ପିଲାଂକ କଥା ଭାବୁଚ ତ ? ସେମାନେ କାଳେ କିଛି ଜାଣିଯିବେ ?

+ ନା, ସେକଥା ଭାବୁନି, କାରଣ ମୋର କେହି ସ୍ତ୍ରୀ ପିଲା ନାହାନ୍ତି। ବାପା, ମା' କେବେଠୁ ଆରପାରକୁ ଗଲେଣି। ମୁଁ ଏକା।

ତମେ ବାହାହେଇନ ? ? ?

+ନା

କାହିଁକି ? ?

+ସବୁ ପ୍ରଶ୍ନର ଉତ୍ତର ନଥାଏ, ସବୁ ପ୍ରେମର ମିଳନ ନଥାଏ।

କିଛି ପ୍ରେମର ମିଳନ ଅଛି, ଏଇ ଯେମିତି ଆମର, ଯଦି ତମେ ଚାହିଁବ। ମୁଁ ଅପେକ୍ଷା କରିଚି।...

●●●

Digitized by PPRACHIN, SOA

ଗପ ହେଲେ ବି ସତ

ରାତି ୧୨, ମୁଁ ଏକା । ଅସହ୍ୟ ଗୁଳୁମୁଳି ଆଉ ଗରମ । ପୁରୁଣା ଫ୍ୟାନଟା ଧକେଇ ଧକେଇ କଡ଼ ଲେଉଟଉଚି । ସିଏ ବି ବାରମ୍ବାର ଜଣେଇଦଉଚି, ମୁଁ ବହୁତ ପୁରୁଣା ହେଲଣି, କେତେ ଆଉ ଚାଲିବି, ଥକି ପଡ଼ିଲିଣି । ତମେ ମୋ ଉପରେ ବିରକ୍ତ ହେଉଥିବ, ହେଲେ ମୁଁ ଆଉ କ'ଣ କରିବି, ଆଉ ହଉନି ।

ମୁଁ ବି ଭାବୁଥିଲି, ଅଯଥା ଏ ପୁରୁଣା ଫ୍ୟାନ୍ ଉପରେ ରାଗୁଚି । ଯଂତ୍ରଟା ସିଏ, କ'ଣ ମଣିଷ ହେଇଚି ! ଏତିକିବେଳେ ଶବ୍ଦର ଠନ୍‌ଠନ୍‌ଆବାଜ୍ ସ୍ମାର୍ଟଫୋନରେ । ଫେସବୁକ୍ ମେସେଂଜରରୁ ଆସିଥିଲା ବାର୍ତ୍ତା: ହାଲୋ, କ'ଣ କରୁଚ ? ମୁଁ ତୁରନ୍ତ ଲେଖିଲି: କ'ଣ ଆଉ କରିବି, ସେଇ ଚିରାଚରିତ କାମ-ଗପ ଲେଖୁଚି । ବହିଟେ କରୁଚି 'ଗପ ହେଲେ ବି ସତ' । କିନ୍ତୁ ଏତେଗୁଡ଼େ ସତ ଗପ କୋଉଠୁ ଆସିବ ! ତଥାପି ଚେଷ୍ଟା ଚଳେଇଚି ।

ସିଏ: ବଢିଆ ବଢିଆ..ଲାଗିପଡ଼ । ହେଲେ ସବୁ ସତ କଥା କ'ଣ ଲେଖିପାରିବ ?

ମୁଁ: ଚେଷ୍ଟା କରୁଚି ।

ସିଏ: ବହି ବାହାରିଲେ ମତେ ଖଂଡ଼େ ଦବ, ଦେଖିବି ତମେ କେତେ ସତ ଆଉ କେତେ ମିଛ ଲେଖିଚ ।

ମୁଁ: ହଉ, ତମକୁ ଉନ୍ମୋଚନ ବେଳକୁ ଡାକିବି । ତମେ ଯଦି ରାଜି, ତା'ହେଲେ ତମରି ହାତରେ ଉନ୍ମୋଚନ କରେଇବି ।

ସିଏ: ନାଁ ବାବା ନା, କିଏ କ'ଣ ଭାବିବ । ମିଛ ସତ ଯୋଡ଼ିକି କହିବେ । ଲୋକ ତ ଭଉଣୀକୁ ବାଇକ୍ ପଛରେ ବସେଇନେଇକି ଗଲେ କ'ଣ ନା କ'ଣ କହିଦଉଛନ୍ତି । ସହଜେ..ଆମେ ?

Digitized by PPRACHIN, SOA

ମୁଁ: କ'ଣ ଆମେ! ହଉ ଡରନି, ତମକୁ ଡାକିବିନି। ଛାଡ଼ ସେକଥା। ଆଜି ଡିନର କ'ଣ ଥିଲା ?

ସେ: ରୁଟି, ତରକାରି, ରାବିଡ଼ି ଆଉ ଆଇସକ୍ରିମ୍।

ମୁଁ: ବଢିଆ ବଢିଆ..ରାବିଡ଼ି ଆଉ ଆଇସକ୍ରିମ୍ ଖାଇ ଆହୁରି ଫୁଲ। ରାବିଡ଼ି ମତେ ଭାରି ଭଲଲାଗେ। କଲେଜରୁ ଫେରିଲାବେଳକୁ ବରଗଛ ପାଖ ହୋଟେଲରେ ବଢିଆ ରାବିଡ଼ି ମିଳେ, ପ୍ରାୟ ଦିନ ନିରଂଜନ ଆଉ ମୁଁ ସେଇଠି ରାବିଡ଼ି ଖାଉ...ଟା' ଗ୍ଲାସରେ ଫୁଲ ଗ୍ଲାସେ...ମାତ୍ର ୪ ଟଂକା।

ସେ: ଆଛା, ସେତେବେଳେ ତା'ହେଲେ ରାବିଡ଼ି ଖିଆହଉଥିଲା। ସେଇଥିପାଇଁ ଫୁଲିକି ଥିଲ। ଏବେ କିଆଁ ଖାଉନ ?

ମୁଁ: ବୟସ ବଢୁଚି, ତେଣୁ ଟିକେ ସ୍ୱାସ୍ଥ୍ୟକୁ ଜଗିବାକୁ ପଡ଼ିବ।

ସେ: ହଉ ଜଗ, ମୁଁ କିନ୍ତୁ ଜଗିପାରୁନି। ଖାଉଚି ଆଉ ଫୁଲୁଚି। ଆଜି ଖାଇଲାବେଳେ ତମ କଥା ଭାବୁଥିଲି। ତମ ଭାଗ ରାବିଡ଼ିଟା ଖାଇଦେଇଚି।

ମୁଁ: ହାଃ ହାଃ..ମାନେ କୃଷ୍ଣଙ୍କ ରାବିଡ଼ି ରାଧା ଖାଇଦେଲେ ? ?

ସେ: ହଁ..ହେଲେ ରାଧା ପ୍ରଥମେ କୃଷ୍ଣଙ୍କର ବେଷ୍ଟ ଫ୍ରେଣ୍ଡ ଥିଲେ, ତା' ପରେ ପ୍ରେମିକ ହେଲେ।

ମୁଁ: ଓହୋ..

ସେ: ତମେ ଆଗ ପ୍ରେମିକ, ତା'ପରେ ଏବେ ବେଷ୍ଟ ଫ୍ରେଣ୍ଡ। ଏବେତ ତ ଆଉ ସେ ସମୟ ନାହିଁ, ପ୍ରେମିକ ବୋଲି କ'ଣ କହିହବ !

ମୁଁ: ପ୍ରେମରେ ଥାଏ ଛଳନାହୀନ ବଂଧୁତା, ଆବେଗମୟ ସାଧୁତା...ନଥାଏ ପାପର ବିଚାର, ପୁଣ୍ୟ ଖେଳୁଥାଏ ଏଠି ନିରନ୍ତର।

ସେ: ପୁଣି କବିତା ଆରଂଭ ହେଇଗଲା..

ମୁଁ: ନାଇଁ ଗପ..ସତ ଗପ..ଗପ ହେଲେ ବି ସତ।

ସେ: ଓକେ ବାବା, ଲେଖ ତା' ହେଲେ ଗପ।

ମୁଁ: ଲେଖୁଚି ପରା।

ସିଏ: ଏପଟେ ଚାଟିଙ୍ଗ୍, ସେପଟେ ଗପ ?

ମୁଁ: ହଁ, ଦି'ଟା ଯାକ କାମ ଚାଲିଚି।

Digitized by PPRACHIN, SOA

ସେ: ଭିଡିଓ କଲିଙ୍ଗ୍...

ତା'ର ଭିଡିଓ କଲିଙ୍ଗ୍ ଆସୁଥିଲା, ମୁଁ କିନ୍ତୁ କଥାହେବାକୁ ଚାହୁଁନଥିଲି। ପ୍ରସ୍ତୁତ ନ ଥିଲି। କଥା ଅପେକ୍ଷା ଶବ୍ଦ ବେଶୀ ଗୁରୁତ୍ୱପୂର୍ଣ୍ଣ ଥିଲା ମୋ ପାଇଁ। ସେଇ ଶବ୍ଦ ତ ସେତେବେଳେ କହିହେଇନଥିଲା, ହୁଏତ ସ୍ମାର୍ଟଫୋନ୍ ସେତେବେଳେ ଥିଲେ ପରିସ୍ଥିତି ଭିନ୍ନ ହେଇଥାନ୍ତା ! ଶବ୍ଦ ଅନେକ କଥା କହିପାରେ, ଯାହା କଥା ପାରେନା, ତାହା ଶବ୍ଦ ପାରେ। ତା ଭିଡ଼ିଓ କଲିଙ୍ଗ ମୁଁ ଉଠେଇନଥିଲି, ତା' ପରେ ସେ ଲେଖିଲା, ସରି, ଭୁଲରେ ହାତ ବାଜିଗଲା।

ମୁଁ: ମୋର ବି ବଜେଇଦବାକୁ ଇଛା...ହାତ।

ସେ: ତମେ ଡବଲ ମିନିଙ୍ଗ୍ କଥା କହୁଚ !

ମୁଁ: ତାଳି ଦି' ହାତରେ ବାଜେ, ମାନେ ଡବଲ...ଏଇଟା କ'ଣ ଡବଲ ମିନିଙ୍ଗ୍ କଥା ?

ସେ: ତମକୁ ପାରିହବନି...ନିଜ କଥାକୁ ତମେ ସତ ପ୍ରମାଣିତ୍ କରିବାରେ ଓସ୍ତାଦ୍ । ମୁଁ ସତ କହୁଚି, ମିଷ୍ଟେକରେ ବାଜିଗଲା।

ମୁଁ: ଏତେ ସିରିୟସ କାହିଁକି ? ମୁଁ କଥା ହେବାରେ କିଛି ଅସୁବିଧା ନାହିଁ, ଆଜି ମୁଁ ଏକା। ମତେ ଭଲ ଲାଗେ, ପ୍ରିୟ ବଂଧୁମାନଙ୍କ ପାଖରୁ ଫୋନ୍ ଆସିଲେ।

ସେ: ଓହୋ, ଏମିତି କେତେ କଲ୍ ଆସୁଚି ?

ମୁଁ: ସବୁ ନାରୀଙ୍କର ସେଇ ସନ୍ଦେହୀ ଭାବ।

ସେ: ହାଃ ହାଃ..ସବୁ ପୁଅଗୁଡ଼ାକ ଠକ।

ମୁଁ: ଯେମିତି ମୁଁ ତମକୁ ଠକିଦେଲି, ଏୟା କହିବାକୁ ଚାହୁଁଚ ତ ? ବିଶ୍ୱାସ କର, ମୋ ହାତରେ କିଛି ନଥିଲା..ପରିସ୍ଥିତି ଯୁଆଡ଼ିକି ଟାଣିଲା, ମୁଁ ସିଆଡ଼ିକି ଗଲି। ଦଇବ ଦଉଡ଼ି ମଣିଷ ଗାଈ, ଯେଣିକି ଟାଣଇ, ସେଣିକି ଯାଇ।

ସେ: ପୁଣି କବିତା ? ?

ମୁଁ: ନାଇଁ ଗପ, ସତ ଗପ। ଗପଟା ସରୁ ସରୁ ସକାଳ ହେଇଯିବ। ଆଉ କିଛି ଘଂଟାର ମାତ୍ର ଅପେକ୍ଷା..ତା' ପରେ ସରିଯିବ ଏଇ ରାତି, ସରିଯିବ ଏଇ ଗପ।

ସେ: ଆଜି ସ୍ଲିପିଙ୍ଗ୍ ପିଲ୍ ଖାଇନ କି ?..ଏଯାଏଁ ଚେଇଁ ରହିଚ ?

ମୁଁ: ଗପଟା ସାରିବି ପରା, ତେଣୁ ମେଡିସିନ୍ ବି କାମ କରିବିନି। ମୁଁ ବି ଆଜି ଖାଇନି ମେଡିସିନ୍।

Digitized by PPRACHIN, SOA

ସେ: ଆମର ଏବେ ଲାଇନ୍ କଟିଗଲା।

ମୁଁ: ଆମର ବି..। ଆଚ୍ଛା କହିଲ, ଅଂଧାର ଭଲ ନା ଆଲୁଅ ?

ସେ: ଅଂଧାରରେ ମତେ ଭୟ ଲାଗେ।

ମୁଁ: କିନ୍ତୁ ପ୍ରିୟଲୋକ ପାଖରେ ଥିଲେ ଡର କାହାକୁ, ଭୟ କାହାକୁ। ଆଲୁଅ ପ୍ରାଚୁର୍ଯ୍ୟ ଭଳି। ସବୁ ଆଲୋକିତ ଥିବ, ଚକ୍‌ଚକ୍ ଦିଶୁଥିବ, କିନ୍ତୁ କ'ଣ ଗୋଟେ ଅଭାବ ରହିଯାଇଥିବ। ଭଗବାନଙ୍କ ସୃଷ୍ଟି ଏଇଭଳି..ସବୁ ଦେଇଥିବେ, ତା'ରି ଭିତରେ କ'ଣ ଗୋଟେ କେଁ ଛାଡ଼ିଦେଇଥିବେ ! ଅଂଧାର କିନ୍ତୁ ଭାରି ଚୁପ୍‌ଚାପ୍..ନୀରବ। ନୀରବତାରେ ବି ଥାଏ ଅନେକ କଥା। ଜୀବନ ଯମୁନାରେ ଜୁଆର ଆଣିଦିଏ।

ସେ: ବାଃ ବଢ଼ିଆ ଗପଟେ ଉତୁରିବ। ବହି ବାହାରିଲେ ଜଣେଇବ। ଶୋଇପଡ଼, ରାତି ୩ଟା ବାଜିଲାଣି। ଏ ଶାନ୍ତ ରାତି ତମକୁ ପ୍ରେରଣା ଦଉ, ସୁଇଟ୍ ଡ୍ରିମ୍ସ ହଉ।

ମୁଁ: ସ୍ୱପ୍ନ କଥା ଆଉ କୁହନା..ଅଧୁରା ସ୍ୱପ୍ନକୁ ଅଧୁରା ହେଇକି ରହିବାକୁ ଛାଡ଼ିଦିଅ। ସେମାନେ ସେମିତି ବୁଲନ୍ତୁ ଅତୃପ୍ତ ହେଇ ଏ ଶୂନ୍ୟମଂଡଳରେ, ଆଉ କୋଉ ମଣିଷକୁ ହଇରାଣ ହରକତ କରନ୍ତୁନାହିଁ। ମୋର ସ୍ୱପ୍ନ ଆଉ ଲୋଡ଼ାନାହିଁ। ଅତୃପ୍ତି ଆଉ ଅନିଦ୍ରାର ଗଂଭିରୀ ଭିତରେ ମୁଁ ଆଉ କେତେ ଛଟପଟ ହେବି କହୁନ। ମୋର ଲୋଡ଼ା ଗଭୀର ନିଦ, ଯୋଉ ନିଦରେ ନଥିବ କିଛି ସ୍ୱପ୍ନ। ଏମିତି ନିଦ ଲୋଡ଼ା, ଯୋଉ ନିଦରେ ନଥିବ କିଛି ବାଧା, କିଛି କ୍ଷୁଧା। ଥିବ କେବଳ ଯୁଗଯୁଗର ଶାନ୍ତି। ମତେ ଟିକେ ଶାନ୍ତି ଦରକାର। ମୃତ୍ୟୁ ପରେ ଯେମିତି ଲୋକେ କୁହନ୍ତି, ରେଷ୍ଟ ଇନ୍ ପିସ୍...ମତେ ସେଇ ରେଷ୍ଟ ଦରକାର।

●●●

Digitized by PPRACHIN, SOA

ହ୍ୱାଟ୍ସ ଆପ୍ ଗପ

ବର-ଓସ୍ତ

ହାଏ

-ଲଭ୍ ୟୁ ଡିଅର

କେତେ ?

-ସମୁଦ୍ରର ଗଭୀରତା ଯେତେ, ଆକାଶର ବିଶାଳତା ଯେତେ..

ଆର ଜନ୍ମରେ ଗଛ ହେଇ ଜନ୍ମ ହେବାକୁ ଇଚ୍ଛା..

-କାହିଁକି ?

ଏ ମଣିଷ ଜନ୍ମରେ ବହୁତ କଷ୍ଟ, ବହୁତ ଯଂତ୍ରଣା..ଯଂତ୍ରଣାର ନାଁ ଜୀବନ।

-ତେବେ ଆରଜନ୍ମରେ ଗଛ ହେବାକୁ କିଆଁ ଇଚ୍ଛା ?

ଏ ଜନ୍ମରେ ତମ ସହ ମିଳନ ହେଲାନି, ଆର ଜନ୍ମରେ ଗଛ ହେଇ ସଂଭବ ହବ।

-କେମିତି ?..ଏଭଳି ଅବାସ୍ତବ କଥା ତମ ମୁଣ୍ଡକୁ କୋଉଠୁ ଜୁଟିଲା ?..ହଁ, ଆର ଜନ୍ମରେ ଆମେ ଦୁହେଁ ମଣିଷ ହେଇ ଜନ୍ମନେବା, ପ୍ରେମ କରିବା..ଆଉ ତା'ପରେ ଆମର ମିଳନ ହେବ, ଏଭଳି ସ୍ୱପ୍ନ କଥା ଭାବିହେବ, ମାତ୍ର ଏ ଗଛ କଥା.. ?

ଯଦି ମୁଁ ବର ଗଛ ଆଉ ତମେ ଓସ୍ତ ଗଛ ହେଇ ଜନ୍ମ ନିଅନ୍ତ, ତା'ହେଲେ ମିଳନ ସଂଭବ ହୁଅନ୍ତା। ବର ଓ ଓସ୍ତ ବାହାଘର ହୁଅନ୍ତା।

ହେଲେ ତମେ ସେତେବେଳେ ମତେ ପସନ୍ଦ ନ କରିପାର !

Digitized by PPRACHIN, SOA

କାହିଁକି ?

-ମୁଁ ଜାଣିନି...ଗଡ୍ ନୋଜ୍..

ଯିଏ ବରଗଛ ଲଗେଇଥିବ, ସିଏ ଓସ୍ତ ଗଛ ବି ଲଗେଇଥିବ...ସିଏ ବର-ଓସ୍ତ ବାହାଘର କରିବ ହିଁ କରିବ...ବାହାଘର ହବ ହିଁ ହବ। ବର କ'ଣ ଆଉ କୋଉ ଗଛକୁ ବାହାହବ ନା କ'ଣ ?..ସିଏ ଓସ୍ତ ଗଛକୁ ହିଁ ବାହା ହବ। ସିଏ ଗଛ...ମଣିଷମାନଙ୍କ ଭଳି ଗଛର ତ ମନ ଅମେଳ ହଉନଥିବ ନା ! ମଣିଷର ମିଳନ ପାଇଁ ସିନା ଅନେକ ମଣିଷ ବାଡ୍ ହେଇ ଠିଆହଉଛନ୍ତି। କିନ୍ତୁ ଗଛ ପାଇଁ ସେସବୁ ପ୍ରତିବଂଧକ ନାହିଁ। ବର-ଓସ୍ତ ବାହାଘରକୁ ଏ ମଣିଷ ତ ପୁଣ୍ୟକର୍ମ ବୋଲି ଭାବେ।

-ତମେ ବୋଧେ ଠିକ୍ କହୁଚ। ମୁଁ ରାଜି ତମ ପ୍ରସ୍ତାବରେ। ତାଲ ଆର ଜନ୍ମରେ ବର-ଓସ୍ତ ହେଇ ଜନ୍ମ ନବା।

ପ୍ରଜାପତି

ହାଲୋ

-ହାଏ

କ'ଣ କରୁଚ..

-ତମ ସହ ଚାଟ୍ କରୁଚି

ତମର ତ ଇନଷ୍ଟାଂଟ୍ ଆନ୍‌ସର...ଆଉ କ'ଣ କୁହ..

-ଆଉ ଭାବୁଚି ଏଇ ପ୍ରଜାପତିର କଥା..

ଭଲ ହେଇଚି, ଭାରି ନାଚୁରାଲ୍...ସୋ କୁଲ୍...

-ମୁଁ ଉଠେଇଚି

ତମେ ତ ସବୁବେଳେ ଭଲ ଉଠାଅ

-ଧନ୍ୟବାଦ...ମୁଁ ପ୍ରଜାପତିର ଫଟୋ ଉଠେଇପାରିଚି, କିନ୍ତୁ ତାକୁ ଧରିପାରିବିନି।

କାହିଁକି ଧରିପାରିବନି ?

-ଧରିଲାବେଳକୁ ହୁଏତ ତା' ଡେଣା ଛିଡ଼ିଯାଇପାରେ...ଏ ପ୍ରଜାପତିଟା ଠିକ୍ 'ବିବାହ-ପର ପ୍ରେମିକା' ଭଳି..ପ୍ରଜାପତି ଓ ପ୍ରେମିକା..ମୁଁ ଏ ପ୍ରଜାପତିକୁ ପ୍ରେମିକା ବୋଲି ଭାବୁଚି..।

Digitized by PPRACHIN, SOA

ହାଃ ହାଃ...ମାନେ ?

-ତମେ ନିଜେ କହୁନ, 'ବିବାହ-ପର ପ୍ରେମିକା'କୁ ମୁଁ କ'ଣ ଛୁଇଁପାରିବି, ଧରିପାରିବି ?...ଛୁଇଁଲେ, ଧରିଲେ ତା' ଘରେ ବିଶୃଙ୍ଖଳା ହେଇଯିବନି ! ଲୁଚି ଲୁଚି ଏସବୁ ମୁଁ କରିପାରିବି ଯଦି ସିଏ ରାଜିହେବ..କାଳେ କେହି ସନ୍ଦେହ କରିବେ, ଯଦି ଧରାପଡ଼ିଯିବ, ତା'ହେଲେ ବିଶୃଙ୍ଖଳା ହବ, ତା' ସୁଖର ସଂସାରରେ ଅଶାନ୍ତି ଭରିଯିବ..ତେଣୁ ମୁଁ ରିସ୍କ କାହିଁକି ନେବି। ପ୍ରଜାପତି ଭଳି ପ୍ରେମିକା ତା' ଜାଗାରେ ଅଛି, ମୁଁ ତାକୁ ଦେଖି ଖୁସି ହେବି, ତା' ପ୍ରେମରେ ତଲ୍ଲୀନ ହେବି, ତାକୁ ଦେଖିପାରିବି, ତା' ଫଟୋ ଉଠେଇପାରିବିନି, କିନ୍ତୁ ତାକୁ ଛୁଇଁବିନି, ଧରିବିନି..।

ତମେ କାହାକଥା କହୁଚ..ଇସାରା ଇସାରାରେ..

-ଜାଣିପାରୁନ, ମୁଁ କାହା କଥା କହୁଚି..

-ସତରେ ତମେ ମତେ ଏତେ ଲାଇକ୍ କରୁଚ ? ?

ସାତକାଂଡ଼ ରାମାୟଣ ସରିଯିବା ପରେ ତମେ ପୁଣି ପଚାରୁଚ ଏ ପ୍ରଶ୍ନ ?

-ନା, ଜାଣିଚି ଯେ !

ମୁଁ ଖୁସି ହେଲି, ତମେ ଜାଣିପାରୁଚ।..ସେତେବେଳେ ଜାଣିଥିଲେ ମୁଁ କେତେଯେ ଖୁସି ହେଇଥାନ୍ତି ତାହା ଭାଷାରେ ବର୍ଣ୍ଣନା କରିହେବନି।..ହଉ ବାଏ।

ଶାଢ଼ି

ସାବିତ୍ରୀଙ୍କୁ ବହୁତ ବହୁତ ଅଭିନନ୍ଦନ

-ଧନ୍ୟବାଦ...ମୋ ସ୍ୱାମୀ ମତେ ଏ ଶାଢ଼ି ଗିଫ୍ଟ ଦେଇଛନ୍ତି।

ଭାରି ବଢ଼ିଆ ହେଇଚି..ସୁନ୍ଦର, ଅତି ସୁନ୍ଦର

-କିଏ ?...ଶାଢ଼ି ନା ମୁଁ ?

ଦି'ଟା ଯାକ।...କାସ୍, ମତେ ବି ଏଇ ସୁଯୋଗ ମିଳିଥାନ୍ତା, ସାବିତ୍ରୀରେ ତମକୁ ଏମିତି ଗୋଟେ ଶାଢ଼ି ଗିଫ୍ଟ ଦବାର..

-ତମକୁ କିଏ ମନା କରୁଥିଲା କି ? ଏଇ ରୂପରେ ଗ୍ରହଣ କରିବାକୁ ତମର ତ ଇଚ୍ଛା ନ ଥିଲା। ମୋ ଜନ୍ମଦିନରେ ତମେ ମତେ ବ୍ରା, ପ୍ୟାଂଟି ଉପହାର ଦେଇଚ, ଡ୍ରେସ୍ ଦେଇଚ...କିନ୍ତୁ କେବେ ଶାଢ଼ି ଦେଇଚ କି ?

ତମେ କ'ଣ ସେତେବେଳେ ଶାଢୀ ପିନ୍ଧୁଥିଲ ଯେ ଶାଢୀ ଦେଇଥାନ୍ତି ?

Digitized by PPRACHIN, SOA

-ମୁଁ ସେତେବେଳେ ନ ପିନ୍ଧିବା କଥା ଛାଡ଼, ପରବର୍ତ୍ତୀ କଥା ତ ଭାବିଥାନ୍ତ ! ତମେ ତ ନିଜେ ସେଇ ସୁଯୋଗ ସୃଷ୍ଟି କଲନି, କ୍ୟାରିଅର ପଛରେ ଧାଇଁଲ, ଏବେ ଆଉ ଭାବି ଲାଭ କ'ଣ ?

ହଁ, ଜୀବନରେ ଗୋଟେ ବିରାଟ ବଡ଼ ଭୁଲ୍ ହେଇଗଲା। ଧେତ୍..ଧେତ୍...ସେତେବେଳେ ମୁଁ ଖାଲି କ୍ୟାରିଅର୍ କଥା ଭାବିଲି। ତମ ଘରେ ବି ବହୁତ ତରବର ହେଲେ..

-ହେବେନି କେମିତି ?...ମୁଁ କ'ଣ ତମ ଭଳି ପୁଅ ହେଇଥିଲି ଯେ, ଯେତେ ଡେରି ହେଇଥିଲେ ଚଳିଥାନ୍ତା ତମ ଭଳି। ମୋ ପରେ ପୁଣି ଦୁଇ ଭଉଣୀ ଥିଲେ, ଗୋଟେ ଭାଇ ଥିଲା। ସେମାନେ ତମ ପାଇଁ ଅପେକ୍ଷା କରିଥାନ୍ତେ ନା କ'ଣ ?...

ହଁ, ଠିକ୍ କଥା।

-ଏବେ ଆଉ ସେକଥା ଭାବି ଲାଭନାହିଁ। ପାରୁତ ଯଦି ଆଉ ଗୋଟେ ଜନ୍ମକୁ ଅପେକ୍ଷା କର।

ଜନ୍ମ ଜନ୍ମାନ୍ତରକୁ ତମେ ବିଶ୍ୱାସ କର ?..ପୁନର୍ଜନ୍ମ କ'ଣ ସତରେ ଅଛି ?

-ମୋ ବିଶ୍ୱାସରେ ଅଛି।

ତା'ହେଲେ ସତ୍ୟବାନ-ସାବିତ୍ରୀ ପୁଣି ଜନ୍ମ ହେଇଥିବେ, ବାରମ୍ବାର ଜନ୍ମ ହେଉଥିବେ।

-ନାଁ, ସେମାନଙ୍କର ମୋକ୍ଷ ହେଇସାରିଥିବ। ଏ କଳିକାଳରେ ସେମାନେ ଏଠି ଚଳିପାରିବେନି।

ହାଃ ହାଃ...ଠିକ୍ କହିଚ। ବାଏ..ମୋର ଅଫିସ୍ ଟାଇମ୍ ହେଇଗଲାଣି।

-ଓକେ, ବାଏ।

●●●

Digitized by PPRACHIN, SOA

ଫେସବୁକ୍ ଚାଟ୍ ଗପ

ପିଆଜ ଜୀବନ

ମୁଁ: ଜୀବନ ଏକ ଯଂତ୍ରଣା। ଜୀବନଟା ଏକ ଯାତନା?...ସୁଖ ଆଉ ଦୁଃଖ ଭିତରୁ କିଏ ବେଶୀ ଆଉ କିଏ କମ୍?

ସୁଷମା: ହଁ, ଚଳେଇଦେଲେ ସବୁ ଚଳିବ, ନିଜକୁ ମୋଟିଭେଟ୍ କରିକି ଆଗକୁ ଯିବାକୁ ହେବ, ସୋ ବି ପଜିଟିଭ୍।

ନିର୍ମାଲ୍ୟ: ସୁଖ କମ୍, ଦୁଃଖ ବେଶୀ ଭାଇ। ବଟ୍ ବୋଥ୍ ଆର୍ ବିଉଟିଫୁଲ୍..ୱାନ୍ କାଣ୍ଟ ବି ରିଅଲାଇଜଡ୍ ଉଇଦାଉଟ୍ ଦ ଅଦର୍।

ସତ୍ୟଜିତ୍: ଚେଂଜ୍ ଇଜ୍ ଲାଇଫ୍।..ଦୁଃଖ ବି ଚେଂଜ୍ ହବ, ସୁଖ ବି..।

ସଂଜୟ: ଜୀବନ ଏକ ପିଆଜ..ଚୋପା ଛଡ଼େଇ ଛଡ଼େଇ ଚାଲନ୍ତୁ ଆଣ୍ଡ ଫାଇନାଲି ୟୁ ଫାଇଣ୍ଡ ନଥିଙ୍ଗ୍ ଇନ୍ ଇଟ୍।

ମୁଁ: ବାଃ..ଜୀବନର କେତେ ବଢ଼ିଆ ବ୍ୟାଖ୍ୟା..! ପିଆଜ ଭଳି ଜୀବନ। ଛଡ଼େଇବାକୁ ହିଁ ପଡ଼ିବ, ଛଡ଼େଇ ଖାଇବାକୁ ପଡ଼ିବ, କଂଚା ଖାଇପାର ନହେଲେ ତରକାରିରେ ପକେଇପାର। ଯେମିତି ହେଲେ ଛଡ଼େଇବାକୁ ପଡ଼ିବ, ନ ଛଡ଼େଇଲେ ପଚିଯିବ, କିଛି କାମରେ ଲାଗିବନି। ଛଡ଼େଇଲା ବେଳେ ଆଖି ପୋଡ଼ିବ, କିନ୍ତୁ ଛଡ଼େଇବାକୁ ପଡ଼ିବ। ଆଖି ପୋଡ଼ିଲେ ବି ପିଆଜର ସ୍ୱାଦ ଚାଖିବାକୁ ସେଇଟା କରିବାକୁ ପଡ଼ିବ।..ଜୀବନ ବି ସେମିତି। ଯେତେ ବାଧା ବିଘ୍ନ, ଦୁଃଖକଷ୍ଟ ଆସୁପଛେ ଜୀବନ ତରୀକି ବାହିବାକୁ ପଡ଼ିବ। ଏଇ ଯେମିତି ପିଆଜ ଛଡ଼େଇ ଆଖିରୁ ଲୁହ ବାହାରିବାର

Digitized by PPRACHIN, SOA

କଷ୍ଟ ତରକାରିର ସ୍ୱାଦରୁ ମିଳିଥାଏ।...ଜୀବନ ବି ଏମିତି, ସମୟ ପରେ ସମୟ ଅତିକ୍ରାନ୍ତ ହୋଇଚାଲିଥିବ, ବର୍ଷ ପରେ ବର୍ଷ ଗଡ଼ିଚାଲୁଥିବ ଆଉ ଶେଷକୁ କ'ଣ ହବ ?..ସେଇ ମଣିଷ ପିଆଜ ଭଳି ସରିସରିଯାଉଥିବ। ଜୀବନ ସରି ସରି ଆସୁଥିବା ବେଳକୁ ବି ଜୀବନର ଲକ୍ଷ୍ୟସବୁ ପୂରଣ ହେଇପାରୁନଥିବ, ଆଶାସବୁ ଅପୂର୍ଣ୍ଣ, ସ୍ୱପ୍ନସବୁ ଅଧୁରା ହୋଇ ରହୁଥିବ !..ମୋହ ତୁଟୁନଥିବ !

ସନ୍ନ୍ୟାସୀ: ପିଆଜ ଚୋପାଛଡ଼ାରେ ଜୀବନର ମୋହ ଖୁବ୍ ମନଛୁଆଁ..।

ରାତ୍ରିଚର

ଫେସବୁକ୍ ବାନ୍ଧବୀ: ହାଏ, କ'ଣ ଏଯାଏ ଶୋଇନାହାନ୍ତି ?

ମୁଁ: ଆମେ ତ ରାତ୍ରିଚର, ଶୋଇବୁ କ'ଣ ?

ଫେବୁ.ବା.: ମାନେ ?

ମୁଁ: ନିଦ ହଉନି, କ'ଣ କରିବା ? ଆପଣ ବି ଶୋଇନାହାନ୍ତି ?

ଫେବୁ.ବା.: ନାଇଁ ମୁଁ ଶୋଇପଡ଼େ ଯେ, ଆଜି ଟିକେ ଏମ୍ତି ବସିଯାଇଚି।

ମୁଁ: ମୋର ସବୁଦିନ ସେୟା..ରାତ୍ରିଚର..ନିଦ ନ ହବା ଯାଏ ବସିଥାଏ, କବିତା ଲେଖୁଥାଏ ଆଉ ମଝିରେ ମଝିରେ ଏମିତି ଆପଣମାନଙ୍କ ସହ ସୁଖଦୁଃଖ ହୁଏ। ମାନେ ରାତିରେ ଚରିବାକୁ ମୋ ପାଇଁ ଫେସ୍‌ବୁକ୍ ନହେଲେ କବିତା।

ଫେବୁ.ବା.: ଆପଣ ମ୍ୟାରେଡ୍ ନା ଅନ୍‌ମ୍ୟାରେଡ୍ ?..ଫେସବୁକ୍‌ରେ ଷ୍ଟାଟସ୍ ଦେଖୁଥିଲି, ଲେଖାହେଇଚି ଇଟ୍‌ସ କଂପ୍ଲିକେଟେଡ୍.. !

ମୁଁ: ସେକଥା ଛାଡ଼ନ୍ତୁ, କଂପ୍ଲିକେଟେଡ୍‌କୁ ସେମ୍ତି କଂପ୍ଲିକେଟେଡ୍ ରଖନ୍ତୁ। ଆଉ କ'ଣ କୁହନ୍ତୁ..।

ଫେବୁ.ବା.: ଓକେ, ଆପଣ ପା' କବିତା ଲେଖୁଛନ୍ତି, ରାତି ଉପରେ ଗୋଟେ କବିତା ଲେଖିଲେ...।

ମୁଁ: କବିତାର ନାଁ ହେଲା: 'ମୋ ପାଇଁ ରାତି'

ଏମିତି ରାତି..ଯୋଉଠି ନ ଥିବ ତାତି..

ସେ କି ରାତି !

ଏମିତି ରାତି..ଯୋଉଠି ନ ଥିବ ରତି

Digitized by PPRACHIN, SOA

ସେ କି ରାତି !

ଫେବୁ.ବା.: ଏଇଟା କି କବିତା ମ !..ରାତି, ତାତି, ରତି..କିଛି ବୁଝାପଡୁନି.. !

ମୁଁ: କ'ଣ ବୁଝିପାରୁନାହାନ୍ତି ମ, ମୁଁ ତ ସେମିତି କ୍ଲିଷ୍ଟ ଶବ୍ଦ ଲେଖିନି । ମୁଁ ଏୟା ଲେଖିଚି, ରାତିରେ ଯଦି ତାତି ନଥିବ, ସେ ରାତିର କିଛି ମୂଲ୍ୟ ନାହିଁ, ସେଇଟା ଶୀତରାତି ହଉ କି ଖରାଦିନିଆ ରାତି । ଆଉ ରାତିରେ ଯଦି ରତି ନଥିବ, ସେଇଟା କି ରାତି !

ଫେବୁ.ବା.: ଓହୋ, ଆପଣଙ୍କ କବିତା ତା' ହେଲେ ଭାରି ରୋମାଣ୍ଟିକ୍ ।

ମୁଁ: କବିତା ସିନା ରୋମାଣ୍ଟିକ୍, ହେଲେ ରୋମାନ୍ସ କରିବାକୁ ରୋମାଣ୍ଟିକ୍ ଲୋକ ନାହାନ୍ତି ।

ଫେବୁ.ବା.: କୁଆଡ଼େ ଗଲେ ?

ମୁଁ: କହିଚି ପରା ସେଇଟା କମ୍ପ୍ଲିକେଟେଡ୍... ।

ଫେବୁ.ବା.: ସେଇ କମ୍ପ୍ଲିକାସୀ ପାଇଁ ଆପଣ ବୋଧେ ରାତ୍ରିଚର ହେଇଯାଇଛନ୍ତି ?

ମୁଁ: ହଁ ସେୟା, ଯାହା ଉପରେ ଚରିଥାନ୍ତି, ସିଏ ଏବେ ନିଘୋଡ଼ ନିଦ୍ରାରେ.. ।

ଫେବୁ.ବା.: ମୁଁ ଜାଣିଗଲି, ଆପଣଙ୍କ ରିଲେସନସିପ୍‌ର ଷ୍ଟାଟସ..

ମୁଁ: କ'ଣ ଜାଣିଲେ ?

ଫେବୁ.ବା.: ଆପଣ ଲେଖୁ ଲେଖୁ ବୋଧେ ଲେଖିଦେଲେ...ଯାହା ଲୁଚେଇବାକୁ ଚାହୁଁଥିଲେ ତାହା ଖୋଲିଦେଲେ.. ।

ମୁଁ: କ'ଣ ?..ମାନେ ?

ଫେବୁ.ବା.: ୟୁ ଆର୍ ଏ ମ୍ୟାରେଡ୍ ବ୍ୟାଚେଲର.. । ହାଃ ହାଃ...ମାଇଣ୍ଡ ମିସମ୍ୟାଚ୍ ଉଇଥ୍ ୟୋର ପାର୍ଟନର, ସୋ ଆଜ୍ 'ଫିଜିକାଲ'..ୟୁ ମିନ୍..ୟୁ ଅଣ୍ଡରଷ୍ଟାଣ୍ଡ ବେଟର.. । ହାଃ ହାଃ ହାଃ ।

●●●

Digitized by PPRACHIN, SOA

ଶେଷ ଇ-ମେଲ୍

ମୁଁ//

ଇ-ମେଲ୍ ୧ : "କିଛି ପ୍ରେମ ସରିଯାଏ ଦେଖାରେ ଦେଖାରେ../କିଛି ପ୍ରେମ ମରିଯାଏ ବିବାହ ବେଦୀରେ../କିଛି ପ୍ରେମ ରହିଯାଏ ସ୍ମୃତିରେ ସ୍ମୃତିରେ../କିଛି ପ୍ରେମ ଚୋଟ ମାରେ କଅଁଳ ଛାତିରେ.."। ମନେଅଛିନା, ଏଇ କବିତାଟା ତମେ ଲେଖିଥିଲ ସେତେବେଳେ, କଲେଜ ମାଗାଜିନ୍‌ରେ ବାହାରିଥିଲା।...ମନେଥିବ, ସେତେବେଳେ ଆମର ନୂଆ ନୂଆ ପ୍ରେମ ଆରଂଭ ହଉଥିଲା, ହେଲେ ତମର ଏ କବିତା ପଢ଼ି ମତେ କାହିଁକି ଖୁସି ଲାଗୁନଥିଲା। ପ୍ରେମ ଆରଂଭ ହଉ ହଉ ଏମିତି ପାଥେଟିକ୍ କବିତା!..ହଁ ଏବେ ବି ମୁଁ ତମକୁ ଭୁଲିନାହିଁ, ମୋ ପାଇଁ ସେଇ ଦେଖାସାକ୍ଷାତର ପ୍ରେମ ଏବେବି ସରିନାହିଁ, ତୁମ ବିବାହ ପରେ ବି ମରିନାହିଁ ସେଇ ପ୍ରେମ, ଏବେ ବି ସେଇ ପ୍ରେମ ଚୋଟ ମାରୁଚି ମୋ କଅଁଳ ଛାତିରେ।..ଆମ ପ୍ରେମର ସେଇ ସ୍ମୃତି ମୋ ପାଇଁ କିନ୍ତୁ ଇତିହାସ ହେଇନି, ଏବେ ବି ତାଜା..ବର୍ତ୍ତମାନ ହେଇକି ଅଛି।...ହାପି ଭାଲେଣ୍ଟାଇନ୍ସ ଡେ'।..ତମର ମନେ ଅଛି ନା ନାଇଁ, ଏଇ ଭାଲେଣ୍ଟାଇନ୍ସ ଡେ'ରେ ତମେ ଉଇସ୍ କରିଥିଲ ପ୍ରଥମ ଥର ପାଇଁ। କମ୍ପ୍ଲେନ୍ କରିପକେଇଥିଲ, ମତେ ସାଇ ନେଚରର ଆଉ କଂଜରଭେଟିଭ୍ ବୋଲି କହିଥିଲ। ମୁଁ କାଳେ ତମକୁ କିଛି କହିନପାରିବି, ସେଇଥିପାଇଁ ତମେ ବୋଧେ ଆଗତୁରା ଉଇସ୍ କରିଦେଇଥିଲ। ହଁ, ତମେ ଠିକ୍ ଭାବିଥିଲ, ଯଦିଓ ମତେ ଏ ବିଦେଶୀ ସଂସ୍କୃତି ସେତେଟା ଭଲ ଲାଗେନି, ତେବେ ଖାସ୍ ତମ ଖାତିରରେ ମୁଁ ନିଜକୁ ଟିକେ ଚେଂଜ୍ କରିଦେଇଥିଲି। ଭାବିଥିଲି, ଆମ ସଂସ୍କୃତି ସାଂଗରେ ଏ ସଂସ୍କୃତି ଟିକେ ମିଶିଗଲେ ସେମିତି କିଛି ଖରାପ ନାହିଁ। ରାଧା-କୃଷ୍ଣ ବି ପ୍ରେମ କରୁଥିଲେ, ସେଣ୍ଟ୍ ଭାଲେଣ୍ଟାଇନ୍ ବି ପ୍ରେମ କରୁଥିଲେ...ପ୍ରେମ ତ ଚିରନ୍ତନ। ତମେ ବି ପ୍ରେମ କର..ମତେ ତ ଭୁଲି ସାରିବଣି, ପୁଣି ଜୀବନଯାକ ଜଣକୁ ପ୍ରେମ କରିବ ବୋଲି କ'ଣ କିଛି ମାନେ ଅଛି!...ତେଣୁ ମୋ ଆଡୁ ହାପି ଭାଲେଣ୍ଟାଇନ୍‌ସ୍ ଡେ।..ବାଏ।

Digitized by PPRACHIN, SOA

ଇ-ମେଲ୍ ୨ : ହାଏ ଡିଅର, ହାପି ମାଣବସା।...ତମେ ନାକ ଟେକିବଣି, ହାପି ନିଉ ଇଅର୍ ଭଳି ହାପି ମାଣବସା ଉଇସେସ୍ କ'ଣ ଦେଲିଣି।..ଖାଲି ଏଇ ବର୍ଷ ନୁହଁ, ଆର ବର୍ଷ ପାଇଁ ବି ଆଡଭାନ୍ସ ମାଣବସା ଉଇସେସ୍ ଦେଇଦଉଚି। ସେତେବେଳକୁ ତମକୁ ଆଉ କ'ଣ ଇ-ମେଲ୍ ପଠେଇହବ!! ସେତେବେଳକୁ ତମର ନୂଆ ରୋଲ୍ ହେଇଯାଇଥିବ...ରାତିରୁ ଝୋଟି, ଚିତା...ପିଠାପଣା...କେତେ କ'ଣ...ପାହାନ୍ତା ଗାଧୁଆ...। ଓହୋ କୋଉ କାଲୁଆ ପାଣିରେ ଗାଧଉଚ ନା ହାତରେ ଝୋଟି ଚିତା ପକଉଚ ! ଗରମପାଣିରେ ଗାଧେଇବାକୁ ଗିଜର ଥିବ, ଆଉ ଝୋଟି, ଚିତା ପାଇଁ ଛାଂଚ ଥିବ। (..ଅବଶ୍ୟ ତମେ ସିନା ଏଠି ଓଡ଼ିଶାରେ ଥିଲେ ମାଣ ବସେଇବ!)...କ'ଣ କରିବା, ଆମର ତ ସିନା ସେସବୁ ବ୍ୟବସ୍ଥା ନ ଥିଲା।..ଆମ ଗାଁକୁ ଯାଇ ତମେ ନାକ ଟେକିଥିଲ, ଆମକୁ ଗାଉଁଲି, ମଫ୍ ବୋଲି ଭାବି ବୋଧେ ନାକ ଟେକିଥିଲ!..ଏ ମାଣବସା ଫାଣବସା ତମର ପସନ୍ଦ ନୁହଁ, ବର୍ଷକେ ଥରେ ଦି ଥର ଗାଁକୁ ଯାଇ ମାଣବସା, ଦଶହରା କି ରଜ ପାଳିପାରିବନି ବୋଲି ତମେ ଏ ସଂପର୍କ ଭାଂଗିଦେଇଥିଲ!..ସଂପର୍କ ପୁଣି ବର୍ଷେ ଦି' ବର୍ଷର ନୁହଁ, ପାଞ୍ଚ ବର୍ଷର।...ହଉ ଭଲରେ ରୁହ।..ଆରେ ହେ, ମେନ୍ କଥା ଭୁଲିଗଲି, ତମ ମେନ୍ ମଣିଷ ମାନେ ମନର ମଣିଷଙ୍କ ଖବର କ'ଣ ?...ବାହାଘର ଠିକ୍ ହବା ପରେ ଫୋନ୍‌ରେ କଥାବାର୍ତ୍ତା ଚାଲିଥିବ!...ସିଙ୍ଗାପୁରରୁ ସିଏ ଫୋନ୍ କରୁଥିବେ ତମ ପାଖକୁ!..ହଉ ଭଲରେ ରୁହ। ..ହଁ, କଂଗ୍ରାଚୁଲେସନ୍ସ ଫର ଇୟୋର ମ୍ୟାରେଜ୍..ଏଇ ମାସ ଶେଷ ଆଡ଼ିକି ପରା ଅଛି..ବ୍ୟସ୍ତ ହବନି, ମୁଁ ତମ ବାହାଘରକୁ ଯିବିନି।..ଗୁଡ୍‌ବାଏ।

ଇ-ମେଲ୍ ୩: ହାଏ, ହାପି ନିଉ ଇଅର। ବେଷ୍ଟ ଉଇସେସ୍ ଆଣ୍ଡ ଗୁଡଲକ୍ ଫର ଦ ନିଉ ଇଅର୍। ଶୁଣିଲି ତ ତମ ବାହାଘର ଆଉ ମାସେ ଦି' ମାସ ଘୁଂଚିଗଲା ବୋଲି। ତମ ମନର ମଣିଷ ସିଙ୍ଗାପୁରରୁ ଆସିପାରିଲେନି ପରା ! ହଉ, ଟିକେ ଅପେକ୍ଷା କରିଯାଅ, ସବ୍ର କା ଫଲ୍ ମିଠା ହୋତା ହୈ।...ଭାବିଥିଲି, ଗଲା ଇ-ମେଲ୍‌ଟା ତମ ପାଖକୁ ବୋଧେ ମୋର ଲାଷ୍ଟ ଇ-ମେଲ୍! କିନ୍ତୁ ଏ ନୂଆବର୍ଷଟାକୁ ଭୁଲିହେଲାନି। ସେଇଲାଗି ଏ ଇ-ମେଲ୍। ତମର ମନେଥିବ ତିନି ବର୍ଷ ତଳେ ଆମେ ଯୋଉ ଷ୍ଟଡି ଟୁର୍‌ରେ ଗୋଆ ଯାଇଥିଲେ, ସେଠି ବିଚ୍‌ରେ ନିଉ ଇଅର ପାର୍ଟିରେ କେତେ ମଜା ହେଇନଥିଲା ! ଫେନି ତମକୁ ଭାରି ଭଲ ଲାଗିଥିଲା ନା ?..ତମେ କିନ୍ତୁ ଜାଣିନଥିବ, ମୁଁ ସେଗୁଡ଼ା ପିଇନଥିଲି। ପିଇ ପିଇ ତମେ ଯେତେବେଳେ ନିଶାସକ୍ତ ହେଇଗଲ...ମୋର କିଛି ଚାରା ନଥିଲା। ବାହାଘର ପୂର୍ବରୁ ସେସବୁ ମୋର ଜମା ପସନ୍ଦ ନ ଥିଲା।...ତମେ ମତେ ବାଧ୍ୟ କରିଥିଲ, ତେଣୁ ମୁଁ ବି...ଛାଡ଼ ସେକଥା ମନେପଡ଼ିଗଲେ ଭାରି କଷ୍ଟ ଲାଗୁଚି। ...ହଁ, ତମର ମନେଥିବ, ତା' ପରଦିନ ସେଠି ଆମେ ଗୋଟେ ମନ୍ଦିରକୁ ବି ଯାଇଥିଲେ, ସେଇଠି ଶପଥ ବି କରିଥିଲେ, ଜୀବନ ଥିବା ପର୍ଯ୍ୟନ୍ତ ଯେମିତି ଏକାଠି

Digitized by PPRACHIN, SOA

ହେଇକି ଥିବା !..ଏବେ ତମେ ମୋ'ଠୁ ଦୂରେଇ ଯାଇପାରିଥାଅ, ମୁଁ କିନ୍ତୁ ଅଛି ତମ ସହ ମାନସିକ ଭାବେ..ମନକୁ କ'ଣ ଏତେ ସହଜ ଭାଂଗିହବ ! ହଉ, ଭଲରେ ରୁହ, ନୂଆବର୍ଷ ଭଲରେ କଟୁ।...ନୂଆବର୍ଷରେ ତମର ନୂଆ ସଂପର୍କ..ପୁଣି ନୂଆ ନୂଆ ଅନୁଭୂତି।...ପୁଣି ଥରେ କଂଗ୍ରାଟ୍ସ ଆଣ୍ଡ ବେଷ୍ଟ ଅଫ୍ ଲକ୍।

ସେ//

ଇ-ମେଲ୍ ୪ : ଥ୍ୟାଂକ୍ସ ଫର ଦ କମ୍ପ୍ଲିମେଣ୍ଟ। ମୋ ବାହାଘର ଆସନ୍ତା ଭାଲେଣ୍ଟାଇନ୍ସ ଡେ'ରେ ହଉଚି। ସେ ପିଲାକୁ ସେତିକି ବେଳକୁ ଛୁଟି ମିଳିଲା।..ମାଇଣ୍ଡ ଇଟ୍, ତମେ ଯେମିତି ମତେ ଆଉ ଇ-ମେଲ୍ ନ ପଠାଅ। ମୋର ଏଇଟା ତମକୁ ଲାଷ୍ଟ ଇ-ମେଲ୍ ଆଉ ତମର ଲାଷ୍ଟ ପାଷ୍ଟ ହେଇଗଲାଣି। ସୋ ଡୋଣ୍ଟ ଡିଷ୍ଟର୍ବ, ନୋ ଇ-ମେଲ, ନୋ ଏସ୍ଏମ୍ଏସ୍ ଆଣ୍ଡ ନୋ ଫୋନ୍ କଲ୍।...ହାପି ଭାଲେଣ୍ଟାଇନ୍ସ ଡେ' ଇନ୍ ଆଡ୍ଭାନ୍ସ...ପ୍ରେମ ଚିରନ୍ତନ, ତମେ ବି ପ୍ରେମ କର..ଜୀବନଯାକ ଜଣକୁ ପ୍ରେମ କରିବ ବୋଲି କ'ଣ କିଛି ମାନେଅଛି !...ଗୁଡ୍ବାଏ।

●●●

Digitized by PPRACHIN, SOA

ଡିପି

ସାର୍ ନମସ୍କାର । କ'ଣ କରୁଛନ୍ତି ?

-ଭାବୁଥିଲି ଆପଣଙ୍କ କଥା ।

ଖାଂଟି ମିଛ ।

-ନାଇଁ ଖାଂଟି ସତ । ମନର କଥାଟା କହିଲି, ସେଇଟା ବୋଧେ ଟେଲିପାଥି ।

ଆଛା ୧୫ ବର୍ଷ ତଳେ ସେ ଟେଲିପାଥିଟା କୁଆଡ଼େ ଯାଇଥିଲା ଶୁଣେ.. ।

-ତୁମ ଡିପିଟା ଭଲ ଲାଗୁଚି ।

ଏଇଟା ମ୍ୟାରେଜ୍ ପୂର୍ବର, ଆଲବମ୍‌ରୁ ବାହାର କରିଥିଲି ଆଜି ।

-'ଆଲବମ୍‌ରେ ସାଇତା ପ୍ରେମିକା' ।

କ'ଣ ? କ'ଣ ?

-ହାଃ ହାଃ, ମୋ ନୂଆ ଗପର ପ୍ଲଟ୍ ମିଳିଗଲା ।

ମାନେ ?

-ଷ୍ଟୋରୀ..ଗପ ।

ପ୍ରେମିକା !! ହେ ହେ..ତମ ମୁଣ୍ଡ ଖରାପ ହେଇଗଲାଣି । ଏ ବୁଢୀ ବୟସରେ ପ୍ରେମିକା ?

-ନା, ମୁଣ୍ଡ ପୂରା ଠିକ୍ ଅଛି । ପ୍ରେମିକାର କ'ଣ କିଛି ବୟସ ଥାଏ ? ପ୍ରେମିକା ତ ସବୁବେଳେ ପ୍ରେମିକା । ଯଦି ପ୍ରେମ ଚିରନ୍ତନ, ତେବେ ପ୍ରେମିକା ସେଇ ପର୍ଯ୍ୟାୟର ଯିବ ।

ଆଜି କ'ଣ ଭାରି ରୋମାଂଟିକ୍ ?

-ତମ କଥା ମନେପଡ଼ିଲେ ମୋର ରୋମାଂଟିକ୍ ଭାବଟା ସ୍ୱତଃ ଆସିଯାଉଛି । ଭାରି ଇଛା ହଉଚି.. ।

Digitized by PPRACHIN, SOA

ତମ ସହ କଥା ହବାକୁ ଭୟ ଲାଗୁଚି।

-କାହିଁକି ? ମୁଁ କ'ଣ ସିଂହ ନା ବାଘ ?

ତମ ସ୍ୱର ଓ ଶବ୍ଦ ଏବେ ଅଲଗା କିଛି କହୁଛି..।

-କ'ଣ କହୁଛି ?

ତୁମେ ଏବେ ଫୋନ୍ ରଖ, ଆଉ କେତେବେଳେ କରିବ।

-ନା, ମୋର ଏବେ ଭାରି ଇଚ୍ଛା ହଉଚି। ଗୋଟେ ଶାଏରୀ ଲେଖିଛି, ଶୁଣ: 'ୟେ ତନହାଇ..ୟେ ତଡ଼ପ..ୟେ ବେକରାରି..କ୍ୟୁୟୋଁ ହେ ?// କ୍ୟୁୟୋଁ ହେ ଦିଲ୍ ମେଁ ୟେ ଆଗ୍, ସିନେ ମେଁ ୟେ ଜଲନ୍..।..//କ୍ୟୁୟୋଁ ହେ ୟେ ବେବସୀ, ୟେ ଲାଚାରୀ ଔର ୟେ ଦର୍ଦ !"

ବାଃ, ଚମତ୍କାର। ଆଗରୁ ଓଡ଼ିଆରେ ବଢିଆ କବିତା ଲେଖୁଥିଲ, ଏବେ ହିନ୍ଦୀରେ ବି ବଢିଆ ଲେଖିପାରୁଚ।

-ଥ୍ୟାଙ୍କ୍ ୟୁ..ଥ୍ୟାଙ୍କ୍ ୟୁ..। ଆଛା କହିଲ ଦେଖି, ପୂର୍ଣ୍ଣତାରେ ଏତେ ଶୂନ୍ୟତା କାହିଁକି ? ବାହାରୁ ପୂର୍ଣ୍ଣ, ଭିତରୁ ଶୂନ୍ୟ କାହିଁକି ? ପୂର୍ଣ୍ଣଚ୍ଛେଦ ବା ଫୁଲ୍‌ଷ୍ଟପ୍ ପଡ଼ିଥିବା ବାକ୍ୟଟିରେ ଏତେ କମା, ସେମି କୋଲନ ଆଉ ଡଟ୍ କାହିଁକି ? ପ୍ରାଚୁର୍ଯ୍ୟର ଏ ପୂର୍ଣ୍ଣତା ଭିତରେ ମନର ଏ ଶୂନ୍ୟତା କାହିଁକି ?

ଓଃ, ଏବେ ସାହିତ୍ୟ ଆରମ୍ଭ ହେଇଗଲା ?

-ନା ନା, ଇଏ ହଉଚି ଜୀବନ ଯନ୍ତ୍ରଣାର ଜଟିଳ ଗଣିତ, ଅଛିଣ୍ଡା ଅଙ୍କ।

ଓଃ, ତମ ମୁଣ୍ଡରେ କ'ଣସବୁ ଖେଳୁଚି ?

-ଅନେକ ଅଧୁରା ସ୍ୱପ୍ନ, ଅସୀମିତ ଯନ୍ତ୍ରଣା ଓ ମୋହଭଙ୍ଗର ବିକ୍ଷିପ୍ତ ରଙ୍ଗ। ରହୁଛି। ବାଏ।

●●●

Digitized by PPRACHIN, SOA

ଟଚ୍ ସ୍କ୍ରିନ୍

ବର୍ଷା ଏବେ ହ୍ୱାଟ୍ସ ଆପ୍‌ରେ..ମୋ ଠୁ କିନ୍ତୁ ବହୁଦୂରରେ..ବିଦେଶରେ..। ଆଜିକାଲି ହ୍ୱାଟ୍ସ ଆପ୍‌ରେ ସେ ବେଶ୍ ମିଳିଯାଉଛି..ସବୁଦିନ ଘଂଟା ଘଂଟା ଧରି ତା' ସହ ଚାଟ୍..ବେଳେବେଳେ ଦିନ ତମାମ ନିର୍ଧୁମ ଚାଟ୍..। ଧୁମ୍ ମସ୍ତି।

ମତେ ଆଜିକାଲି ସେ ଚାଟ୍ କରି କହୁଛି, ଆଇ ଲଭ୍ ୟୁ..।..ଫ୍ଲାଇଙ୍ଗ୍ କିସ୍‌ର ଫଟୋ ବି ପଠେଇ ଦଉଛି। ବେଳେବେଳେ ଗାଧୁଆଘରୁ ଫେରୁଫେରୁ ଟାୱେଲ ଗୁଡ୍ରେଇହେଇଥିବା ଫଟୋ ବି ଛାଡ଼ିଦଉଛି ମୋ ହ୍ୱାଟ୍ସ ଆପ୍‌ରେ..।..ସେଦିନ ତ ବର୍ଷାରେ ଓଦା ହଉଥିବା ଫଟୋ ପଠେଇଥିଲା..।..ଘର ସାମ୍ନା ଲନରେ ନିର୍ଧୁମ ନାଚିଥିଲା ସେ ବର୍ଷାର ରୋମାଂଟିକ୍ ଗୀତ ସବୁ ଲଗେଇ..। ପଠେଇଥିଲା ତା'ର ଟିକ୍ ଟକ୍ ଭିଡିଓ। ସେସବୁ ଦେଖିଲେ ରୋମାଂଚ ଆଉ ଶିହରଣର ଯୋଉ ଅନୁଭବ ! ଇଚ୍ଛା ହଉଥିଲା, ସେଇ ମୁହୂର୍ତ୍ତରେ ବର୍ଷା ପାଖରେ ପହଂଚିଯାଇ ତା' ସାଂଗରେ ନାଚନ୍ତି..!..ହେଲେ ଏସବୁ ସଂଭବ ନୁହେଁ..!..ସିଏ ତ ଆଉ କା'ର ହେଇସାରିଚି, ତା' ସହିତ ମୁଁ ଭିଜିବି କେମିତି ?..ନା ଅସଂଭବ..ଅବାସ୍ତବ ଭାବନାଟାଏ !..ହେଲେ ମତେ ଆଶ୍ଚର୍ଯ୍ୟ ଲାଗୁଚି, ସିଏ ଏତେ ଫ୍ରି କେମିତି ହେଲା ! କଲେଜବେଳେ ତ ଜମାରୁ ଏମିତି ନଥିଲା !

ଏବେ ପଚାରିଲି ଦିନେ ସେଇକଥା। କହିଲା, ସେତେବେଳେ ତମେ ଭାରି ଲାଜକୁଳା ଥିଲ, ଜୋର୍‌କରି କହିପାରିଲନି ମତେ ତମେ ଏତେ ଭଲପାଅ ବୋଲି ! ଦି'ପଦ କହିପାରିଲନି.."ବର୍ଷା, ତମକୁ ମୁଁ ଭାରି ଭଲପାଏ"। ବର୍ଷାକୁ ଜୋରକରି ତୁମ ପ୍ରେମର ବର୍ଷାରେ ଭିଜେଇପାରିଲନି କାହିଁକି ? କ'ଣ ସାହସ ହେଲାନି ? ମୁଁ କ'ଣ ଅମଂଗ ହେଇଥାନ୍ତି ? ତମେ କ'ଣ ମୋ ଆଖିର ଇସାରାକୁ ବୁଝିପାରୁନଥିଲ ?

ମୁଁ ପଚାରିଲି, ତମେ ଟିକେ ଆଗେଇଲନି। ବର୍ଷା କହିଲା, ସେତେବେଳେ ହ୍ୱାଟ୍ସଆପ୍ ନଥିଲା। ଏ ବ୍ୟବସ୍ଥାଟା ଥିଲେ ହୁଏତ ମୁଁ ଇସାରା ଦେଇଦେଇଥାନ୍ତି, ହାର୍ଟର ସିମ୍ବଲଟାଏ ଛାଡ଼ିଦେଇଥାନ୍ତି ! ହୁଏତ ଚୁମ୍ବାଟେ ବି ପଠେଇଦେଇଥାନ୍ତି ! ହେଲେ ସେତେବେଳେ ତମେ ବୁଝିବାର ଥିଲା, ମୁଁ ତ ଝିଅଟେ, ଏମିତି ମୁହଁରେ କେମିତି

Digitized by PPRACHIN, SOA

କହିପାରିଥାନ୍ତି ! ମନେ ଅଛି, ଦଶରା ଛୁଟି ହେବା ପୂର୍ବଦିନ ପ୍ଲସ୍ ଥ୍ରୀ ଫିଜିକ୍ସ କ୍ଲାସ୍ ସାମ୍ନାରେ ମୋ ଓନିଟା ବର୍ଷାରେ ଭିଜିଯାଇଥିଲା...ତମେ ଆଣିଦେଇଥିଲ..।..ମନେ ଅଛିଟି ?..ଆଉ ତା'ପରଠୁ ମୁଁ ତମ ପ୍ରେମରେ ପଡ଼ିଥିଲି..।..ତଥାପି ମୁଁ ସାହସ କରି ତମ ପାଖକୁ ଚିଠିଟେ ଲେଖିଥିଲି, କଲେଜ ଖୋଲିବା ପରେ ସେଇଟା ତମକୁ ଦେବି ବୋଲି..। ମୋ ଭ୍ୟାନିଟି ଭିତରେ ସେଇଟାକୁ ରଖିଥିଲି। ମନେଥିବ, ସେଦିନ ଶହୀଦ ନଗର ପୂଜା ମଣ୍ଡପରେ ତମ ସହ ଦେଖା ହେଇଥିଲା, ତମେ ତୁମ ପରିବାର ସହ ବୁଲିବାକୁ ଆସିଥିଲ। ସେତେବେଳେ କିନ୍ତୁ ମତେ ସୁବିଧା ହେଲାନି ଚିଠିଟା ଦବାକୁ। ତମେ ମୋର ପରିଚୟ କରେଇଦେଇଥିଲ ତୁମ ବାପା, ମା', ଭଉଣୀ ସାଂଗରେ। ଭାବିଥିଲି, ଟିକେ ନିରୋଳା ପାଇଲେ ତମ ହାତକୁ ବଢେଇଦେବି ବୋଲି; କିନ୍ତୁ ସଂଭବ ହେଲାନି।

ତା' ପରେ କ'ଣ ହେଲା ଜାଣ ?..ତମେ ତ ଆଗତୁରା ବସକୁ ଚଢିଯାଇଥିଲ, ମୁଁ କିନ୍ତୁ ଚଢିପାରିନଥିଲି, ରାଜଶ୍ରୀ ଓ ମୁଁ ଗୁପ୍‌ଚୁପ୍ ଖାଉଥିଲୁ, ଆଉ ସେତିକିବେଳେ ଢୁ ଢୁ ବର୍ଷା କାଟିଲା। ସେଇ ବର୍ଷାରେ ଭିଜିଗଲା, ବର୍ଷାର ଚିଠି, ତମ ପାଖକୁ ମୋର ପ୍ରଥମ ପ୍ରେମଚିଠି। ଭ୍ୟାନିଟିର ଚେନ୍ ଠିକ୍‌ରେ ଦେଇନଥିଲି, ପାଣି ପଶିଗଲା, ଟଂକା, ରୁମାଲ ସବୁ ଓଦା ହେଇଗଲା, ତା' ସାଂଗରେ ଚିଠି ବି। ଟଂକା ପୁଣି ଶୁଖିଯାଇ କାମରେ ଲାଗିଲା, କିନ୍ତୁ ଚିଠିଟା ପୂରା ବତୁରିଗଲା। ବର୍ଷାର ଲଭ୍ ଲେଟର ଭିଜିଗଲା ବର୍ଷାରେ..।..ସବୁ ଗଲା ସେଇ ବର୍ଷାରେ..। ମୋ ପ୍ରେମକୁ ଧୋଇଦେଲା ଶରତର ବର୍ଷା। ହୁଏତ ଆଜିକାଲି ପରି ସେତେବେଳେ ହ୍ୱାଟ୍ସ ଆପ୍ ଥିଲେ ଏ ଅସୁବିଧା ହେଇନଥାନ୍ତା ! ହୁଏତ ମୁଁ ତୁମ ପାଖକୁ ମୋ ମନ କଥା ପଠେଇଦେଇପାରିଥାନ୍ତି !

ମୁଁ: ହଁ

ବର୍ଷା: ତା'ପରେ ମୋର ପ୍ରପୋଜାଲ ଆସିଯାଇଥିଲା...ଭିଶୋଇ ଗୋଟେ ସଫ୍ଟୱୟାର ଇଂଜିନିଅରର ପ୍ରପୋଜାଲ ଆଣିକି ଆସିଥିଲେ। ସିଏ ପୂଜା ଛୁଟିରେ ଘରକୁ ଆସିଥିଲା, ତୁରନ୍ତ ସେଇ ଛୁଟି ଭିତରେ ବାହାଘର ନହେଲେ ହାତରୁ ଖସିଯିବ ପ୍ରପୋଜାଲ। ବାହା ତିଥି ଫିଥି ନଥିଲେ ବି ବାହାଘର ହେଇଗଲା। ସବୁକିଛି ଏତେ ଶୀଘ୍ର ହେଇଗଲା ଯେ, ମୁଁ କିଛି କରିପାରିଲିନି। ଏକଦମ ନାଚାର। କିଛି ମାସ ପରେ ମତେ ସିଏ ଆମେରିକା ନେଇଆସିଲେ।

ମୁଁ: ବର୍ଷା, ମୁଁ ଲାଜକୁଳା ଥିଲି, ସେଇଟା ମୋର ଭୁଲ୍ ଥିଲା। ଲାଜ ଛାଡ଼ି ଟିକେ ଆଗେଇଯାଇଥିଲେ ମୁଁ ବି ଭିଜିଥାନ୍ତି ତୁମ ବର୍ଷାରେ, ତୁମ ପ୍ରେମରେ। ମୁଁ ତମକୁ ବହୁତ ଝୁରିଚି, ସେଇଟା କହିହବନି କି ଲେଖିହବନି। ମତେ ବି ଲାଗୁଚି, ସେତେବେଳେ ଏ ସ୍ମାର୍ଟଫୋନ୍ ଥିଲେ ମୁଁ ବି ସ୍ମାର୍ଟ ହେଇଯାଇଥାନ୍ତି ! ହ୍ୱାଟ୍ସ ଆପ୍ କି ଫେସବୁକ୍ ମେସେଂଜରରେ ତୁମକୁ ହାସଲ କରିପାରିଥାନ୍ତି !

Digitized by PPRACHIN, SOA

ବର୍ଷା: ହଁ, ଗଲାକଥା ଗଲାଣିରେ ସଂଗାତ..ଏବର କଥା କୁହ।

ମୁଁ: ତୁମ କଥା ଆଗ କୁହ।

ବର୍ଷା: ମୁଁ ଭଲରେ ଅଛି, ଏଠିକା ପରିବେଶ ଭାରି ଭଲ। ଇଏ ବି ଭାରି ଭଲ। ତାଂକ କାମରେ ସବୁବେଳେ ବ୍ୟସ୍ତ..ଘରେ ବି ଅଫିସ୍ କାମ ଚାଲିଥାଏ। ମୋ କଥା ମନେପଡ଼େ ରାତିରେ, ବାସ୍ ତା'ପରେ କାମ ସରିଲା। ପୁଣି ମନେପଡ଼େ ତା' ପର ରାତିରେ। ସବୁଦିନ ସେଇ ସମାନ କାମ, ସମାନ କଥା। ତନ ଆଗ, ଧନ ଆଗ, ମନ କଥା କିଏ ପଚାରେ ! ମନ ପାଇଁ ସମୟ କାଇଁ ?

ମୁଁ: ମୋ ପାଖରେ କିନ୍ତୁ ଢେର ସମୟ।

ବର୍ଷା: ଆଚ୍ଛା..ବଢିଆ ବଢିଆ...ମାଡାମ୍ ତା'ହେଲେ ଭାରି ଖୁସିଥିବେ ତୁମକୁ ପାଇକି ?

ମୁଁ: ହାଃ ହାଃ, କୋଉ ମାଡାମ୍ ?

ବର୍ଷା: କେତେ ଫବେଇ ହଉଚ..ତୁମ ୱାଇଫ୍ ଆଉ କିଏ ?..

ମୁଁ: ମୋର କେହି ୱାଇଫ୍ ନାହାନ୍ତି..।

ବର୍ଷା: ମାନେ ?

ମୁଁ: ଷ୍ଟିଲ୍ ଆଇ ଆମ୍ ଏ ବ୍ୟାଚେଲର..

ବର୍ଷା: ଏଁ... ? ? ? ? ?

ମୁଁ: ହଁ

ବର୍ଷା: ତେବେ ବାହା କାହିଁ ହେଇନ ?

ମୁଁ: ବର୍ଷା ପାଇଁ...

ବର୍ଷା: ଓଁ ମାଇଁ ଗଡ୍...ତମେ ମୋ ପାଇଁ ବାହାନହେଇ ରହିଲ ?..ଏତେ ସାକ୍ରିଫାଇସ୍ ?

ମୁଁ: ଆଉ ଜନ୍ମକୁ ଅପେକ୍ଷା କରିଛି, ଅପେକ୍ଷାର ଫଳ ମତେ ନିଶ୍ଚିତ ମିଳିବ, ବର୍ଷା ମୋ ଉପରେ ହିଁ ବର୍ଷିବ..ମୁଁ ଭିଜିବ ତା' ପାଣିରେ। ସେ କଳାହାଂଡ଼ିଆ ମେଘ ଆକାରରେ ଆସୁ କି ଝିପିଝିପି ହେଇ ଆସୁ, କି ବିଜୁଳି ସହ ବର୍ଷୁ, ମୋର ସବୁ ପସନ୍ଦ। ହାଃ ହାଃ, କଥା ଦଉଚି, ମୁଁ ଲାଜ କରିବିନି ସତେବେଳେ..ହ୍ୱାଟ୍ସ ଆପ୍ ଆଉ ମେସେଂଜରର

Digitized by PPRACHIN, SOA

ଭରପୂର ଉପଯୋଗ କରିବି, ମନକଥା ଯଥେଷ୍ଟ ଆଗରୁ ଖୋଲିକି କହିଦେବି, ଯେମିତିକି ତୁମେ ଆଉ କୋଉଠି ବର୍ଷିବନି ।..ଯଦି ବର୍ଷିବ, କେବଳ ମୋରି ଉପରେ ବର୍ଷିବ । କଥା ଦଉଚି, ମୁଁ ତୁମକୁ ବହୁତ ସମୟ ଦେବି, ଧନ ଆଉ ତନ ଅପେକ୍ଷା ତମ ମନକୁ ଆଗ ବୁଝିବି ।

ମୁଁ: ହାଲୋ ! କ'ଣ ହେଲା, କିଛି ରେସପନ୍ସ ନାହିଁ...ହାଲୋ ? ? ? ?

(ବର୍ଷାର ସ୍ମାର୍ଟଫୋନ୍ ଟଚ୍ ସ୍କ୍ରିନ୍ ତା' ଲୁହରେ ଏକଦମ ଭିଜିଯାଇଥିଲା, ହାତ ମାରିଲେ ବି କାମ କରୁନଥିଲା ଟଚ୍ ସ୍କ୍ରିନ୍, ରେସପନ୍ସ କେମିତି ଆସିବ !)

●●●

Digitized by PPRACHIN, SOA

ସ୍ୱରବର୍ଣ୍ଣ

ଅ

ଅ ରୁ ଅରଟ, ପିଲାବେଳେ ଚକ, କଳ ବହିରୁ ପଢ଼ିନଥିଲୁ, ମନେ ଅଛି ନା ନାଇଁ !

ଏବେ କିନ୍ତୁ ଆମ ପିଲେ ଅରଟ କହିଲେ ଜାଣିନପାରନ୍ତି, ବରଂ ଅ ରୁ କ'ଣ ବୋଲି ପଚାରିଲେ ଅଣ୍ଡା ବୋଲି କହିଦେବେ। ମଧ୍ୟାହ୍ନ ଭୋଜନରେ ଅଣ୍ଡା ଖାଉଛନ୍ତି ଆମ ପିଲେ, ଜରୁର ଜାଣିପାରିବେ। ହଁ, ଅଣ୍ଡାରୁ ଗୋଟେ କଥା ମନେପଡ଼ିଲା, ସେଦିନ ସ୍କୁଲରେ ସୁକୁଟା ଗୋଟେ ସଂସ୍କୃତ ଶବ୍ଦରୂପ କହିପାରିଲାନି। ପଣ୍ଡିତେ ରାଗିକି ଅଣ୍ଡାରୁ ଆକାର କାଟି ତା' ସାଂଗରେ ଆଉ ଦି'ଟା ଶବ୍ଦ 'କୋଷ' ଯୋଗକରିକି ଗାଳି କଲେ। ସୁକୁଟା ମୁହଁ ଶୁଖେଇକି ବସିଲା, ହେଲେ ଆଗ ଧାଡ଼ିରେ ବସିଥିବା ସୁଲି, ଗୌରୀ, ସୁଲୋଚନା, ନମିତା, ପ୍ରତିମା ଫେଁ କିନା ହସିଦେଲେ। ନିଅ ଏବେ ସଂଭାଳ, ପଣ୍ଡିତେ ନା ରାଗିକି ପୂରା ପଞ୍ଚମ..ପାଟିରୁ ବାହାରିଲା, ଶଳା ଅଣ୍ଡିରୀଚଣ୍ଡୀ, ଘୋଡା ଭଳିଆ କ'ଣ ହସୁଚ...କ'ଣଟା ନୂଆକଥା କହିଦେଲି ଯେ, ହେଁ ହେଁ ଫେଁ ଫେଁ ହେଇଯାଉଚ !..ଆଜ୍ଞା ଏତିକି ବେଳକୁ ପଛରୁ ଲୁଲିଆ ପାଟି କଲା, ସାର୍..ଏମାନେ ଝିଅପିଲା, ଆପଣ ଶଳା କହିଦେଲେ, ଏମାନେ ଶାଳୀ ହେବେ। ଏଥର ଦେଖ ମହାଭାରତ। ପଣ୍ଡିତେ ତ ପୂରା ଉଗ୍ରମୁଖା ହେଇକି ଧୋତି ଖୋଲିଦେଲେ...ପୁଣି ସମସ୍ତଙ୍କ ସାମ୍ନାରେ...କ୍ଲାସ୍ ଭିତରେ। ଝିଅପିଲାଙ୍କ ମୁହଁ ତଳକୁ..। ଆଉ ତା' ପରେ ଯାହା ହେଲା, ଅବସ୍ଥା ପୂରା ସାଂଘାତିକ। ସ୍କୁଲ କମିଟିର ମିଟିଙ୍ଗ୍ ବସିଲା, ସୁକୁଟା ବାପା ସରପଞ୍ଚ, ସିଏ ଆସିକି ଜିଦି କଲେ, ପଣ୍ଡିତେ ଆଉ ଗୋଟେ ସ୍କୁଲକୁ ବଦଳି।

ହଁ ଆମେ କଲେଜ ପଢ଼ିଲା ବେଳକୁ ଶୁଣିଲୁ, ସୁକୁଟା କୁଆଡ଼େ ପଣ୍ଡିତଙ୍କ ଝିଅକୁ ଭଲପାଉଚି।...ନାଇଁ ଏବର ଟଟକା ଖବର ହେଲା, ସୁକୁଟା ସେ ଝିଅକୁ ବାହା ହେଇଗଲାଣି।

Digitized by PPRACHIN, SOA

ଆ

ଆ ରୁ କ'ଣ ?..ଆ ରୁ କ'ଣ ତ ?..ଡିକ୍ସନାରୀ ଟିକିଏ ଦେଖିଲ... ।

ହଁ, ଆ ରୁ ଆଇଁଷ । ପ୍ରଥମରୁ ଆଇଁଷ । କି କାଳ ହେଲା !..ଆରେ ଭାଇ କାଳ ତ ସେୟା, ଆରଂଭରୁ ହିଁ ଆଇଁଷ ।..ନିଅ, ହେଇଟି ଏବେ ପାଟିକି ଆସିଲା ଆଉ ଗୋଟେ ଶବ୍ଦ ଆରଂଭ, ସେତେବେଳେ ଆସୁନଥିଲା । ହଉ ଆରଂଭରୁ ଆଇଁଷ ହିଁ ନିଆଯାଉ । କିହୋ ସୋମବାରରୁ ଯଦି କାମ ଆରଂଭ, ତା' ହେଲେ ସୋମବାରେ ବି ଆଇଁଷ ଖାଇବ ନା କ'ଣ ?...ହେଲେ ଏଇ ବାର ଫାରକୁ ନେଇ ଆମର ଟିକେ ଡାଉଟ୍ ଅଛି । ସୋମବାର ଯଦି ଆଇଁଷ ଖାଇବାକୁ ବାରଣ, ତା' ହେଲେ ଆର ଆଇଁଷ ଖାଇବାକୁ ତ କାଇଁ ବାରଣ ନାଇଁ !...ନିଅ, କେମିତି ଚିନ୍ତା ସବୁ ଆସୁଚି । ଇଏ ପା' କଳିକାଳ, ଆମିଷ ନିରାମିଷ ଭେଦଭାବ ନ ମାନି ଗିଳିଚାଲ ।

ହଁ, ଏ ଆଇଁଷକୁ ନେଇ କଲେଜ ବେଳର ଗୋଟେ କଥା ମନେପଡୁଚି । କାମିନୀ ମ, ଆମ ସାଂଗରେ ପଢୁଥିଲା । ମତେ ମିଶେଇକି କାମିନୀର ଗଣ୍ଡାଏ ବଏ୍ ଫେଣ୍ଡ ଥିଲେ । ମୁଁ କିନ୍ତୁ ତାକୁ ଭଲ ପାଇଲା ବେଳକୁ ଏକଥା ଜାଣିନଥିଲି । ସେଦିନ କାମିନୀ କହିଲା, ଚାଲ ଫିଲିମ୍ ଦେଖିବାକୁ ଯିବା ।..କୋଉ ଫିଲିମ୍ ?..ଫାୟାର୍ । ମୁଁ ଏ ଫିଲ୍ମ ବାବଦରେ ବେଶୀ କିଛି ଜାଣିନଥିଲି ମ, ରାଜି ହେଇଗଲି । ଭାବିଲି, ନାଁଟା ଯେହେତୁ ଫାୟାର୍, ନଂଘା ଫାଇଟିଙ୍ଗ୍ ଥିବ, ଫାଇଟିଙ୍ଗ୍ ଫିଲ୍ମ ମୋର ଭାରି ପସନ୍ଦ । ହେଲେ ଫିଲ୍ମ ଦେଖିଲାବେଳକୁ ଅଲଗା ପ୍ରକାର ଫାଇଟିଙ୍ଗ୍ । ମୁଁ ଚିଡ୍‌ଚିଡ୍ ହେଇକି କାମିନୀକି କହିଲି, ଇଏ କଳିକାଳ, ସେଇଥିପାଇଁ ଏମିତି ଫିଲ୍ମ ସବୁ କରୁଛନ୍ତି । ସେଠୁ କାମିନୀ କହିଲା, ତୁ ଟା ଗୋଟେ ନିହାତି ଓଲା କିସମର ପିଲା, ଫିଲ୍ମରେ କ'ଣ, ରିଅଲ୍ ଲାଇଫ୍‌ରେ ବି ଏସବୁ ହୁଏ । କଳିକାଳ କଥା କ'ଣ କହୁଚ, ଏଗୁଡ଼ା ପୁରାଣ ଯୁଗରେ ବି ହଉଥିଲା । ତୁ ଟା ହବୁନି, ନନ୍-ଭେଜ୍ କିଛି ଜାଣିନୁ ।...ମୁଁ କହିଲି, ନନ୍-ଭେଜ୍ କ'ଣ, ଫିଲ୍ମ ସାଂଗରେ ତା'ର ସଂପର୍କ କ'ଣ ?...ନନ୍-ଭେଜ୍ ମାନେ ତ ଆଇଁଷ..। ଆରେ ଷ୍ଟୁପିଡ୍, ନନ୍-ଭେଜ୍ କଥା ମାନେ ଏଇସବୁ କଥା..ସବୁ ମଣିଷଙ୍କର ଏଇଟା ଦରକାର । ଆଉ କ'ଣ ଖୋଲିଖାଲିକି କଥା ହୁଅନ୍ତେ ନା କ'ଣ ?..ତେଣୁ ସର୍ଟ କୋଡ୍‌ରେ କୁହାଯାଏ । ତୁ ଶଳାଟା କଲେଜରେ ପଢିଲୁଣି, ଏସବୁ କେମିତି ଜାଣିନୁ । ଆଛା ତୁ କେଶ୍ ଦେଖିଚୁ ନା ନାଇଁ ?..ମୁଁ: କେଶ୍ କ'ଣ ?...କାମିନୀ: ଆରେ କାମଶାସ୍ତ୍ର ମ, ବଢିଆ ନନ୍-ଭେଜ୍ ଫିଲ୍ମଟେ, ଦେଖିଲେ ସବୁ ଜାଣିଯିବୁ..ଆଉ କୋଉଦିନ ଗୋଟେ ଦେଖେଇଦେବି..ହଲରେ ତ ଏବେ ପଡ଼ିବାର ନାଇଁ, କ୍ୟାସେଟ୍ ମଗେଇକି ଦେଖେଇଦେବି । ଆରେ ଏଇଟା ମଡର୍ଣ୍ଣ ଯୁଗ, ତୁ ସବୁ ଜାଣିବା କଥା ନା !

Digitized by PPRACHIN, SOA

ଇ

ଇ ରେ କ'ଣ ?..ଇ ରେ ଇଡିଅଟ୍।..ଧେତ୍, ଓଡ଼ିଆରେ କହ..ଇଡିଅଟ୍‌ଟା ଇଂଲିଶ ଶବ୍ଦ। ଇଡିଅଟ୍‌ଟା ଓଡ଼ିଆ ହେଇଗଲାଣି ମ, ଚଳେଇଦିଅ। ନାଇଁ ଓଡ଼ିଆ ବର୍ଣ୍ଣମାଳା ଅନୁଯାୟୀ ପରା ଗପ ଲେଖାହଉଚି, ଇଂଲିଶ୍ ନୁହଁ, ତମ ଇଚ୍ଛା ଅନୁଯାୟୀ ଲେଖିପକେଇବ ନା କ'ଣ ?

ଆରେ ରୁହନ୍ତୁ ରୁହନ୍ତୁ, ଆମକୁ ଶବ୍ଦ ମିଳିଗଲା। ଇ ରୁ ଇଚ୍ଛା। ଏ ଶବ୍ଦଟା ଭାରି ବ୍ୟାପକ..ଯୁଆଡ଼େ ଇଚ୍ଛା ସିଆଡ଼େ ମାଡ଼ିଯିବ, ଥଳକୂଳ ମାନିବନି। ଇଂଲିଶ୍‌ରେ ତ ପ୍ରୋଭର୍ବ ଅଛି, ଇଫ୍ ଉଇସେସ୍ ଆର୍ ହର୍ସେସ୍, ବେଗାର୍ସ ଉଡ୍ ରାଇଡ୍ ...। କିହୋ ଭିକାରୀ କ'ଣ, ଇଚ୍ଛାଗୁଡ଼ାକ ଘୋଡ଼ା ହେଲେ ଆମେ କ'ଣ ଚଢନ୍ତୁନି। ଆଜ୍ଞା ଏ ଆପ୍ତବାକ୍ୟଟାର ଗୁଢଅର୍ଥଟା ହେଲା, ଇଚ୍ଛା କରିଦେଲେ କିଛି ହେଇଯାଏନି, ସେଥିପାଇଁ କାମ କରିବାକୁ ପଡ଼ିବ।..ହଉ, ଠିକ୍ ଅଛି, କାମ କରିବା।...କେମିତି କାମ କରିବା ?..ମନ ଲଗେଇକି କାମ କରିବା, ଫଳ ଜରୁର ଫଳିବ। ନାଇଁ ଫଳୁନି, ଆମ ଗାଁର ହରିଆ ନା କେତେ ଲାଗିଥିଲା, ସ୍କୁଲରେ ଫାଷ୍ଟ ହଉଥିଲା, କଂପିଟିଟିଭ୍ ଦେଇ ଦେଇ ଚପଲ ଛିଡ଼ିଗଲା ପଛେ, ଗୋଟେ ବି ଚାକିରି ତାକୁ ମିଳିଲାନି।...କ'ଣ କରିବ, ଏବେ ଗାଁରେ ଥିବା ଗ୍ରାମ୍ୟବ୍ୟାଙ୍କରେ ଫୋର୍ଥ ଗ୍ରେଡରେ ଅଛି। ଗରିବ ଘର, ଦୁଃଖେସୁଖେ ଚଳୁଚି।..ଭାଗ୍ୟକୁ କୋଡୁଚି, କାହିଁକି ଉଚ୍ଚ ଜାତିରେ ଜନ୍ମ ହେଲା ସେ, ବେଳେବେଳେ ଗାଁ ମହାଦେବଙ୍କ ପାଖରେ ସେଇକଥା କହୁଚି। ଏ ଜନ୍ମରେ ନ ହେଲା ନାଇଁ, ଆର ଜନ୍ମରେ ଗୋଟେ ନୀଚ ଜାତିରେ ଜନ୍ମ ଦବାକୁ ଠାକୁରଙ୍କ ପାଖରେ ବିନତି କରୁଚି। ଆର ଜନ୍ମରେ ସଂରକ୍ଷଣ କୋଟାରେ ଚାକିରି ଖଣ୍ଡେ ତ ମିଳିଯିବ ! ହରିଆ ନା'ର କ'ଣ ଇଚ୍ଛା ନଥିଲା, ଭଲ ଚାକିରି ଖଣ୍ଡେ କରିକି ବାବୁ ହବ, ପରିବାର ପୋଷିବ, କୋଠାଘର କରିବ..ଆହୁରି କେତେ ଇଚ୍ଛା !...ହଁ, ଧନୀ ସୁନ୍ଦରୀ ଝିଅଟେ ବାହାହବାକୁ ଭାରି ଇଚ୍ଛା ଥିଲା ତା'ର। ହେଲେ ସିଏ ବା କ'ଣ କରିବ, ସବୁ ସେଇ ଭାଗ୍ୟର ଖେଳ !...ଭାଗ୍ୟଦେବୀ କାହା ଉପରେ ବିନା ପରିଶ୍ରମରେ ଅଯାଚିତ ଭାବେ ଅଜାଡ଼ି ହେଇପଡ଼ିବେ ଆଉ କିଏ ଆଣ୍ଠୁଗଣ୍ଠି ଛିଣ୍ଡେଇକି ପରିଶ୍ରମ କରିଥବ, ସଚ୍ଚୋଟ ଆଉ ସାଧୁ ଥିବ, ତାକୁ କିଛି ମିଳୁନଥିବ। ଇଏ ଭାଗ୍ୟର ବିଡ଼ମ୍ବନା ନୁହଁ ତ, ଆଉ କ'ଣ ?

ଈ

ହ୍ରସ୍ୱ ଇ ଗଲା, ଏବେ ଦୀର୍ଘ ଈ ର ପାଳି। ଈ ରୁ କ'ଣ ?..ଈର୍ଷା। ତମ ମୁଣ୍ଡକୁ ଈର୍ଷା ଶବ୍ଦଟା ଢୁକିଲା, ଈଶ୍ୱର ଶବ୍ଦଟା ଆସିଲାନି ?...ତମେ ମଣିଷଟି, ଈଶ୍ୱର ତମକୁ ସୃଷ୍ଟି କରିଛନ୍ତି, ଅଥଚ ଈଶ୍ୱର ମନେପଡୁନାହାନ୍ତି !

ହଁ, ଈଶ୍ୱର ମନେପଡ଼ିଲେ..ତେବେ ଦୁଃଖ ଲାଗୁଚି, ଈଶ୍ୱର ବହୁତ ଭଲ କଥା ଆମକୁ ଦେଲେ, ହେଲେ ଏ ଈର୍ଷାକୁ କାହିଁକି ଦେଲେ ?..ନ ଦେଇଥିଲେ କ'ଣ

Digitized by PPRACHIN, SOA

ଚଳିନଥାନ୍ତା ! ଆମ କ୍ଲାସ୍‌ମେଟ୍ ସୌକତ..ଭଲ ଚାକିରିଟେ ପାଇଥିଲା । ଭାରି ଆକ୍ଟିଭ୍ ଆଉ ଏଫିସିଏଂଟ୍..କାମରେ ସିନା ଭଲ, ହେଲେ ନାଁ ତା' ବସ୍‌ର ହୁଏ, ସବୁ କ୍ରେଡିଟ୍ ତା' ବସ୍ ନିଅନ୍ତି । ବଡ଼ବଡ଼ିଆ ବାବୁମାନେ ତା' କାମ ବାବଦରେ ଜାଣିପାରନ୍ତିନି । ବସ୍ ଯାହା ରିପୋର୍ଟ ଦିଅନ୍ତି, ତା'ରି ଉପରେ ତା'ର ହାଇକ୍ ଆଉ ପ୍ରମୋସନ୍ । ଆଜ୍ଞା ଏ ସବୁ ପଛରେ ସେଇ ଗୋଟିଏ କାରଣ ଈର୍ଷା । କାଳେ ସୌକତର କାମ ବାବଦରେ ଉପରେ ଜାଣିଯିବେ କି, ସେମାନଙ୍କ ନିକଟରେ ସିଏ ପ୍ରଶଂସାର ପାତ୍ର ହେଇଯିବ କି, କାଳେ ତାଂକଠୁ ସୌକତ ଅଧିକା ଜାଣିଚି, ସେକଥା ଜଣାପଡ଼ିଯିବକି; ସେଇଥିପାଇଁ ବସ୍‌ଙ୍କର ତା' ପ୍ରତି ଭାରି ଈର୍ଷା । ତେଣୁ ଗଲା ୫ ବର୍ଷ ଧରି ସିଏ ସେମିତି ପଡ଼ିରହିଚି, ପ୍ରମୋସନ୍ ନାଇଁ କି ହାଇକ୍ ନାଇଁ । ବସ୍ ତା' ଶିରି ଦେଖିପାରନ୍ତିନି, ନ' ଛ' ଲଗେଇକି ଏମିତି କୁହନ୍ତି ଯେ, ସୁଦ୍ଧୁ ମିଛକଥାଟା ବି ସତ ଭଳି ଲାଗିବ । କିନ୍ତୁ ତା' ଠାରୁ ଜୁନିଅର ରାନୀ ପାଇଁ ବସ୍‌ଙ୍କର ଭାରି ଫେବର.. ।..ତା'ର ବର୍ଷକୁ ଦି'ଥର ହାଇକ୍ ପୁଣି ପ୍ରମୋସନ ।

ଉ

ହଉ ଈର୍ଷାକୁ ଛାଡ଼ି ଆମେ ଉ କୁ ଯିବା । ଉ ରୁ ଉକୁଣି । ଆଜିକାଲି ଆଉ ଝିଅଙ୍କ ମୁଣ୍ଡରେ ଏତେ ଉକୁଣି ହଉନାହାନ୍ତି । ସେତେବେଳେ ମାନେ ଆମ ପିଲାବେଳେ ବହୁତ ଉକୁଣି ହଉଥିଲେ । ସଂଜୁ, ଆମ ତଳଶ୍ରେଣୀରେ ପଢୁଥିଲା ମ, ଭାରି ସୁନ୍ଦରୀ, ଲମ୍ବା ବେଣୀ ପକେଇକି ସ୍କୁଲ ଆସେ । ତାଙ୍କର ଧନୀ ଘର । ତା' ବାହାଘର ବି ଧନୀ ଘରେ ହେଇଥିଲା । ଆମେ ତା' ବାହାଘରକୁ ଯାଇନଥିଲୁ, ଆମକୁ ଡାକିନଥିଲା ସିଏ । ବଡ଼ଲୋକ କାହିଁକି ଆମ ଭଳିଆ ଛୋଟଲୋକଙ୍କୁ ଡାକିବେ ! ନାଇଁ ସିଏ ସମ୍ମାନ ଦବାରେ ହେଳା କରିନି, ଆମେ ଉପର ବ୍ୟାଚ୍ ପିଲା ବୋଲି ଖାତିର କରେ, ନାନୀ ବୋଲି ଡାକେ, ଆମଠୁ ନୋଟ୍ ନିଏ । ହେଲେ ବାହାଘର ତା' ବାପା କରୁଛନ୍ତି, ସିଏ ଯଦି ଆମକୁ ଛୋଟଲୋକ କହି ଡାକିବେନି, ଆମେ କ'ଣ ଯାଚିହେଇକି ଯିବୁ ନା କ'ଣ ! ହଉ ସେକଥା ଛାଡ଼, ସଂଜୁ ବାହାହେଇକି ତା' ଶାଶୁଘରକୁ ଗଲା । ମାସେ ଦି' ମାସ ଯାଇନି, ଆସିକି ଘରେ ହାଜର ।...ପ୍ରଥମେ କହିଲା, ତା'ର ଘର ଭାରି ମନେପଡୁଚି, ସେଇଲାଗି ଏଠି ସିଏ କିଛିଦିନ ରହିବ । ହେଲେ କିଛି ଦିନ କିଛି ମାସରେ ରୂପାନ୍ତରିତ ହେଇଗଲା, ତଥାପି ଗଲାନି । ଗାଁଲୋକେ ଟୁପୁରୁଟାପୁରୁ ହେଲେ ।..ବଡ଼ଘର ବଡ଼ ଗୁମର କଥା । ଇତିମଧ୍ୟରେ ବର୍ଷେ ହେଇଗଲା, ସଂଜୁ ବାପା ତା' ଶାଶୁଘରକୁ ଯାଇ ସବୁ ଜିନିଷପତ୍ର ଫେରେଇକି ଆଣିକି ଆସିଲେ । କାରଣ କ'ଣ ?...ତାଂକ ଚାକର କହିଲା, ସଂଜୁ ମୁଣ୍ଡରେ ବହୁତ ଉକୁଣି, ସେଇଲାଗି ତା' ବର ତାକୁ ଛାଡ଼ିଦେଲା । ହେଲେ ଆମକୁ ଆଶ୍ଚର୍ଯ୍ୟ ଲାଗିଲା । ଏତେ ଦିନ ଧରି ଆମେ ସାଂଗ ହେଇକି ବସାଉଠା କରିଚୁ, କେବେତ ଜାଣିନୁ, ସଂଜୁର ଉକୁଣି ହୁଏ ବୋଲି । ସବୁଠୁ ଲମ୍ବା ଚୁଟି ତା'ର ।...ନାଇଁ, ଇଏ ଘଟଣା ଆଉ କ'ଣ ? ଧୀରେ ଧୀରେ କଥାଟା ଜଣାପଡ଼ିଲା ସଂଜୁ ଶ୍ୱଶୁରଘର ଗାଁ ଆଡ୍ଡୁ, ତା' ବର

Digitized by PPRACHIN, SOA

ଆଉ କୁଆଡ଼େ ଗୋଟେ ବାହା ହେଇଯାଇଚି। ହେଲେ ସଂଜୁ ଚାହୁଁନଥିଲା, ଲୋକେ ଜାଣନ୍ତୁ ବୋଲି କି ତା' ବର ଯୋଗୁଁ ବାହାଘର ଭାଂଗିଲା ବୋଲି। ତେଣୁ ସଂଜୁ ଆସିକି କହିଲା, ତା' ମଣ୍ଡରେ ବହୁତ ଉକୁଣି ହଉଚି ବୋଲି ତା' ସ୍ୱାମୀ ତାକୁ ଛାଡ଼ପତ୍ର ଦେଇଦେଲା।..ମାନିବାକୁ ପଡ଼ିବ ସଂଜୁକୁ। ସ୍ୱାମୀ ବାହାହେଇ ସାରିକି ଆଉ ଜଣକୁ ମାନେ ପ୍ରେମିକାକୁ ବାହାହେଇଗଲା, ଆଉ ଇଏ ପ୍ରତାରକ ସ୍ୱାମୀକି ବଦନାମ କରିବାକୁ ଚାହୁଁନି!

ଉ

ଉ ରୁ ଉହ୍ୟ। ମନେପଡୁଚି, ସ୍କୁଲରେ ପଢୁଥିଲାବେଳେ 'ଉହ୍ୟ' ଶିରୋନାମାରେ ଗୋଟେ କବିତା ଲେଖିଥିଲି। କବିତାଟା ଥିଲା, ଏୟା: "ଉହ୍ୟଟା ଉହ୍ୟ ହେଇଯାଏ-ମୁଁ ମଧ୍ୟ ଉହ୍ୟ ହେଇଯାଏ/ଦୁଃଖଲାଗେ; ଉହ୍ୟର ଏ ଦଶା ଦେଖି/ଦିନେ ଉହ୍ୟର ଖୁବ୍ ପାଖାପାଖି ମୁଁ ହେଇଯାଏ, ସୁଖଦୁଃଖ ହୁଏ, ଭଲମନ୍ଦ ପଚାରେ, କିନ୍ତୁ ପର ମୁହୂର୍ତ୍ତରେ..ଉହ୍ୟଟା ମୋ ଭିତରେ ଏକାକାର ହେଇଯାଏ, ଉହ୍ୟଟା ଉହ୍ୟ ହେଇଯାଏ।"..ମୋର ଯାହା ମନେପଡୁଚି, ଏ କବିତାଟା ମୁଁ ହତାଶବୋଧରେ ଲେଖିଥିଲି, ଜୀବନର ସବୁ ଇଚ୍ଛା, ଆଶାଗୁଡ଼ାକ ପୂରଣ ନହେଉଥିବାର ଗ୍ଲାନିରେ, ଦୁଃଖରେ ମୁଁ ଲେଖିଥିଲି! ମୋ ସାଂଗ ସୋମନାଥ ଏଇଟାକୁ ପଢିଦେଇଥିଲା, କ'ଣ ବୁଝିଥିଲା କେଜାଣି..ବୁଝେଇଥିଲା ମତେ, ନାଇଁ ହତାଶ ହେଇ, ନିରାଶ ହେଇ ଜୀବନକୁ ଏମିତି ଉହ୍ୟ କରନ୍ତିନି। ସମୟ ଯେତେବେଳେ ଆସିବ ଆମକୁ ଉହ୍ୟ କରିବାକୁ, ଆମେ ଉହ୍ୟ ହେଇଯିବା। କିନ୍ତୁ ସମୟ ପୂର୍ବରୁ ନୁହେଁ..ସବୁ ସେଇ ସମୟର ଖେଳ।..ହଁ, ଏବେ ଦିନେ ଶୁଣିଲି, ସୋମନାଥ କଥା..ଗାଁକୁ ଯାଇଥିଲି, କାହାକୁ ଗୋଟେ ତା' କଥା ପଚାରୁଥିଲି।..ହାଇସ୍କୁଲ ସରିବା ପରେ ସେ ତା ଗାଁକୁ ଚାଲିଯାଇଥିଲା, ଆମ ପାଖ ଗାଁ ଥିଲା ତା' ମାମୁଘର।..କଲେଜ ପଢିବା ପରେ ପରେ ସମୟ ତାକୁ ଉହ୍ୟ କରିଦେଲା।...ସେ ଆଉ ନାହିଁ ଏ ସଂସାରରେ, ବିଶ୍ୱାସ କରିହେଉନଥିଲା। ପିଲାବେଳର ତା'ର ସେଇ ହସ ହସ ମୁହଁ ଭାରି ମନେପଡ଼ିଲା।...ସତରେ କ'ଣ ସେ ଉହ୍ୟ ହେଇଯାଇଚି?..ଗୋଟେ ଉହ୍ୟରୁ ଆଉ ଗୋଟେ ଉହ୍ୟକୁ ରୂପାନ୍ତରିତ ହେଇଯାଇଥିବ ବୋଧେ!..ତେବେ କ'ଣ ତା' ଉହ୍ୟ ହେବା ପଛରେ କ'ଣ ଥିଲା କାରଣ? ଆଜ୍ଞା, କାରଣ ଥିଲା, ସିଏ ଯାହାକୁ ଭଲ ପାଉଥିଲା, ସିଏ ଅନ୍ୟତ୍ର ବାହାହେଇଗଲା। ସେଇ ଦୁଃଖରେ ସୋମନାଥ ବେକରେ ଦଉଡ଼ି ଲଗେଇଦେଲା।

ଋ

ଋ ରୁ ଋତୁ। ଗ୍ରୀଷ୍ମ, ବର୍ଷା, ବସନ୍ତ, ଶରତ, ଶୀତ, ହେମନ୍ତ। ଏବେ ଆଉ ସେ ଋତୁ ନାହିଁ। ପାଣିପାଗ ଆଉ ପରିବେଶ ଯାହା, ବୈଜ୍ଞାନିକମାନେ କହୁଛନ୍ତି, ଆଉ କିଛି ବର୍ଷ ପରେ ନିର୍ଦ୍ଦିଷ୍ଟ କୌଣସି ଋତୁ ଆଉ ରହିବନି। କେତେବେଳେ କୋଉ ଋତୁ ଆସିବ,

Digitized by PPRACHIN, SOA

କୋଉ ଋତୁ ଯିବ, ତା'ର କିଛି ଠିକଣା ରହିବନି। ଗୋଟେ ଋତୁରେ ଆଉ ଗୋଟେ ଋତୁର ଅନୁଭବ ହଉଥିବ। ଆମ ବେଳେ ଋତୁକୁ ନେଇ କେତେ କୁତୁକୁତୁ।..ଋତୁକୁ ନେଇ କେତେ କବିତା ଲେଖାହେଇନଥିଲା ସେତେବେଳେ! ହଁ ଋତୁକୁ ନେଇ ଆଉଗୋଟେ ମଜା କଥା ମନେପଡୁଚି ମ।..ନାଇଁ କହିବାକୁ ଲାଜ ଲାଗୁଚି। କହିଲେ ସିନା ଲାଜ ଲାଗିବ, ଲେଖିଦେଲେ ଲାଜ ଲାଗିବନି ମ! ସେଦିନ କ୍ଲାସ୍‌ରେ ବସନ୍ତ ଋତୁ ବିଷୟରେ ସାରେ ରଚନା ଲେଖିବାକୁ କହିଲେ। ଆମେ ସମସ୍ତେ ଲେଖିକି ନେଲୁ, ହେଲେ ଲଳିତ କ'ଣ ଲେଖିକି ନେଇଥିଲା, ଆପଣ ଜାଣିଛନ୍ତି?...ସିଏ ଲେଖିଥିଲା, ଆଉ ଗୋଟେ ଋତୁ ବାବଦରେ..। ବୁଝିପାରୁନାହାନ୍ତି ନା କ'ଣ, ସେଇ ଋତୁ ମ, ଯୋଉଟା ଝିଅମାନଙ୍କୁ ହୁଏ। 'ବାସନ୍ତୀ ଋତୁ' କଥା ଲେଖିପକେଇଥିଲା ସିଏ। ସାତ ଆଠ ଦିନ ଧରି ବାସନ୍ତୀ ସ୍କୁଲ ଆସିଲାନି ବୋଲି ଲଳିତର ଭାରି ମନଦୁଃଖ ହେଇଥିଲା। କାହିଁକି ଆସୁନି ବୋଲି ପଚାରିଲେ, କାହା ପାଟିରେ ଉତ୍ତର ନାଇଁ। ଦ୍ୱିତୀୟ ଦିନ ଗଲା, ତୃତୀୟ ଦିନ କଥାଟା ଜଣାପଡ଼ିଲା, ତା' ସାଂଗମାନେ(ଝିଅସାଂଗ) ଲାଜ ଲାଜ କରିକି ହସୁଥିଲେ। ଶ୍ରେଣୀଶିକ୍ଷକ ବିରକ୍ତ ହେଇକି ପଚାରିଲେ, କୁଆଡ଼େ ଗଲା ସିଏ, ତା' ଦିହ ଭଲ ନାହିଁ କି?...ସେଠୁ ତା' ସାଂଗମାନେ କିଛି ନ କହି ମୁହଁ ତଳକୁ କରିକି ଖାଲି ହସିଥିଲେ। ସାରେ ଆଉ ପଚାରିନଥିଲେ, ବୁଝିଯାଇଥିଲେ ବୋଧେ!...ଆଜ୍ଞା ସେଇ ଋତୁ ବାବଦରେ ଲଳିତ ରଚନା ଲେଖିଥିଲା।...ବସନ୍ତ ଋତୁ ବଦଳେ ଲେଖିଦେଇଥିଲା ବାସନ୍ତୀର ଋତୁସ୍ରାବ କଥା।..ତା' ପର ଅବସ୍ଥା ଯାହା ହେଇଥିବ, ଆପଣ ଅନୁମାନ କରିନିଅନ୍ତୁ।..ସ୍କୁଲରେ ଯାହାତ ମାଡ଼ ଖାଇଲା ସେଦିନ, କିନ୍ତୁ ସେଇ ରଚନା ହିଁ ସେମାନଙ୍କୁ ସଂସାର ରଚନା କରିବାକୁ ସୁଯୋଗ ଦେଲା..ଆପଣମାନେ ଜାଣି ଖୁସି ହେବେ, ଦିହେଁ ବାହାହେଇ ଏବେ ଭଲରେ ଅଛନ୍ତି।

ଏ

ଏ ରୁ 'ଏକାନ୍ତ'। 'ଏକାନ୍ତ ଗୋପନୀୟ'।..କିହୋ ଏକାନ୍ତର ଅର୍ଥ ତ ଗୋପନୀୟ, ପୁଣି ଏକାନ୍ତ ଗୋପନୀୟ କାହିଁକି କହିବା?...ଏ ଗୋପନୀୟ ଶବ୍ଦଟା ପା' ସେୟା, ଶୁଣିବାକୁ ଭାରି କୁତୁକୁତୁ ଲାଗେ, ମନରେ ଦେହରେ କ'ଣ କ'ଣ ଖେଳିଯାଏ, ଯାହା ଭାଷାରେ ଯେତେ ବର୍ଣ୍ଣନା କଲେବି କମ୍ ପଡ଼ିଯିବ। ସ୍କୁଲରେ ପଢୁଥିବା ବେଳେ କୈଳାସ ମସ୍ତରାମ୍ ସିରିଜର କିଛି ଗୋପନୀୟ ବହି ଆଣିକି ଆସିଥିଲା..ବହି ତ ନୁହଁ, ବୋମା! ଆମେ ଖାଲି ଯାହା ଶୁଣିଥିଲୁ ନା ଏମିତି ହୁଏ ବୋଲି, କିନ୍ତୁ ବହିରେ ତ ନଂଘା ବର୍ଣ୍ଣନା। ଖାଲି କ'ଣ ଲେଖା ବହି ଆଣିଥିଲା, ଫଟୋବାଲା ବହି ବି ଆଣିଥିଲା। ବହି ଆଉ ଫଟୋସବୁକୁ ଦେଖିବାକୁ ଆମେ ପୂରା ବାଡ଼ିଆପିଟା ହେଇଯାଉଥିଲୁ..ଯୋଗକୁ ସେତେବେଳକୁ ଦିଦିଙ୍କର ବାହାଘର, ସିଏ ଛୁଟିରେ ଥିଲେ ଆଉ ହେଡ୍ ସାରେ ସ୍କୁଲ ଫିଟେଇଦେଇକି ଛକ ଆଡ଼େ ପଳେଇଯାଉଥିଲେ।..ତେଣୁ ଆମର ମଜା। କୈଳାସ

Digitized by PPRACHIN, SOA

ରାଉରକେଲାରୁ ସେଇ ଗୋପନୀୟ ଜିନିଷ ମାନେ ବହି ଆଉ ଫଟୋ ଆଣିଥିଲା। ରାଉରକେଲା ତା' ମାମୁଘର। ଆର ଥରକୁ ମାମୁଘରକୁ ଗଲେ ଆଉ କିଛି ବହି ଆଉ ଫଟୋ ଆଣିବାକୁ ଆମର କିଛି ସାଂଗ ଆଗତୁରା ଟଂକା ବଢେଇଦେଇଥିଲେ ଟିଫିନ୍ ଖର୍ଚ୍ଚ ବାତିଲ କରି।..ପାଠକେ, ଏତେସବୁ ଭିତରେ ଏ ଗୋପନୀୟ ଜିନିଷଗୁଡ଼ାକୁ ଏକାନ୍ତରେ ଦେଖିବାର, ପଢିବାର ସୁଯୋଗ ମିଳିନଥିଲା। କାରଣ ସ୍କୁଲ ପଡ଼ିଆରେ ଥିବା ଆମ୍ବଗଛ ତଳେ ସମସ୍ତେ ଏକାନ୍ତରେ ନୁହେଁ ଏକାଠି ମିଶି ସେ ବହିସବୁ ପଢୁଥିଲେ ବଡ଼ ପାଟି କରି..।..ସେଇ ବହି ଖଣ୍ଡେ ଶ୍ୟାମଳୀ ହାତରେ ବି ପଡ଼ିଯାଇଥିଲା। ସେଇ ବହିଟାକୁ ନେଇ ସେ ବେଶ୍ କିଛି ଦିନ ଆମକୁ ବ୍ଲାକ୍‌ମେଲ କରିଥିଲା। ହେଡସାରଙ୍କୁ ଜଣେଇଦବ ବୋଲି ଆମକୁ ଧମକ ଦେଇଥିଲା। ତେଣୁ ପାଳିକରିକି ଟିଫିନ ଖର୍ଚ୍ଚଟା ତାକୁ ଦବାକୁ ପଡୁଥିଲା। ଶ୍ୟାମଳୀ ଭାରି ଚାଲୁ ଥିଲା। ସେ ବୟସରେ ତା'ର ଦୁଷ୍ଟାମୀ କରିବାକୁ ଭାରି ଇଚ୍ଛା ଥିଲା। କିନ୍ତୁ ଆମର କାହାର ସାହସ ହଉନଥିଲା, କାଳେ କିଛି ପ୍ରଘଟ କରିଦବ, ଆହୁରି ଅଧିକ ବ୍ଲାକ୍‌ମେଲ କରିବ। ଏବେ ବହୁବର୍ଷ ପରେ ଶୁଣିଲୁ, ସେ ଗୋଟେ କୋଟିପତିକୁ ବାହାହେଇଛି। ଆମର ସନ୍ଦେହ, ବ୍ଲାକ୍‌ମେଲ କରି ସେ କୋଟିପତିକୁ ସେ ଫସେଇଦେଇଥିବ।

ଐ

ଐ ରୁ ଐଶ୍ୱର୍ଯ୍ୟା। ଅଭିଷେକ ବଚ୍ଚନଙ୍କ ଐଶ୍ୱର୍ଯ୍ୟା ନୁହଁ କି ବିବେକ ଓବରଏ କି ସଲମାନ୍ ଖାଁଙ୍କ ଐଶ୍ୱର୍ଯ୍ୟା ନୁହଁ! ଏତେବାଟକୁ ଆମର କାତ ପାଇବନି। ଆମର ଶୁଦ୍ଧ ଦେଶୀ ରୋମାନ୍ସ କରୁଥିବାବାଲା ଐଶ୍ୱର୍ଯ୍ୟା ଦରକାର। କୋଉଠି ମିଳିବ ?..କୋଉଠି ମିଳିବ ପଚାରୁଛନ୍ତି କ'ଣ, ଆପଣଙ୍କ ହାତ ପାଆନ୍ତାରେ ଅଛି ପରା। ଅଧସ୍ତନ ବ୍ୟକ୍ତିଗତ ସହାୟକ ବେଶ୍ ସନ୍ତର୍ପଣରେ ବସ୍‌ଙ୍କୁ କଥାଟା କହିପକେଇଲେ।

ଇଂଟରଭିଉ ଦବାକୁ ସେଦିନ ଆସିଥିଲା ସେଇ ଝିଅଟା..। କୋଉ ଝିଅ ?..ଐଶ୍ୱର୍ଯ୍ୟା ମଜୁମଦାର।..ବାଲେଶ୍ୱରରୁ ଆସିଥିଲା, ସବୁଥିରେ ପରଫେକ୍ଟ, ଓଡ଼ିଆରେ ଯେମିତି, ବଂଗଳାରେ ବି ସେମିତି। ମିନିଷ୍ଟରଙ୍କ ବ୍ୟାକିଙ୍ଗ୍ ବି ଥିଲା। ମିନିଷ୍ଟରଙ୍କ ପିଏ ଫୋନ୍ କରିଥିଲେ, ତାକୁ ରଖିବାକୁ।..ବସ୍ ପଚାରିଲେ ପିଏଙ୍କୁ, 'ଆମ ରିକୁଆରମେଣ୍ଟ ଅନୁସାରେ ସିଏ କେତେଦୂର ଫିଟ୍, ତା' ଏଜୁକେସନାଲ କ୍ୱାଲିଫିକେସନ୍ ଆଉ ଏକ୍ସପିରିଏନ୍ସ ପୁଣି ଦେଖିବାକୁ ପଡ଼ିବ ନା'...। ପିଏ: 'ସାର୍ ସେସବୁକୁ ଗୋଳି ମାରନ୍ତୁ, ମିନିଷ୍ଟରଙ୍କ ବ୍ୟାକିଙ୍ଗ୍ ଅଛି, ଆଖିବୁଜିକି ରଖିଦିଅନ୍ତୁ, ଦେଖିବେ ଭାରି କାମରେ ଆସିବ...ଆମ ଦେଶୀ ଐଶ୍ୱର୍ଯ୍ୟା ରାୟ ମାନେ ଐଶ୍ୱର୍ଯ୍ୟା ମଜୁମଦାର'।...ବସ୍: ୟୁ ରିଅଲି ମିନ୍ ଇଟ୍ ?'।

ଧେତ୍ ଏତିକି ବେଳକୁ ନିଦଟା ଭାଂଗିଗଲା, ବଡ଼ ରଡିଟେ କରି ସ୍ତ୍ରୀ ସିଆଡୁ ପାଟି କରୁଥିଲେ, 'କୋଉ ଐଶ୍ୱର୍ଯ୍ୟା ରାୟ କଥା ବିଳିବିଳଉଚ ? ତମେ ଆଜି କ୍ଷୀର

Digitized by PPRACHIN, SOA

ଆଣିବାକୁ ଯିବନିକି, ଏତେ ବେଳଯାଏଁ ଶୋଇକି ସପନ ଦେଖାହଉଚି ! ଏତେ ସପନକୁ ରାତି କାହିଁ ?'

ଓ

ଓ ରୁ କ'ଣ ?..ଓ ରୁ ଓଁ, ମାନେ ଓଁରୁ ସବୁ ସୃଷ୍ଟି, ଆଦି ବୀଜମଂତ୍ର। ପିଲାବେଳେ ଖଡ଼ି ଛୁଇଁବାବେଳେ ଶୂନରୁ ପାଠ ଆରଂଭ କରିଥିଲା ବିଭୂତି, ଆଉ ଟିକେ ବଡ଼ ହେଲାବେଳକୁ ମାନେ ଗଣେଶ ପୂଜା ବେଳକୁ ଓଁ ଶବ୍ଦ ସହ ତା'ର ପରିଚୟ ହେଲା..ଓଁ ନମଃ ଗଣେଶ ବିଘ୍ନେଶ, ଗିରିଜା ନନ୍ଦନ ପ୍ରଭୁ...। ଗାଁ ଚଉତରାରେ ଭାଇନା ପୁରାଣ ପଢୁଥିଲେ, ବ୍ୟାଖ୍ୟା କରିକି କହୁଥିଲେ, ଓଁରୁ ସୃଷ୍ଟି, ସ୍ଥିତି ଆଉ ପ୍ରଳୟ। ସବୁ ଏଇ ଗୋଟିଏ ଶବ୍ଦ ଭିତରେ...। କହୁଥିଲେ ଏଇ ଶବ୍ଦଟା ଉଚ୍ଚାରଣ କଲେ ମନରେ ପବିତ୍ର ଭାବ ଆସେ, ଶବ୍ଦ ଉଚ୍ଚାରଣ ହଉଥିବା ସ୍ଥାନ ଶୁଦ୍ଧ ପବିତ୍ର ହେଇଯାଏ।...ଭାଇନାଙ୍କ କଥା ବିଭୂତି ଭାରି ମନଧ୍ୟାନରେ ଶୁଣୁଥିଲା, ପୁରାଣ ପଢା ସରିବା ପରେ ତାଙ୍କ ପାଦକୁ ଧରି ଲମ୍ବ ମୁଣ୍ଡିଆଟେ ମାରିଥିଲା।..ତା'ର ଇଚ୍ଛା ହେଉଥିଲା, ସବୁଦିନ ଏମିତି ମୁଣ୍ଡିଆଟେ ମାରନ୍ତା। ଭାଇନା କେତେକଥା ଜାଣିଛନ୍ତି, କେତେ ଜ୍ଞାନ ଅର୍ଜିଛନ୍ତି।..ହେଲେ କ'ଣ ହବ, ଏ ଭଗବାନ ବି ଲୋକଗୁଡ଼ାଙ୍କୁ ଏମିତି ଏଣୁଅ ଭଳିଆ କରିଛନ୍ତି ଯେ, ଏମାନେ କେତେବେଳେ କି ରଙ୍ଗ ବଦଳେଇବେ, କିଛି ଜାଣିପାରିବନି।...ସେଦିନ ବିଭୂତିର ଭକ୍ତିଭାବରେ ଭାଇନା ଭାରି ସନ୍ତୁଷ୍ଟ ହେଇଯାଇଥିଲେ, କହିଥିଲେ.. 'ସବୁ ପିଲା ସିନା ତୋ ଭଳିଆ ହୁଅନ୍ତେ...ବାରଆଡ଼େ ବୁଲୁଛନ୍ତି, ପାଠଶାଠ ନାହିଁ। ସବୁଦିନ ଅଧଘଂଟେ ଯଦି ମୋ କତିରୁ ପୁରାଣ ଶୁଣନ୍ତେ, ପାଠ ଆପେ ଆପେ ମୁଣ୍ଡରେ ପଶିଯାଆନ୍ତା !' ବିଭୂତି ଭାଇନାଙ୍କ କଥା ଶୁଣି ଘରକୁ ଗଲା, ତା' ନାନୀକି କହିଲା। ନାନୀ କହିଲା, 'ହଉ କାଲି ତା' ହେଲେ ଯିବା ପୁରାଣ ଶୁଣିବାକୁ'।..ସମସ୍ତେ ପୁରାଣ ଶୁଣିଲେ, ପଢା ସରିବା ପରେ ଭାଇନା କହିଲେ, 'ପିଲେ ଆମ ଘରକୁ ଚାଲ, ଆହୁରି ବହୁତ ପୁରାଣ ବହି ଅଛି, ଦେଖେଇବି'। ଘରେ ପହଂଚିଲା ପରେ ଭାଇନା ବିଭୂତିକୁ ପଠେଇଦେଲେ ଦୋକାନକୁ କିରୋସିନ ଆଣିବାକୁ।...ଆଉ କିରୋସିନ୍ ଆଣିକି ବିଭୂତି ଫେରିଲାବେଳକୁ ନାନୀ ନାହିଁ।..ଭାଇନା କହିଲେ, 'ନାନୀ ଘରକୁ ପଳେଇଲା'।..ବିଭୂତି ବି ଧାଇଁଲା ଘରକୁ।..ଘରେ ନାନୀ କାନ୍ଦୁଥିଲା କଇଁ କଇଁ ହେଇକି..କାନ୍ଦ ବନ୍ଦ ହଉନଥିଲା।

ଔ

ଔରସ ଶବ୍ଦଟା ପାଟିକି ପଳେଇଆସୁଚି ଔ ରୁ..। ଅମୁକ ରାଜାଙ୍କ ଔରସରୁ ଅମୁକ ଭୂମିଷ୍ଠ ହେଇଥିଲେ। ଆଜ୍ଞା ଆଜିକାଲି ଏ ଶବ୍ଦଟା ଆଉଟ୍ ଅଫ୍ ଡେଟ୍ ହେଇଗଲାଣି। ଏ ଶବ୍ଦଟା କିଏ ବ୍ୟବହାର କରୁଚି କହିଲ..ଖାଲି ଯାହା ପିଲେ ପରୀକ୍ଷା ଖାତାରେ ଲେଖୁଥିବେ ! ନାଇଁ ସେବର୍ଷ ରଜଯାତ୍ରାରେ ଏଇ ଔରସକୁ ନେଇ କେତେ କାଣ୍ଡ ! ପେଣ୍ଡାଲ

Digitized by PPRACHIN, SOA

ତ ପୂରା ପଡ଼ିଲା, ଉଠିଲା। କାହାକୁ ସଂଭାଳିବ ସଂଭାଳ। କଥା କ'ଣ କି, ସେବର୍ଷ କୋଉ ଗୋଟେ ପୌରାଣିକ କି ଐତିହାସକ ନାଟକ ମଂଚସ୍ଥ ହେଉଥିଲା। ନାଟକର ଗୋଟେ ଦୃଶ୍ୟରେ ଜଣେ ରାଜା ତାଂକର ଜଣେ ଦାସୀଙ୍କୁ କହୁଥିଲେ, ଦାସୀର ପିଲା ତାଂକ ଔରସରୁ ନୁହଁ। ହେଲେ ଦାସୀ ନଛୋଡ଼ବନ୍ଧା, ଅବିକଳ ସ୍ଥାନ, କାଳ, ପାତ୍ରର ବର୍ଣ୍ଣନା କରି ବୁଝଉଥିଲେ, ସେ ପିଲା ରାଜାଙ୍କ ଔରସରୁ ବୋଲି। ରାଜା କିନ୍ତୁ ମନା କରୁଥିଲେ ବାରମ୍ବାର।..ଆଜ୍ଞା ଇଏ ତ ହେଲା ନାଟକ, ହେଲେ ଅସୁବିଧାଟା ହେଲା, ଆମ ବାଉରିଆ ନା, ଯିଏକି ଏ ନାଟକ ଲେଖିଥିଲା, ସିଏ ସ୍ଥାନ, କାଳ, ପାତ୍ର..ସବୁ ଚରିତ୍ରକୁ ମିଶେଇଦେଇଥିଲା ଆମ ଗାଁରେ ଘଟିଥିବା ଏଭଳି ଗୋଟେ ଘଟଣା ସହ।...ଜଣେ ସାକ୍ଷୀ କି ବି ଦାସୀ ସହ ଛିଡ଼ା କରେଇଦେଇଥିଲା ରାଜାଙ୍କ ସାମ୍ନାରେ। ବାଉରିଆ ନା ଲେଖିଥିଲା ରାଜା ସେଇ ଦାସୀକୁ ସବୁଦିନ ଯମୁନା ପୋଖରୀ କୂଳରେ ଭେଟୁଥିଲେ, ସେଇ ପାଖ ଜଙ୍ଗଲରେ ଅଧିକାଂଶ ସମୟ କଟୁଥିଲା ସେମାନଙ୍କର। ସାକ୍ଷୀ ଜଣକ ସେଇଠି ସେମାନଙ୍କୁ ଦେଖିଦେଇଥିଲା। ରାଜାଙ୍କ ଔରସରୁ ଦାସୀ ଜନ୍ମ କରିଥିବା ପିଲାକୁ ରାଜା କୌଣସି ପରିସ୍ଥିତିରେ ସ୍ୱୀକାର କରିନଥିଲେ।...ଆଜ୍ଞା ଏଇ ନାଟକରୁ ସେଦିନ ମହାଭାରତ ଆରଂଭ ହେଇଯାଇଥିଲା ଆମ ଗାଁ ପେଣ୍ଡାଲରେ। ରାଜା ରୂପକ ଆମ ଗାଁ ସାହୁକାର ସେଠି ଥିଲେ, ଦାସୀ ରୂପୀ ରୂପାଲି ବି ସେଠି ଉପସ୍ଥିତି ଥିଲା, କାଖରେ ଦେଢ ବର୍ଷର ଶିଶୁପୁତ୍ରକୁ ଧରିକି। ନାଟକ ଦେଖୁଦେଖୁ ରୂପାଲି କାନ୍ଦି ପକେଇଥିଲା ଆଉ ସେଇଠି ସାହୁକାରଙ୍କୁ ଏକ୍ସପୋଜ୍ କରିଦେଇଥିଲା। ସାହୁକାର କିନ୍ତୁ ମୁହଁଟାଣ କରିକି ଛିଡ଼ାହେଇଥିଲେ। ସେତେବେଳେ କୋଉ ଡିଏନ୍ଏ ଟେଷ୍ଟ ଫେଷ୍ଟ କଥା ଏତେ ଚର୍ଚ୍ଚାରେ ଥିଲା ଯେ, ସାହୁକାରଙ୍କର ଡିଏନ୍ଏ ଟେଷ୍ଟ ହବ। ତେଣୁ ସାହୁକାର ମାନିବାକୁ ପ୍ରସ୍ତୁତ ନଥିଲେ। ରୂପାଲିର ସାଂଗ ମୀନା ବି ଆସିକି ସେମାନଙ୍କ ଅନ୍ତରଂଗ ମୁହୂର୍ତ୍ତ ବିଷୟରେ ସାକ୍ଷ୍ୟ ଦେଇଥିଲା।...ହେଲେ ସାହୁକାର ମାନିନଥିଲେ। ନାଇଁ ଏବେ ଶୁଣୁଚୁ, ସାହୁକାର ତାକୁ ମାସିକିଆ ଭରଣପୋଷଣ ଖର୍ଚ୍ଚ ଦଉଛନ୍ତି, ସାହୁକାରଙ୍କ ସ୍ତ୍ରୀ ବାଧ୍ୟ କରିବାରୁ ସାହୁକାର କୁଆଡ଼େ ଭରଣପୋଷଣ ଦଉଛନ୍ତି।

●●●

Digitized by PPRACHIN, SOA

ଲକ୍ଷ୍ମଣରେଖା

ଓଃ, ଦୀର୍ଘଶ୍ୱାସ। ଅପେକ୍ଷା ଅନେକ ବର୍ଷର। ଲାଗୁଛି ଅନେକ ଯୁଗ। ଏ ଜନ୍ମରେ ଭେଟ ହବ ବୋଲି ଆଶା ନଥିଲା। ତେବେ ଏମିତି କ'ଣ ଥିଲା ସଂପର୍କ ଯେ, ଏତେ ଅପେକ୍ଷା ? ବୟସ ଅତିକ୍ରାନ୍ତ, ସେଇ ଯୁବସୁଲଭ ଉଦ୍ଦାମତା ଆଉ ନାହିଁ, ତଥାପି କାହିଁକି ଏତେ ଆତୁରତା ?

ଶେଷରେ ସେ ଆସିଥିଲା। କହିଲା, ବସଷ୍ଟାଣ୍ଡରେ ମୁଁ ଓହ୍ଲେଇବି, ମତେ ସେଇଠୁ ନେଇଯିବ। ଭୁବନେଶ୍ୱରରେ ଗୋଟେ ଟ୍ରେନିଙ୍ଗ୍ ଅଛି। ମୁଁ କହିଲି, ଅହୋଭାଗ୍ୟ ମୋର। ତୁମେ ମୋର। ବାଟରୁ ଫୋନ୍ କଲା, କୋଉଥିରେ ଯିବା ? ମୁଁ କହିଲି, ମୋ ଗାଡ଼ିରେ। ସେଠୁ ପଚାରିଲା, ବାଇକ୍ ନା କାର୍ ? ମୁଁ କହିଲି, କାର୍। ସେଠୁ ଟିକେ ଅସୁଖୀ ହେଇ କହିଲା, କାର୍ ? ମୁଁ କହିଲି, କ'ଣ ଅସୁବିଧା ହେଲା କି ? ବାଇକ୍‌ରେ ବରଂ କିଏ ଦେଖିଦବ, କିନ୍ତୁ କାର୍ ଟିକେ ବେଟର। ସିଏ ଉତ୍ତର ଦେଲା, ବାଇକ୍‌ରେ ଲଗାଲଗି ହେଇ ବସିବାରେ ଯୋଉ ମଜା, ସେଇଟା କ'ଣ କାରରେ ମିଳିବ ? ତା' କଥା ଶୁଣି ମୋର ଏକସାଇଟ୍‌ମେଂଟ ବଢୁଥିଲା। ଇଏ କ'ଣ ସେଇ ସୂର୍ଯ୍ୟସ୍ନାତା, ଯିଏ ସେତେବେଳେ ଖାଲି ଲାଜେଇଯାଉଥିଲା। ସ୍କୁଲରେ ସେ ଥିଲା ସମସ୍ତଂକ ଭିତରେ ସୁନ୍ଦରୀ। ତା' ସୌନ୍ଦର୍ଯ୍ୟ ଥିଲା ନିଆରା। ଗାଲରେ ଥିବା କଳାଜାଈ ତାକୁ ଅ।ହୁରି ଆକର୍ଷଣୀୟା କରିଦେଇଥିଲା। ସେତେବେଳେ କ୍ଲାସ୍‌ରେ ମୁଁ ଫାଷ୍ଟ ହେଉଥିଲି ଆଉ ସିଏ ସେକେଣ୍ଡ। କ୍ଲାସ୍‌ଯାକ ପିଲା ଆମକୁ ଈର୍ଷା କରୁଥିଲେ। ଆମେ ଦୁହେଁ ଭଲ ପଢୁଥିଲୁ, କିନ୍ତୁ ମନରେ ଫୁଟାଣି ବି ଟିକେ ରହୁଥିଲା। ପଞ୍ଚମ, ଷଷ୍ଠ ଶ୍ରେଣୀରେ ପଢିବା ବେଳର ଏ ଘଟଣା। ପ୍ରେମ, ଫ୍ରେମ ଭଳି କଥା ଭାବିଲେ ସେତେବେଳେ ଭାରି ଡର ଲାଗୁଥିଲା। କିନ୍ତୁ ହୃଦୟର ନିଭୃତ କୋଣରେ ପରସ୍ପର ପ୍ରତି ଗୋଟେ ଭଲପାଇବା ଥିଲା, ତେବେ ତାହା ନିଜ ନିଜ ଭିତରେ ସୀମିତ ହେଇରହିଯାଇଥିଲା।

ସପ୍ତମ ଶ୍ରେଣୀବେଳକୁ ସୂର୍ଯ୍ୟସ୍ନାତାର ବାପାଙ୍କର ବଦଳି ହେଇଗଲା ରାଉରକେଲା। ସେଇଠି ଏ କାହାଣୀର ଅନ୍ତ। ଏବେ ଦୀର୍ଘ ୩୦ ବର୍ଷ ପରେ ପୁଣି ହେଇଚି ଆରଂଭ। ପୁଣି ଯୋଡ଼ିହେଇଛି ସଂପର୍କ। ଏଇଟା ବି ଗୋଟେ କାହାଣୀଠାରୁ କିଛି କମ୍ ନୁହେଁ। ହଉ

Digitized by PPRACHIN, SOA

ଶୁଣନ୍ତୁ: ଦିନେ ଗୋଟେ ଫୋନ୍ ଆସିଲା, ଶୁଭିଲା ଗୋଟେ ସୁନ୍ଦର ନାରୀକଣ୍ଠ। ମତେ ଚିହ୍ନିପାରୁଚ ? ମୁଁ କହିଲି କିଏ ? ପୁଣି ସେଇ କଣ୍ଠରୁ ଶୁଭିଲା, ମତେ ଚିହ୍ନିପାରୁଚ ? ମୁଁ ଟିକେ ରହି କହିଲି, କିଏ ?..ସୂର୍ଯ୍ୟସ୍ନାତା ? ସୂର୍ଯ୍ୟସ୍ନାତା ତ ? ସେ ଆଶ୍ଚର୍ଯ୍ୟ ହେଇଗଲା, ଭାବପ୍ରବଣ ହେଇଗଲା, ସେତେବେଳେ ହୁଏତ ତା' ଆଖିରୁ ଲୁହ ବାହାରିଥିବ ! ପଚାରିଲା, କେମିତି ଚିହ୍ନିଲ ? ଏ ବୟସରେ କ'ଣ ପିଲାବେଳର ସେଇ ସ୍ୱର ଅଛି ? ତୁମେ ଏତେ ପରଫେକ୍ଟଲି କେମିତି ମୋ ନାଁ ନେଲ ? କେମିତି ଜାଣିଲ ମୁଁ ବୋଲି ? ମୁଁ କହିଲି, କେଜାଣି କାହିଁକି ତୁମ ନାଁଟା ମୋ ପାଟିରେ ପଶିଲା। ହୁଏତ ଟେଲିପାଥି ହେଇଥିବ ! ଓଃ ! ଆମ ଉଭୟଙ୍କର ଖୁସିର ସୀମା ରହିଲାନି। ପଚାରିଲା, କେମିତି ଅଛ ? ମତେ ଏ ଯାଏଁ ମନେରଖିଚ ? ମୁଁ: ତୁମେ 'ଭାବ'ରେ ଅଛ। ପିଲାବେଳେ ମନେ ମନେ ମୁଁ ତୁମକୁ ଭାରି ଭଲ ପାଉଥିଲି। ପ୍ରେମର ସେଇ ଫାଷ୍ଟ ଇଂପ୍ରେସନ୍ ଏବେ ବି ସତେଜ ହେଇକି ଅଛି। ବହୁ ସମୟରେ ମୁଁ ତୁମକୁ ମନେପକାଏ, ହେଲେ ପାଇନି। ତୁମର ବି ଫେସବୁକ୍‌ରେ କିଛି ଆଇଡି ନାହିଁ। ସିଏ: ହଁ, ମୁଁ ସେସବୁ ବ୍ୟବହାର କରେନି। ତୁମ ଲେଖା ଆଜି 'ଧରିତ୍ରୀ'ରେ ପଢିଲି। ଫଟୋ ବି ଥିଲା, ତେଣୁ ଜାଣିବାରେ କିଛି ଅସୁବିଧା ହେଲାନି। ତା'ପରେ ଲଗେଇଲି ଫୋନ୍। ଯାହା ହଉ, ଆଜି ତୁମେ ମିଳିଲ। ମୁଁ: ମୁଁ ବି ଭାରି ଖୁସି, ଅନେକ ଦିନ ପରେ ଦେଖା..ନାଇଁ ଦେଖା କୋଉଠି ହେଲା, ଖାଲି ଯାହା କଥା। ସିଏ: କେବେ ଦେଖା ହବ ? ମୁଁ: ତୁମେ ଯେବେ କହିବ।

ସୂର୍ଯ୍ୟସ୍ନାତା ଗୃହିଣୀ, ଏବେ ଏବେ ଅଙ୍ଗନବାଡ଼ି କର୍ମୀ ହେଇଛି। ସ୍ୱାମୀ ବ୍ୟବସାୟ କରନ୍ତି, ରକ୍ଷଣଶୀଳ ପରିବାର। ତିନୋଟି ପିଲା ତା'ର। ତେଣୁ ସମୟ, ସୁବିଧାର କଟକଣା ଭିତରେ ବାହାରକୁ ଆସିବାର ସୁବିଧା ହେଇନି। ମୁଁ ବି ଯାଇପାରିଥାନ୍ତି ତାକୁ ଭେଟିବାକୁ। ହେଲେ କ'ଣ ପରିଚୟ ଦେବି, ପିଲାଦିନର ସାଂଗ ? କାଳେ କିଏ କ'ଣ ଭାବିବେ, ତା' ପାଇଁ ଅସୁବିଧା ହେବ। ଅଯଥା ହସ-ଖୁସିର ସଂସାରରେ ସନ୍ଦେହର କଳାବାଦଲ ଘୋଟିଯିବ।

ସବୁ ଅପେକ୍ଷାର ଅନ୍ତ ହେଲା। ଶେଷରେ ସେ ଆସିଲା। ମୋ କାରରେ ବସିଲା। ବେଶ୍ କିଛି ସମୟ କିଛି କଥାବାର୍ତ୍ତା ନାହିଁ। ନିଃଶବ୍ଦ। କେବଳ ଯାହା ପରସ୍ପରର ମୁହଁ ଚୁହାଁଚୁହିଁ। ମୋର ଦୀର୍ଘଶ୍ୱାସ ପରେ ଦୀର୍ଘଶ୍ୱାସ। ଏତେ ପାଖରେ ସୂର୍ଯ୍ୟସ୍ନାତା। ଓଃ, ପୂରା ଜଳୁଛି। ଏକଦମ୍ ସେକ୍ସି। ଗୋଟେ ହାତରେ ମୁଁ ଗାଡ଼ି ଚଳଉଥାଏ ଆଉ ଗୋଟେ ହାତ ତା' ହାତକୁ ଛୁଇଁଥାଏ। କହିଲା, ତୁମ ଗାଡ଼ିରେ ସବୁ କିଛି ଦିଶୁଛି। କଳା କାଚ ହେଇଥିଲେ କିଛି ଅସୁବିଧା ହେଇନଥାନ୍ତା ! ହେଲେ ଯଦି କିଏ ଦେଖିଦିଏ ? ମୁଁ କହିଲି, ଦେଖିଲେ ଦେଖିବେ। ଭାବିବେ, ସ୍ୱାମୀ-ସ୍ତ୍ରୀ ବୁଢା ବୟସରେ ଟିକେ ରୋମାନ୍ସ କରୁଛନ୍ତି।

ମୋର ଯେତିକି ମନେପଡୁଛି, ସ୍କୁଲରେ ପଢିବାବେଳେ ମୁଁ ତାକୁ କେବେ ଛୁଇଁନି। ଯଦି କେବେ ଅଜାଣତରେ ଛୁଇଁହେଇଯାଇଥିବ, ମୁଁ କହିପାରିବିନି। କାରଣ ସେତେବେଳେ

Digitized by PPRACHIN, SOA

ଆମ ସାରମାନେ ଭାରି ଷ୍ଟ୍ରିକ୍ଟ ଥିଲେ, ବିଶୃଙ୍ଖଳାକୁ ଜମାରୁ ପସନ୍ଦ କରୁନଥିଲେ। ଦିନେ ଆମ କ୍ଲାସ୍‌ର କୁମର ପ୍ରିୟଙ୍କାର ହାତ ଧରି ଟାଣିଆଣିଥିଲା ଯେ, ନିର୍ଘୁମ ଛେଚା ଖାଇଥିଲା ପଣ୍ଡା ସାରଙ୍କ ପାଖରୁ।

ଏଇଭଳି ଥିଲା ଆମ ସଂପର୍କ। ସୂର୍ଯ୍ୟସ୍ନାତାର ହାତରେ ମୋ ହାତ। ହୁଏତ ଏଇ ହାତ ମତେ ମିଳିପାରିଥାନ୍ତା, ସେତେବେଳେ ଯଦି ରକ୍ଷଣଶୀଳତା ନଥାନ୍ତା ! ସାର୍‌ମାନେ ଆକଟ କରିନଥାନ୍ତେ ! ଆଉ କିଛି କ୍ଲାସ୍ ସେ ଯଦି ମୋ ସାଂଗରେ ପଢ଼ିଥାନ୍ତା, ତା' ହେଲେ ତା' ଓ ମୋ ଭିତରେ ସଂପର୍କର ପରିଭାଷା ଭିନ୍ନ ହୋଇଥାନ୍ତା ! ଏବେ କିନ୍ତୁ ଗୋଟେ ଲକ୍ଷ୍ମଣରେଖା ଆମ ଭିତରେ। ଆଖିରେ ଆଖିଏ ଲୁହ। ଆମ ଉଭୟଙ୍କର ସମାନ ଅବସ୍ଥା। ପଚାରିଲା, କେମିତି ଅଛ ? କେତେ ଖୁସି ? ଶହେରୁ କେତେ ନମ୍ବର ଦବ ତୁମ ଜୀବନକୁ ? ମୁଁ କହିଲି, ଆଗେ ତୁମେ କୁହ ? ସେଠୁ କହିଲା, ହଁ, ସବୁ ଠିକ୍ ଠାକ୍ ଅଛି। ତେବେ ୫୦ ମାର୍କ ଦେବି ନିଜକୁ, କାରଣ ଆଉ ୫୦ ମାର୍କ ତୁମ ପାଖରେ ରହିଯାଇଛି। ସେଠୁ ମତେ ପଚାରିଲା, ତୁମେ କେତେ ମାର୍କ ଦବ ନିଜକୁ ? ମୁଁ କିଛି ସମୟ ଚୁପ୍ ରହି କହିଲି, ମୋର ବି ସେୟା। ୫୦ ମାର୍କ। ବାକି ୫୦ ତୁମ ପାଖରେ ଅଛି।

ହଁ ପାଠକବଂଧୁ, ଆମ ସଂପର୍କ ସେଇ ପର୍ଯ୍ୟାୟର ଥିଲା..ରାଶି ନକ୍ଷତ୍ର ପୂରା ମିଶିଯାଉଥିଲା..ଭାବ ସ୍ୱଭାବରେ ବି ବେଶ୍ ମେଳ ଥିଲା...। ମନ ବି ମିଶିଯାଉଥିଲା ହେଲେ, ମନ କଥା ମନରେ ରହିଯାଇଥିଲା..। ତନ ବି ମିଶିବାକୁ ବ୍ୟଗ୍ର ହେଉଥିଲା, ହେଲେ ମିଶିପାରୁନଥିଲା..। କାରଣ ଆମ ସଂପର୍କ ଭିତରେ ଲକ୍ଷ୍ମଣରେଖାଟିଏ ଟାଣିହେଇଯାଇଥିଲା...। ନାଇଁ, ଆମେ ଟାଣିନଥିଲୁ । ତାହା ଥିଲା ସ୍ୱତଃସ୍ଫୂର୍ତ୍ତ, ତାହା ଥିଲା ସ୍ୱାଭାବିକ। ଆମ ଆଗରେ ପ୍ରଶ୍ନ, ସମାଜ କ'ଣ କହିବ ? ମନରେ ଏଭଳି ପ୍ରଶ୍ନ ଆସିବାଟା ସ୍ୱାଭାବିକ ଥିଲା। କିନ୍ତୁ ମନର ନିଭୃତ କୋଣରେ ଏମିତି ବି ଗୋଟେ ଇଚ୍ଛା ଖେଳିବୁଲୁଥିଲା, ସେଇ ସ୍ୱାଭାବିକତା ଭିତରେ କାଳେ କିଛି ଅସ୍ୱାଭାବିକତା ଘଟିଯାଆନ୍ତା କି ? ଲକ୍ଷ୍ମଣରେଖାଟା ଲିଭିଯାଆନ୍ତା କି ?

ସେଦିନ ତାକୁ ବରମୁଣ୍ଡା ବସଷ୍ଟାଣ୍ଡରେ ଛାଡ଼ିଲି। କିଛି ଚକଲେଟ୍ ଆଣିକି ଧରେଇଲି। କହିଲା, ଏ ବୟସରେ କ'ଣ ଚକଲେଟ୍ ଖାଇବି ? ମୁଁ କହିଲି, ସୁଗାର ଫୁଗାର ଅଛିକି ?..ନହେଲେ ସୁଗାର-ଫ୍ରି ଚକଲେଟ୍ ଆଣିଦେବି ! କହିଲା, ସୁଗାର ନାହିଁ ଯେ, ଆଉ କ'ଣ ସେ ଚକଲେଟ୍-ଖିଆ ବୟସ ଅଛି ! ଏବେ ତ ଚିନି-କମ୍‌ର ଜମାନା। ମୁଁ କହିଲି ସେଇ ଚିନି-କମ୍‌ର ଜମାନାରେ ରୋମାନ୍ସ କ'ଣ କମିଯାଏ କି ? ବରଂ ବଢ଼ିଯାଏ। ପାକଳ ଲଂକାର ରାଗ ଅଧିକ। ମୋ କଥା ଶୁଣି ଜବରଦସ୍ତ ହସଟେ ହସିଲା। କହିଲା, ଗୋଟେ ସେଲଫି ନିଅନ୍ତେ କି ? ମୁଁ କହିଲି, ନାଇଁ ଥାଉ, କିଏ ଯଦି ଦେଖିବ ଆଉ ଆମକୁ ଚିହ୍ନିଥିବ, ତା'ହେଲେ ଅସୁବିଧା ହେବ !

●●●

Digitized by PPRACHIN, SOA

ଶେଷରାତି

"ରାତି କାହା ପାଇଁ ଶାନ୍ତ, ଶୀତଳ ଆଉ କୋମଳ
ହେଲେ ମୋ ପାଇଁ ନିଷ୍ଠୁର ଏକ କାଳ,
ଅସନ୍ତୋଷ ଓ ଅନିଦ୍ରାର ଗୋଟେ ଅସହ୍ୟ ବେଳ।
ରାତି କାହା ପାଇଁ ପ୍ରୀତି ଓ ରତି
ହେଲେ ମୋ ପାଇଁ କେବଳ ନିର୍ବାଣ ଗତି।"

ସୁଧର୍ମାର ଏ କବିତା ସେଦିନ ତା'ର ଏକାଦଶାହ ସ୍ମୃତିସଭାରେ କେହି ଜଣେ ଆବୃତ୍ତି କରୁଥିଲେ। କୌଣସି ପତ୍ରିକାର ସଂପାଦକ ଥିଲେ ନା କ'ଣ! ମୁଁ ଭୋଜିବଢା କାମରେ ଲାଗିଥିଲି, ତେଣୁ ତାଂକୁ ଭଲରେ ଜାଣିପାରିନଥିଲି। ତାଂକରି ପତ୍ରିକାରେ ଛପା ହେଇଥିଲା କବିତାଟି।

ହଁ, ସୁଧର୍ମା ଭଲ କବିତା ଲେଖୁଥିଲା। ସ୍କୁଲରେ ପଢିଲାବେଳୁ ସେ ଲେଖିବା ଆରଂଭ କରିଥିଲା। ଏଇ କବିତା ଲେଖା ପାଇଁ ସେ ବହୁତ ଥର ତା' ବାପାଙ୍କ ଠାରୁ ଗାଳି ଖାଇଚି। ସ୍କୁଲରେ ସାରଙ୍କ ଠାରୁ ମାଡ଼। କେବଳ କବିତା ନୁହେଁ, ସୁଧର୍ମା ଜବରଦସ୍ତ ଶାଏରୀ ବି ଲେଖୁଥିଲା। ଏଇ ଯେମିତି ସେ ଲେଖିଥିଲା ଗୋଟେ ଶାଏରୀ, ଯାହାର ଶୀର୍ଷକ ଥିଲା 'ତନ୍‌ହାଇ': "ଜିନ୍ଦଗୀ ଇତନୀ ବିରାନ୍ କ୍ୟୁଁୟୋଁ ହୋତୀ ହେ..କିସମତ୍ ଭି କ୍ୟା ଅଜୀବ ଖେଲ୍ ଦିଖାତି ହେ, ଜିନକୋ ପାନା ମୁସ୍କିଲ୍ ହେ, ଉନ୍‌ସେ ହି ଲଗାଓ କ୍ୟୁଁୟୋଁ ହୋ ଜାତୀ ହେ..? ମେଁ ଔର ମେରୀ ତନ୍‌ହାଇ ଅକ୍‌ସର ଶୋ ନହିଁ ପାତେ..ଅକ୍‌ସର ବାତେଁ କରତେ ରେହେତେ..କାସ୍ ୟେ ଉମ୍ର ଜଲଦ୍ ହି ଗୁଜରଯାତେ"।

କେବଳ ଶାଏରୀ ନୁହେଁ, ସୁଧର୍ମା ବି ଲେଖିଥିଲା ଗପ। ତା' ଜୀବନର ଶେଷ ଗପ। ଲେଖିଥିଲା ସେଇ ରାତିକୁ ନେଇ। ଆପଣ ବି ଟିକେ ପଢନ୍ତୁ, ମୁଁ ଅବିକଳ ଉତାରି ଦେଇଛି ଏଇଠି "କେଜାଣି କାହିଁକି ରାତିମାନଙ୍କ ସାଂଗରେ ମୋର ଆଦୌ ପଟୁନଥିଲା। ଯେତେ ଚେଷ୍ଟା କଲେ ବି ଯତି ପଡୁନଥିଲା। ପିଲାବେଳ ହେଉକି ଏବର ଅଧାପାକଳ ବେଳ, ରାତି ମୋ ପାଇଁ ଏକ ସୁଖଦ ଅନୁଭୂତି କ୍ୱଚିତ୍ ଥିଲା। ପିଲାବେଳେ ଢେର ରାତି

Digitized by PPRACHIN, SOA

ଯାଏଁ ନିଦ ହଉନଥିଲା । ମା'ର କୋଳରେ ସେମିତି ଗାମେଇକି ପଡୁଥିଲି ଘଂଟା ଘଂଟା ଧରି । ମୁଁ ଅନିଦ୍ରା, ମୋ ଯୋଗୁଁ ମା' ବି ଅନିଦ୍ରା । ତା' ପରେ ପରେ ଯେବେ ପାଠ ପଢ଼ିଲି, ସେବେ ପାଠର ଚାପ ମତେ ସୁଖନିଦ୍ରାରୁ ବିରତ କଲା । ତା'ପରେ ପ୍ରେମର ଅସହ୍ୟ ଅନୁଭବ ମଣିଷକୁ ଟିକେ ଶାନ୍ତିରେ ଶୁଆଇଦେଲାନି । ସାମାନ୍ୟ ଉପଭୋଗ୍ୟ ହେଉନଥିବା ପ୍ରେମ ଭାରି ନୟାନ୍ତ କଲା । ତା'ପରେ କର୍ମସଂସ୍ଥାନ । ଇଏବି ରାତିକି ବରବାଦ କଲା । ଦିନର କ୍ଲାନ୍ତି, ରାତିର ମନ ଚାହୁଁଥିବା ମାଦକତାରେ ଦୂର ହେବ କ'ଣ ଓଲଟି ବୋଝ ପାଲଟିଗଲା । ଅଫିସ କାମ ଘରେ । ଅଧିକାଂଶ ସମୟରେ ଅନିଦ୍ରା କିଲ୍‌ବିଲ୍ କଲା, ଆଉ ଯୋଉ ସମୟରେ ଟିକେ ନିଦ ଆସିଲା, କାମର ଚାପ ତାକୁ ବଳାତ୍କାର କଲା । ତେଣୁ ନିଜକୁ ବିଚରା ଦୁର୍ଭାଗା ବୋଲି ଭାବିବା ଛଡ଼ା ଅନ୍ୟ ଗତି ନଥିଲା ।

ହଁ, ରାତି ସାଂଗରେ 'ରତି'ର ଭାରି ସଂପର୍କ । କାଳେ ଏଇ କାମଟା ସବୁଠୁ ଅଧିକା ରାତିରେ ହିଁ ହୁଏ । ହେଲେ ମୋ ପାଇଁ ଏହା ଥିଲା ଭାରି ଅସ୍ପୃଶ୍ୟ । ନା ନା, ମୋର ସେଥିରେ ଅରୁଚି ନଥିଲା । ମୁଁ ଜାଣି ଜାଣି ଅସ୍ପୃଶ୍ୟ ହୋଇନଥିଲି । କିନ୍ତୁ ପରିସ୍ଥିତି ସେୟା ହିଁ ଥିଲା । କ'ଣ କରିବ, ମଣିଷ ତ ପରିସ୍ଥିତିର ଦାସ । ଦଇବ ଦଉଡ଼ି ମଣିଷ ଗାଈ, ଯେଣିକି ଟାଣଇ ସେଣିକି ଯାଇ.. । ଅବଶ୍ୟ ସ୍ୱୀକାର କରିବାରେ ଦ୍ୱିଧା ନାହିଁଯେ, ରତି ପାଇଁ ମୋର ବେଶ୍ ଆଗ୍ରହ ଥିଲା । ରହିବାଟା ବି ସ୍ୱାଭାବିକ, କାରଣ ରକ୍ତ, ମାଂସର ମଣିଷ..ଆମର ବି ଇଚ୍ଛା ଅଛି, ମନ ଅଛି । ମନ ପାଇଁ ମନଲାଖି/ମନକୁ ବୁଝିପାରୁଥିବା ତନଟିଏ ଦରକାର ନା ? ରାତି ମତେ ବରବାଦ କରିଥିଲା, ମୋ ପତନର କାରଣ ବନିଥିଲା । ବିଗିଡ଼ିଥିଲା ଦେହ... ।

ନା, ଲୋଡ଼ା ନାହିଁ ମୋର ମୋକ୍ଷ ଯାଚିକି ଦେଲେବି ନବାର ନାହିଁ
ଦରକାର ଆଉ ଏକ ଜନ୍ମ ଯୋଉ ଜନ୍ମରେ ଥିବ ମେଂଚାଏ ଭୋକ
ଆଉ ଭୋକକୁ ଶାନ୍ତ କରୁଥିବା ଲୋକ
ଯୋଉ ଜନ୍ମରେ ଥିବ ପୁଳାଏ କାମନା ଆଉ କାମନାକୁ ଜାଳୁଥିବା ନିଆଁ ।

ପାଠକେ, ସୁଧର୍ମା ଲେଖିଥିବା ଗପର କିୟଂଦଶ ଏଇଟା । ହେଲେ ଗପକୁ ଶେଷ କରିପାରିନଥିଲା ସେ । ଅଟକିଯାଇଥିଲା ତା' କଲମ । ଶେଷ ଗପର ଶେଷରେ ଥିଲା ଗୋଟେ କବିତା । ଯାହାଲାଗୁଥିଲା ସେ ଆଉ କିଛି ଲେଖିବାକୁ ଚେଷ୍ଟା କରୁଥିଲା, କିନ୍ତୁ ପାରିନଥିଲା । ଯୋଉ ହୃଦୟରୁ ଛଳ ଛଳ ଭାବ ବାହାରି ଆସି ତାକୁ ଗପ, କବିତା ଲେଖିବାକୁ ପ୍ରେରିତ କରୁଥିଲା, ସେଇ ହୃଦୟ ଅଟକିଯାଇଥିଲା । ଧୋକା ଦେଇଥିଲା ତାକୁ । ସେମିତି ଗୋଟେ ବେଶୀ ବୟସ ତାକୁ ହେଇଯାଇନଥିଲା । ହେଲେ ହୃଦୟ କଥା କିଏ କହିବ, କେତେବେଳେ ବନ୍ଦ ହେଇଯିବ ତା'ର ପୂର୍ବାନୁମାନ କିଏବା କରିପାରିବ ?

●●●

Digitized by PPRACHIN, SOA

ମନେ ଅଛି ତ ?

ଏ ଶୁଣୁଚ..ଉଠ..ଉଠୁନା ଟିକେ..ଏତେ ଜଲ୍‌ଦି ଶୋଇପଡ଼ିଲଣି.. !

ଓହୋ..ମଣିଷକୁ ଟିକେ ଶାନ୍ତିରେ ଶୁଆଇ ଦବନି.. ! ସବୁବେଳେ ସେୟା..ପୁରୁଣା ଖୋଇ ଗଲାନି.. !

ନାଁ ମ..ସେମିତି କିଛି ଇଚ୍ଛା ଆଜି ନାହିଁ..ତମ ଅନିଚ୍ଛାରେ ମୋ ଇଚ୍ଛାଗୁଡ଼ାକର ବା କି ମୂଲ୍ୟ ଅଛି ! ତମ ଭାଷାରେ ପା' ଆମ ବଳ, ବୟସ ଉତୁରିଗଲାଣି.. ତେଣୁ ଇଚ୍ଛାଗୁଡ଼ାକୁ ଏବେ କବର ଦେଇଦବାକୁ ହବ..କାମନାଗୁଡ଼ାକୁ ଅକାମୀ କରିଦବାକୁ ହବ..ନା କ'ଣ କହୁଚ.. ?

ସତରେ ବିଶ୍ୱାସ ହଉନି..ସମୟଗୁଡ଼ାକ ଏତେ ଜଲ୍‌ଦି ହାତପାଆନ୍ତାରୁ ଖସିଯାଆନ୍ତି ବୋଲି.. !

ବୟସର ଏଇ ମୋଡ଼ରେ ସେ ପୁରୁଣା କଥାଗୁଡ଼ାକ ଆଉ ଭାବି କି' ଲାଭ ! ଅବଶ୍ୟ ଲାଭ ନାହିଁ ସିନା କ୍ଷତି ବି ନାହିଁ.. ! ମନେ ଥିବ ବାହାଘର ପରେ ପରେ ଆମେ ଯୋଉ ହନିମୁନ୍‌ରେ ଯାଇଥିଲେ..କି ଶୀତ ସେ..ହେଲେ ସେ ଶୀତରେ ଦି' ଦି'ଟା କମ୍ବଳ, ରେଜେଇ ଅଲୋଡ଼ା ହେଇଯାଇଥିଲା...ଶେଯ ଉପରୁ ତୁମେ ସେଗୁଡ଼ା ନିଜେ ଫିଙ୍ଗିପକେଇଥିଲ...ମନେ ଅଛି ନା ?

ବାଘର ଯେମିତି ଫାଘକୁ ଭୟ...ସେ ରାତିର ଶୀତ ଆମକୁ ସେମିତି ଭୟ କରିଯାଇଥିଲା..ହାଃ ହାଃ..ପାଣି ବରଫ ହେଇଯାଉଥିବା ଭଳି ଶୀତରେ କିଏ କ'ଣ ବାଥ୍ ଟବ୍ ଭିତରେ ଘଂଟା ଘଂଟା ଧରି ରହିପାରେ/ଖେଳିପାରେ/କେଳିପାରେ !..ହଁ, ସେତେବେଳେ ସେଇ ବୟସ ଥିଲା, ସେଇ ବଳ ଥିଲା..ଇଚ୍ଛା ଆଉ ଉତ୍ସାହ ଥିଲା..ଭୋକ ବି ପ୍ରବଳ ଥିଲା..ଖାଲି ମୋର ନୁହଁ, ଆମ ଦି' ଜଣକର..ଏବେ ସିନା ତମକୁ ଭୋକ ହଉନି.. !

Digitized by PPRACHIN, SOA

ମନେ ଅଛି ୟୁନିଭରସିଟି ପଢ଼ିବା ବେଳର କଥା? ଯୋଉ ଏସ୍କରସନ୍ ଯାଇଥିଲେ..ପାଣିରେ ଗୋଡ଼ ଖସିଯାଇଥଲା ତମର..ଆଉ ତା'ପରେ ମୋର..ହେଇଯାଇଥିଲା ସବୁ ଏକାକାର..ଝରଣା ପାଣିରେ ଭାସି ଭାସି ..ଏସ୍କକରସନ୍ ପାର୍ଟିଠୁ କାହିଁ କେତେ ଦୂରକୁ..ଖସିଯାଇଥିଲେ ଆମେ..। ଖାଲି ପାଣି, ଦି' ପଟେ ବଡ଼ ବଡ଼ ଗଛ..ଆଉ ନିର୍ଧୁମ ନିର୍ଜନତା.. !

ମନେ ଅଛି ପାଣିରୁ ବାହାରିଲା ବେଳକୁ ଆମେ କେମିତି ବଣମଣିଷ ହେଇଯାଇଥିଲେ..! ଆଦାମ୍ ଆଉ ଇଭ୍ ତ! ଶାଳପତ୍ରର ଖୋଳପା ଭିତରେ ଆମେ ଫେରିଥିଲେ ବସ୍‌କୁ..ମନେ ଅଛି ତ.. ? ଶୁଣୁଚ ତ ନା ଶୋଇପଡ଼ିଲ.. ?

●●●

Digitized by PPRACHIN, SOA

ସମରେନ୍ଦ୍ର ବଳିଆରସିଂହ

ଏ ସମୟର ଜଣେ ସଫଳ ଯୁବ କଥାକାର । ତାଙ୍କ ବୟସର କଥାକାରଙ୍କ ଭିତରେ ସେ ବାରି ହୋଇପଡ଼ନ୍ତି ।

ତାଙ୍କ ଲେଖା ଏବଂ ଗଳ୍ପ ପାଠକଙ୍କୁ ଖୁବ୍ ତୃପ୍ତ କରେ । ଗଳ୍ପର ଆତ୍ମା ଏବଂ ଆଙ୍ଗିକରେ ଥାଏ ଏକ ନିଆରାପଣ । ଭାଗ-ମାପ ଖୁବ୍ ସନ୍ତୁଳିତ । ଖୁବ୍ ମଡର୍ଣ୍ଣ ତାଙ୍କ ଚିନ୍ତା ଏବଂ ଚେତନା । ଏହା ସତ୍ତ୍ୱେ ମୂଲ୍ୟବୋଧର ଏକ ସତ୍ତା ସବୁବେଳେ ବାରି ହୋଇପଡ଼େ ତାଙ୍କ ଲେଖାରେ । ଏଇ କାରଣରୁ ହିଁ ତାଙ୍କ ଲେଖା ସବୁ ବୟସର ପାଠକଙ୍କୁ ଛୁଇଁପାରେ, ବାନ୍ଧି ରଖିପାରେ ଲେଖାର ମାୟାରେ ।

ସାମ୍ବାଦିକତା ଏବଂ ଲେଖାଲେଖିକୁ ସେ ସମତାଳରେ ଜାରି ରଖିପାରିଛନ୍ତି । ସାମ୍ବାଦିକତାର ଆଖିରେ ସେ ଦେଖନ୍ତି ଘଟଣାକୁ, ସମାଜର ପରିବର୍ତ୍ତନକୁ ଆଉ ସାଇତି ରଖନ୍ତି ଗାଳ୍ପିକର ପ୍ରାଣରେ । ତା' ପରେ ଖୁବ୍ ସତର୍କତାର ସହ ସେସବୁକୁ ପରଷନ୍ତି ଗଳ୍ପ ରୂପରେ । ଏଇ କାରଣରୁ ତାଙ୍କ ଗଳ୍ପଗୁଡ଼ିକ ଖୁବ୍ ଜୀବନ୍ତ ଲାଗେ, ପାଠକଙ୍କ ପ୍ରାଣକୁ ଛୁଏଁ ।

- ସୁନୀଲ ବୋଷ

MANE ACHHI TA ?
Samarendra Baliarsingh

a Viswatma publication

ISBN 978-81-940594-0-0

Fiction ₹130

ବିଶ୍ୱାତ୍ମା ପ୍ରକାଶନୀ

Digitized by PPRACHIN, SOA